# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୭/୨୦୨୧ (୧୨ ପୃଷ୍ଠା) | Bhubaneswar, Monday, September 27/2021 | ★★★★

୪୭ଶ ଭାଗ ୩୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


# ଭିତ୍ତିଭୂମି ବିକାଶରେ ମାଓବାଦ ଦମନ

## କେନ୍ଦ୍ର ବୈଠକରେ ନବୀନଙ୍କ ପ୍ରସ୍ତାବ

**ମାଓବାଦୀଙ୍କ ଲାଲ ଆତଙ୍କକୁ ପ୍ରତିହତ କରିବାକୁ ହେଲେ ଭିତ୍ତିଭୂମିର ବିକାଶ ଜରୁରୀ। ବାମପନ୍ଥୀ ଉଗ୍ରବାଦ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଥିବାବେଳେ ମାଓବାଦ ପ୍ରଭାବିତ ଅଞ୍ଚଳରେ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଦେଇଛନ୍ତି।**

ନୂଆଦିଲ୍ଲୀ,(ପି.ଟି.)/ ଭୁବନେଶ୍ୱର, (ବ୍ୟୁରୋ) ୨୬।୯

ଓଡ଼ିଶାରେ ମାଓବାଦୀଙ୍କ କାର୍ଯ୍ୟକଳାପ କମିବାରେ ଲାଗିଛି। ଏହାସତ୍ତ୍ୱେ ୩ ଜିଲାରେ ଲାଲ ବାହିନୀ ସକ୍ରିୟ ରହିଛନ୍ତି। ସେମାନଙ୍କ ପ୍ରଭାବକୁ ହ୍ରାସ କରିବା ପାଇଁ ସଡ଼କ ଓ ରେଳପଥ ନେଟ୍‌ୱର୍କ ସାଙ୍ଗକୁ ବ୍ୟାଙ୍କିଙ୍ଗ୍ ସେବାକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ। ଭିତ୍ତିଭୂମି ବିକାଶ ହେଲେ ମାଓବାଦ ଦମନ ସମ୍ଭବ ବୋଲି ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ



ନବୀନ ପଟ୍ଟନାୟକ

ଦେଇଛନ୍ତି। ମାଓବାଦୀ ପ୍ରଭାବିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କୁ ନେଇ ରବିବାର କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ନୂଆଦିଲ୍ଲୀର ବିଜ୍ଞାନଭବନରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୬ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ପୋଲିସ ମହାନିର୍ଦ୍ଦେଶକମାନେ ଯୋଗଦେଇଥିଲେ। ମାଓବାଦ ଦମନ ରଣନୀତି

☞ପୃଷ୍ଠା–୪

### ୫ ବର୍ଷରେ ଯାଇଛି ୧୩୮୦ ଜୀବନ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୂଚନା ଅନୁସାରେ ୨୦୧୯ରେ ଭାରତର ୬୧ ଜିଲାରେ ମାଓବାଦୀ ହିଂସାକାଣ୍ଡ ଭିଆଇଥିବାବେଳେ ବର୍ତ୍ତମାନ ୪୫ ଜିଲାରେ ଲାଲ୍ ଆତଙ୍କ ସୀମିତ ରହିଛି। ତେବେ ୯୦ ଜିଲାରେ ମାଓବାଦୀ ସକ୍ରିୟ ରହିଛନ୍ତି। ଏହି ଜିଲାଗୁଡ଼ିକରେ ସିକ୍ୟୁରିଟି ରିଲେଟେଡ୍ ଏକ୍ସପେଣ୍ଡିଚର ସ୍କିମ୍ ବା ନିରାପତ୍ତା ସମ୍ପର୍କିତ ଖର୍ଚ୍ଚ ଯୋଜନା (ଏସ୍‌ଆର୍‌ଇ) ଲାଗୁ କରାଯାଇଛି। ୨୦୧୫ରୁ ୨୦୨୦ ମଧ୍ୟରେ ମାଓବାଦୀଙ୍କ ଆକ୍ରମଣରେ ପ୍ରାୟ ୩୮୦ ସୁରକ୍ଷା କର୍ମୀ ଓ ୧,୦୦୦ ସାଧାରଣ ନାଗରିକଙ୍କ ଜୀବନ ଯାଇଛି। କୋମ୍ବିଂ ବେଳେ ୯୦୦ ମାଓବାଦୀ ନିହତ ହୋଇଥିବାବେଳେ ୪,୨୦୦ ମାଓବାଦୀ ଆତ୍ମସମର୍ପଣ କରିଥିବା ମନ୍ତ୍ରଣାଳୟ କହିଛି।

# ବାତ୍ୟା ଭୟ ଟଳିଲା

## ଶ୍ରୀକାକୁଲମ୍ ସନ୍ଥଗୁଡ଼ାରେ ସ୍ଥଳଭାଗ ଛୁଇଁଲା ‘ଗୁଲାବ’

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

ବାତ୍ୟା ‘ଗୁଲାବ’କୁ ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଯେଉଁ ଆକଳନ କରାଯାଉଥିଲା, ସେତେଟା ପ୍ରଭାବ ଦେଖିବାକୁ ମିଳିଲା ନାହିଁ। ଫଳରେ ଓଡ଼ିଶା ପ୍ରତି ଯେଉଁ ବାତ୍ୟା ବିପଦ ରହିଥିଲା ତାହା ଟଳିଯାଇଛି। ରାତି ପ୍ରାୟ ସାଢ଼େ ୯ଟାରେ ବାତ୍ୟା ‘ଗୁଲାବ’ ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରି ଶ୍ରୀକାକୁଲମ୍‌ର ସନ୍ଥଗୁଡ଼ାଠାରେ ସ୍ଥଳଭାଗ ଛୁଇଁଛି। ତେବେ ଏହା ପ୍ରଭାବରେ ସୋମବାର ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ୭ ଜିଲାକୁ ରେଡ୍ ୱାର୍ନିଂ ଜାରି କରିଛି ।

ବାତ୍ୟା ସ୍ଥଳଭାଗ ଛୁଇଁବା ସମୟରେ ୭୫ରୁ ୮୫ କି.ମି. ବେଗରେ ପବନ ବହିବ ଓ ସର୍ବାଧିକ ୯୫ କି.ମି. ରହିବା ସହ ପ୍ରବଳ ବର୍ଷା ହେବ ବୋଲି ପୂର୍ବରୁ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଥିଲା।

☞ପୃଷ୍ଠା–୪

### ଆଜିର ସମ୍ପାଦକୀୟ

ମମତାଙ୍କୁ ଡର ନାହିଁ

# ଡିଜେଲ ୨୮ ପଇସା ବୃଦ୍ଧି

ଭୁବନେଶ୍ୱର/ନୂଆଦିଲ୍ଲୀ,୨୬।୯

ଦିନକର ବିରତି ପରେ ପୁଣି ଥରେ ଡିଜେଲ ଦରରେ ପରିବର୍ତ୍ତନ ଘଟିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ଡିଜେଲ ୨୮ ପଇସା ବୃଦ୍ଧି ପାଇଥିବାବେଳେ ପେଟ୍ରୋଲ ମୂଲ୍ୟ ପୂର୍ବପରି ସ୍ଥିର ରହିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୯୭.୧୨ ଟଙ୍କା ଏବଂ ପେଟ୍ରୋଲ ୧୦୨.୦୪ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା

☞ପୃଷ୍ଠା–୪

# ଆଜି ଭାରତ ବନ୍ଦ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୬।୯

କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ବର୍ଷେ ହେଲା ଚାଷୀ ଆନ୍ଦୋଳନ ଜାରି ରହିଥିବାବେଳେ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍)ର ଆହ୍ୱାନରେ ସୋମବାର ସାରା ଭାରତ ବନ୍ଦ ରହିବ। ବିବାଦୀୟ କୃଷି ଆଇନକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ୱୀକୃତି ପ୍ରଦାନ କରିବା ସୋମବାର ବର୍ଷେ ପୂରୁଥିବାରୁ ଏହି ଦିନ ଭାରତ ବନ୍ଦ ପାଇଁ ଡାକରା ଦିଆଯାଇଥିଲା। ସକାଳ ୬ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ବନ୍ଦ ପାଳନ ହେବ। ଏହି ସମୟରେ ସମସ୍ତ ସରକାରୀ, ଘରୋଇ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଅନ୍ୟାନ୍ୟ ପ୍ରତିଷ୍ଠାନ, ଦୋକାନ ବଜାର, ଶିଳ୍ପସଂସ୍ଥା, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଗାଡ଼ିମୋଟର ଚଳାଚଳ ବନ୍ଦ ରହିବ। ତେବେ ଆମ୍ବୁଲାନ୍ସ, ଅଗ୍ନିଶମ ସମେତ ଜରୁରୀ ସେବାଗୁଡ଼ିକ ପ୍ରଭାବିତ ହେବନାହିଁ।


ଭାରତ ବନ୍ଦ ଡାକରାକୁ ଓଡ଼ିଶାରେ କଂଗ୍ରେସ ସମେତ ୭ ରାଜନୈତିକ ଦଳ ସମର୍ଥନ ଜଣାଇଛନ୍ତି। ବନ୍ଦ ପାଳନ ସମୟରେ ଏହି ରାଜନୈତିକ ଦଳଗୁଡିକ ରାଜ୍ୟର ବିଭିନ୍ନ ସ୍ଥାନରେ ପିକେଟିଂ କରିବେ। ଅପରପକ୍ଷରେ ବନ୍ଦ ଡାକରାକୁ ନଜରରେ ରଖି ଓଡ଼ିଶା ରାଜ୍ୟ ସଡ଼କ ଓ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ପକ୍ଷରୁ ସୋମବାର ସକାଳ ୬ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ବସ୍ ଚଳାଚଳ

☞ପୃଷ୍ଠା–୪









ଜାତୀୟ ସ୍ୱାର୍ଥ ପାଇଁ ଜାତିଗତ ଜନଗଣନା ହେବା ଆବଶ୍ୟକ। ଏପରି କରାଗଲେ ବିକାଶର ଧାରାରୁ ବିଚ୍ଛିନ୍ନ ହୋଇଯାଇଥିବା ଲୋକେ ଉପକୃତ ହେବେ।

-ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ଯୋଗୀ କ୍ୟାବିନେଟ ସମ୍ପ୍ରସାରିତ

### ସାମିଲ ହେଲେ ୭ ନୂଆ ମନ୍ତ୍ରୀ

**ଲକ୍ଷ୍ନୌ, ୨୬।୯:** ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ଆଉ ମାସ କେଇଟା ବାକି ଥିବାବେଳେ ଜାତି ଏବଂ ଆଞ୍ଚଳିକତାରେ ସନ୍ତୁଳନ ଆଣିବା ଲାଗି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରବିବାର ସନ୍ଧ୍ୟାରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିବା ଜିତିନ୍ ପ୍ରସାଦଙ୍କ ସମେତ ୭ ଜଣ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଅନ୍ୟମାନେ ହେଲେ ପାଲ୍ଟୁ ରାମ, ଛତରପାଲ ଗଙ୍ଗୱାର, ସଙ୍ଗୀତା ବଲୱନ୍ତ ବିନ୍ଦ୍, ଧରମବୀର ପ୍ରଜାପତି, ସଞ୍ଜୀବ କୁମାର ଗୌର ଏବଂ ଦିନେଶ ଖାଟିକ୍। ରାଜଭବନର ଗାନ୍ଧୀ ଅଡିଟୋରିୟମ୍‌ରେ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ ନୂଆ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ। ସମ୍ପ୍ରସାରଣ ଫଳରେ ଯୋଗୀ କ୍ୟାବିନେଟ୍‌ର ମନ୍ତ୍ରୀଙ୍କ ସଂଖ୍ୟା ୬୦ରେ ପହଞ୍ଚିଛି। ରାହୁଲ ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ଥିବା ଜିତିନ୍ ଜୁନ୍‌ରେ ଭାଜପାରେ ସାମିଲ ହୋଇଥିଲେ। ୟୁପିରେ ୧୩%ବ୍ରାହ୍ମଣ ଭୋଟରଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି।

# ନ୍ୟାୟପାଳିକାରେ ମହିଳାଙ୍କୁ ମିଳୁ ୫୦% ସଂରକ୍ଷଣ

ନୂଆଦିଲ୍ଲୀ, ୨୬।୯

ନ୍ୟାୟପାଳିକାରେ ମହିଳାମାନଙ୍କ ନିମନ୍ତେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖିବା ଲାଗି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ରବିବାର ଆହ୍ୱାନ ଦେଇଛନ୍ତି। ଦେଶର ଆଇନ ମହାବିଦ୍ୟାଳୟଗୁଡ଼ିକରେ ଅନୁରୂପ ସଂରକ୍ଷଣ ଦାବିକୁ ସେ ସମର୍ଥନ ଜଣାଇଛନ୍ତି। ଏହା ସେମାନଙ୍କର ଅଧିକାର ଏବଂ ଏଥିପାଇଁ ସେମାନେ ଦାବି କରିବାକୁ ହକ୍‌ଦାର ବୋଲି ସୁପ୍ରିମକୋର୍ଟରେ ମହିଳା ଆଇନଜୀବୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସିଜେଆଇ କହିଛନ୍ତି। ଦେଶର ନିମ୍ନ ଅଦାଲତଗୁଡ଼ିକରେ ମହିଳା ବିଚାରପତିଙ୍କ ସଂଖ୍ୟା ୩୦ ପ୍ରତିଶତରୁ କମ୍ ରହିଛି। ହାଇକୋର୍ଟଗୁଡ଼ିକରେ ୧୧.୫ ପ୍ରତିଶତ ମହିଳା ବିଚାରପତି ରହିଥିବାବେଳେ ସୁପ୍ରିମକୋର୍ଟରେ ୧୧ରୁ ୧୨ ପ୍ରତିଶତ ରହିଥିବା ଜଷ୍ଟିସ୍ ରମନା ସୂଚନା ଦେଇଛନ୍ତି।

ଦେଶରେ ୧୭ ଲକ୍ଷ ଆଇନଜୀବୀ ରହିଥିବାବେଳେ ସେଥିରୁ ମହିଳା ହେଉଛନ୍ତି ମାତ୍ର ୧୫ ପ୍ରତିଶତ। ରାଜ୍ୟ ବାର୍ କାଉନ୍‌ସିଲ୍‌କୁ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ମହିଳାଙ୍କ ସଂଖ୍ୟା ମାତ୍ର ୨ ପ୍ରତିଶତ। ବାର୍ କାଉନସିଲ୍ ଅଫ୍ ଇଣ୍ଡିଆର ଜାତୀୟ କମିଟିରେ ଜଣେ ହେଲେ ମହିଳା ପ୍ରତିନିଧିତ୍ୱ କରୁ ନ ଥିବାରୁ ଏହା ଉପରେ ସିଜେଆଇ ପ୍ରଶ୍ନ ଉଠାଇଥିଲେ। ବିଶ୍ୱର



ସିଜେଆଇ ଏନ୍.ଭି. ରମନା

### ସିଜେଆଇଙ୍କ ଆହ୍ୱାନ

ମହିଳା ଏକାଠି ହେଲେ ସେମାନେ ଶୃଙ୍ଖଳ ବ୍ୟତୀତ ଅନ୍ୟ କିଛି ହରାଇବାର ନାହିଁ ବୋଲି ସିଜେଆଇ କାର୍ଲ ମାର୍କ୍ସଙ୍କ ଉକ୍ତିକୁ ଉଦ୍ଧାର କରି କହିଥିଲେ।

ମହିଳା ଆଇନଜୀବୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ

- ନିମ୍ନ ଅଦାଲତରେ ୩୦%ରୁ କମ୍ ମହିଳା ବିଚାରପତି
- ହାଇକୋର୍ଟଗୁଡ଼ିକରେ ୧୧.୫% ମହିଳା

ସିଜେଆଇ ସୂଚନା ଦେଇଥିଲେ। ମହିଳା ୱାଶ୍‌ରୁମ୍ ଏବଂ କାର୍ଯ୍ୟରତ ମାଆମାନଙ୍କ ପାଇଁ କ୍ରେଚ୍ ଆଦି ଭିତ୍ତିଭୂମି ଅଭାବରୁ ସେମାନଙ୍କୁ ଅସୁବିଧାଜନକ କାର୍ଯ୍ୟ ପରିବେଶରେ କାମ କରିବାକୁ ପଡୁଛି। ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟକୁ ଜଷ୍ଟିସ୍ ବି.ଭି. ନାଗରତ୍ନ ପ୍ରଶଂସା କରିଛନ୍ତି। ୨୦୨୭ରେ ଭାରତର ପ୍ରଥମ ମହିଳା ପ୍ରଧାନ ବିଚାରପତି ହେବାକୁ ଯାଉଥିବା ଜଷ୍ଟିସ୍ ନାଗରତ୍ନ ସେପ୍ଟେମ୍ବର ୧ରେ ଅନ୍ୟ ୨ ମହିଳା ବିଚାରପତିଙ୍କ ସହ ଶପଥ ଗ୍ରହଣ କରିଥିଲେ। ନ୍ୟାୟ ବ୍ୟବସ୍ଥାରେ ଅଧିକ ମହିଳା ସାମିଲ ହେଲେ ବ୍ୟବସ୍ଥାପିକା, କାର୍ଯ୍ୟନିର୍ବାହୀ ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଲିଙ୍ଗଗତ ସମାନତା ବଢ଼ିବ ବୋଲି ଜଷ୍ଟିସ୍ ନାଗରତ୍ନ କହିଥିଲେ। ସେଥିପାଇଁ ମହିଳା ଆଇନଜୀବୀମାନେ ସବୁବେଳେ ଭଲ କରିବା ଲାଗି ପ୍ରୟାସ ଜାରି ରଖନ୍ତୁ। ସମୟ ବଦଳିବା ସହ ଉକ୍ତ ପ୍ରୟାସ ସେମାନଙ୍କୁ ଆଗକୁ ନେଇଯିବ ବୋଲି ମହିଳା ବିଚାରପତି କହିଥିଲେ।

ପୂର୍ବରୁ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ସ୍ୱାଧୀନତା ପ୍ରାପ୍ତିକୁ ୭୫ ବର୍ଷ ପୂରିଛି। ସବୁ ସ୍ତରରେ ମହିଳାଙ୍କ ପ୍ରତିନିଧିତ୍ୱ ଅନ୍ୟୂନ ୫୦ ପ୍ରତିଶତ ହେବା ଆଶା କରାଯାଏ। ତେବେ ବହୁ କଷ୍ଟରେ ଆମେ ସୁପ୍ରିମକୋର୍ଟର ମହିଳା ବିଚାରପତିଙ୍କ ସଂଖ୍ୟା ୧୧ ପ୍ରତିଶତରେ ପହଞ୍ଚାଇପାରିଛେ ବୋଲି ଜଷ୍ଟିସ୍ ରମନା କହିଥିଲେ। ସଂରକ୍ଷଣ କାରଣରୁ କେତେକ ରାଜ୍ୟରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ିଥିବାବେଳେ, ଆଇନ ବ୍ୟବସାୟରେ ସେମାନେ ପଛରେ ରହିଯାଇଛନ୍ତି।

## ସୀମାକୁ ନେଇ ଭ୍ରମିତ ନ କରୁ ଚାଇନା: ଭାରତ

ବେଜିଂ, ୨୬।୯

ଚାଇନା ଗୋଲ୍‌ପୋଷ୍ଟକୁ ସ୍ଥାନାନ୍ତର କରି ସୀମାନ୍ତ ପରିଚାଳନାରେ ଦ୍ୱନ୍ଦ୍ୱ ସୃଷ୍ଟି ନ କରିବାକୁ ଭାରତ କହିଛି। ଗତ ବର୍ଷ ମେ'ରେ ଲଦାଖରେ ଉପୁଜିଥିବା ବିବାଦ ପରେ ଭାରତ କ୍ରମାଗତ ଭାବେ ସୀମାରେ ଶାନ୍ତି ବଜାୟ ରଖିଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କ, ସାମଗ୍ରିକ ବିକାଶ ପାଇଁ ଏହା ଜରୁରୀ ବୋଲି ଚାଇନା-ଭାରତ ସମ୍ପର୍କକୁ ନେଇ ଗତ ୨୩ ତାରିଖରେ ଅନୁଷ୍ଠିତ ୪ର୍ଥ ଉଚ୍ଚସ୍ତରୀୟ ଟ୍ରାକ୍-୨ ଆଲୋଚନା ବୈଠକରେ ଚାଇନାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ବିକ୍ରମ ମିଶ୍ରି କହିଛନ୍ତି। ପଡ଼ୋଶୀ ହେବା ବାଦ୍ ଉଭୟ ଭାରତ ଓ ଚାଇନା ବିଶାଳ ଅର୍ଥବ୍ୟବସ୍ଥା ଥିବା ଦେଶ। ଉଭୟ ଦେଶ ମଧ୍ୟରେ ପାର୍ଥକ୍ୟ ଏବଂ ସମସ୍ୟା ରହିବା ସ୍ୱାଭାବିକ। ତେବେ ସେହି ସମସ୍ୟାର କିପରି ସମାଧାନ କରାଯିବ ଏବଂ ସୀମାରେ ଶାନ୍ତି ବଜାୟ ରହିବ ତାହା ଉପରେ କାମ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିଛନ୍ତି।

### ଗିନିଜ୍ ରେକର୍ଡ କଲେ ସେନା ଅଫିସର



**ଜମ୍ମୁ, ୨୬।୯(ପି.ଟି.):** ଭାରତୀୟ ସେନାର ଜଣେ ଅଫିସର ଦ୍ରୁତତମ ସାଇକେଲ୍ ଚାଳନା କରି 'ଫାଷ୍ଟେଷ୍ଟ ସୋଲୋ ସାଇକ୍ଲିଂ (ପୁରୁଷ) ବିଭାଗରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି। ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ଶ୍ରୀପଦ ଶ୍ରୀରାମ ୩୪ ଘଣ୍ଟା ୫୪ ମିନିଟରେ ସାଇକେଲ ଯୋଗେ ଲେହରୁ ମନାଲି ୪୭୨ କିଲୋମିଟର ଅତିକ୍ରମ କରିଛନ୍ତି। ଷ୍ଟ୍ରାଇକର ଡିଭିଜନରେ କାର୍ଯ୍ୟରତ ଶ୍ରୀପଦ ଶନିବାର ଭୋର ୪ଟାରୁ ଲଦାଖର ଲେହଠାରୁ ସାଇକେଲ ଚାଳନା ଆରମ୍ଭ କରି ରବିବାର ସକାଳେ ହିମାଚଳପ୍ରଦେଶର ମନାଲିଠାରେ ପହଞ୍ଚିଛନ୍ତି। ଖରାପ ପାଗ ସତ୍ତ୍ୱେ ସାଇକ୍ଲିଂ ବେଳେ ତାଙ୍କୁ ୫ଟି ବଡ଼ ଗିରିପଥ ଅତିକ୍ରମ କରିବାକୁ ପଡ଼ିଥିଲା। ସ୍ୱର୍ଣ୍ଣିମ ବିଜୟ ଦିବସ ପାଳନ ଅବସରରେ ଏଭଳି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

# ଆମେରିକାରେ ଟ୍ରେନ୍ ଲାଇନଚ୍ୟୁତ: ୩ ମୃତ

ୱାଶିଂଟନ୍, ୨୬।୯

ଆମେରିକାର ମୋଣ୍ଟାନା ରାଜ୍ୟ ଜୋପଲିନ୍ ସହରରେ ଶନିବାର ଅପରାହ୍ନରେ ଏକ ଯାତ୍ରୀବାହୀ ଟ୍ରେନ୍ ଆମ୍‌ଟ୍ରାକ୍ ଏମ୍ପାୟାର ବିଲ୍ଡର ଲାଇନ୍‌ଚ୍ୟୁତ ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଶିକାଗୋରୁ ସିଟେଲ ଯାଉଥିବା ଉକ୍ତ ଟ୍ରେନ୍‌ରେ ୧୪୧ ଯାତ୍ରୀ ଏବଂ ୧୬ କ୍ରିଉ ମେମ୍ବର ରହିଥିଲେ। ଦୁର୍ଘଟଣା ପରେ ଟ୍ରେନ୍‌ର କେତେକ ଡବା ଅଲଗା ହୋଇ ବାହାରକୁ ବାହାରି ଆସିଥିଲା। ଫଳରେ ସେଥିରୁ ଲୋକଙ୍କ ସମେତ ସେମାନଙ୍କ ଜିନିଷ ପତ୍ର ବାହାରି ପଡ଼ିଥିଲା।



ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇନାହିଁ। ଜାତୀୟ ପରିବହନ ଏବଂ ସୁରକ୍ଷା ବୋର୍ଡ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ୨୦୧୮ରେ ଏକ ଆମ୍‌ଟ୍ରାକ୍ ଟ୍ରେନ୍ ସାଉଥ୍ କାରୋଲିନାରେ ଭୁଲ୍ ଟ୍ରାକ୍‌ରେ ପଳାଇବାରୁ ଛିଡ଼ା ହୋଇଥିବା ଏକ ମାଲବାହୀ ଟ୍ରେନ୍‌କୁ ଧକ୍କା ଦେଇଥିଲା। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ପ୍ରାୟ ବର୍ଷେ ପୂର୍ବରୁ ଆମ୍‌ଟ୍ରାକ୍ ଏକ ନୂଆ ରୁଟ୍‌ରେ ଯାଉଥିବାବେଳେ ୱାଶିଂଟନ୍‌ରେ ଲାଇନ୍‌ଚ୍ୟୁତ ହେବାରୁ ସେଥିରେ ମଧ୍ୟ ୩ ଜଣଙ୍କ ଜୀବନ ଯାଇଥିଲା।

# ଚନ୍ନି କ୍ୟାବିନେଟରେ ୧୫ ମନ୍ତ୍ରୀ

ଚଣ୍ଡିଗଡ଼, ୨୬।୯

ପଞ୍ଜାବର ନୂଆ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ତାଙ୍କ ମନ୍ତ୍ରିମଣ୍ଡଳର ପ୍ରଥମ ସମ୍ପ୍ରସାରଣ କରିଛନ୍ତି। ସେ ୧୫ ଜଣ ମନ୍ତ୍ରୀଙ୍କୁ ସାମିଲ କରିଥିବାବେଳେ ସେଥିରୁ ୭ ଜଣ ହେଉଛନ୍ତି ନୂଆ ମୁହଁ। ସେମାନେ ହେଲେ ରଣଦୀପ୍ ସିଂ ନାଭା, ରାଜକୁମାର ଭେର୍କା, ସଙ୍ଗତ ସିଂ ଗିଲ୍‌ଜିଆନ, ପ୍ରଗତ ସିଂ, ଅମରିନ୍ଦର ସିଂ ରାଜା ୱାରିଙ୍ଗ୍ ଏବଂ ଗୁର୍‌କିରତ ସିଂ କୋଟ୍‌ଲି। ୨୦୧୮ରେ ଅମରିନ୍ଦର ସିଂ ସରକାରରୁ ଇସ୍ତଫା ଦେଇଥିବା ରାଣା ଗୁର୍‌ଜିତ ସିଂ ପୁଣିଥରେ ଚନ୍ନିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି। ପୂର୍ବ ସରକାରରେ ମନ୍ତ୍ରୀ ଥିବା ବ୍ରହ୍ମ ମହିନ୍ଦ୍ର, ମନପ୍ରିତ୍ ସିଂ ବାଦଲ, ତ୍ରିପ୍ତ ରାଜିନ୍ଦର ସିଂ ବାଜୱା, ଅରୁଣା

### ୭ ନୂଆ ମୁହଁ

ଚୌଧରୀ, ସୁଖବିନ୍ଦର ସିଂ ସରକାରିଆ, ରାଜିଆ ସୁଲତାନା, ବିଜୟ ଇନ୍ଦର ସିଙ୍ଗ୍‌ଲା ଏବଂ ଭରତ ଭୂଷଣ ଆଶୁ ପୁଣିଥରେ ମନ୍ତ୍ରୀ ହୋଇଛନ୍ତି। ରାଜ୍ୟପାଳ ବନୱାରିଲାଲ୍ ପୁରୋହିତ ନୂଆ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଦୁଇ ଉପମୁଖ୍ୟମନ୍ତ୍ରୀ ସୁଖଜିନ୍ଦର ସିଂ ରାନ୍ଧୱା ଏବଂ ଓ.ପି. ସୋନି ଗତ ସୋମବାର ଶପଥ ନେଇଥିଲେ। ସୂଚନାଯୋଗ୍ୟ ରାଜ୍ୟ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କ ସହ ଅନ୍ତର୍ଦ୍ୱନ୍ଦ୍ୱରୁ ଅମରିନ୍ଦର ସିଂ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଚନ୍ନିଙ୍କୁ ନୂଆ ମୁଖ୍ୟମନ୍ତ୍ରୀ ନିର୍ବାଚିତ କରାଯାଇଥିଲା।

# ଟିକାକରଣରୁ କେହି ବାଦ୍ ନ ପଡ଼ନ୍ତୁ

ନୂଆଦିଲ୍ଲୀ, ୨୬।୯(ପି.ଟି.)

ପାର୍ବଣ ଋତୁରେ କୋଭିଡ୍ ନିୟମ ପାଳନ କରିବା ସହ ଟିକାକରଣର 'ସୁରକ୍ଷା ବଳୟ'ରୁ ଯେପରି କେହି ବାଦ୍ ନ ପଡ଼ନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଆହ୍ୱାନ ଦେଇଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମର ୮୧ତମ ସଂସ୍କରଣରେ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ କୋଭିଡ୍ ନିରାପତ୍ତା ନିୟମ ପାଳନ କରିବା ସହ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। କୋଭିଡ୍ ଟିକାକରଣରେ ଭାରତ ଅନ୍ତର୍ଜାତୀୟ ସ୍ତରରେ ରେକର୍ଡ ପ୍ରତିଷ୍ଠା କରିଛି। ଟିକାକରଣରୁ କେହି ବାଦ୍ ପଡ଼ିବା ଉଚିତ ନୁହେଁ, ନିଜେ ଟିକା ନେବା ସହ ଅନ୍ୟମାନଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

- ମନ୍ କୀ ବାତ୍‌ରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ
- ଔଷଧୀୟ ଚାରା ରୋପଣ ପାଇଁ କଳାହାଣ୍ଡିର ପଞ୍ଚାୟତଙ୍କୁ ପ୍ରଶଂସା



୧.୫ ଏକର ଜମିରେ ଔଷଧୀୟ ଚାରା ରୋପଣ କରି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିବା ଓଡ଼ିଶାର କଳାହାଣ୍ଡି ଜିଲା ଅନ୍ତର୍ଗତ ନାଣ୍ଡୋଲରେ ରହୁଥିବା ପଞ୍ଚାୟତ ସାହୁଙ୍କୁ ଏହି ଅବସରରେ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। କୋଭିଡ୍ ମହାମାରୀ ସମୟରେ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଆଗ୍ରହ ଓ ସଚେତନତା ବଢ଼ିଛି। ସୁସ୍ଥ ଜୀବନ ଯାପନ ପାଇଁ ଅତୀତରେ ପ୍ରାକୃତିକ ଉତ୍ପାଦର ଉପଯୋଗ କରାଯାଉଥିଲା, ଯାହା ଆମ ଦେଶରେ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ। ୬୫ ବର୍ଷୀୟ ପଞ୍ଚାୟତ ୩ ହଜାରରୁ ଊର୍ଦ୍ଧ୍ୱ ଔଷଧୀୟ ଗଛ ଲଗାଇ ଏକ ଉଦ୍ୟାନ ସୃଷ୍ଟି କରିଛନ୍ତି। ସେ ଉକ୍ତ ଗଛଗୁଡ଼ିକୁ ବଢ଼ାଇବାରେ ସାର କିମ୍ବା ରାସାୟନିକ ପଦାର୍ଥ ବ୍ୟବହାର କରିନାହାନ୍ତି। ସେ ଏହା ଉପରେ ଡକ୍ୟୁମେଣ୍ଟେଶନ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ସେପ୍ଟେମ୍ବରରେ ବିଶ୍ୱ ନଦୀ ଦିବସ ପାଳନ ହେଉଥିବାରୁ ନଦୀର ଅବଦାନ ଏବଂ ଏହାର ନିଃସ୍ୱାର୍ଥପର ଜଳଦାନକୁ ସ୍ମରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୬।୯:** ଜମ୍ମୁ-କଶ୍ମୀରର ବନ୍ଦିପୋରା ଜିଲାରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଭାଜପା ନେତା ୱାସିମ ବାରି ଓ ତାଙ୍କ ପରିବାରର ୨ ଜଣଙ୍କ ହତ୍ୟା ସହ ସମ୍ପୃକ୍ତ ଥିଲେ ବୋଲି ପୋଲିସ କହିଛି। ଉକ୍ତ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନା ପାଇ ସୁରକ୍ଷା ବଳ ବନ୍ଦିପୋରାର ୱାଟ୍ରିନା ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସି ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ସୁରକ୍ଷା ବଳ ତା'ର ପାଲଟା ଜବାବ ଦେଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ଆପରାଧିକ ସାମଗ୍ରୀ ଜବତ ହୋଇଛି।

# ଯୌନ ନିର୍ଯାତିତ ପିଲାଙ୍କ ଅକାଳ ମୃତ୍ୟୁ ଆଶଙ୍କା ଅଧିକ

**ଶିଶୁଙ୍କୁ ଯୌନ, ଶାରୀରିକ ନିର୍ଯାତନା ସେମାନଙ୍କ ପାଇଁ କାଳ ସାଜିପାରେ। ଗଭୀର ଭାବେ ପ୍ରଭାବିତ ହୋଇଥାନ୍ତି ଅବହେଳାର ଶିକାର ହେଉଥିବା ପିଲା। ଉଭୟ ଶାରୀରିକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା ପିଲାମାନେ ଉପଯୁକ୍ତ ଯତ୍ନ, ସ୍ନେହ ଅଭାବରୁ ଆଜୀବନ କଷ୍ଟ ପାଇଥାନ୍ତି। ଏହାଦ୍ୱାରା ସେମାନଙ୍କ ଜୀବନ ଅକାଳରେ ଝଡ଼ିଯିବାର ଆଶଙ୍କା ଅଧିକ ରହିଥାଏ ବୋଲି ଗବେଷକମାନେ ସଦ୍ୟ ଏକ ଅନୁଧ୍ୟାନରୁ ଜାଣିବାକୁ ପାଇଛନ୍ତି।**

ଲଣ୍ଡନ, ୨୬।୯

ଯୌନ ନିର୍ଯାତନା, ଶାରୀରିକ ଯାତନା କିମ୍ବା ଅବହେଳାର ଶିକାର ହୋଇଥିବା ପିଲାମାନଙ୍କ ଯୁବାବସ୍ଥାରେ ମୃତ୍ୟୁ ଘଟିବା ଆଶଙ୍କା ରହିଛି। ୟୁସିଏଲ୍ ଏବଂ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ଗବେଷଣାରୁ ଜାଣିବାକୁ ପାଇଛନ୍ତି। ବିଏମ୍‌ଜେ ଓପନ୍‌ରେ ଏହି ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ୧୬ ବର୍ଷ ବୟସ ମଧ୍ୟରେ ଯୌନ ନିର୍ଯାତନାର ଶିକାର ହୋଇ ଏ ବାବଦରେ ଅଭିଯୋଗ କରି ନ ଥିବା ପିଲାଙ୍କ ୪୫ରୁ ୫୮ ବର୍ଷ ମଧ୍ୟରେ ମୃତ୍ୟୁ ଘଟିବା ଆଶଙ୍କା ୨.୬ ଗୁଣା ଅଧିକ। ସେହିପରି



୧୬ ବର୍ଷ ବୟସ ମଧ୍ୟରେ ନିର୍ଯାତନା ପାଇବା ସମ୍ପର୍କରେ ରିପୋର୍ଟ କରୁଥିବା ପିଲାମାନଙ୍କଠାରେ ଏହି ଆଶଙ୍କା ୧.୭ ଗୁଣ ରହିଛି। ଅବହେଳିତ ଶିଶୁଙ୍କଠାରେ ଅକାଳ ମୃତ୍ୟୁ ଆଶଙ୍କା ୧.୪ ଗୁଣ ଅଧିକ ବୋଲି ଗବେଷଣାରୁ ଜଣାପଡ଼ିଛି।

ଗବେଷଣାରେ ୧୯୫୮ ମସିହାରେ ଜନ୍ମିତ ୯,୩୧୦ ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇ ତାହାର ଅନୁଧ୍ୟାନ କରାଯାଇଥିଲା, ଯେଉଁମାନେ ଜାତୀୟ ଶିଶୁ ବିକାଶ ଅଧ୍ୟୟନରେ ସାମିଲ ହୋଇଥିଲେ। ପୀଡ଼ିତ ବ୍ୟକ୍ତିଙ୍କ ଯୁବାବସ୍ଥାରେ ମୃତ୍ୟୁର କାରଣ ଜାଣିବା ନିମନ୍ତେ ଅଧ୍ୟୟନକାରୀ ସେମାନଙ୍କ ସାମାଜିକ-ଅର୍ଥନୈତିକ ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ କାରକଗୁଡ଼ିକର ସମୀକ୍ଷା କରିଥିଲେ। ଏଥିରୁ ଜଣାପଡ଼ିଥିଲା ଯେ ନିର୍ଯାତିତ ତଥା ଉପେକ୍ଷିତଙ୍କ ମୃତ୍ୟୁ ପଛରେ ଧୂମପାନ ଏକ ପ୍ରମୁଖ କାରଣ। ଏହାବାଦ୍ ନିଶା ସମ୍ପର୍କିତ ଅନ୍ୟାନ୍ୟ ବଦଭ୍ୟାସ ମଧ୍ୟ କେତେକଙ୍କ କ୍ଷେତ୍ରରେ ମୃତ୍ୟୁକୁ ଡାକି ଆଣିଥାଏ। ଜୀବନର ପ୍ରାଥମିକ ପର୍ଯ୍ୟାୟରେ ପ୍ରତିକୂଳ ଘଟଣା ସାମ୍ନା କରିବା ସାଧାରଣ କଥା ନୁହେଁ। ଏହା ଦ୍ୱାରା ବିଶେଷ କରି ବ୍ରିଟେନ୍‌ର ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହେଉଛନ୍ତି। ତେଣୁ ଏହି ଅନୁସନ୍ଧାନ ବେଶ୍ ଗୁରୁତ୍ୱ ରଖେ ବୋଲି ଗବେଷଣାର ନେତୃତ୍ୱ ନେଇଥିବା ଡା. ନିନା ରୋଜର୍ସ କହିଛନ୍ତି। ସେହିପରି ଅବହେଳିତ ପିଲାଙ୍କ ଯୁବାବସ୍ଥାରେ ମୃତ୍ୟୁ ଆଶଙ୍କା ୪୩ ପ୍ରତିଶତ ଅଧିକ ବୋଲି ସିନିୟର ଅଥର ଡା. ସ୍ନେହାଲ ପିଣ୍ଟୋ ପେରେରା କହିଛନ୍ତି।

- ଗବେଷଣା ରିପୋର୍ଟରେ ଦାବି
- ବିପଦରେ ଅଭିଯୋଗ କରୁ ନ ଥିବା ପିଲା


C. V. Raman Global University
ODISHA BHUBANESWAR INDIA
CGU ODISHA
Ranked among Top 100 Engineering Institutions in India for the last 06 years by NIRF (National Institutional Ranking Framework), MHRD, Govt. of India
WEB BASED ONLINE COUNSELLING for JEE-MAIN RANK HOLDERS



UG Programs
Engineering Programs:
- CSE
- Comp Engg
- CS&IT
- CS&SE
- CSE(AI&ML)
- CSE(Data Sc)
- CS(Software Engg)
- CSE(Web Tech)
- AI & Data Sc
- Robotics & AI
- CSE(IoT & Cyber Sec)
- CSE(Cloud Computing)
- Chemical
- Civil
- Electrical
- EEE
- Electronics & Comm
- Marine
- Mech

B.Sc. Programs:
- Agriculture

Management Programs:
- BHA(Bachelor in Healthcare Administration)

Diploma Programs:
- Mechatronics
- Mechanical
- Computer Sc
- Civil
- Electrical
- Electronics & Telecom.

PG Programs
Engineering Programs:
- Chemical
- Civil
- CSE
- Electrical
- ECE (Signal Processing & Commn.)
- Heat Power
- Mechatronics

M.Sc. / MA Programs:
- Applied Math & Computing
- Chemistry
- Physics
- Botany
- Zoology
- CS&IT (AI & ML)
- CS&IT (Cloud Computing)
- CS&IT (IoT & Cyber Security)
- English

Management Program:
- MBA

Ph.D. Programs
- Chemical
- Civil
- Computer Sc
- Electrical
- ECE
- Marine
- Mechanical
- English
- Physics
- Chemistry
- Mathematics
- Management

Scan the CODE to APPLY now
OR
visit: admission.cgu-odisha.ac.in
For detail, contact: 0674-6636555 90400 21102
www.cgu-odisha.ac.in admission@cgu-odisha.ac.in

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୨୪,୩୨,୨୩୭ | ୪୭,୫୯,୭୧୨ | ୨୦,୯୦,୫୩,୨୨୨ |
| ଭାରତ | ୩,୩୬,୭୩,୦୧୦ | ୪,୪୭,୧୬୯ | ୩,୨୯,୧୭,୫୦୦ |
| ଓଡ଼ିଶା | ୧୦,୨୪,୩୨୦ | ୮,୧୭୫(+୫୩) | ୧୦,୧୦,୮୨୯ |

ରବିବାର ରାତି ୮ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଯୁକ୍ତ୩ ନାମଲେଖା ଅବଧି ବୃଦ୍ଧି

**ଭୁବନେଶ୍ୱର, ୨୬।୯(ବ୍ୟୁରୋ):** ରାଜ୍ୟର ସମସ୍ତ ଡିଗ୍ରୀ କଲେଜରେ ଯୁକ୍ତ୩ ପ୍ରଥମ ବର୍ଷ ପାଇଁ ଏବେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଚାଲିଛି। ତେବେ ୨୭ ତାରିଖ ଭାରତ ବନ୍ଦକୁ ଦୃଷ୍ଟିରେ ରଖି ନାମଲେଖା ଅବଧି ବୃଦ୍ଧି କରିଛି ଉଚ୍ଚଶିକ୍ଷା ବିଭାଗ। ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ମନୋନୀତ ଛାତ୍ରୀଛାତ୍ରମାନେ ୩୦ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ନାମ ଲେଖାଇ ପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଥିଲା। ଏଥିରେ ମୋଟ୍ ୪୦,୬୧୧ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଥିବାବେଳେ ଏମାନଙ୍କ ମଧ୍ୟରେ ୨୧,୫୮୪ଜଣ ଛାତ୍ରୀ, ୧୯,୦୨୪ଜଣ ଛାତ୍ର ଓ ୩ଜଣ କିନ୍ନର ରହିଛନ୍ତି। ମନୋନୀତ ଛାତ୍ରୀଛାତ୍ରମାନେ ୨୪ରୁ ୨୮ ତାରିଖ ମଧ୍ୟରେ ନାମ ଲେଖାଇବା ପାଇଁ ପୂର୍ବରୁ କୁହାଯାଇଥିଲା।

### ସମୁଦ୍ରରେ ଭାସିଗଲେ ୨ ବଙ୍ଗୀୟ ପର୍ଯ୍ୟଟକ

**ଭୋଗରାଇ,୨୬।୯(ଡି.ଏନ.ଏ.)** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ତାଳସାରୀ ସମୁଦ୍ର କୂଳରେ ଭାସିଯାଇ ରବିବାର ୨ଜଣ ବଙ୍ଗୀୟ ପର୍ଯ୍ୟଟକ ନିଖୋଜ ହୋଇଯାଇଛନ୍ତି। ତାଳସାରୀ ମେରାଇନ୍ ଥାନା ପକ୍ଷରୁ ସ୍ପିଡବୋଟ୍‌ରେ ମତ୍ସ୍ୟଜୀବୀମାନେ ତଲାସୀ କରିଥିଲେ ମଧ୍ୟ ସେମାନଙ୍କର ପତ୍ତା ମିଳି ନାହିଁ। ନିଖୋଜ ଦୁଇ ପର୍ଯ୍ୟଟକ ହେଲେ ଦେବର୍ଷି ସିଂ (୨୩) ଓ ଅଭରଦୀପ ଆଚାର୍ଯ୍ୟ (୨୨)। ବଙ୍ଗୋପସାଗରରେ ଲଘୁଚାପ ଘନୀଭୂତ ହୋଇଥିବାରୁ ସମୁଦ୍ର ଉତ୍ତାଳ ହୋଇଛି। ପଶ୍ଚିମବଙ୍ଗ ସରକାର ଦୀଘା ସମୁଦ୍ରକୂଳକୁ ସିଲ୍ କରି ପର୍ଯ୍ୟଟକଙ୍କୁ ନ ଯିବାକୁ ନିଷେଧାଜ୍ଞା କଡ଼ାକଡ଼ି କରିଥିବା ବେଳେ ପର୍ଯ୍ୟଟକମାନେ ମୁକୁଳା ପଡ଼ିଥିବା ଉଦୟପୁର, ତାଳସାରୀ ସମୁଦ୍ରକୂଳକୁ ଗାଧୋଇବା ପାଇଁ ଆସି ମୃତ୍ୟୁମୁଖରେ ପଡୁଛନ୍ତି।

### ଓଡ଼ିଶାର ଗୌରବକୁ ବଢ଼ାଉଛନ୍ତି ପ୍ରଧାନମନ୍ତ୍ରୀ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୬।୯(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ଅନେକ ପ୍ରତିଭାବାନ ବ୍ୟକ୍ତିଙ୍କୁ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଶଂସା କରି ଆନ୍ତର୍ଜାତିକ ସ୍ତରରେ ଓଡ଼ିଶାର ଗୌରବ ବଢ଼ାଉଛନ୍ତି ବୋଲି ଏହି କାର୍ଯ୍ୟକ୍ରମକୁ ଶୁଣିବା ଅବସରରେ ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ନାନ୍ଦୋଲ ଅଞ୍ଚଳର ପଟାୟତ ସାହୁଙ୍କ ଭିନ୍ନମୁଖୀ କାର୍ଯ୍ୟ ତଥା ଦେଢ଼ ଏକର ଜମିରେ ଔଷଧୀୟ ଚାରା ଲଗାଇବା ଏବଂ ଏହାର ଡକ୍ୟୁମେଣ୍ଟେଶନର ଭୂୟସୀ ପ୍ରଶଂସା କରି ତାଙ୍କର ଖ୍ୟାତିକୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ସମ୍ମାନ ଦେଇଛନ୍ତି। ଓଡ଼ିଶାର ଅନେକ ପ୍ରତିଭାବାନ ବ୍ୟକ୍ତିଙ୍କୁ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଶଂସା କରି ଆନ୍ତର୍ଜାତିକ ସ୍ତରରେ ଆମ ରାଜ୍ୟର ଗୌରବ ବଢ଼ାଉଥିବାରୁ ଧର୍ମେନ୍ଦ୍ର କୃତଜ୍ଞତା ଜଣାଇଛନ୍ତି।

# ୭୩.୫% ଲୋକଙ୍କ ଶରୀରରେ ଆଣ୍ଟିବଡି

**ଭୁବନେଶ୍ୱର, ୨୬।୯(ବ୍ୟୁରୋ)**

ରାଜ୍ୟରେ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ କୋଭିଡ୍ ଆଣ୍ଟିବଡି ସୃଷ୍ଟିକୁ ନେଇ କୌଣସି ତାରତମ୍ୟ ନାହିଁ। ସେହିପରି ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକଙ୍କ କ୍ଷେତ୍ରରେ ମଧ୍ୟ ଏହି ଆଣ୍ଟିବଡ଼ି ସୃଷ୍ଟିରେ କୌଣସି ବଡ଼ ଧରଣର ପାର୍ଥକ୍ୟ ନାହିଁ। ବର୍ତ୍ତମାନ ସୁଦ୍ଧା ୭୩.୫ ପ୍ରତିଶତ ଲୋକଙ୍କ ଶରୀରରେ କୋଭିଡ୍ ଆଣ୍ଟିବଡି ସୃଷ୍ଟି ହୋଇଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର(ଆର୍ଏମ୍ଆର୍‌ସି) ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି କହିଛନ୍ତି। ରବିବାର ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ଡା. ପତି ସେରୋ ସର୍ଭେ ରିପୋର୍ଟ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଲେ, ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ୍ରମେ ରାଜ୍ୟର ୧୨ ଜିଲାରୁ ୬ ହଜାର ନମୁନା ସଂଗ୍ରହ କରାଯାଇ ସେରୋ ସର୍ଭେ କରାଯାଇଥିଲା। ଏସବୁ ଜିଲାକୁ ୩ଟି ଜୋନରେ ବିଭକ୍ତ କରାଯାଇଥିଲା। ସମ୍ବଲପୁର, ସୁନ୍ଦରଗଡ, କେନ୍ଦୁଝର ଓ ଝାରସୁଗୁଡ଼ାକୁ ଉତ୍ତର ଜୋନ୍, ପୁରୀ, ଖୋର୍ଦ୍ଧା, ଯାଜପୁର, ବାଲେଶ୍ୱର ଓ ମୟୂରଭଞ୍ଜକୁ କେନ୍ଦ୍ରୀୟ ଏବଂ କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁର ଜିଲାକୁ ଦକ୍ଷିଣ ଜୋନରେ ରଖାଯାଇଥିଲା। ଉଭୟ ଗୋଷ୍ଠୀ ଏବଂ ଆଗଧାଡ଼ିର କୋଭିଡ୍ ଯୋଦ୍ଧା ଓ ସ୍ୱାସ୍ଥ୍ୟ କର୍ମୀଙ୍କଠାରୁ ନମୁନା ସଂଗ୍ରହ କରାଯାଇଥିଲା। ଏହି ସର୍ଭେରେ ମୋଟ ୭୩.୫ ପ୍ରତିଶତ ଲୋକଙ୍କ ପାଖରେ କୋଭିଡ୍ ଆଣ୍ଟିବଡି ଥିବା ଦେଖିବାକୁ ମିଳିଛି। ତେବେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୮୦.୪୭% ଲୋକଙ୍କ ଦେହରେ କୋଭିଡ୍ ଆଣ୍ଟିବଡି ରହିଛି। ସେହିପରି ଯାଜପୁର, ମୟୂରଭଞ୍ଜ ଓ ଝାରସୁଗୁଡ଼ାରେ ୬୮ ପ୍ରତିଶତ ଓ ବାକିସବୁ ଜିଲାର ଲୋକଙ୍କ ଦେହରେ ୭୦ ପ୍ରତିଶତ ଉପରେ ଆଣ୍ଟିବଡି ସୃଷ୍ଟି ହୋଇଥିବା ଡା. ପତି ସୂଚନା ଦେଇଛନ୍ତି। ଅପରପକ୍ଷେ ଏଥର ରାଜ୍ୟସ୍ତରୀୟ ସେରୋ ସର୍ଭେରେ ପ୍ରଥମଥର ପାଇଁ ପିଲାଙ୍କୁ ସାମିଲ କରାଯାଇଥିଲା। ପିଲାଙ୍କ ପାଖରେ କେତେ ପ୍ରତିଶତ ଆଣ୍ଟିବଡି ସୃଷ୍ଟି ହୋଇଛି, ତା'ର ମଧ୍ୟ ସେ ରିପୋର୍ଟ ପ୍ରଦାନ କରିଥିଲେ। ୬ରୁ ୧୦ ବର୍ଷ ବୟସର ୭୦ ପ୍ରତିଶତ ଓ ୧୧ରୁ ୧୮ ବର୍ଷ ବୟସର ୭୪ ପ୍ରତିଶତ ପିଲାଙ୍କ ଶରୀରରେ କୋଭିଡ୍ ଆଣ୍ଟିବଡି ସୃଷ୍ଟି ହୋଇଛି। ତେବେ ବୟସ୍କ ଲୋକଙ୍କର ଆଣ୍ଟିବଡି ଅଧିକ ରହିଛି ବୋଲି ଆର୍ଏମ୍ଆର୍‌ସି ନିର୍ଦ୍ଦେଶିକା ଡା. ପତି କହିଛନ୍ତି।

## ତଦନ୍ତକାରୀ ଅଧିକାରୀଙ୍କୁ ୫୦ ହଜାର ଜରିମାନା

**ହାଇକୋର୍ଟରେ କେସ୍ ଡାଏରି ଦାଖଲ କରିବାରେ ବିଫଳ**

**କଟକ,୨୬।୯(ବ୍ୟୁରୋ)** ଏକ ଅପରାଧିକ ମାମଲାର କେସ୍ ଡାଏରି ଦାଖଲ କରିବାରେ ବିଫଳ ହୋଇଥିବା କଳାହାଣ୍ଡି ଜିଲା ଜୟପାଟଣା ଥାନାର ତଦନ୍ତକାରୀ ଅଧିକାରୀଙ୍କୁ ଓଡ଼ିଶା ହାଇକୋର୍ଟ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ବିଚାରପତି ଶତ୍ରୁଘ୍ନ ପୂଜାହାରୀଙ୍କ ଖଣ୍ଡପୀଠ କଳାହାଣ୍ଡି ଜିଲା ଆଇନ ସେବା କର୍ତ୍ତୃପକ୍ଷଙ୍କ ନିକଟରେ ଜରିମାନା ରାଶି ଜମା କରିବାକୁ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗତ ୮ ତାରିଖରେ ହାଇକୋର୍ଟ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଏବଂ ଏ ସମ୍ପର୍କିତ କେସ୍ ଡାଏରି ଦାଖଲ କରିବା ପାଇଁ କଳାହାଣ୍ଡି ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏସ୍‌ପି ରିପୋର୍ଟ ଦାଖଲ କରି ନ ଥିଲେ। ଫଳରେ ହାଇକୋର୍ଟ ଏସ୍‌ପିଙ୍କ ବିରୋଧରେ ମଧ୍ୟ ଅଦାଲତ ଅବମାନନା ନେଇ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି କାରଣ ଦର୍ଶାଅ ନୋଟିସ କରିଥିଲେ। ଏହାସହ ସେପ୍ଟେମ୍ବର ୨୪ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ କାରଣ ଦର୍ଶାଇ ସତ୍ୟପାଠ ସହ କେସ୍ ଡାଏରି ଦାଖଲ ନ କଲେ କଳାହାଣ୍ଡି ଏସ୍‌ପି ଏବଂ ଜୟପାଟଣା ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଦୁଇ ଅଧିକାରୀ ବ୍ୟକ୍ତିଗତ ଭାବେ ହାଜର ହେବା ଆବଶ୍ୟକ ବୋଲି ହାଇକୋର୍ଟ କହିଥିଲେ। ଗତ ୨୪ରେ ଏହାର ଶୁଣାଣି କରି ହାଇକୋର୍ଟ ତଦନ୍ତକାରୀ ଅଧିକାରୀଙ୍କୁ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହାସହ ରାୟର ଏକ ନକଲ ପୋଲିସ ମହାନିର୍ଦ୍ଦେଶକ ଓ ଗୃହ ସଚିବଙ୍କ ନିକଟକୁ ପଠାଇବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ହାଇକୋର୍ଟଙ୍କ ଏହି ରାୟ ସାର୍ବଜନୀନ ହୋଇନାହିଁ।

## ଅନ୍‌ଲାଇନ କାରବାରକୁ ଓଏଫ୍‌ଟିଏର ବିରୋଧ




**କଟକ,୨୬।୯**


ସାରା ଦେଶ ଏପରି କି ଓଡ଼ିଶାରେ ମଧ୍ୟ ଜୋତା ବ୍ୟବସାୟ କରିବା ବର୍ତ୍ତମାନ ସମୟରେ କଷ୍ଟକର ବ୍ୟାପାର ହୋଇପଡ଼ିଛି ବୋଲି ଓଡ଼ିଶା ଫୁଟୱେର ଟ୍ରେଡର୍ସ ଆସୋସିଏଶନ (ଓଏଫ୍‌ଟିଏ) ପକ୍ଷରୁ କୁହାଯାଇଛି। ରବିବାର ସ୍ଥାନୀୟ ଏକ ହୋଟେଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନ ଓଡ଼ିଶାରେ ଜୋତା ବ୍ୟବସାୟ ଓ ଏହାକୁ ନେଇ ରହିଥିବା ଅନେକ ସମସ୍ୟା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲା। ଆସୋସିଏଶନର ଉପସଭାପତି ସଞ୍ଜୟ ଲୋହିଆଙ୍କ ସୂଚନା ଅନୁସାରେ ଗତ କିଛିବର୍ଷ ହେବ ଅନ୍‌ଲାଇନ ବଜାରର ମନମୁଖି କାରବାର ଯୋଗୁ ସାରା ଦେଶର ଫୁଟୱେର ବ୍ୟବସାୟୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଆମାଜାନ, ଫ୍ଲିପକାର୍ଟ, ସ୍ନାପଡିଲ, ଏଜିଓ ଓ ଉଡାଣ ଭଳି କେତେକ ଇ-କମର୍ସ ସଂସ୍ଥା ଲୋଭନୀୟ ଅଫର ସାଙ୍ଗକୁ ଅନେକ ସୁବିଧା ପ୍ରଦାନ କରୁଥିବାରୁ ଉପଭୋକ୍ତା ବ୍ୟବସାୟୀଙ୍କଠାରୁ ଜୋତା କ୍ରୟ କରିବା ପ୍ରାୟତଃ କମ୍ କରିସାରିଲେଣି; ଯାହାଫଳରେ ଏହି ବ୍ୟବସାୟ କରୁଥିବା ବ୍ୟବସାୟୀ ବର୍ତ୍ତମାନ ସମୟରେ କାରବାର ବନ୍ଦ କରିବାକୁ ବାହାରିଲେଣି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଦେଶ ଏବଂ ରାଜ୍ୟରୁ ଇ-କମର୍ସ ସଂସ୍ଥାଗୁଡ଼ିକର ଅନ୍‌ଲାଇନ କାରବାରକୁ ଆସୋସିଏଶନ ବିରୋଧ କରିବା ସହ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ, ନଚେତ୍ ଶହ ଶହ ବ୍ୟବସାୟୀଙ୍କ ସହ ହଜାର ହଜାର କର୍ମଚାରୀ ମଧ୍ୟ ନିଯୁକ୍ତି ହରାଇବା ସହିତ ବେରୋଜଗାରୀ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଆସୋସିଏଶନ ଦୀର୍ଘଦିନ ହେବ ଉକ୍ତ ବିଷୟକୁ ଉପସ୍ଥାପନ ସହ ଅନ୍‌ଲାଇନ କାରବାର ଦ୍ୱାରା କ'ଣ କ୍ଷତି ହେଉଛି ସେ ସମ୍ପର୍କରେ ମଧ୍ୟ ସରକାରଙ୍କୁ ଅବଗତ କରାଇଛି। ସରକାର ଆସୋସିଏଶନର ଦାବି ଓ ଅନୁରୋଧକୁ ଗ୍ରହଣ କରି ଅନ୍‌ଲାଇନ କାରବାର ପାଇଁ ଏକ ନୀତି ଓ ନିୟମ ଲାଗୁ କରନ୍ତୁ ବୋଲି କହି ଆସୋସିଏଶନ ଶାନ୍ତିପୂର୍ଣ୍ଣ ଉପାୟରେ ଧାରଣାରେ ବସିଥିଲା। ଏହି ଅବସରରେ ଆସୋସିଏଶନର ସଭାପତି ଓମ୍ ପ୍ରକାଶ ତୁଲସିଆନ, ଉପସଭାପତି ସଞ୍ଜୟ ଲୋହିଆ ଓ ବୀରେନ୍ଦ୍ର ଜୈନ ଏବଂ ସମ୍ପାଦକ ଅବଦୁଲ ରଜାକ ମେନନ ଓ କୋଷାଧ୍ୟକ୍ଷ କମଲ ମକ୍ଷିଜାଙ୍କ ସମେତ ଆସୋସିଏଶନର ପ୍ରମୁଖ ସଦସ୍ୟ ଓ ରାଜ୍ୟର ସମସ୍ତ ଜିଲାର ବ୍ୟବସାୟୀ ଏବଂ ଆସୋସିଏଶନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ୨ ପରୀକ୍ଷାର୍ଥୀଙ୍କ ସମେତ ୩ ମୃତ

**କେନ୍ଦୁଝର, ୨୬।୯ (ସ୍ୱ.ପ୍ର.)** କେନ୍ଦୁଝର ଜିଲାର ପୃଥକ୍ ସ୍ଥାନରେ ରବିବାର ସଡ଼କ ଦୁର୍ଘଟଣା ଘଟି ୨ ପରୀକ୍ଷାର୍ଥୀଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ଟାଉନ ଥାନା ଅଧୀନ ରାମଚନ୍ଦ୍ରପୁର ନିକଟରେ ତେଲ ବୋଝେଇ ଟ୍ୟାଙ୍କର ଏକ ବାଇକ୍‌କୁ ଧକ୍କା ଦେବାରୁ ପ୍ରାଣୀଧନ ନିରୀକ୍ଷକ ପରୀକ୍ଷା ଦେବାକୁ ଆସୁଥିବା ୨ଜଣ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ ହରିଚନ୍ଦନପୁର କମଳାଙ୍ଗି ଗ୍ରାମର ସଞ୍ଜୟ କୁମାର ମହାନ୍ତ(୩୨) ଓ ହୃଦାନନ୍ଦ ମହାନ୍ତ(୩୧)। ଏହି ଦୁଇ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ବାଇକ୍‌ରେ ଡିଏନ ହାଇସ୍କୁଲ କେନ୍ଦ୍ରକୁ ଯାଉଥିଲେ। ପାରାଦୀପ ଯାଉଥିବା ଏକ ଟ୍ୟାଙ୍କର ରାମଚନ୍ଦ୍ରପୁର ନିକଟରେ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସଞ୍ଜୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ହୃଦାନନ୍ଦଙ୍କ ମୃତ୍ୟୁ ହୋଇଥିଲା। ସେହିପରି ହରିଚନ୍ଦନପୁର ଥାନା ଅନ୍ତର୍ଗତ ତାଳଡିହି ଗ୍ରାମ ନିକଟ ଶରତସାହିଠାରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭୁବନେଶ୍ୱରର ନନ୍ଦ ଗୋପାଳ ପଣ୍ଡା। ଗୁରୁତର ଅବସ୍ଥାରେ କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଦେବାଂଶ

**କୃଷ୍ଣପ୍ରସାଦ,୨୬।୯(ଡି.ଏନ୍.ଏ.)** ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପାରିକୁଦ ଗଡ଼ର ୨ବର୍ଷ ୭ ମାସର ଦେବାଂଶ ପାତ୍ର ସ୍ଥାନ ପାଇଛନ୍ତି। ସେ ୪୦ଟି ପଶୁଙ୍କ ନାମ, ୪୮ ପକ୍ଷୀ, ୨୨ଯାନବାହନ, ୨୨ ଗାଡ଼ିର ଲୋଗୋ, ୩୫ ବିଶିଷ୍ଟ ବ୍ୟକ୍ତି, ୨୨ ଦେଶ, ୨୩ ଫଳ, ୨୭ ପନିପରିବା, ୨୦ କୀଟପତଙ୍ଗ, ୧୦ ସରୀସୃପ, ୧୬ ବାଦ୍ୟଯନ୍ତ୍ର, ୧୫ ଐତିହାସିକ ପୀଠ, ୨୬ ପ୍ରକାର ଖେଳ, ୧୨ ଜାତୀୟ ସଙ୍କେତ ନାମ, ୧୪ ପର୍ବପର୍ବାଣି, ୨୮ ରାଜ୍ୟର ରାଜଧାନୀର ନାମ କହିବା ସହ ଜାତୀୟ ସଙ୍ଗୀତ ଗାନ କରି ଏହି ସଫଳତା ହାସଲ କରିଛନ୍ତି। ଏହି ସଫଳତା ପରେ ଦେବାଶିଷ ପାତ୍ର ଓ ଦୀପ୍ତିମୟୀଙ୍କ ପୁଅ ଦେବାଂଶଙ୍କ ନିକଟକୁ ଶୁଭେଚ୍ଛାର ବାର୍ତ୍ତା ପହଞ୍ଚିବାରେ ଲାଗିଛି। ୧ବର୍ଷ ପରେ ଦେବାଂଶ ଯାହା ଦେଖୁଥିଲା କିମ୍ବା ଶୁଣୁଥିଲା ତାହା ମନେ ରଖିଦେଉଥିଲା ବୋଲି ତାଙ୍କ ମା' ଦୀପ୍ତିମୟୀ କହିଛନ୍ତି।



ଦେବାଂଶ ପାତ୍ର

## ଭାରତକୁ ହେରୋଇନ୍ କିପରି ଆସିଲା ପ୍ରଶ୍ନ କଲେ ନିରଞ୍ଜନ

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

୧ ଲକ୍ଷ ୯୭ ହଜାର କୋଟିର ହେରୋଇନ୍ ଭାରତ ଭିତରକୁ କିପରି ଆସିଲା ଏବଂ କାହା ମାଧ୍ୟମରେ ଆସିଲା ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରର ମୋଦି ସରକାର ଚୁପ୍ ଅଛନ୍ତି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ସେପ୍ଟେମ୍ବର ୧୫ ଗୁଜରାଟର ମୁନ୍ଦ୍ରା ବନ୍ଦରରେ ୩ ହଜାର କି.ଗ୍ରା. ହେରୋଇନ ଜବତ କରାଗଲା। ଏହାର ବଜାର ମୂଲ୍ୟ ପାଖାପାଖି ୨୧ ହଜାର କୋଟି ଟଙ୍କା ହେବ। ଠିକ୍ ସେହିଭଳି ଜୁନ୍‌ରେ ୨୫ ହଜାର କି.ଗ୍ରା. ହେରୋଇନ୍ ଟେଲକମ ପାଉଡର ଖଣ୍ଡ (ଦେହ ମଖା ପାଉଡର) ଆକାରରେ ଭାରତ ଭିତରକୁ ଆସିଥିବାର ସନ୍ଦେହ କରାଯାଉଛି; ଯାହାର ବଜାର ମୂଲ୍ୟ ୧ ଲକ୍ଷ ୭୫ ହଜାର କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଏ ପର୍ଯ୍ୟନ୍ତ ଏତେ ବଡ଼ ପରିମାଣରେ ହେରୋଇନ ପୃଥିବୀର କୌଣସି ବନ୍ଦରରେ କେବେହେଲେ ଜବତ କରାଯାଇ ନାହିଁ। ଏତେ ପରିମାଣରେ ହେରୋଇନ କେଉଁ ଦେଶରୁ ଆସିଲା ଏବଂ ଏହାର ରପ୍ତାନିକାରୀ କିଏ, ସେ ସଂସ୍ଥାର ନାମ କ'ଣ କୁହାଯାଉ। ଏହି ସମସ୍ତ ହେରୋଇନ୍ ଗୁଜରାଟର ଯେଉଁ ମୁନ୍ଦ୍ରା ପୋର୍ଟ ଦେଇ ଭାରତକୁ ପ୍ରବେଶ କରିଛି ଶିଳ୍ପପତି ଆଦାନୀ ଗ୍ରୁପ କମ୍ପାନୀ ଏହାକୁ ପରିଚାଳନା କରୁଛନ୍ତି। ଏତେ ପରିମାଣର ହେରୋଇନ ଭାରତ ଭିତରକୁ ପ୍ରବେଶ କରିବା ଏକ ବଡ଼ ଚିନ୍ତା ବୋଲି ନିରଞ୍ଜନ କହିଛନ୍ତି।

## ସାତବାଟିଆରୁ ମିଳିଲା ଦନ୍ତାର ମୃତଦେହ

**କଟକ ଅଫିସ,୨୬।୯**



- ମୁଣ୍ଡଳି ନିକଟରେ ଭାସି ଯାଇଥିଲା
- ଆଜି ହେବ ବ୍ୟବଚ୍ଛେଦ

କଟକ ମୁଣ୍ଡଳି ବ୍ୟାରେଜ ନିକଟରେ ପାଣି ସ୍ରୋତରେ ଭାସି ନିଖୋଜ ହୋଇଯାଇଥିବା ହାତୀର ମୃତଦେହ ଜଗତ୍‌ପୁରର ସାତବାଟିଆ ନିକଟରୁ ରବିବାର ଜବତ କରାଯାଇଛି। ସକାଳେ ଯୋବ୍ରା ବ୍ୟାରେଜର ୨୪ନଂ. ଗେଟ୍‌ରେ ମୃତ ହାତୀର ଗୋଡ ଦେଖିବାକୁ ମିଳିଥିଲା। ପରେ ଗେଟ୍ ଖୋଲାଯିବାରୁ ହାତୀ ଭାସି ଯାଇ ଜଗତପୁର ସାତବାଟିଆ ଅଞ୍ଚଳରେ ଲାଗିଥିଲା। ବନବିଭାଗ ରେଞ୍ଜର ଦୁର୍ଗାପ୍ରସାଦ ସାହୁ କହିଛନ୍ତି, ମୁଣ୍ଡଳିରୁ ଭାସି ଆସିଥିବା ହାତୀର ମୃତଦେହ ଠାବ କରାଯାଇଛି। ସନ୍ଧ୍ୟା ହୋଇଯିବାରୁ ହାତୀ ଉକ୍ତ ସ୍ଥାନରେ ରହିଛି। ସୋମବାର ବ୍ୟବଚ୍ଛେଦ ସହ ଦାନ୍ତ କଟାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ଆଠଗଡ଼ ସୁକାସନ ଜଙ୍ଗଲରୁ ୧୮ ଟିକିଆ ହାତୀ ପଲ ମହାନଦୀ ପାର ହୋଇ ଚନ୍ଦକା ଜଙ୍ଗଲକୁ ଆସୁଥିଲା। ୧୭ଟି ହାତୀ ନଦୀ ପାର୍ ହୋଇଯାଇଥିବାବେଳେ ଏକ ଦନ୍ତା ପାଣିରେ ଭାସିଯାଇ ମୁଣ୍ଡଳି ବ୍ୟାରେଜଠାରେ ଅଟକି ରହିଥିଲା। ଆଠଗଡ଼ ବନବିଭାଗ ଓ ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବାରୁ ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ ଫୋର୍ସ (ଓଡ୍ରାଫ୍) ଟିମ୍‌ର ସହାୟତା ନେଇଥିଲେ। ଆଠଗଡ଼, ଡମପଡ଼ା, ଚନ୍ଦକାର ବନ ଅଧିକାରୀଙ୍କ ସହ ବନ ବିଭାଗର ୧୦ ଜଣିଆ ବିଶେଷଜ୍ଞ ଦଳର ଉପସ୍ଥିତିରେ ଓଡ୍ରାଫ ଟିମ୍ ବୋଟ୍ ସହାୟତାରେ ଗଜ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ହେଲେ ଓଡ୍ରାଫ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଯବାନ ସୀତାରାମ ମୁର୍ମୁ ଏବଂ ଓଟିଭି ରିପୋର୍ଟର ଅରିନ୍ଦମ ଦାସଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ବିଳମ୍ବିତ ରାତିରେ ବନ ବିଭାଗ ନିଆଁହୁଳା ଦେଖାଇ ହାତୀକୁ ଘଉଡାଇବା ପାଇଁ ଚେଷ୍ଟା କରିଥିଲା। ହେଲେ ପରବର୍ତ୍ତୀ ସମୟରେ ହାତୀଟି ଭାସି ନିଖୋଜ ହୋଇଯାଇଥିଲା।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସୀତାରାମଙ୍କ ଶେଷକୃତ୍ୟ


ସିପାହି ସୀତାରାମଙ୍କୁ ଶେଷ ସମ୍ମାନ ପ୍ରଦର୍ଶନ କରାଯାଉଛି।

**ଠାକୁରମୁଣ୍ଡା,୨୬।୯(ଡି.ଏନ.ଏ.)**

କଟକ ମୁଣ୍ଡଳିଠାରେ ମହାନଦୀରେ ଫସି ରହିଥିବା ହାତୀକୁ ଉଦ୍ଧାର ସମୟରେ ବୋଟ୍ ଓଲଟି ମୃତ୍ୟୁବରଣ କରିଥିବା ଓଡ୍ରାଫ ଟିମ୍‌ର ସଦସ୍ୟ ସୀତାରାମ ମୁର୍ମୁଙ୍କ ଶେଷକୃତ୍ୟ ରବିବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ପାର୍ଥିବ ଶରୀର ଜନ୍ମମାଟି ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଉକେଇପାଳ ଗ୍ରାମ ମୁକ୍ତାଝୋରୀଠାରେ ପହଞ୍ଚିବା ପରେ ପୋଲିସ ପ୍ରଶାସନ ପକ୍ଷରୁ ତୋପ ସଲାମୀ ଦିଆଯାଇଥିଲା। କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ଏସ୍‌ପି କେ.ଆର.ଦ୍ୟାନଦେଓ, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଉପାଧ୍ୟକ୍ଷା ଜବାମଣି ଟୁଡୁ, ବିଡ଼ିଓ ଶ୍ୟାମସୁନ୍ଦର ଟୁଡୁ, ତହସିଲଦାର ଜୟକୃଷ୍ଣ ପାତ୍ର, ସରପଞ୍ଚ ଇନ୍ଦୁମତି ନାୟକ, ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ,ମହୁଲଡିହା ଥାନା ଆଇଆଇସି ରଞ୍ଜୁ ହାସିନା କୁଲୁଙ୍କ ସମେତ ସ୍ଥାନୀୟ ଲୋକେ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅପରାହ୍ନ ୧ଟା ସମୟରେ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟ ରୀତିନୀତି ଅନୁଯାୟୀ ସଂସ୍କାର କରାଯାଇଥିଲା। ସୀତାରାମଙ୍କ ୧୨ ବର୍ଷର ପୁଅ ଆଲୋକ ମୁର୍ମୁ ମୁଖାଗ୍ନି ଦେଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ସିପାହୀ ସୀତାରାମଙ୍କ ମରଶରୀର ଶନିବାର ବିଳମ୍ବିତ ରାତିରେ ପୋଲିସ୍ ଭ୍ୟାନ ଯୋଗେ ଉକେଇପାଳରେ ପହଞ୍ଚିଥିଲା। ଉଚିତ କ୍ଷତିପୂରଣ, ଶହୀଦର ମାନ୍ୟତା ଓ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସଂସ୍କାର କରିବାକୁ ଦାବି କରି ସୀତାରାମଙ୍କ ପରିବାର ଲୋକେ ମରଶରୀର ଗ୍ରହଣ କରି ନ ଥିଲେ। ଏସ୍‌ପି ଦ୍ୟାନଦେଓ ପହଞ୍ଚି ଆଲୋଚନା କରିବା ପରେ ପରିବାର ଲୋକେ ମୃତଦେହ ଗ୍ରହଣ କରିଥିଲେ। ପରେ ପାର୍ଥିବ ଶରୀରକୁ ପରିବାର ଲୋକେ, ସ୍ଥାନୀୟ ଜନସାଧାରଣଙ୍କ ସହ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଏକ ଶୋଭାଯାତ୍ରାରେ ନେଇ ସଂସ୍କାରସ୍ଥଳୀରେ ପହଞ୍ଚାଇଥିଲେ।




**ବିକ୍ରୟ ନୋଟିସ କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା**

ସୁବର୍ଣ୍ଣ ସୁଯୋଗ!!!

ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ ଅଧୀନରେ
**କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍** (ପରିସମାପନାଧୀନ)ର
ବିକ୍ରୟ ନୋଟିସରେ ନିଲାମ ବିଡ୍ ଆମନ୍ତ୍ରଣ କରାଯାଉଛି
**ଇ-ନିଲାମର ତାରିଖ ଓ ସମୟ: ୬ ଡିସେମ୍ବର, ୨୦୨୧ ପୂର୍ବାହ୍ନ ୧୧ରୁ ଅପରାହ୍ନ ୫ ଘଟିକା**

ମେସର୍ସ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍ (ପରିସମାପନାଧୀନ)ର ପରିସମ୍ପତ୍ତିଗୁଡ଼ିକର "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ" ଏବଂ "ବିନା ଅବଲମ୍ବନ ଭିତ୍ତିରେ" ଇ-ନିଲାମ ବିକ୍ରୟ।

| ଇ-ନିଲାମର ତାରିଖ | ବ୍ୟବସାୟ / ପରିସମ୍ପତ୍ତିର ପ୍ରକୃତି | ସଂରକ୍ଷିତ ମୂଲ୍ୟ (ଆଇଏନ୍‌ଆର୍) | ଅମାନତ ଜମା ରାଶି (ଆଇଏନ୍‌ଆର୍) | ବୃଦ୍ଧିଶୀଳ ବିଡ୍ ପରିମାଣ (ଆଇଏନ୍‌ଆର୍) |
|---|---|---|---|---|
| ୬ ଡିସେମ୍ବର ୨୦୨୧ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ | ୧,୦୩,୪୧,୦୦,୦୦୦ (ଶହେ ତିନି କୋଟି ଏକଚାଳିଶ ଲକ୍ଷ ଟଙ୍କା ମାତ୍ର) | ୩,୫୦,୦୦,୦୦୦ (ତିନି କୋଟି ପଚାଶ ଲକ୍ଷ ଟଙ୍କା ମାତ୍ର) | ୫୦,୦୦,୦୦୦ (ପଚାଶ ଲକ୍ଷ ଟଙ୍କା ମାତ୍ର) |

ପ୍ରମୁଖ ବୈଶିଷ୍ଟ୍ୟାବଳୀ: ୧. ଏହି ୟୁନିଟ୍ କଟକ ନିକଟରେ ରାସ୍ତାପାର୍ଶ୍ୱରେ ଅବସ୍ଥିତ। ୨. ଏହି ୟୁନିଟ୍ ରାଧାକିଶୋରପୁର ରେଳ ଷ୍ଟେଶନର ଖୁବ୍ ନିକଟରେ ଅବସ୍ଥିତ। ୩. ସମ୍ଭାବ୍ୟ ନିବେଶକ ଯଦି ଆବଶ୍ୟକ କରନ୍ତି, ତେବେ ପ୍ଲାଣ୍ଟରେ ରେଲୱେ ସାଇଡିଂର ଲେୟିଂ ପୂର୍ବତଟ ରେଳପଥରୁ ପହଞ୍ଚଯୋଗ୍ୟ ଅଟେ। ୪. ସମର୍ପିତ ୩୩ କେଭି ଲାଇନ୍ ମାଧ୍ୟମରେ ବିଦ୍ୟୁତ ଯୋଗାଣ ସୁବିଧା ଉପଲବ୍ଧ।

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ:
୧. ପରିସମ୍ପତ୍ତି, ସମ୍ପତ୍ତି ଇତ୍ୟାଦିର ବର୍ଣ୍ଣନା ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜରେ ପ୍ରଦାନ କରାଯାଇଛି।
୨. ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ସମ୍ପୂର୍ଣ୍ଣ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ନିମ୍ନଲିଖିତ ୱେବସାଇଟ୍‌ରେ ଉପଲବ୍ଧ: www.kgsip.com, www.kvknilachalpower.com, https://right2vote.in ଇ-ମେଲ: kvknilachalkgs2019@gmail.com
୩. ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ ନିମନ୍ତେ ଇ-ନିଲାମ ୬ ଡିସେମ୍ବର, ୨୦୨୧ ଦିନ ସଞ୍ଚାଳନ ହେବ।
୪. କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଅଫର(ଗୁଡ଼ିକୁ) ଗ୍ରହଣ କରିବା, ଖାରଜ କରିବା କିମ୍ବା ଇ-ନିଲାମକୁ ମୁଲତବୀ/ସ୍ଥଗିତ ରଖିବା/ବାତିଲ କରିବା ଅଥବା ଯେକୌଣସି ପର୍ଯ୍ୟାୟରେ ନିଲାମ ପ୍ରକ୍ରିୟାରୁ ଯେକୌଣସି ସମ୍ପତ୍ତି କିମ୍ବା ତାହାର ଅଂଶକୁ ପ୍ରତ୍ୟାହାର କରିବାର ନିରଙ୍କୁଶ ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ।

ସ୍ୱା./- ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୨୬/୨୦୧୭-୧୮/୧୦୯୫୧
କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍, ଠିକଣା: ୩/୧୫, ୪ର୍ଥ ମହଲା, ଆସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨
ଇମେଲ୍ ଆଇଡି kvknilachalkgs2019@gmail.com, ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୨୬୨, ୦୧୧-୨୩୨୭୭୬୭୭, ୯୩୧୩୧୦୨୫୫୨

**ଆଜିର ମନ୍ତବ୍ୟ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତିସଂଘରେ ସମ୍ବୋଧିତ କରୁଥିବାବେଳେ ମାତ୍ର କିଛି ସିଟ୍ ପୂରଣ ହୋଇଥିଲା । ମୋଦିଙ୍କ ଉଦ୍‌ବୋଧନ ପରେ କେହି ତାଳି ମଧ୍ୟ ମାରି ନ ଥିଲେ । ଏହା ମୋତେ ବହୁତ ନିରାଶ କରିଛି ।
–ପି. ଚିଦାମ୍ବରମ୍, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରୂପ୍ ରତନ୍
ପରିବାରବର୍ଗ


ଶ୍ରେୟସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

# ଏମ୍ସରେ ସ୍ଥାପନ ହେବ 'ବ୍ରେନ୍ ବ୍ୟାଙ୍କ୍'

**ଭୁବନେଶ୍ୱର, ୨୬।୯(ବ୍ୟୁରୋ)**



ଭୁବନେଶ୍ୱର ଏମ୍ସ ପରିସରରେ ଖୁବ୍‌ଶୀଘ୍ର ଏକ 'ବ୍ରେନ୍ ବ୍ୟାଙ୍କ୍' ସ୍ଥାପନ କରାଯିବ । ଏ ନେଇ ରବିବାର ଏମ୍ସ ନିର୍ଦ୍ଦେଶିକା ପ୍ରଫେସର ଗୀତାଞ୍ଜଳି ବ୍ୟାଟମାନବେନ ସୂଚନା ଦେଇଛନ୍ତି । ସେ କହିଛନ୍ତି, ପୂର୍ବାଞ୍ଚଳରେ ଏହା ପ୍ରଥମ ହେବ ଏବଂ ସ୍ନାୟୁ ବିଜ୍ଞାନରେ ଗବେଷଣା ବୃଦ୍ଧିରେ ସହାୟକ ହେବ । ତେବେ ଏମ୍ସ ଭୁବନେଶ୍ୱରର ପାଥୋଲୋଜି ଓ ଲାବୋରେଟୋରୀ ମେଡିସିନ ବିଭାଗ ଏହି ସାଟେଲାଇଟ୍ ବ୍ରେନ୍ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ ନ୍ୟୁରୋ ସାଇନ୍ସେସ୍ (NIM-HANS) ସହଯୋଗରେ ଇଣ୍ଡିଆନ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍)ଠାରୁ ଅର୍ଥ ଗ୍ରହଣ କରିଛି । ସୂଚନାଯୋଗ୍ୟ, ଏହି ବ୍ରେନ୍ ବ୍ୟାଙ୍କରେ ମୃତ ବ୍ୟକ୍ତିଙ୍କ ମସ୍ତିଷ୍କ ସଂଗ୍ରହ ସହ ସଂରକ୍ଷଣ ରଖାଯିବ ।

# ସରକାର ଭିତ୍ତିଭୂମି, କର୍ପସ ପାଣ୍ଠି ବୃଦ୍ଧି କରନ୍ତୁ

## ଅଲ୍ ଓଡ଼ିଶା ବାର୍ ଆସୋସିଏଶନ ସଭାପତି, ସମ୍ପାଦକ ବୈଠକ

**ବଲାଙ୍ଗୀର ଅଫିସ, ୨୬।୯**


ବୈଠକରେ ମଞ୍ଚାସୀନ ଅତିଥି ।

ବଲାଙ୍ଗୀର ସିଭିଲ କୋର୍ଟ ବାର୍ ହଲ୍‌ଠାରେ ରବିବାର ଅଲ୍ ଓଡ଼ିଶା ବାର୍ ଆସୋସିଏଶନ ସଭାପତି ଓ ସମ୍ପାଦକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟର ପ୍ରାୟ ସମସ୍ତ ଜିଲାର ବାର୍ ଆସୋସିଏଶନ ସଭାପତି ଓ ସମ୍ପାଦକ ଯୋଗଦେଇ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ । ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ଆୟୋଜିତ ଏହି ବୈଠକରେ ରାଜ୍ୟର ଓକିଲମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ତଥା ବାର୍ ଆସୋସିଏଶନଗୁଡ଼ିକର ଭିତ୍ତିଭୂମି ବୃଦ୍ଧି ଦିଗରେ ଆଲୋଚନା ହୋଇଥିଲା ।

ସରକାର ଡାକ୍ତର, ନର୍ସ, ପୋଲିସ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆଗଧାଡ଼ିର କରୋନା ଯୋଦ୍ଧା ଭାବେ ଘୋଷଣା କରି ଆର୍ଥିକ ସହାୟତା ବ୍ୟବସ୍ଥା କରଛନ୍ତି । ହେଲେ ଓକିଲମାନଙ୍କ ପାଇଁ କୌଣସି ସହାୟତା ଘୋଷଣା କରି ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ବରିଷ୍ଠ ଆଇନଜୀବୀ ରାଖାଲ ନନ୍ଦ ପ୍ରାରମ୍ଭିକ ବକ୍ତବ୍ୟ ରଖି କରୋନା କାଳରେ ବୃତ୍ତିଗତ କ୍ଷେତ୍ରରେ ଓକିଲମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବଲାଙ୍ଗୀର ବାର୍ ଆସୋସିଏଶନ ସଭାପତି ପ୍ରବୀଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଭୁବନେଶ୍ୱର ଓକିଲ ସଂଘ ସଭାପତି ତଥା ଅଲ୍ ଓଡ଼ିଶା ବାର୍ ଆସୋସିଏଶନ ଆବାହକ ନିର୍ମଳ ରଥ ସଂଯୋଜନା କରିଥିଲେ । ସରକାର ସାଧାରଣ ଲୋକଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ ଯୋଜନା ପ୍ରଣୟନ କରିଥିବା ବେଳେ ଓକିଲମାନଙ୍କ ପାଇଁ କାହିଁକି ସ୍ୱାସ୍ଥ୍ୟ ବୀମା ଯୋଜନା କରାଯିବ ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ । ଓକିଲମାନଙ୍କ ପାଇଁ ସରକାର ତାଙ୍କର କର୍ପସ ଫଣ୍ଡକୁ ବୃଦ୍ଧି କରିବା ପାଇଁ ବୈଠକରେ ଦାବି କରାଯାଇଥିଲା । ରାଜ୍ୟର ବିଭିନ୍ନ ଓକିଲ ସଂଘର ନିଜସ୍ୱ କାର୍ଯ୍ୟାଳୟ ନାହିଁ । ଅନେକ ସଂଘର ଦୁର୍ବଳ ଭିତ୍ତିଭୂମି ରହିଛି । ଏକ୍ଷେତ୍ରରେ ସରକାରଙ୍କ ଉଦାସୀନତା ଓକିଲମାନଙ୍କ କାର୍ଯ୍ୟଦକ୍ଷତାରେ ବାଧା ସୃଷ୍ଟି କରୁଛି ବୋଲି ଆଡଭୋକେଟ୍ ରଥ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବାର୍ ଆସୋସିଏଶନ ସଭାପତି ପ୍ରମୋଦ ରଥ, ରାଉରକେଲା ବାର୍ ଆସୋସିଏଶନ ସଭାପତି ରମେଶ ଚନ୍ଦ୍ର ବଳ, ଝାରସୁଗୁଡା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଖୁଆସ, ସୋନପୁର ଓକିଲ ସଂଘ ସଭାପତି ବିଧାନ ଚରଣ ପାଣିଗ୍ରାହୀ, ଭୁବନେଶ୍ୱର ଓକିଲ ସଂଘ ସମ୍ପାଦକ ରାଜକିଶୋର ଦାସ, କେନ୍ଦୁଝର ବାର୍ ଆସୋସିଏଶନ ସଭାପତି ଆଶିଷ ଚକ୍ରବର୍ତ୍ତୀ, ଫୁଲବାଣୀ ବାର୍ ଆସୋସିଏଶନ ସଭାପତି ସିଦ୍ଧେଶ୍ୱର ଦାସ ବକ୍ତବ୍ୟ ରଖିଥିଲେ । ଆସନ୍ତା ୧ ତାରିଖ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ଭର୍ଚ୍ଚୁଆଲ ମିଟିଂରେ କାର୍ଯ୍ୟରତ ଓକିଲମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । କାର୍ଯ୍ୟରତ ଓକିଲମାନଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ବୈଠକରେ ନିନ୍ଦା କରାଯିବା ସହ ଓକିଲ ମାନଙ୍କ ଏକତା ଓ ଅଖଣ୍ଡତାକୁ ଅକ୍ଷୁଣ୍ଣ ରଖିବା ପାଇଁ ଆହ୍ୱାନ ଦିଆଯାଇଥିଲା । ଏଥିସହ ତୁରନ୍ତ କାଉନସିଲ ନିର୍ବାଚନ କରାଯାଉ ବୋଲି ରାଜ୍ୟର ସମସ୍ତ ଓକିଲ ସଂଘ ଦାବି କରିଥିଲା । ପରେ ରାଜ୍ୟର ୧୬ଟି ଜିଲାର ଓକିଲ ସଂଘ ସଭାପତିମାନଙ୍କୁ ନେଇ ଏକ ଆହ୍ୱାନ କମିଟି ଓ ୬ ଜିଲାର ସମ୍ପାଦକଙ୍କୁ ନେଇ ଆଉ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ସମ୍ପାଦକ ଅମନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।


# classifieds

**Everyday**
**0674-2580101, 2549302**




## SALE

ମାସିକ ମାତ୍ର **3690/-** ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ । 9040744989 D-71711

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9348232008. D-21774

**Half Acre Land for Sale at Balikhand Market Main Road to 0.5 Km, Ranitel to 7 Km Bhadrak to 13Km. Interested Person can contact: 9397357013.** D-21690

ଭୁବନେଶ୍ୱର **Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **boundary, electricity, gated society**ରେ **plot** କିଣି **immediate** ଘର କରନ୍ତୁ । **9437005434.** D-70898

## PURCHASE

Simplex/ Duplex/ Apartment ପାଇଁ Bhubaneswarରେ ଏକ reputed Real Estate company ପାଇଁ Simplex/ Duplex/ Apartment କରିବା ପାଇଁ ଜମି ଦରକାର । (Joint Venture/ Sharing Basis) ଜମି BDA, BMC, BDO, CDA underରେ ଆସୁଥିବା ଦରକାର । ଇଚ୍ଛୁକ ଜମି ମାଲିକ / broker ସମ୍ପର୍କ କରନ୍ତୁ । Contact: 9937889778. D-71165




**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

Supervision of residential and other building constructions by experienced civil engineer also construction on contract. Mob: 8144815298. D-21750




Ashirvaad Salon and SPA get good massage for your health tha best therapy. 7077181074. D-70487

Monalisa massage Club: All types Body massage with hiprofile smart lady rooms service available. 9708545108. D-21775

Swarna SPA newly open positively health benefits with expert therapist. 9556978408. D-71162

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**Refreshing your mind, your body with tha best therapy at Lotus Spa. 8018891951.** D-70488

Newly Open Saikrupa Panchakarma Spa positively health benefits with Expert. 8984068077. D-21717

Newly open full body massage ladies and gents. 8327740003. D-70486




Medical registration BAMS, BHMS, BUMS, BDS, BPT, ANM, GNM, DPharma, Dental, Hygiene, DHMS, DAMS, DUMS only SMS/ Whatsapp. 9893869473 (only practitioners). D-71167


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ । ରଙ୍ଗୀନ ଟ୪୨୦/–ରେ । (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ ।**

## ପ୍ରଥମ ପୃଷ୍ଠାରୁ...

### ଭିତ୍ତିଭୂମି ବିକାଶରେ ...

ପ୍ରସ୍ତୁତ ଏବଂ ପ୍ରଭାବିତ ଅଞ୍ଚଳରେ ରାସ୍ତା, ସ୍କୁଲ, ବ୍ରିଜ୍ ଓ ହସ୍ପିଟାଲ ନିର୍ମାଣ ଭଳି ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଥିଲା ଏହି ବୈଠକର ମୁଖ୍ୟ କାର୍ଯ୍ୟସୂଚୀ । ଲାଲ ବାହିନୀକୁ ଆସୁଥିବା ପାଣ୍ଠିର ଉତ୍ସକୁ ବନ୍ଦ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି), ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଏବଂ ରାଜ୍ୟ ପୋଲିସ ମଧ୍ୟରେ ସମନ୍ୱୟ ରଖିବା ନେଇ ମଧ୍ୟ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା । ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୈଠକକୁ ସମ୍ବୋଧିତ କରି କହିଥିଲେ, ବାମପନ୍ଥୀ ଉଗ୍ରବାଦ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ । ଦୁଇବର୍ଷ ହେଲା କୋଭିଡ୍-୧୯ ମହାମାରୀ ବିରୋଧରେ ସଂଗ୍ରାମ ଜାରି ରହିଥିବାବେଳେ ଓଡ଼ିଶା ମାଓବାଦୀଙ୍କ କାର୍ଯ୍ୟକଳାପକୁ ସଫଳତାର ସହ ରୋକିବାରେ ସକ୍ଷମ ହୋଇଛି । ପୂର୍ବରୁ ରାଜ୍ୟର ୭୦% ଅଞ୍ଚଳରେ ମାଓବାଦୀ ସକ୍ରିୟ ଥିବାବେଳେ ଏବେ ମାତ୍ର ୩ଟି ଜିଲାର କିଛି ଅଞ୍ଚଳରେ ସେମାନଙ୍କ ପ୍ରଭାବ ରହିଛି । ଅର୍ଥନୈତିକ ସମୃଦ୍ଧି ହେଉଛି ବାମପନ୍ଥୀ ଉଗ୍ରବାଦ ବିରୋଧରେ ଉପଯୁକ୍ତ ପଦକ୍ଷେପ । ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିଲେ ଲାଲ ଆତଙ୍କର ମୂଳପୋଛ ସମ୍ଭବ । ଏଥିଲାଗି ଜାତୀୟ ରାଜପଥ ନମ୍ବର ୩୨୬ର ମାଲକାନଗିରିରୁ ଭଦ୍ରାଚଳମ୍ ଦେଇ ଜୟପୁରଠାରୁ ମୋଟୁ ପର୍ଯ୍ୟନ୍ତ ରାସ୍ତାକୁ ଚାରିଥାକିଆ କରାଯାଉ । ଏହାଦ୍ୱାରା ପୂର୍ବ ଭାରତରୁ ବାଙ୍ଗାଲୋର ଓ ହାଇଦ୍ରାବାଦ ଭଳି ସହରକୁ ଯାତାୟାତ ସୁବିଧା ହେବ । ଯାତ୍ରା ସମୟ ହ୍ରାସ ସହ ଏହି ଅଞ୍ଚଳର ବିକାଶରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ରେଳ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ସହଭାଗିତାରେ ଜୟପୁରଠାରୁ ନବରଙ୍ଗପୁର ଏବଂ ମାଲକାନଗିରି ପର୍ଯ୍ୟନ୍ତ ଦୁଇଟି ରେଲଲାଇନ୍ ନିର୍ମାଣ କରାଯାଉଛି । ରେଳପଥ ନ ଥିବା ମାଲକାନଗିରିରୁ ଭଦ୍ରାଚଳମ୍ ଏବଂ ନବରଙ୍ଗପୁରରୁ ଜୁନାଗଡ଼ ମଧ୍ୟରେ ରାସ୍ତା ଏକ ବିକାଶୋନ୍ମୁଖୀ ବିକଳ୍ପ ଦେବ ଏବଂ ଏହି ଅଞ୍ଚଳଗୁଡ଼ିକର ଆର୍ଥିକ ବିକାଶରେ ସହାୟକ ହେବ । ଓଡ଼ିଶାର ୬୨୭୮ ଗ୍ରାମରେ ମୋବାଇଲ୍ ସେବା ଉପଲବ୍ଧ ନାହିଁ । ରାଜ୍ୟରେ ୨୦୦୦ରୁ ଅଧିକ ମୋବାଇଲ ଷ୍ଟେଶନ ଆବଶ୍ୟକ । ବ୍ୟାଙ୍କିଙ୍ଗ୍ ପରି ମୌଳିକ ସେବା ପାଇବା ପାଇଁ ସମସ୍ତ ସ୍ଥାନରେ ୪ଜି ମୋବାଇଲ୍ ବେସ୍ ଷ୍ଟେଶନ୍ ଜରୁରୀ । ବ୍ୟାଙ୍କ ଶାଖା ସ୍ଥାପନ ନିମନ୍ତେ ରାଜ୍ୟ ସରକାର ଜମି, ଘର ଆଦି ବିନାମୂଲ୍ୟରେ ଯୋଗାଇଦେବେ । ଦେଶର ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳଗୁଡ଼ିକର କେତେ ପିଲା ନିଟ୍, ଆଇଆଇଟି, ଜେଇଇ ପରି ଜାତୀୟ ସ୍ତରୀୟ ପରୀକ୍ଷାରେ କୃତକାର୍ଯ୍ୟ ହେଉଛନ୍ତି ସେ ସମ୍ବନ୍ଧରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧ୍ୟୟନ କରିବା ଆବଶ୍ୟକ । ଆମ ବ୍ୟବସ୍ଥା ଏହିସବୁ ଅଞ୍ଚଳରେ ନ ପହଞ୍ଚିଲେ ଲୋକଙ୍କ ଉପକାର ହେବ ନାହିଁ ବୋଲି ସେ କହିଛନ୍ତି ।

ସୂତ୍ରରୁ ମିଳିଥିବା ସୂଚନାନୁସାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଉକ୍ତ ବୈଠକରେ ଅଧ୍ୟକ୍ଷତା କରି ଲାଲ ଆତଙ୍କ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ସକାଶେ ରଣନୀତି ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବୈଠକ ଦୁଇଟି ପର୍ଯ୍ୟାୟରେ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ପ୍ରଭାବଶାଳୀ ଢଙ୍ଗରେ ମାଓବାଦର ଦମନ ପାଇଁ ଅପରେଶନର ରଣନୀତି ଉପରେ ଆଲୋଚନା ହୋଇଥିଲା । ଏହାସହ ମାଓବାଦୀ ବିରୋଧୀ ଅପରେଶନରେ ସହଯୋଗ କରିବା ପାଇଁ ରାଜ୍ୟଗୁଡ଼ିକୁ ଅନୁରୋଧ କରାଯାଇଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା । ସ୍ଥାନୀୟ ପ୍ରସଙ୍ଗକୁ ନେଇ କେତେକ ରାଜ୍ୟ କେନ୍ଦ୍ର ସରକାରଙ୍କୁ ମାଓବାଦୀ ବିରୋଧୀ ଲଢ଼େଇରେ ସହଯୋଗ କରୁ ନାହାନ୍ତି । ତେଣୁ କେନ୍ଦ୍ର ସରକାର ସୁନିୟୋଜିତ ଢଙ୍ଗରେ ଅପରେଶନ ଚଳାଇବା ଲାଗି ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ସହଯୋଗ ମାଗିଥିବା କୁହାଯାଇଛି । ମାଓବାଦୀ ପ୍ରଭାବିତ ଜିଲାଗୁଡ଼ିକରେ କେନ୍ଦ୍ର ପକ୍ଷରୁ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା ଏବଂ ଗ୍ରାମପଞ୍ଚାୟତଗୁଡ଼ିକରେ ଡାକଘର ସେବାକୁ ସୁନିଶ୍ଚିତ କରିବା ନେଇ କେନ୍ଦ୍ର ପକ୍ଷରୁ ଯୋଜନା ହୋଇଛି । ବୈଠକକୁ ୧୦ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଏଥିରେ ସାମିଲ ହୋଇଥିବା ଅନ୍ୟ ମୁଖ୍ୟମନ୍ତ୍ରୀମାନେ ହେଲେ ଉଦ୍ଧବ ଠାକ୍‌ରେ(ମହାରାଷ୍ଟ୍ର), ଶିବରାଜ ସିଂ ଚୌହାନ(ମଧ୍ୟପ୍ରଦେଶ), ନୀତୀଶ କୁମାର(ବିହାର), କେ. ଚନ୍ଦ୍ରଶେଖର ରାଓ(ତେଲଙ୍ଗାନା) ଓ ହେମନ୍ତ ସୋରେନ(ଝାଡ଼ଖଣ୍ଡ) । ହେଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀ, କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯୋଗଦେଇ ନ ଥିଲେ । ତେବେ ଏହିସବୁ ୪ ରାଜ୍ୟର ବରିଷ୍ଠ ଅଧିକାରୀମାନେ ବୈଠକରେ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଗିରିରାଜ କିଶୋର, ଅର୍ଜୁନ ମୁଣ୍ଡା, ନିତ୍ୟାନନ୍ଦ ରାୟଙ୍କ ସମେତ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ଓ ଗୋଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ ଅରବିନ୍ଦ କୁମାର ମଧ୍ୟ ଏଥିରେ ଯୋଗଦେଇଥିଲେ ।

### ବାତ୍ୟା ଭୟ ...

ରବିବାର ସନ୍ଧ୍ୟା ୬ଟାରେ 'ଗୁଲାବ'ର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହେବା ପରେ ବି ବର୍ଷା, ପବନ ସେପରି ଅଧିକ ନ ଥିଲା । ଅଧିକ ପ୍ରଭାବିତ ହେବାକୁ ଥିବା ଗଞ୍ଜାମ ଓ ଗଜପତି ଜିଲାରେ ମଧ୍ୟ ସେହି ପରିମାଣରେ ବର୍ଷା ହୋଇ ନ ଥିଲା । ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରିଥିଲେ । ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ରବିବାର ସନ୍ଧ୍ୟା ସୁଦ୍ଧା ୧୬ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା । ଏମାନଙ୍କ ମଧ୍ୟରେ ୬୦୦ ଗର୍ଭବତୀ, ବୃଦ୍ଧ ଓ ଦିବ୍ୟାଙ୍ଗ ଥିଲେ । ସେହିପରି ଗୋପାଳପୁର ବନ୍ଦର ପାଇଁ ୭ ନଂ. ବିପଦ ସଙ୍କେତ, ପୁରୀ ଲାଗି ୬ ଓ ପାରାଦୀପ ଏବଂ ଧାମରା ବନ୍ଦରଗୁଡ଼ିକ ପାଇଁ ୩ ନଂ. ବିପଦ ସଙ୍କେତ ଜାରି କରାଯାଇଥିଲା । ପୂର୍ବ ଆକଳନ ଅନୁସାରେ, ରବିବାର ସନ୍ଧ୍ୟା ୬ଟାରୁ 'ଗୁଲାବ'ର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପ୍ରାୟ ୩ ଘଣ୍ଟା ଧରି ଏହି ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଜାରି ରହିଥିଲା । ରାତି ୯ଟାରୁ ସାଢ଼େ ୯ଟା ମଧ୍ୟରେ ଆନ୍ଧ୍ରପ୍ରଦେଶର କଳିଙ୍ଗପଟନମ୍‌ଠାରୁ ୨୫ କିମି ଦୂର ଟେକାଲି ଓ ମୋରିଗୁଡ଼ା ମଝିରେ ଲ୍ୟାଣ୍ଡଫଲ୍ କରିଥିବା ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ପ୍ରଦୀପ କୁମାର ଜେନା ସୂଚନା ଦେଇଥିଲେ । ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହେବା ପରେ ଗଜପତି ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା । ଏହାସହ ୩୦ରୁ ୪୦ କି.ମି. ବେଗରେ ପବନ ବହିଥିଲା । ଗଞ୍ଜାମ, ରାୟଗଡ଼ା, କଳାହାଣ୍ଡି ସମେତ ଆଖପାଖ ଜିଲାରେ ସାମାନ୍ୟ ବର୍ଷା ଲାଗି ରହିଥିଲା । ସେହିପରି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଥିଲେ, ବାତ୍ୟାର କ୍ଲାଉଡ୍ ବ୍ୟାଣ୍ଡ ଆନ୍ଧ୍ରପ୍ରଦେଶର ଉତ୍ତର ଉପକୂଳ ଓ ଓଡ଼ିଶାର ଦକ୍ଷିଣ ଉପକୂଳକୁ ଛୁଇଁବାବେଳେ ପୁରୀରେ ଘଣ୍ଟା ପ୍ରତି ୩୧ କି.ମି. ଓ ଗୋପାଳପୁରରେ ଘଣ୍ଟା ପ୍ରତି ୨୬ କି.ମି. ବେଗରେ ପବନ ବହୁଥିଲା । ତେବେ ଲ୍ୟାଣ୍ଡଫଲ୍ ସମୟରେ ପବନର ବେଗ ଅଧିକ ରହିଥିଲା । ତେବେ ସୋମବାର ପୂର୍ବାହ୍ନ ସୁଦ୍ଧା ବାତ୍ୟା 'ଗୁଲାବ' ଓଡ଼ିଶା ଅତିକ୍ରମ କରିବ । ତେଣୁ ସୋମବାର ମଧ୍ୟାହ୍ନ ଯାଏ ସତର୍କ ରହିବାକୁ ଏସ୍ଆର୍‌ସି ପରାମର୍ଶ ଦେଇଛନ୍ତି । ସେପଟେ ବର୍ଷା ଯୋଗୁ ରବିବାର ଅପରାହ୍ନରେ ଗଜପତି ଜିଲାର ଗୁମ୍ମା ବ୍ଲକ୍‌ର ନାମନଗଡ଼ରୁ ଅଜୟଗଡ଼ ମଧ୍ୟରେ ମାଟି ଅତଡ଼ା ଧସି ରାସ୍ତା ଅବରୋଧ ହୋଇଥିଲା । ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ଜିଲା ପ୍ରଶାସନ ଓ ରେସ୍କ୍ୟୁ ଟିମ୍ ପହଞ୍ଚି ରାସ୍ତାକୁ ସିଲ୍ କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଇପାଙ୍କା ଅଞ୍ଚଳର ପାହାଡ଼ ତଳେ ବସବାସ କରୁଥିବା ଗ୍ରାମବାସୀଙ୍କୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀକୁ ନିଆଯାଇଥିଲା । ପ୍ରଶାସନର ନିର୍ଦ୍ଦେଶକ୍ରମେ ରାଇପାଙ୍କା ପଞ୍ଚାୟତର ରାଇପାଙ୍କା ଗାଁ ସମେତ କଡ଼କଡ଼ମା, ମାନ୍ଦ୍ରାବାଜୁ ଗାଁର ପ୍ରାୟ ୫୦ ପରିବାରକୁ ସ୍ଥାନାନ୍ତର କରାଯାଇଥିଲା ।

### ଆଜି ଭାରତ ...

ବନ୍ଦ ରଖାଯାଇଛି । କଂଗ୍ରେସ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନଠାରେ ବନ୍ଦ ପାଳନ କରିବାକୁ ଯୋଜନା ରଖିଥିବାବେଳେ ସବୁ ଜିଲା ସଭାପତି ଏହାକୁ ଠିକ୍‌ରେ ପାଳିବା ଲାଗି ସେମାନଙ୍କୁ ମଧ୍ୟ ଚିଠି କରାଯାଇଛି । ବିଭିନ୍ନ ସାମାଜିକ ସଂଗଠନ ଏବଂ ରାଜନୈତିକ ଦଳ ବନ୍ଦକୁ ସମର୍ଥନ ଜଣାଇଛନ୍ତି । ବିରୋଧୀ ଦଳ କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି, ୱାଇଏସ୍ଆର୍‌ସି, ଡିଏମ୍‌କେ, ତେଲୁଗୁ ଦେଶମ୍ ପାର୍ଟି, ବାମଦଳ, ବିଏସ୍‌ପି, ଆର୍‌ଜେଡି ପ୍ରମୁଖ ବନ୍ଦକୁ ସମର୍ଥନ ଜଣାଇଛନ୍ତି । କେରଳ, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ସରକାର ଦେଶବ୍ୟାପୀ ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ କରିବାକୁ ଘୋଷଣା କରିଛନ୍ତି । ୨୬ ମଧ୍ୟରାତ୍ରରୁ ୨୭ ତାରିଖ ଅପରାହ୍ନ ପର୍ଯ୍ୟନ୍ତ ଏପିଏସ୍ଆର୍‌ଟିସି ବସ୍ ଚଳାଚଳ ବନ୍ଦ ରଖିବାକୁ ଆନ୍ଧ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ସେହିପରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଏବଂ ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ବନ୍ଦରେ ସାମିଲ ହେବାକୁ ଘୋଷଣା କରିଛନ୍ତି । ଏହାବ୍ୟତୀତ ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର ମହାସଂଘ ମଧ୍ୟ ବନ୍ଦକୁ ସମର୍ଥନ ଜଣାଇଛି । ସରକାର ଚାଷୀମାନଙ୍କ ସହ ଆଲୋଚନା କରି କୃଷି ଆଇନକୁ ନେଇ ସୃଷ୍ଟ ଅଚଳାବସ୍ଥା ଦୂର କରିବା ପାଇଁ ମହାସଂଘ ପରାମର୍ଶ ଦେଇଛି । ବନ୍ଦ ପାଳନକୁ ନେଇ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି । ଆନ୍ଦୋଳନସ୍ଥଳରୁ କୌଣସି ବିକ୍ଷୋଭକାରୀ ଚାଷୀଙ୍କୁ ଦିଲ୍ଲୀରେ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ପୋଲିସ କହିଛି । ଅନ୍ୟପକ୍ଷରେ ବନ୍ଦକୁ ନେଇ ବାଣିଜ୍ୟ, କ୍ଷୁଦ୍ର ଶିଳ୍ପସଂସ୍ଥା, ଦୋକାନୀମାନଙ୍କର କିଛି କରିବାର ନାହିଁ ବୋଲି ଭାରତୀୟ ଉଦ୍ୟୋଗ ବ୍ୟାପାର ମଣ୍ଡଳ କହିଛି । ମୁଷ୍ଟିମେୟ ତଥାକଥିତ ଚାଷୀଙ୍କ ଦ୍ୱାରା ବନ୍ଦ ଡାକରା ଦିଆଯାଇଛି । ରାଜନୈତିକ ଫାଇଦା ହାସଲ ଲାଗି ବନ୍ଦ୍‌କୁ ବିରୋଧୀ ଦଳଗୁଡ଼ିକ ପଛରୁ ଭର୍ଚ୍ଚୁଆଲି ପ୍ରାୟୋଜିତ କରୁଛନ୍ତି ବୋଲି ଭାରତୀୟ ଉଦ୍ୟୋଗ ବ୍ୟାପାର ମଣ୍ଡଳ ରାଷ୍ଟ୍ରୀୟ ସଭାପତି ରବିକାନ୍ତ ଗର୍ଗ କହିଛନ୍ତି ।

### ଡିଜେଲ୨୮ ...

୯୭.୪୬ ଟଙ୍କା ଓ ପେଟ୍ରୋଲ ୧୦୨.୩୯ ଟଙ୍କା କାରବାର କରାଯାଉଛି । ସେହିପରି ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୨୫ ପଇସା ବଢ଼ିଥିବା ବେଳେ ପେଟ୍ରୋଲ ମୂଲ୍ୟ ସ୍ଥିର ରହିଛି । ଏହି ଦର ବୃଦ୍ଧି ଫଳରେ ସେଠାରେ ଡିଜେଲ ଲିଟର ପିଛା ୮୯.୦୭ ଟଙ୍କା ଏବଂ ପେଟ୍ରୋଲ ୧୦୧.୧୯ ଟଙ୍କାରେ କାରବାର ହେଉଛି । ଅପରପକ୍ଷରେ ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୨୩ରୁ ୨୭ ପଇସା ବଢ଼ି ଯଥାକ୍ରମ ୯୩.୬୯ ଟଙ୍କା, ୯୨.୧୭ ଟଙ୍କା ଏବଂ ୯୬.୬୮ ଟଙ୍କାରେ ପହଞ୍ଚିଛି । ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଦର ଯଥାକ୍ରମେ ୯୮.୯୬ ଟଙ୍କା, ୧୦୧.୬୨ ଟଙ୍କା ଏବଂ ୧୦୭.୨୬ ଟଙ୍କାରେ ରହିଛି । ଗତ କିଛିଦିନ ହେବ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଉଚ୍ଚା ରହିବା ଯୋଗୁ ତା'ର ପ୍ରଭାବ ଭାରତ ବଜାରରେ ଦେଖିବାକୁ ମିଳୁଛି ବୋଲି ତୈଳ କମ୍ପାନୀଗୁଡ଼ିକ ମତ ଦେଇଛନ୍ତି । କୋଭିଡ୍ ମାନ୍ଦାବସ୍ଥା ସମୟରେ ଡିଜେଲ ଦର ବୃଦ୍ଧି ଯୋଗୁ ପରିବହନ ବ୍ୟବସ୍ଥା ଓ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପାଉଛି । ଫଳରେ ଏହାର ପ୍ରଭାବ ସାଧାରଣ ଖାଉଟିଙ୍କ ଉପରେ ପଡୁଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି । ଶେଷ ଥର ପାଇଁ ସେପ୍ଟେମ୍ବର ୫ରେ ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ହ୍ରାସ ଘଟିଥିଲା ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ରାହୁ ସହ ଚନ୍ଦ୍ରଙ୍କ ସଂଯୋଗ ହେତୁ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ । ଧନହାନି କିମ୍ବା ଯୁକ୍ତିତର୍କରୁ କଳହ ଆଶଙ୍କା ରହିଛି । ସମ୍ମୁଖରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ । କଳା, ସାହିତ୍ୟ, ସଂସ୍କୃତି ଓ ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସମାପ୍ତି ଘଟାଇବେ ।

**ବୃଷ**
ଶୁକ୍ର ଓ ବୁଧ ପ୍ରଭାବରେ ଭ୍ରମଣ ସୁଖ ସାଙ୍ଗକୁ ଦ୍ରବ୍ୟଲାଭ ଯୋଗ ରହିଛି । ପଡ଼ୋଶୀ ସହଯୋଗର ହାତ ବଢ଼ାଇବା ଫଳରେ କାମଟି ସୁବିଧାରେ ହୋଇଯିବ । କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ । ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି ।

**ମିଥୁନ**
କେନ୍ଦ୍ରାଧିପ କୋଣଭାବସ୍ଥ ଯୋଗୁ ଆଶା ଓ ଅଭିଳାଷ ଅଚିରେ ପୂରଣ ହେବ । ଭାବପ୍ରବଣତାକୁ ନିୟନ୍ତ୍ରଣରେ ନ ରଖିପାରିଲେ ଓଲଟା ଫଳ ପାଇବେ । କର୍ମାରମ୍ଭ ପାଇଁ ପରିବାରରୁ ସହଯୋଗ ପାଇବେ ଓ କାମଟି ସୁବିଧାରେ ସମ୍ପନ୍ନ ହେବ । ସଙ୍ଗଠନ,ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭକରି ପ୍ରଶଂସିତ ହେବେ ।

**କର୍କଟ**
ଏକାଦଶସ୍ଥ ରାଶ୍ୟାଧିପତି ପାପଯୁକ୍ତ ହେତୁ ସମ୍ପର୍କରେ ତିକ୍ତତା ସୃଷ୍ଟିହୋଇପାରେ । ପ୍ରତ୍ୟେକ କ୍ଷେତ୍ରରେ ଭାରସାମ୍ୟ ରକ୍ଷାକରି ନ ଚଳିଲେ ଅଶାନ୍ତିର ବାତାବରଣ ସୃଷ୍ଟିହେବ । ଆକସ୍ମିକ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଆତ୍ମବିଭୋର ହୋଇପାରନ୍ତି । ମାଲିମକଦ୍ଦମାରେ ଜୟଲାଭ କରିବା ଆଶା କ୍ରମଶଃ ବୃଦ୍ଧି ପାଇପାରେ ।

**ସିଂହ**
ରବି ଓ ମଙ୍ଗଳ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଚେଷ୍ଟା ଅବ୍ୟାହତ ରଖିଲେ ଆପଣଙ୍କ ଅଭିଳାଷ ପୂରଣ ହୋଇପାରିବ । ବନ୍ଧୁ କିମ୍ବା ସହକର୍ମୀଙ୍କ କଥାରେ କୌଣସି ନୂତନ କାମ କରିପାରନ୍ତି । କ୍ରୀଡ଼ା,କଳା,ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସନ୍ତୋଷଜନକ ଫଳ ପାଇବେ ।

**କନ୍ୟା**
ଶୁକ୍ର ଓ ବୁଧ ଧନ ସ୍ଥାନରେ ରହିଥିବାରୁ ଆର୍ଥିକ ଅଭିବୃଦ୍ଧି ସହ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ । ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ । ଆଜିର ଯାତ୍ରାରେ ଅଭିଳଷିତ କାମ ହୋଇଯିବ । ଯୋଜନା ବିହୀନ କାମରେ ମୁଣ୍ଡ ପୂରାନ୍ତୁ ନାହିଁ, ସମସ୍ୟା ସୃଷ୍ଟି କରିପାରେ ।

**ତୁଳା**
ଚତୁର୍ଥ କେନ୍ଦ୍ରରେ ଗୁରୁଶୌରୀ ଯୋଗ ସଂଘଟିତ ହୋଇଥିବାରୁ ପାରିବାରିକ, ସାମାଜିକ ସମ୍ମାନ ସହ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିବେ । ଗୃହ ଭୂମି ଲାଭ ଖୁସି ଆଣିଦେବ । ବନ୍ଧୁଙ୍କୁ ଅନୁରୋଧକରି କାମ ହାସଲ ପାଇଁ ଚେଷ୍ଟାକଲେ ଉପକୃତ ହେବେ । ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନତୁବା ହଇରାଣ ହେବାକୁ ପଡ଼ିପାରେ ।

**ବିଛା**
ରବିଙ୍କ ଦୁର୍ବଳତା କାରଣରୁ ଆପଣଙ୍କ କାର୍ଯ୍ୟଶୈଳୀର ଜଟିଳତା ଅସଫଳତାର ସୂଚକ ହେବ । ବନ୍ଧୁଙ୍କଠାରୁ ଅଧିକ ପାଇବାକୁ ବ୍ୟାକୁଳ ହେବେ । ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ପାଇବେ । ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ ।

**ଧନୁ**
ଏକାକୀ ରହିବାର ମନୋବୃତ୍ତି ଅନ୍ତର୍ଦ୍ୱନ୍ଦ୍ୱର କାରଣ ହୋଇପାରେ । ଆର୍ଥିକ ଦିଗରୁ ସମସ୍ୟା ଲାଗିରହିଲେ ହେଁ ସମାଧାନର ପନ୍ଥା ଖୋଜି ପାଇବେ । ସହକର୍ମୀଙ୍କ ସହ ମିଷ୍ଟାଳାପରେ ସମୟ କଟାଇବାର ସୁଯୋଗ ମିଳିପାରେ । ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ ,ଏଣୁ ଗାଡ଼ିକୁ ପରଖି ନେବା ଭଲ ହେବ ।

**ମକର**
ରାହୁଯୁକ୍ତ ଚନ୍ଦ୍ର ପ୍ରଭାବରୁ ହଠାତ୍ କୌଣସି ଖବର ପାଇ ବିଚଳିତ ବୋଧ କରିବେ । ଉପରିସ୍ଥ ଅଧିକାରୀ ମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ । ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ ।

**କୁମ୍ଭ**
ରାଶ୍ୟାଧିପଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ । ବନ୍ଧୁରେ କଳହ, ଧନହାନି ଓ ସାଧାରଣ କଥାକୁ କେନ୍ଦ୍ରକରି ପାଚିତୁଣ୍ଡର ସୂଚନା ରହିଛି । ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି । କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ**
ଲାଭଭାବରେ ରାଶ୍ୟାଧିପ ହେତୁ ପରିସ୍ଥିତିକୁ ଯେତେ ଜଟିଳ ମଣୁଛନ୍ତି ବାସ୍ତବରେ ସେପରି କିଛି ହେବନି । ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶକରି ସମାଲୋଚିତ ହେବେ । ପରିସ୍ଥିତିବଶତଃ ଧାରକରଜ କରି ଆବଶ୍ୟକତା ଚଳାଇନେବାକୁ ବାଧ୍ୟ ହେବେ । ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ ନତୁବା ସମସ୍ୟା ଉପୁଜିପାରେ ।

# ଗୁଲାବ ପ୍ରଭାବ





ବାତ୍ୟା 'ଗୁଲାବ' ଜନିତ ପ୍ରବଳ ବର୍ଷା ଯୋଗୁ ଗଜପତି ଜିଲା ଗୁମ୍ମା ବ୍ଲକ ନମାନଗଡ଼ଠାରୁ ଅଜୟଗଡ଼ ରାସ୍ତାରେ ରବିବାର ପାହାଡ଼ରୁ ମାଟି ଧସି ଅବରୋଧ ହୋଇଛି।



ଗଜପତି ଜିଲା ରାୟଗଡ଼ ବ୍ଲକ୍ ପେଗଡ଼ା ସ୍କୁଲ୍ ନିକଟ ରାସ୍ତା ଉପରେ ପଡ଼ିଥିବା ଗଛ।



ଅଶାନ୍ତ ଗୋପାଳପୁର ସମୁଦ୍ର



ରାୟଗଡ଼ା ଜିଲା ଗୁଣପୁର ତହସିଲଦାର ଚାଲକମ୍ବା ଗ୍ରାମକୁ ଯାଇ ଲୋକଙ୍କୁ ସୁରକ୍ଷିତ ରହିବାକୁ ପରାମର୍ଶ ଦେଉଛନ୍ତି।



ଗଜପତି ଜିଲା ଗଣ୍ଡାହାତୀ ଅଞ୍ଚଳ ତାଳମୁଣ୍ଡ ଗ୍ରାମର ଜଣେ ବୃଦ୍ଧଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି।



ବାତ୍ୟା 'ଗୁଲାବ' ପ୍ରଭାବରେ ଭୁବନେଶ୍ୱରରେ ରବିବାର ହୋଇଥିବା ପ୍ରବଳ ବର୍ଷା



ମାଲକାନଗିରି ଜିଲା କୋରୁକୋଣ୍ଡାସ୍ଥିତ ଏକ ବିଦ୍ୟାଳୟ ଆଶ୍ରୟସ୍ଥଳରେ ଗ୍ରାମବାସୀଙ୍କୁ ଶୁଖିଲା ଖାଦ୍ୟ ଦିଆଯାଉଛି।

## ଜୀବନ ରକ୍ଷା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



**ବାତ୍ୟା ସମୀକ୍ଷା**

- ୧୧ ଜିଲାରେ ଆଜି ଶିକ୍ଷାନୁଷ୍ଠାନ ବନ୍ଦ
- ବାତ୍ୟା ଆଶ୍ରୟସ୍ଥଳରେ କୋଭିଡ୍ ନିୟମ କଡ଼ାକଡ଼ି ପାଳନ ନିର୍ଦ୍ଦେଶ
- ୪୨ ଓଡ୍ରାଫ, ୨୪ ଏନ୍‌ଡିଆର୍‌ଏଫ, ୧୦୩ ଅଗ୍ନିଶମ ଦଳ ନିୟୋଜିତ
- ନବୀନଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସିଂରେ ବାତ୍ୟା 'ଗୁଲାବ'ର ମୁକାବିଲା ପାଇଁ ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ଜୀବନ ରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଭାବିତ ଜିଲାଗୁଡ଼ିକର ତଳିଆ ଅଞ୍ଚଳ, ବନ୍ୟାପ୍ରବଣ ସ୍ଥାନ, ଭୂସ୍ଖଳନ ଆଶଙ୍କା ଥିବା ଅଞ୍ଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସୋମବାର ୧୧ ଜିଲାର ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ପରବର୍ତ୍ତୀ ସମୟରେ ଜିଲାପାଳମାନେ ସ୍ଥାନୀୟ ପରିସ୍ଥିତିକୁ ଦେଖି ସ୍କୁଲ ଖୋଲିବା ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆସ୍କା, ଗୁଡ଼ାରୀ, ଗୁଣପୁର, କଡ଼ିନଗର ଓ ପୁରୁଷୋତ୍ତମପୁର ତଥା ଅନ୍ୟ ବନ୍ୟାପ୍ରବଣ ଗାଁଗୁଡ଼ିକରେ ଥିବା ବନ୍ଧବାଡ଼ ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ଭଲ ପିଇବା ପାଣି ସହ ସବୁପ୍ରକାର ମୌଳିକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ଗର୍ଭବତୀ, ବୟସ୍କ, ମହିଳା ଓ ଶିଶୁଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ନିଆଯାଇଥିବା ପଦକ୍ଷେପ ଓ ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରଭାବିତ ଜିଲାଗୁଡ଼ିକରେ ୪୨ଟି ଓଡ୍ରାଫ, ୨୪ ଏନ୍‌ଡିଆର୍‌ଏଫ୍, ୧୦୩ ଅଗ୍ନିଶମ ଦଳ ମୁତୟନ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ମାସ୍କ ଓ ସାନିଟାଇଜର ବ୍ୟବସ୍ଥା ସହିତ ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦିଆଯାଉ ବୋଲି ଜେନା ଜଣାଇଥିଲେ। ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲାପାଳ ବାତ୍ୟା ମୁକାବିଲା ପାଇଁ ନିଆଯାଇଥିବା ଆଗୁଆ ପଦକ୍ଷେପ ଓ ସେମାନଙ୍କ ଆବଶ୍ୟକତା ସମ୍ପର୍କରେ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଦିଲ୍ଲୀ ଗସ୍ତରେ ଥିବା ୫-ଟି ସଚିବ ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ। ଜଳସମ୍ପଦ, ଶକ୍ତି, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ସଚିବ ଓ ପ୍ରଭାବିତ ୧୧ ଜିଲାର ଜିଲାପାଳ ବୈଠକରେ ଯୋଗଦେଇଥିଲେ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଓଡ଼ିଶାର ବାତ୍ୟା ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିଛନ୍ତି। ଏହି ବିପତ୍ତିକୁ ସାମ୍ନା କରିବାକୁ ସବୁ ପ୍ରକାର ସାହାଯ୍ୟ ସହଯୋଗ କରିବା ପାଇଁ ଆଶ୍ୱସ୍ତି ଦେବା ସହିତ ରାଜ୍ୟବାସୀଙ୍କ ମଙ୍ଗଳ ଓ ସୁରକ୍ଷା ପାଇଁ କାମନା କରିଛନ୍ତି।

**ରାଜ୍ୟ ଖବର**

## ଭିଜିଲାନ୍ସ ହାତରେ ଏଏସ୍‌ଆଇ

ଗୋପ, ୨୬।୯(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ଥାନାର ଏଏସ୍‌ଆଇ ରାଧାଶ୍ୟାମ ନାୟକ ଜଣେ ଅଭିଯୋଗକାରୀଙ୍କଠାରୁ ୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ରବିବାର ସକାଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏ ନେଇ ପୁରୀ ଭିଜିଲାନ୍ସ ବିଭାଗରେ ନଂ.୨୭/୨୧ରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଗତ ମାସ ୨୪ ତାରିଖରେ ଏହି ଥାନା ଅଧୀନ ଗଣେଶ୍ୱରପୁର ପଞ୍ଚାୟତର ସୁବର୍ଣ୍ଣପୁର ଗ୍ରାମର ମନୋରଞ୍ଜନ ବେହେରାଙ୍କ ସହ ସ୍ଥାନୀୟ କେତେଜଣ ବ୍ୟକ୍ତି ଜମିବାଡ଼ିକୁ ନେଇ ବିବାଦ ହୋଇଥିଲା। ଏହି ବିବାଦକୁ ନେଇ ମନୋରଞ୍ଜନଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କୌଣସି ଗୁରୁତ୍ୱ ନ ଦେବାରୁ ଦୁଇ ଦିନ ପରେ ପୁଣି ଅଭିଯୋଗ କରିଥିଲେ। ହେଲେ ଥାନାର ଜଣେ ମହିଳା ପୋଲିସ ଅଫିସର ସମ୍ପୃକ୍ତ ମହିଳା ଅଭିଯୋଗକାରୀଙ୍କୁ ଗାଳିମନ୍ଦ କରିଥିଲେ। ଫଳରେ ଅଭିଯୋଗକାରୀଙ୍କ ସ୍ୱାମୀ ମନୋରଞ୍ଜନ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ପରେ ଥାନା ଦାୟିତ୍ୱରେ ଥିବା ଏସ୍‌ଆଇ ବଂଶୀଧର ବିଶ୍ୱାଳ ତାଙ୍କୁ ବୁଝାଶୁଝା କରିବା ସହ ନଂ.୪୧୦/୨୧ ରେ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାର ତଦନ୍ତ ଦାୟିତ୍ୱ ଥାନା ଏଏସ୍‌ଆଇ ରାଧାଶ୍ୟାମ ନାୟକଙ୍କୁ ଦେଇଥିଲେ।

ଶନିବାର ତଦନ୍ତକାରୀ ଏଏସ୍‌ଆଇ ନାୟକ ଘଟଣାକୁ ତଦନ୍ତ କରିବା ପରେ ମାମଲାକୁ ଅଧିକ ମଜଭୁତ କରିବାକୁ କହି ୫ ହଜାର ଟଙ୍କା ଦାବି କରିଥିଲେ। ଫଳରେ ମନୋରଞ୍ଜନ ଭୁବନେଶ୍ୱର ଭିଜିଲାନ୍ସ ବିଭାଗର ସହାୟତା ନେଇଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ରବିବାର ସକାଳୁ ଭିଜିଲାନ୍ସ ଡିଏସ୍‌ପି ଶିଶିର କୁମାର ଭୋଇଙ୍କ ନେତୃତ୍ୱରେ ଭୁବନେଶ୍ୱର ଓ ପୁରୀ ଭିଜିଲାନ୍ସ ବିଭାଗର ଏକ ୧୦ ଜଣିଆ ଟିମ୍ ଗୋପ ଥାନା ନିକଟରେ ରହୁଥିବା ଏଏସ୍‌ଆଇଙ୍କ ଘର ପାଖରେ ଲୁଚି ରହିଥିଲେ। ମନୋରଞ୍ଜନ ୫ ହଜାର ବଦଳରେ ୨ ହଜାର ଟଙ୍କା ଏଏସ୍‌ଆଇ ରାଧାଶ୍ୟାମଙ୍କୁ ଦେଇଥିଲେ। ଏହି ସମୟରେ ଲୁଚି ରହିଥିବା ଭିଜିଲାନ୍ସ ଟିମ ଲାଞ୍ଚ ଟଙ୍କା ସହ ଏଏସ୍‌ଆଇ ନାୟକଙ୍କୁ ଘଟଣାସ୍ଥଳରେ ଧରିଥିଲେ। ପରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଏଏସ୍‌ଆଇ ନାୟକ ରହୁଥିବା ଘରୁ କେତେକ ବ୍ୟାଙ୍କ ଜମାଖାତା, ଇନସୁରାନ୍ସର କେତେକ କାଗଜପତ୍ର ସହ କିଛି ଟଙ୍କା ମଧ୍ୟ ଜବତ କରାଯାଇଛି। ଏଥିସହ ଏଏସ୍‌ଆଇ ନାୟକଙ୍କ କେନ୍ଦ୍ରାପଡ଼ା ଟାଉନର ସୁନାଇଲୋ ଗ୍ରାମରେ ଥିବା ବାସଭବନରେ ମଧ୍ୟ ଚଢ଼ାଉ କରାଯାଇଛି।

## ମହାନଦୀକୁ ଡେଇଁଲେ ଲାବ୍ ଆସିଷ୍ଟାଣ୍ଟ



ଦେବାଶିଷ ଦାସ

**କଟକ ଅଫିସ, ୨୬।୯:** କଟକ ଜଗତପୁରସ୍ଥିତ ମହାନଦୀ ବ୍ରିଜରୁ ପାଣିକୁ ଡେଇଁ ଦେବାଶିଷ ଦାସ ନାମକ ଜଣେ ଲାବ୍ ଆସିଷ୍ଟାଣ୍ଟ ରବିବାର ନିଖୋଜ ହୋଇଯାଇଛନ୍ତି। ତାଙ୍କ ଘର କଟକ ଚାଉଳିଆଗଞ୍ଜ ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱର ବିଜେବି କଲେଜରେ ଲାବ ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ଜଗତପୁର ପୋଲିସ ଓଡ୍ରାଫ ଟିମ୍ ସହାୟତାରେ ବହୁ ସମୟଧରି ପାଣିରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିପାରିନାହିଁ।

ଜଗତପୁର ଥାନାଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କ ସୂଚନା ଅନୁଯାୟୀ, ସକାଳେ ଦେବାଶିଷ ଚାଉଳିଆଗଞ୍ଜସ୍ଥିତ ଘରୁ ଟାଙ୍ଗୀ ଅଭିମୁଖେ ଏକ କାର୍‌ରେ ଯାଉଥିଲେ। ସାଙ୍ଗରେ ଡ୍ରାଇଭର ଥିଲେ। ମହାନଦୀ ବ୍ରିଜ୍ ଉପରେ ହଠାତ କାର ଅଟକାଇଥିଲେ। କାର୍ ରହିବା ପରେ ସେ ହଠାତ୍ ନଦୀକୁ ଡେଇଁ ପଡିଥିଲେ। ଏ ସମ୍ପର୍କରେ ତାଙ୍କ ଡ୍ରାଇଭର ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଖୋଜାଖୋଜି କରିବା ସହ ସମ୍ପୃକ୍ତ ଡ୍ରାଇଭରଙ୍କୁ ପଚରାଉଚରା କରିଛି। ଦେବାଶିଷ କିଛିଦିନ ହେବ ପାରିବାରିକ ଅଶାନ୍ତିରେ ରହୁଥିବାରୁ ଏଭଳି ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି। ସୋମବାର ସକାଳେ ପୁଣି ଖୋଜାଖୋଜି କରାଯିବ ବୋଲି ମେହେର କହିଛନ୍ତି।

## ଗୋଧିସ ଜଳ ପ୍ରପାତକୁ ଡେଇଁ ପ୍ରେମୀଯୁଗଳ ନିଖୋଜ

ନୂଆପଡ଼ା ଅଫିସ, ୨୬।୯

ନୂଆପଡ଼ ସଦର ବ୍ଲକ ଧରମବନ୍ଧା ଥାନା ଅଧୀନ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ଗୋଧିସ ଜଳ ପ୍ରପାତକୁ ଡେଇଁ ପ୍ରେମୀଯୁଗଳ ନିଖୋଜ ଥିବା ଜଣାପଡ଼ିଛି। ସେମାନଙ୍କ ସମ୍ପୂର୍ଣ୍ଣ ପରିଚୟ ଜଣାପଡ଼ି ନ ଥିବା ବେଳେ ଉଭୟଙ୍କ ପୋଷାକ, ଟର୍ଚ୍ଚ ଲାଇଟ ଓ କିଛି କାଗଜପତ୍ର ପଲିଥିନରେ ବାନ୍ଧି ଏକ ଗଛରେ ଟଙ୍ଗା ଯାଇଥିବା ଦେଖିବାକୁ ମିଳିଛି। ସେସବୁକୁ ଧରମବନ୍ଧା ପୋଲିସ ଜବତ କରିଛି। ନୂଆପଡା ପୋଲିସ ଓ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳିନାହିଁ। ସନ୍ଧ୍ୟା ହେବାରୁ ସୋମବାର ସକାଳେ ପୁଣିଥରେ ଖୋଜାଖୋଜି କରାଯିବ ବୋଲି ଅଗ୍ନିଶମ ବାହିନୀ ପକ୍ଷରୁ କୁହାଯାଇଛି।

ସୂଚନା ଯେ, ରବିବାର ସକାଳ ପ୍ରାୟ ୯ଟାରେ ପ୍ରେମୀଯୁଗଳ ଏଠାକୁ ଆସିଥିଲେ। ସେମାନେ ଗୋଧିସ ଜଳ ପ୍ରପାତକୁ ଡେଇଁଥିବା ସ୍ଥାନୀୟ କେତେଜଣ ଲୋକ ଦେଖିଥିବା ପୋଲିସ କହିଛି। ସେଠାରୁ ମିଳିଥିବା କାଗଜପତ୍ରରୁ ସେମାନେ ଛତିଶଗଡ ରାଜ୍ୟ ଗରିଆବନ୍ଧ ଜିଲା ପିପଲଚୁଡି ଥାନା ଥୁଆପାଣିର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିବା ପରେ ଧରମବନ୍ଧା ଥାନା ପୋଲିସ ଥୁଆପାଣି ଗ୍ରାମକୁ ଖବର ଦେଇଥିଲା। ଥୁଆପାଣି ଗାଁର ଲୋକେ ଆସି ଧରମବନ୍ଧା ଥାନାରେ ଆମର ଝିଅପୁଅ କିଛି ଦିନ ହେଲା କେଉଁଆଡ଼େ ପଳାଇ ଯାଇଛନ୍ତି ବୋଲି କହିଛନ୍ତି। ହେଲେ ଜଳପ୍ରପାତରେ ଡେଇଁଥିବା ପ୍ରେମୀଯୁଗଳ ସେମାନେ କି ନାହିଁ ତାହା ଜଣାପଡ଼ି ନାହିଁ।


**ନାମାଙ୍କିତ କର୍ତ୍ତୃପକ୍ଷ, କୋଇଲା ମନ୍ତ୍ରଣାଳୟ, ଭାରତ ସରକାର**

୧୨୦, ଏଫ୍-ୱିଙ୍ଗ୍, ୧ମ ମହଲା, ଶାସ୍ତ୍ରୀ ଭବନ, ନୂଆଦିଲ୍ଲୀ-୧୧୦୦୦୧, ୦୧୧-୨୩୩୮୪୧୦୬

**''କୋଇଲା ବିକ୍ରି ପାଇଁ କୋଇଲା ଖଣି/ବ୍ଲକ୍‌ଗୁଡ଼ିକର ନିଲାମ ନିମନ୍ତେ ବିଡ୍ ଆମନ୍ତ୍ରଣ''**

କୋଇଲା ଖଣି (ସ୍ୱତନ୍ତ୍ର ବ୍ୟବସ୍ଥାପନ) ଅଧିନିୟମ, ୨୦୧୫ର ଧାରା ୪(୧) ଏବଂ ୪(୨) ଏବଂ ଖଣି ଓ ଖଣିଜ ପଦାର୍ଥ (ବିକାଶ ଏବଂ ନିୟନ୍ତ୍ରଣ) ଅଧିନିୟମ, ୧୯୫୭ର ଧାରା ୧୧ଏ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ତଥା ତାହା ଅଧୀନ ନିୟମାବଳୀ ଅନୁଯାୟୀ, ନାମାଙ୍କିତ କର୍ତ୍ତୃପକ୍ଷ ମାର୍ଚ୍ଚ ୨୫, ୨୦୨୧ର ଟେଣ୍ଡର ଦସ୍ତାବିଜ ମାଧ୍ୟମରେ ସିଏମ୍ (ଏସ୍‌ପି) ଅଧିନିୟମ ଅଧୀନରେ ନିଲାମର ୧୨ତମ ପର୍ଯ୍ୟାୟ ତଥା ଏମ୍‌ଏମ୍‌ଡିଆର୍ ଅଧିନିୟମ ଅଧୀନରେ ନିଲାମର ୨ୟ ପର୍ଯ୍ୟାୟର ପ୍ରଥମ ପ୍ରୟାସରେ ୧୧ ଗୋଟି କୋଇଲା ଖଣି ନିଲାମ ସଞ୍ଚାଳନ କରିଥିଲେ। ତଥାପି, ଏହି ଟେଣ୍ଡର ପ୍ରକ୍ରିୟା ଅଧୀନରେ ବୈଷୟିକ ଭାବେ ଯୋଗ୍ୟତାପ୍ରାପ୍ତ ବିଡରମାନଙ୍କ ସଂଖ୍ୟା ୨ରୁ କମ୍ ହୋଇଥିବାରୁ, ଏହି ୧୧ଟି କୋଇଲା ଖଣି ପାଇଁ ଟେଣ୍ଡର ପ୍ରକ୍ରିୟାକୁ ରଦ୍ଦ କରାଯାଇଛି। କୋଇଲା ମନ୍ତ୍ରଣାଳୟ ଦ୍ୱାରା ଜାରି ଜୁନ୍ ୧, ୨୦୨୦ର କାର୍ଯ୍ୟାଳୟ ଜ୍ଞାପକ ସଂଖ୍ୟା ସିବିଏ୨-୧୩୦୧୧/୨/୨୦୨୦-ସିବିଏ୨ର ପାରା ୨.୨(ବି) ଅନୁଯାୟୀ, ନାମାଙ୍କିତ କର୍ତ୍ତୃପକ୍ଷ ରଦ୍ଦ ହୋଇଥିବା ପ୍ରୟାସ ସହ ସମାନ ନିୟମ ସର୍ତ୍ତାବଳୀରେ **ସିଏମ୍ (ଏସ୍‌ପି) ଅଧିନିୟମ ଅଧୀନରେ ନିଲାମର ୧୨ତମ ପର୍ଯ୍ୟାୟ ଏବଂ ଏମ୍‌ଏମ୍‌ଡିଆର୍ ଅଧିନିୟମ ଅଧୀନରେ ନିଲାମର ୨ୟ ପର୍ଯ୍ୟାୟରେ ୧୧ଟି କୋଇଲା ଖଣିର ନିଲାମ ପାଇଁ ଦ୍ୱିତୀୟ ପ୍ରୟାସ** ଆରମ୍ଭ କରୁଛନ୍ତି ଏବଂ ରଦ୍ଦ ହୋଇଥିବା ନିଲାମର ପ୍ରଥମ ପ୍ରୟାସରେ ବୈଷୟିକ ଭାବେ ଯୋଗ୍ୟତାପ୍ରାପ୍ତ ବିଡରଙ୍କ ସର୍ବୋଚ୍ଚ ପ୍ରାରମ୍ଭିକ ଅଫର, ଯଦି ଥାଏ, ତାକୁ ନିଲାମର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଆଧାର ମୂଲ୍ୟ ବିବେଚନା କରାଯିବ।

ଟେଣ୍ଡର ପ୍ରକ୍ରିୟା ସୋମବାର, ସେପ୍ଟେମ୍ବର ୨୭, ୨୦୨୧ରେ ଆରମ୍ଭ ହେବ। ଟେଣ୍ଡର ଦସ୍ତାବିଜ ଏବଂ ନିଲାମ ପ୍ରକ୍ରିୟାର ଅନ୍ୟାନ୍ୟ ବିବରଣୀ ନିମ୍ନପ୍ରଦତ୍ତ ଲିଙ୍କ୍‌ରେ ଦେଖାଯାଇପାରିବ https://www.mstcecommerce.com/auctionhome/coalblock/index.jsp

davp 04101/11/0001/2122



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**

AT/P.O.- Nayabazar, Cuttack- 753004, Tel. No. 0671-2444488, Email-serw_kpd@yahoo.com

No. Tender Online RCK-21/21 Letter No.-2441 Date: 22.09.21

**e-Procurement NOTICE**

No.O-765:- 1. Name of the work : Construction of Charge Office at Aul in the District of Kendrapara for 2021-22. 2. Class of contractor : B & A Class as specified in the column 7 of the Annxure. 3. Time for completion : As specified in the Column-8 of the Annexure. 4. Detail projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-21/21 | 28.09.21 at 11.00 A.M. | 18.10.21 at 5.00 P.M. | 18.10.21 upto 12.00 P.M. | 21.10.21 at 3.00 P.M. | To be intimated later |

Further details can be seen from the website www.tendersorissa.gov.in

Sd./- Chief Construction Engineer, Rural Works Circle, Kendrapara-Jajpur

OIPR-25129/11/0018/2122

ଆମ ପକ୍ଷରେ ଆଉ କୌଣସି ଆଧ୍ୟାତ୍ମିକ ପୁନରାବୃତ୍ତିର ପ୍ରଶ୍ନ ନାହିଁ। କାରଣ ସେ ସବୁ ଆମର ପୂର୍ବସୂରୀମାନେ କରି ଯାଇଛନ୍ତି। ଆମର ଆଧ୍ୟାତ୍ମିକ ଅଭିଯାନ ତାହା ପରଠାରୁ ଆରମ୍ଭ ହେବ। ଏହା ଏକ ନୂତନ ସର୍ଜନାର ପ୍ରଶ୍ନ। —ଶ୍ରୀମା



# ମମତାଙ୍କୁ ଡର ନାହିଁ

ଆସନ୍ତା ଅକ୍ଟୋବରରେ ଇଟାଲୀ ରାଜଧାନୀ ରୋମ୍‌ସ୍ଥିତ ଏକ କ୍ୟାଥଲିକ୍ ଫାଉଣ୍ଡେଶନ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ଯୋଗଦେବା ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ନିମନ୍ତ୍ରଣ ମିଳିଥିଲା। ହେଲେ ତାଙ୍କୁ ସେଠାକୁ ଯିବାକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଅନୁମତି ଦେଇନାହିଁ। ଉଲ୍ଲେଖଯୋଗ୍ୟ, ଦେଶର ସବୁ ମୁଖ୍ୟମନ୍ତ୍ରୀ, ରାଜ୍ୟ ଓ କେନ୍ଦ୍ରର ମନ୍ତ୍ରୀ, ସାଂସଦ ଏବଂ ସରକାରୀ ଅଧିକାରୀ ଯେଉଁମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ଡିପ୍ଲୋମାଟିକ୍ ବା କୂଟନୈତିକ ପାସ୍‌ପୋର୍ଟ ପାଇଛନ୍ତି, ସେମାନେ ବିଦେଶ ଗସ୍ତ ପୂର୍ବରୁ ବହିର୍ବ୍ୟାପାର ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଠାରୁ ଅନୁମତି ନେବା ବାଞ୍ଛନୀୟ। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ହେବାକୁ ଥିବା ଶାନ୍ତି ସମ୍ମିଳନୀ ମମତାଙ୍କ ସ୍ତରର ହୋଇ ନ ଥିବାରୁ ସେ ସେଥିରେ ଯୋଗଦେଇ ପାରିବେ ନାହିଁ। କେନ୍ଦ୍ର କେଉଁ ଉଦ୍ଦେଶ୍ୟରେ ଏଭଳି ମତ ରଖିଛନ୍ତି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ମମତାଙ୍କୁ ନ୍ୟୂନ କରି ଦେଖାଯାଇଥିବା ବୁଝାଯାଉଛି। ଏକ ସଂଘୀୟ ବ୍ୟବସ୍ଥାରେ ଜଣେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କେନ୍ଦ୍ରର ଏଭଳି ବ୍ୟବହାରକୁ ନେଇ ଆଲୋଚନା ହେବା ସ୍ୱାଭାବିକ। ମମତା କହିଛନ୍ତି, ବିଦେଶ ଭ୍ରମଣ ନିଶା ତାଙ୍କ ପାଖରେ ନାହିଁ। ଏକ ଶାନ୍ତି ସମ୍ମିଳନୀରେ ଯୋଗଦେବା ଲାଗି ଭାରତରୁ ତାଙ୍କୁ ପ୍ରତିନିଧିତ୍ୱ କରିବାକୁ ନିମନ୍ତ୍ରଣ ମିଳିଥିବାରୁ ସେ ଏଭଳି ଆବେଦନ କରିଥିଲେ। କିନ୍ତୁ ପ୍ରତିଶୋଧମୂଳକ ମନୋଭାବ ରଖି କେନ୍ଦ୍ର ଏପରି ପ୍ରତିବନ୍ଧକ ଲଗାଇଛି ବୋଲି ସେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସମସ୍ତେ ଜାଣନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମମତାଙ୍କ ମଧ୍ୟରେ ଅତ୍ୟନ୍ତ ତିକ୍ତ ସମ୍ପର୍କ ରହିଆସିଛି। ୨୦୨୧ ମାର୍ଚ୍ଚରୁ ମେ' ଯାଏ ହୋଇଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଜାତୀୟ ଗଣମାଧ୍ୟମ ବାରମ୍ବାର କହିଆସୁଥିଲା ଯେ, ଭାଜପା ଜିତିବ। ନିଜ ପ୍ରଚାର ଜାଲରେ ନିଜେ ଭାଜପା ନେତୃତ୍ୱ ଛନ୍ଦିହୋଇ ବାସ୍ତବ ସ୍ଥିତି ବୁଝିବାରେ ସକ୍ଷମ ହେଲେ ବୋଲି ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ଜଣାପଡ଼ିଲା। ମମତାଙ୍କ ତୃଣମୂଳ କଂଗ୍ରେସ ୨୦୦ରୁ ଅଧିକ ଆସନ ଜିଣିଥିବାବେଳେ ଭାଜପା ମାତ୍ର ୭୭ ଆସନ ପାଇପାରିଥିଲା। ସେଇ ଲଢ଼େଇରେ ବାମପନ୍ଥୀ ବିଶେଷକରି ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି କୌଣସି ଆସନ ନ ଜିତି ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଥିଲା।

ଏଠାରେ ସୂଚାଇ ଦିଆଯାଇପାରେ ଯେ, ୨୦୧୮ ମସିହାରେ ଆମେରିକାର ଶିକାଗୋଠାରେ ସ୍ୱାମୀ ବିବେକାନନ୍ଦଙ୍କ ଐତିହାସିକ ଭାଷଣକୁ ୧୨୫ ବର୍ଷ ପୂରଣ ହୋଇଥିବା ପରିପ୍ରେକ୍ଷୀରେ ଅନୁଷ୍ଠିତ ସମ୍ମିଳନୀରେ ଯୋଗ ଦେବା ନେଇ ମମତାଙ୍କୁ ଡକା ଯାଇଥିଲା। ସେତେବେଳେ ମଧ୍ୟ ମମତାଙ୍କ ଆବେଦନକୁ କେନ୍ଦ୍ର ଖାରଜ କରିଦେଇଥିଲା। ଅନୁରୂପ ଭାବେ ଚାଇନା ଗସ୍ତକୁ ମଧ୍ୟ କେନ୍ଦ୍ର ସରକାର ବାତିଲ କରିଦେଇଥିଲେ। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଗଣତାନ୍ତ୍ରିକ ଉପାୟରେ ଗଠିତ ରାଜ୍ୟ ସରକାରର ମୁଖ୍ୟଙ୍କୁ କେଉଁଥିପାଇଁ କେନ୍ଦ୍ର ସରକାର ବାରମ୍ବାର ବିଦେଶ ଯିବାକୁ ମନା କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାହୁଲ ଗାନ୍ଧୀଙ୍କ ଭଳି ଆହୁରି ଅନେକ ସାଂସଦ ଓ ନେତାଙ୍କର ଡିପ୍ଲୋମାଟିକ୍ ପାସ୍‌ପୋର୍ଟ ରହିଛି। ବିଶେଷକରି ରାହୁଲ ବାରମ୍ବାର ବିଦେଶ ଗସ୍ତ କରିଆସୁଛନ୍ତି। ସ୍ୱାଭାବିକ ଭାବେ ତାଙ୍କ ମତକୁ ବିଦେଶରେ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ କିମ୍ବା ରାହୁଲ ସାଧାରଣରେ ଭାରତୀୟ ରାଜନୀତି ସମ୍ପର୍କରେ ବିଦେଶ ଗସ୍ତ ବେଳେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଥିବାର ଉଦାହରଣ ନାହିଁ। ରାହୁଲଙ୍କୁ ମମତାଙ୍କ ସହ ତୁଳନା କରିହେବ ନାହିଁ। କେହି ସ୍ୱୀକାର କରନ୍ତୁ ବା ନ କରନ୍ତୁ, ମମତା ଜଣେ ଲଢୁଆ ଓ ସ୍ପଷ୍ଟବାଦୀ ଜନନେତା। ତାଙ୍କ ମତକୁ ଭୟକରି କେନ୍ଦ୍ର ଏଭଳି ଏକ ଅତର୍କ୍କା ନିଷ୍ପତ୍ତି ନେଉଥିବା ଭଳି ମନେହୁଏ। ଏଥିରୁ ଏହା ମଧ୍ୟ ବୁଝାପଡ଼େ ଯେ, ନିଜକୁ ଯେତିକି ଶକ୍ତିଶାଳୀ ବୋଲି ଭାଜପା ନେତୃବୃନ୍ଦ ପ୍ରଦର୍ଶନ କରୁଛନ୍ତି, ବାସ୍ତବରେ ହୁଏତ ସେମାନେ ନିଜେ ହୃଦ୍‌ବୋଧ କରିସାରିଲେଣି ଭିତରୁ ଫମ୍ପା ହୋଇଥିବାରୁ ସେମାନଙ୍କର ଗୁରୁତ୍ୱ ନାହିଁ ବୋଲି ଦେଶବିଦେଶରେ ବୁଝାପଡ଼ିଲାଣି।

ରୋମ୍‌ରେ ହେବାକୁ ଥିବା ସମ୍ମିଳନୀ ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି ସେଥିରୁ ଜଣାପଡ଼ିଛି ଯେ, ପୋପ୍ ଫ୍ରାନ୍ସିସ୍, ଜର୍ମାନୀ ଚାନ୍‌ସେଲର ଆଞ୍ଜେଲା ମାର୍କେଲ, ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘିଙ୍କ ସମେତ ବିଶ୍ୱର ପାଖାପାଖି ୫୦୦ ଧର୍ମୀୟ ଓ ରାଜନୈତିକ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଯଦି ଭାଜପା ଆଶଙ୍କା କରୁଥାଏ ଯେ, ମମତା ସେହି ସମ୍ମିଳନୀକୁ ଯାଇ ଭାରତ ସରକାରଙ୍କ ବିରୋଧରେ କିଛି କହିଦେଲେ ମୋଦିଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ ହୋଇଯିବ, ତେବେ ତାହା ଅତ୍ୟନ୍ତ ହାସ୍ୟାସ୍ପଦ ମନେହେଉଛି। କାରଣ ମମତାଙ୍କ ଭଳି ଅଭିଜ୍ଞ ରାଜନୀତିଜ୍ଞ କେବେହେଲେ ବିଦେଶରେ ନିଜ ଦେଶ କିମ୍ବା ସରକାର ବିରୋଧରେ ମନ୍ତବ୍ୟ ଦେଇପାରିବେ ନାହିଁ। ସେଭଳି ଅପରିପକ୍ୱତା କୌଣସି ଭାରତୀୟ ଗୁରୁତ୍ୱପୂର୍ଣ୍ଣ ନେତା କରିବାର ଆଜି ପର୍ଯ୍ୟନ୍ତ ନଜିର ନାହିଁ। ଏଠାରେ ମମତା ଅନ୍ୟ ଏକ କୌତୂହଳପୂର୍ଣ୍ଣ କଥା ବଖାଣିଛନ୍ତି। ଯଦି ସବୁ ନିୟମାବଳୀ ପାଳନ କରାଯାଉଛି ବୋଲି କୁହାଯାଉଛି, ତେବେ ମୋଦି କୋଭିଡ୍ ପ୍ରତିଷେଧକ ଟିକା କୋଭାକ୍ସିନ ନେଇ କିଭଳି ଆମେରିକା ଗସ୍ତ କଲେ ବୋଲି ମମତା ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆମେରିକା ସରକାର ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କୋଭାକ୍ସିନକୁ ବୈଧ ଟିକା ମାନ୍ୟତା ଦେଇ ନାହାନ୍ତି।

କେନ୍ଦ୍ର ଓ ରାଜ୍ୟ ସମ୍ପର୍କ ଉତ୍ତମ ରହିଲେ ସଂଘୀୟ ବ୍ୟବସ୍ଥା ସୁଦୃଢ଼ ହୋଇଥାଏ। ତେବେ ଭାରତୀୟ ନେତାମାନଙ୍କର ନିଜ ଦକ୍ଷତା ଉପରେ ଅତ୍ୟଧିକ ଅବିଶ୍ୱାସ ସୃଷ୍ଟି ହେଉଥିବାରୁ ସେମାନେ ମନେରଖିବା ଦରକାର ଯେ, ତାହା ସମଗ୍ର ଦେଶ ପାଇଁ କ୍ଷତିକାରକ ହେଉଛି।

## ସାପ୍ତାହିକ ପଞ୍ଜିକା

**ସେପ୍ଟେମ୍ବର ୨୦:** ରୁଷିଆର ପର୍ମ ଷ୍ଟେଟ୍ ୟୁନିଭର୍ସିଟିରେ ଜଣେ ବନ୍ଧୁକଧାରୀ ଛାତ୍ରଙ୍କ ଗୁଳିରେ ୮ ମୃତ।
**ସେପ୍ଟେମ୍ବର ୨୧:** କୋଭିଶିଲ୍ଡକୁ ଆମେରିକାର ମଞ୍ଜୁରୀ।
**ସେପ୍ଟେମ୍ବର ୨୨:** ନଭେମ୍ବରରେ ଏନ୍‌ଡିଏ ପରୀକ୍ଷା ଦେବେ ମହିଳା।
**ସେପ୍ଟେମ୍ବର ୨୩:** ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ହେବ ଜୁନିୟର ହକି ବିଶ୍ୱକପ୍।
**ସେପ୍ଟେମ୍ବର ୨୪:** ଦିଲ୍ଲୀର ରୋହିଣୀ କୋର୍ଟରେ ଆତତାୟୀଙ୍କ ଗୁଳିମାଡ଼ରେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ଜିତେନ୍ଦ୍ର ମାନ ନିହତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | | | |
| | | 4 | 3 | | | | 8 | 7 |
| 5 | | | 1 | | | | | |
| | | | | | 2 | | | 3 |
| | | 7 | | 1 | 4 | | | |
| 4 | | 1 | 5 | | 9 | | | |
| | | | | | | | 4 | |
| | | | 9 | 5 | | | 3 | 8 |
| 7 | 6 | | 2 | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 9 | 2 | 3 | 5 | 1 | 7 | 8 |
| 1 | 3 | 8 | 4 | 7 | 9 | 2 | 5 | 6 |
| 2 | 5 | 7 | 6 | 8 | 1 | 9 | 4 | 3 |
| 9 | 7 | 2 | 5 | 1 | 3 | 6 | 8 | 4 |
| 5 | 4 | 6 | 8 | 9 | 2 | 3 | 1 | 7 |
| 3 | 8 | 1 | 7 | 4 | 6 | 5 | 2 | 9 |
| 8 | 9 | 3 | 1 | 5 | 4 | 7 | 6 | 2 |
| 6 | 1 | 4 | 3 | 2 | 7 | 8 | 9 | 5 |
| 7 | 2 | 5 | 9 | 6 | 8 | 4 | 3 | 1 |

ଗତକାଲିର ଉତ୍ତର

# ଖାଦ୍ୟ ଉତ୍ପାଦନର ଦଣ୍ଡ



ବିଚିତ୍ର ବିଶ୍ୱାଳ

କେନ୍ଦ୍ର ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲା ୨୦୨୨ ସୁଦ୍ଧା ଚାଷୀଙ୍କ ରୋଜଗାର ଦୁଇ ଗୁଣ ହେବ। ଆଉ ମାତ୍ର ୩ ମାସ ପରେ ପହଞ୍ଚିବ ୨୦୨୨। ଠିକ୍ ଏହି ସମୟରେ ନ୍ୟାଶ୍‌ନାଲ୍ ଷ୍ଟାଟିଷ୍ଟିକାଲ୍ ଅର୍ଗାନାଇଜେଶନ୍ ଦ୍ୱାରା ଗ୍ରାମୀଣ ଅଞ୍ଚଳରେ ଚାଷୀ ପରିବାରର ରୋଜଗାରକୁ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ୨୦୧୮-୧୯ର ତଥ୍ୟକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ସଦ୍ୟ ପ୍ରକାଶିତ ହୋଇଥିବା ରିପୋର୍ଟ ଅନୁସାରେ ଆମ ଦେଶରେ ଜଣେ ଚାଷୀ ପରିବାରର ହାରାହାରି ରୋଜଗାର ମୂଲିଆଠାରୁ ବି କମ୍। କେନ୍ଦ୍ର ସରକାର ସବୁବେଳେ ଅଭିଯୋଗ କରୁଥିବା ପରି ଏହି ରିପୋର୍ଟକୁ କେଉଁ ଦେଶଦ୍ରୋହୀ ସଂସ୍ଥା ପ୍ରସ୍ତୁତ କରିନାହାନ୍ତି। ଖୋଦ୍ ସରକାରୀ ସଂସ୍ଥା ଏହାକୁ ପ୍ରସ୍ତୁତ କରିଛି। ସ୍ୱାଧୀନତାର ୭୫ ବର୍ଷ ପରେ ଚାଷୀ ପରିବାରଟିଏ ଯଦି ଚାଷ ଅପେକ୍ଷା ମଜୁରିରୁ ଅଧିକ ରୋଜଗାର ପାଉଛି, ତେବେ ଆମ ଦେଶର କୃଷି ନୀତି କେତେ ଚାଷୀ ଉପଯୋଗୀ ଓ ନୀତି ନିର୍ମାତାମାନେ ଚାଷୀ ପାଇଁ କେତେ ଚିନ୍ତିତ ଏହା ଭଲ ଭାବେ ବୁଝି ହେଉଛି। ଚାଷୀଙ୍କ ଉତ୍ପାଦନକୁ ଉଚିତ ମୂଲ୍ୟ ମିଳୁ ନ ଥିବା ଯୋଗୁ ଓ ସରକାରଙ୍କ କୃଷିନୀତି ଚାଷୀଙ୍କ ଅପେକ୍ଷା କମ୍ପାନୀଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ଚାଷରୁ ରୋଜଗାର କମୁଛି ଓ ତୁଳନାତ୍ମକ ଭାବେ ଚାଷୀ ପରିବାରଟିଏ ଚାଷ ଅପେକ୍ଷା ମଜୁରିରୁ ଅଧିକ ରୋଜଗାର ପାଉଛି। ଏହା ପଛର ମୁଖ୍ୟ କାରଣ ହେଉଛି, ସରକାର ଚାହୁଁଛନ୍ତି ଲୋକମାନେ ଚାଷ ଛାଡ଼ି ମୂଲିଆରେ ପରିଣତ ହୁଅନ୍ତୁ ଓ ଏହାଦ୍ୱାରା ସହରକୁ ଶସ୍ତା ମୂଲ୍ୟରେ ଶ୍ରମିକ ଯୋଗାଇ ଦେଇହେବ। ଚାଷୀମାନଙ୍କୁ ଶ୍ରମିକରେ ପରିଣତ କରିବାର ଏହି ଧାରା ଯଥେଷ୍ଟ ପୂର୍ବରୁ ଆରମ୍ଭ ହୋଇଛି। ୨୦୧୧ ଜନଗଣନା ଅନୁସାରେ ପ୍ରତିଦିନ ୨ ହଜାର ଚାଷୀ ଚାଷ ଛାଡ଼ି ଦିନ ମଜୁରିଆରେ ପରିଣତ ହେଉଛନ୍ତି। ୨୦୧୨-୧୩ରେ ଗୋଟିଏ ଚାଷୀ ପରିବାର ତା'ର ସମୁଦାୟ ଆୟର ୪୮ ପ୍ରତିଶତ ଚାଷରୁ ପାଉଥିଲା, ଯାହା କି ୨୦୧୮-୧୯ରେ ୩୮ ପ୍ରତିଶତକୁ କମିଯାଇଛି। ଏହି ସମାନ ସମୟ ମଧ୍ୟରେ ଗୋଟିଏ ଚାଷୀ ପରିବାରର ମଜୁରିରୁ ଆୟ ୩୨ ପ୍ରତିଶତରୁ ବୃଦ୍ଧି ପାଇ ୪୦ ପ୍ରତିଶତରେ ପହଞ୍ଚିଛି।

ଏହି ରିପୋର୍ଟ ଅନୁସାରେ ଚାଷରେ ହେଉଥିବା କେବଳ ନଗଦ ଖର୍ଚ୍ଚକୁ ହିସାବକୁ ନେଇ ଦେଖିଲେ ୨୦୧୮-୧୯ରେ ଗୋଟେ ଚାଷୀ ପରିବାରର ମାସିକ ରୋଜଗାର ୧୦,୨୧୮ଟଙ୍କା। ୨୦୧୨-୧୩ରେ ଏହି ପରିମାଣ ୬୪୨୬ ଟଙ୍କା ଥିଲା। ମୁଦ୍ରାସ୍ଫୀତିକୁ ବିଚାରକୁ ନେଇ ହିସାବ କଲେ ଗତ ୬ ବର୍ଷ ମଧ୍ୟରେ ମାତ୍ର ୧୬% ରୋଜଗାର ବୃଦ୍ଧି ହୋଇଥିବାର ଦେଖାଯାଏ। ନଗଦ ଟଙ୍କା ଖର୍ଚ୍ଚ ସହିତ ଅନ୍ୟାନ୍ୟ ଖର୍ଚ୍ଚ ଯଥା ନିଜସ୍ୱ ଶ୍ରମ, ବିହନ, ନିଜସ୍ୱ ଯନ୍ତ୍ରପାତି ଆଦିର ମୂଲ୍ୟକୁ ହିସାବକୁ ନେଲେ ୨୦୧୮-୧୯ରେ ଗୋଟେ ଚାଷୀ ପରିବାରର ମାସିକ ଆୟ ୮୩୩୮ ଟଙ୍କା। ଏଥିରୁ କେବଳ ଚାଷରୁ ହୋଇଥିବା ରୋଜଗାରକୁ ଦେଖିଲେ ଚାଷୀ ପରିବାରଟିଏ ମାସକୁ ଚାଷରୁ ମାତ୍ର ୩୭୯୮ ଟଙ୍କା ରୋଜଗାର କରୁଛି। ମୁଦ୍ରାସ୍ଫୀତିକୁ ବିଚାରକୁ ନେଇ ହିସାବ କଲେ ୨୦୧୨-୧୩ ତୁଳନାରେ ଚାଷରୁ ରୋଜଗାର ମାତ୍ର ୮.୯ପ୍ରତିଶତ ବଢ଼ିଛି। ବିଜନେସ୍ ଷ୍ଟାଣ୍ଡାର୍ଡର ସାମ୍ବାଦିକ ଅଭିଷେକ ବାଘମ୍‌ରେ କରିଥିବା ଏକ ଚମତ୍କାର ବିଶ୍ଳେଷଣ ଅନୁସାରେ ମୁଦ୍ରାସ୍ଫୀତିକୁ ହିସାବକୁ ନେଲେ ଜଣେ ଚାଷୀର ଦିନକୁ ଆୟ ମାତ୍ର ୨୭ ଟଙ୍କା। ଏଥିରୁ ଗୋଟିଏ କଥା ବୁଝାପଡୁଛି ଯେ, ଆମ ଦେଶର ଚାଷୀମାନେ ଖାଦ୍ୟ ଉତ୍ପାଦନ କରିବାର ଦଣ୍ଡ ଭୋଗୁଛନ୍ତି। ନୋବେଲ ପୁରସ୍କାର ବିଜେତା ଅର୍ଥଶାସ୍ତ୍ରୀ ଯୋଶେଫ୍ ଷ୍ଟିଗ୍‌ଲିଜ୍ କହନ୍ତି, ଭାରତରେ ଚାଷୀ ହେବା ଅପେକ୍ଷା ୟୁରୋପ୍‌ରେ ଗାଈ ହେବା ଢେର୍ ଗୁଣ ଭଲ। କାରଣ ୟୁରୋପରେ ଗୋଟିଏ ଗାଈକୁ ଦିନକୁ ୨ ଡଲାର ସବ୍‌ସିଡ୍ ମିଳୁଛି; ଯାହା ଭାରତରେ ଜଣେ ଚାଷୀର ରୋଜଗାରଠାରୁ ବହୁତ ଅଧିକ।

ରିପୋର୍ଟରେ ପୁନଶ୍ଚ ଉଲ୍ଲେଖ ଅଛି ଯେ, ୨୦୧୨-୧୩ରେ ଗୋଟିଏ ଚାଷୀ ପରିବାର ଉପରେ ହାରାହାରି ଋଣଭାର ୪୭,୦୦୦ ଟଙ୍କା ଥିବାବେଳେ ୨୦୧୮-୧୯ରେ ଏହା ବୃଦ୍ଧି ପାଇ ୭୪,୧୦୦ ଟଙ୍କାରେ ପହଞ୍ଚିଛି। ଦେଶର ଅଧାରୁ ଅଧିକ ଅର୍ଥାତ୍ ୫୦.୨ ପ୍ରତିଶତ ଚାଷୀ ପରିବାର ଋଣ ବୋଝ ତଳେ ଚାପି ହୋଇଅଛନ୍ତି। ଲୋକ ସଭାରେ ଦିଆଯାଇଥିବା ଏକ ସୂଚନା ଅନୁସାରେ ମାର୍ଚ୍ଚ ୨୦୨୧ ସୁଦ୍ଧା ଚାଷୀଙ୍କ ଉପରେ ଥିବା ଋଣ ବୋଝର ପରିମାଣ ସମୁଦାୟ ୧୬.୮ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗୋଟିଏ ପଟେ ଚାଷୀଙ୍କ ଉପରେ ଋଣ ଭାର ବଢ଼ି ଚାଲୁଥିବା ବେଳେ ଦୁର୍ଭାଗ୍ୟଜନକ ଭାବେ ଚାଷୀଙ୍କ ଆୟରେ ବୃଦ୍ଧି ହେଉନାହିଁ। ଏଥିସହିତ ଆଉ ଗୋଟିଏ କଥା ଦେଖାଯାଉଛି ଯେ, ଚାଷୀମାନଙ୍କର ପରିବାର ପିଛା ଜମିର ପରିମାଣ ବି କମି କମି ଚାଲୁଛି। ଆମ ଦେଶର ସମୁଦାୟ ଚାଷୀଙ୍କ ମଧ୍ୟରୁ ୭୦.୮ ପ୍ରତିଶତ ଚାଷୀ ପରିବାରଙ୍କ ପାଖରେ ୧ ହେକ୍ଟରରୁ କମ୍ ଜମି ଅଛି। ମାତ୍ର ୯.୯ ପ୍ରତିଶତ ଚାଷୀ ପରିବାରଙ୍କ ପାଖରେ ୧ ହେକ୍ଟରୁ ୨ ହେକ୍ଟର ମଧ୍ୟରେ ଜମି ଅଛି। ସରକାରଙ୍କ ହିସାବରେ ଚାଷୀ ପରିବାର କହିଲେ, ଯେଉଁ ପରିବାର ଚାଷ ଓ ଚାଷ ସମ୍ବନ୍ଧୀୟ ଆନୁଷଙ୍ଗିକ କ୍ଷେତ୍ରର ଉତ୍ପାଦନରୁ ୪୦୦୦ ଟଙ୍କାରୁ ଅଧିକ ପାଉଥିବେ ଏବଂ ପରିବାରର ଜଣେ ସଦସ୍ୟ ପ୍ରାଥମିକ ଭାବେ ଗତ ବର୍ଷେ ମଧ୍ୟରେ ଚାଷ ସହିତ ଜଡ଼ିତ ଥିବେ। ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳର ମାତ୍ର ୦.୨ ପ୍ରତିଶତ ଚାଷୀ ପରିବାର ପାଖରେ ୧୦ ହେକ୍ଟରରୁ ଅଧିକ ଜମି ଅଛି। ସଂପ୍ରତି ଚାଲୁଥିବା ଚାଷୀ ଆନ୍ଦୋଳନକୁ ସରକାର ଯେତେବେଳେ ବଡ଼ ଚାଷୀମାନଙ୍କର ଆନ୍ଦୋଳନ କହି ଟାଳି ଦେଉଛନ୍ତି, ସେତେବେଳେ ଏହି ପରିସଂଖ୍ୟାନକୁ ଦେଖିଲେ ବୁଝି ହେଉଛି ଯେ, ସରକାର କେତେ ଧୂର୍ତ୍ତତାର ସହିତ ଗାଲୁଆମି କରୁଛନ୍ତି।

ବଡ଼ ଚାଷୀ ହୁଅନ୍ତୁ କି ଛୋଟ ଚାଷୀ, ଉତ୍ପାଦନକୁ ଉଚିତ ମୂଲ୍ୟ ନ ମିଳିବାର ଧାରା ଦଶନ୍ଧି ଦଶନ୍ଧି ଧରି ଆମ ଦେଶରେ ଜାରି ରହିଛି। ଏହା ହିଁ ଚାଷୀମାନେ ଗରିବ ହେବାର ଏକ ମୁଖ୍ୟ କାରଣ। ସରକାର ପରେ ସରକାର ପରିବର୍ତ୍ତନ ହେଉଛି, କିନ୍ତୁ ଚାଷୀଙ୍କ ଉତ୍ପାଦନକୁ ଉଚିତ ମୂଲ୍ୟ ଦେବାକୁ କେହି ବି ଚାହୁଁନାହାନ୍ତି। ସରକାର ଯଦି କେବଳ ଚାଷୀମାନଙ୍କୁ ସେମାନଙ୍କର ଉତ୍ପାଦନର ଉଚିତ ମୂଲ୍ୟ ଓ ଚାଷୀମାନଙ୍କ ପାଇଁ ଏକ ରୋଜଗାର ସୁରକ୍ଷାର ବ୍ୟବସ୍ଥା କରନ୍ତେ, ଚାଷୀମାନଙ୍କ ଅବସ୍ଥାରେ ନିଶ୍ଚୟ ପରିବର୍ତ୍ତନ ହୋଇପାରନ୍ତା। ଆମେ ଦେଖୁଛେ ଯେ, ଚାଷୀମାନେ ଅନେକ କଷ୍ଟ ସହି, ପ୍ରାକୃତିକ ବିପର୍ଯ୍ୟୟ ସହିତ ଲଢ଼ି, ଉତ୍ପାଦନର ଉଚିତ ଦାମ୍ ନ ମିଳିବା ସତ୍ତ୍ୱେ ବି ବର୍ଷ ବର୍ଷ ଧରି ଦେଶବାସୀଙ୍କ ପାଇଁ ଖାଦ୍ୟ ଉତ୍ପାଦନ କରିଆସୁଛନ୍ତି। କିନ୍ତୁ ସେମାନଙ୍କର ଆର୍ଥିକ ପରିସ୍ଥିତି ଦେଖିଲେ ଯେମିତି ଲାଗୁଛି, ସେମାନେ ଖାଦ୍ୟ ଉତ୍ପାଦନ କରିବାର ଦଣ୍ଡ ଭୋଗୁଛନ୍ତି। ୨୦୨୦-୨୧ରେ ଆମ ଦେଶରେ ରେକର୍ଡ ପରିମାଣର ୩୦୮.୫ ମିଲିଅନ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି। ୨୦୧୮-୧୯ରେ ଆମ ଦେଶର ଚାଷୀମାନେ ୧୮୭.୭୫ ମିଲିଅନ୍ ଟନ୍ କ୍ଷୀର, ୧୭୪.୬୩ ମିଲିଅନ୍ ଟନ୍ ଧାନ, ୧୦୨.୧୯ ମିଲିଅନ୍ ଟନ୍ ଗହମ ଉତ୍ପାଦନ କରିଥିଲେ। ଏହା ସହିତ ୩୨୦.୪୭ ମିଲିଅନ୍ ଟନ୍ ଫଳ ଓ ପନିପରିବା ଆଦି ଉତ୍ପାଦନ କରିଥିଲେ। ପ୍ରତିବର୍ଷ ଉତ୍ପାଦନ ବଢ଼ି ବଢ଼ି ଚାଲୁଛି। ଏହାର ଶ୍ରେୟ କେବଳ ଆମ ଚାଷୀମାନଙ୍କ ପାଖକୁ ହିଁ ଯିବ। ଏତେ ସବୁ ଉତ୍ପାଦନ କରିବା ସତ୍ତ୍ୱେ ବି ଆର୍ଥିକ ଅବସ୍ଥାର ଶିଡ଼ିରେ ଚାଷୀମାନେ ପୂରା ତଳ ପାହାଚରେ ଅଛନ୍ତି।

ନୀତି ଆୟୋଗର ଏକ ରିପୋର୍ଟରେ ପ୍ରସ୍ତାବ ଦେଇ କୁହାଯାଇଥିଲା ଯେ, ୨୦୨୨ ସୁଦ୍ଧା ଯଦି ଆମ ଦେଶର ଚାଷୀଙ୍କ ସଂଖ୍ୟା ୫୫ ପ୍ରତିଶତରେ ସୀମିତ ରହିବ ତେବେ ଚାଷୀଙ୍କ ଆମଦାନୀ ଦୁଇଗୁଣ ହୋଇଯିବ। ଅର୍ଥଶାସ୍ତ୍ରୀମାନେ ବାରମ୍ବାର କହୁଥିଲେ ଯେ, ଅଧିକ ଲୋକ ଚାଷ କ୍ଷେତ୍ରରେ ଥିବାରୁ ଚାଷରେ ଚାଷୀମାନେ କ୍ଷତି ସହୁଛନ୍ତି। ତେଣୁ ଅଧା ସଂଖ୍ୟକ ଚାଷୀ ଚାଷରୁ ବାହାରି ଯାଇ ଅଣଚାଷ ବୃତ୍ତିକୁ ଆପଣେଇବା ଆବଶ୍ୟକ। ଆଜି ଚାଷୀମାନଙ୍କ ସଂଖ୍ୟା ପାଖାପାଖି ୫୦ ପ୍ରତିଶତରେ ପହଞ୍ଚି ଗଲାଣି। ଅର୍ଥାତ୍ ଅନେକ ଲୋକ ଚାଷ କ୍ଷେତ୍ରରୁ ବାହାରି ଯାଇ ମୂଲିଆରେ ପରିଣତ ହୋଇସାରିଲେଣି। ତଥାପି ମଧ୍ୟ ଆମେ ଦେଖୁଛେ ଯେ, ୨୦୧୮-୧୯ରେ ଚାଷରୁ ହେଉଥିବା ରୋଜଗାର ତୁଳନାରେ ମଜୁରିରୁ ହେଉଥିବା ରୋଜଗାର ଅଧିକ। ତା'ହେଲେ ସେହି ତଥାକଥିତ ଅର୍ଥଶାସ୍ତ୍ରୀମାନେ ଏହାର ଉତ୍ତର କ'ଣ ଦେବେ!

ଗୋଟିଏ କଥା ସ୍ପଷ୍ଟ ଯେ, ସରକାରଙ୍କୁ ଚାଷୀମାନଙ୍କ ଉତ୍ପାଦନର ଉଚିତ ମୂଲ୍ୟ ଦେବାକୁ ହେବ। ଏବେ ବି ସରକାର ଘୋଷଣା କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ ଉଠୁନାହିଁ। ଗୋଟିଏ ପଟେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଓ ସେବାର ଦରଦାମ୍ ଆକାଶଛୁଆଁ ବୃଦ୍ଧି ଘଟିଥିବା ବେଳେ, ଚାଷୀଙ୍କ ଉତ୍ପାଦନର ଦାମ୍ ଆଖି ଦୃଶିଆ ବଢ଼ିନାହିଁ। ଚାଷୀଙ୍କ ଉତ୍ପାଦନର ବହୁତ କମ୍ ଦାମ୍ ମିଳୁଥିବା ବେଳେ ଓ ଚାଷୀମାନେ ଆଜିର ଚଢ଼ା ବଜାରରୁ ସେମାନଙ୍କ ଆବଶ୍ୟକୀୟ ଜିନିଷ ପତ୍ର କିଣୁଥିବାରୁ ସେମାନଙ୍କ ଶ୍ରମ ଭୟଙ୍କର ଭାବେ ଶୋଷିତ ହେଉଛି। ଫଳରେ ଯେତେ ପରିଶ୍ରମ କଲେ ସୁଦ୍ଧା ଚାଷୀଟିର ଅବସ୍ଥାରେ ସୁଧାର ଆସୁନାହିଁ। କାରଣ ଆଜିର ବଜାର ଅର୍ଥନୀତିର ଜାଲରେ ପଡ଼ି ଚାଷୀଟି ଛଟପଟ୍ ହେଉଛି।

ଆମେ ଭୁଲିଯିବା ଉଚିତ ନୁହେଁ ଯେ, ଚାଷୀଙ୍କର ପରିଶ୍ରମ ଓ ଉତ୍ପାଦନ ଯୋଗୁ ହିଁ ଆମେ ସମସ୍ତେ ଖାଦ୍ୟ ପାଇପାରୁଛନ୍ତି; ଯାହା ଆମ ଜୀବନଧାରଣର ମୁଖ୍ୟ ଉପାଦାନ। ବିନା ଖାଦ୍ୟରେ କେହି ବି ବଞ୍ଚିପାରିବେ ନାହିଁ। ତେଣୁ ଚାଷୀମାନଙ୍କର ବାସ୍ତବିକ ବିକାଶ ବିନା କୌଣସି ରାଷ୍ଟ୍ର କେବେ ବି ଉପରକୁ ଉଠିପାରିବ ନାହିଁ। ଏବେ ସମୟ ଆସିଛି ଚାଷୀମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ନ ଦେଇ ବାସ୍ତବ ଅର୍ଥରେ ସେମାନଙ୍କର ବିକାଶ ପାଇଁ ନୀତି ନିର୍ଦ୍ଧାରଣ କରିବାକୁ ହେବ। ଅନ୍ତତଃପକ୍ଷେ ଚାଷୀଙ୍କ ଉତ୍ପାଦନକୁ ଉଚିତ ଦାମ୍ ଓ ଚାଷୀମାନଙ୍କ ପାଇଁ ଏକ ନିୟମିତ ରୋଜଗାର ସୁରକ୍ଷାର ବ୍ୟବସ୍ଥା କରିବାକୁ ହେବ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ:୯୪୩୮୪୬୮୪୭୪**

# ଚନ୍ଦ୍ର ଚୋରି



ଡ. ନିଖିଳାନନ୍ଦ ପାଣିଗ୍ରାହୀ

କିଛି ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ ଏକ ଅଜବ କାହାଣୀ। ପୁରୀ ଗଜପତିଙ୍କ ଅମଳର କଥା। ସମ୍ଭବତଃ ଗଙ୍ଗବଂଶୀୟ। କୌଣସି ଜଣେ ଗଜପତିଙ୍କ ଅଧୀନରେ ବାହିନୀପତି ନାମକ ଜଣେ ପଣ୍ଡିତ ଥିଲେ। ସେ ଏକଦା ଭୁଲବଶତଃ ପୂର୍ଣ୍ଣମୀ ବଦଳେ ଅମାବାସ୍ୟା ବୋଲି କୌଣସି ଏକ ତିଥିରେ କହିଦେଲେ। ପଣ୍ଡିତେ ପୁଣି କଥା ଓଲଟାଇ ଦେଲେ, ଏହା କେବଳ ଅପମାନଜନକ ହେବ ନାହିଁ, ତାଙ୍କ ବିଶ୍ୱସନୀୟତା ଜନମାନସରେ ନ୍ୟୂନ ହୋଇଯିବ। ଏଥିପାଇଁ ପଣ୍ଡିତେ ଖୁବ୍ ଚିନ୍ତାରେ ପଡ଼ିଲେ। ନିଜକୁ ସଠିକ୍ ବୋଲି ପ୍ରତିପାଦନ କରିବାକୁ ତାନ୍ତ୍ରିକ ଶକ୍ତି ବଳରେ କୁଆଡ଼େ ସେଇଦିନ ଚନ୍ଦ୍ରକୁ ଲୁଚାଇ ଦେଇଥିଲେ।

ଏହି ପୃଷ୍ଠଭୂମିରେ ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସ (ଜେପି) ଉଲ୍ଲେଖ କରିଛନ୍ତି, ''ମୋର ଏପର୍ଯ୍ୟନ୍ତ ମନେଅଛି 'ଚ' ଅକ୍ଷର ତାଲିକାରେ ଗୋଟିଏ ନାମବାଚକ ଶବ୍ଦ ଥିଲା 'ଚନ୍ଦ୍ରଚୋର ବାହିନୀପତି'। ଏହି ପଣ୍ଡିତ କୁଆଡ଼େ ଥରେ ଭୁଲ୍‌ରେ ପୂର୍ଣ୍ଣିମାକୁ ଅମାବାସ୍ୟା କହି ନିଜକୁ ସଠିକ୍ ପ୍ରମାଣିତ କରିବା ପାଇଁ ରାତିରେ ଚନ୍ଦ୍ରକୁ ଲୁଚାଇ ଦେଇଥିଲେ।'' (ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ଉପରେ ଟିପ୍ପଣୀ)। ଉକ୍ତ ଅତୀତ ଘଟଣାର ସତ୍ୟାସତ୍ୟ ନିର୍ଣ୍ଣୟ କରିବା ଏଠାରେ ଆମ ଉଦ୍ଦେଶ୍ୟ ନୁହେଁ। ତେବେ ଏମିତି ଏକ ଅସ୍ୱାଭାବିକ ଘଟଣା ଯେ କୌତୂହଳପ୍ରଦ, ଏହା ଅସ୍ୱୀକାର କରିହେବ ନାହିଁ।

ଧରାଯାଉ, କେହି ଜଣେ କିମ୍ବା କୌଣସି ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ଅଥବା ମହାଜାଗତିକ କାରଣରୁ ଚନ୍ଦ୍ର ହଠାତ୍ ଅନ୍ତର୍ହିତ ହୋଇଗଲା; କେବଳ ଗୋଟିଏ ରାତି ପାଇଁ ନୁହେଁ, ଚିରଦିନ। ତେବେ ପୃଥିବୀ ଉପରେ ଏହାର ପ୍ରଭାବ କେଉଁ ଧରଣର ହେବ ? ବିଖ୍ୟାତ ପଦାର୍ଥବିଜ୍ଞାନୀ ସାର ଆଇଜାକ୍ ନିଉଟନ୍ (୧୬୪୩-୧୭୨୭) ମାନବ-ଜାତିକୁ ଯେଉଁ ଜ୍ଞାନାଲୋକରେ ଉଦ୍ଭାସିତ କରିଥିଲେ, ତନ୍ମଧ୍ୟରେ 'ସାର୍ବଜନୀନ ମହାକର୍ଷଣୀୟ ନିୟମ' (ୟୁନିଭର୍ସାଲ ଅଫ୍ ଗ୍ରାଭିଟେଶନ)ର ଅବଦାନ ଅତୁଳନୀୟ। ଏହି ନିୟମାନୁସାରେ ପ୍ରତ୍ୟେକ ବସ୍ତୁ (ସେଥିରୁ ଚନ୍ଦ୍ର, ପୃଥିବୀ, ସୂର୍ଯ୍ୟ ବାଦ୍ ପଡ଼ିବେ ନାହିଁ) ପରସ୍ପରକୁ ଆକର୍ଷଣ କରି ନିଜ ଆଡ଼କୁ ଟାଣି ନେବା ପାଇଁ ବାଧ୍ୟ। ଧରାଯାଉ, ଚନ୍ଦ୍ର ଓ ପୃଥିବୀ। ଏହି ଦୁଇଟି ଖଗୋଳୀୟ ବସ୍ତୁ ମଧ୍ୟରେ ଏହି ବଳ ମଧ୍ୟ ସକ୍ରିୟ ରହିବା ଅନିବାର୍ଯ୍ୟ। ଯାହାର ବସ୍ତୁତ୍ୱ ଅଧିକ ଏବଂ ଯିଏ ଯେତେ ନିକଟତର, ତା'ର ବଳ ସେତେ ଅଧିକ।

ପୃଥିବୀର ମୁଖ୍ୟତଃ ଦୁଇ ପ୍ରକାର ଗତି ଅଛି। ଯଥା: ଆହ୍ନିକ ଏବଂ ବାର୍ଷିକ। ଆହ୍ନିକ ଗତି ବୁଝିବାକୁ ଗୋଟିଏ ଘୂର୍ଣ୍ଣନଶୀଳ ଖେଳନା (ନଟୁ) ପ୍ରତି ଦୃଷ୍ଟି ଦିଆଯାଇପାରେ। ସେହି ପ୍ରକାରେ ପୃଥିବୀ ନିଜର ଅକ୍ଷକୁ କେନ୍ଦ୍ର କରି ଘୂରେ। ଏହି ଅକ୍ଷୀୟ ଘୂର୍ଣ୍ଣନ (ରୋଟେଶନ ମୋଶନ ଅଥବା ଡାଇୟୁନାର୍ଲ ମୋଶନ) ଦ୍ୱାରା ପୃଥିବୀରେ ଦିନରାତି ଘଟେ। ଥରେ ଘୂରିବା ପାଇଁ ଏହା ଚବିଶ ଘଣ୍ଟା ନେଇଥାଏ। ପୃଥିବୀର ଅନ୍ୟ ଗତିଟି ହେଉଛି ବାର୍ଷିକ। ସୂର୍ଯ୍ୟକୁ କେନ୍ଦ୍ର କରି ନିଜ ନିର୍ଦ୍ଦିଷ୍ଟ କକ୍ଷ (ଅର୍ବିଟ)ରେ ଥରେ ବୁଲିବା ପାଇଁ ପୃଥିବୀକୁ ଗୋଟିଏ ବର୍ଷ ଲାଗେ। ଏହି କକ୍ଷୀୟ ଗତି (ରିଭୋଲ୍ୟୁଶନ ମୋଶନ) ଫଳରେ ଋତୁ ପରିବର୍ତ୍ତନ ଘଟେ। ତେଣୁ ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶିଶିର (ଶୀତ) ପରି ଛଅ ଋତୁ ପୃଥିବୀରେ ଅନୁଭୂତ ହୁଏ। ତେବେ ଉକ୍ତ ଆହ୍ନିକ ଓ ବାର୍ଷିକ ଗତି ପ୍ରତି ଚନ୍ଦ୍ରର ଉପସ୍ଥିତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହାର କାରଣ ନିଉଟନ୍‌ଙ୍କ ମାଧ୍ୟାକର୍ଷଣ ବଳର ନିୟମ ପ୍ରୟୋଗ କଲେ ସ୍ପଷ୍ଟ ହେବ।

ସଂପ୍ରତି ଚନ୍ଦ୍ରଙ୍କ ମାଧ୍ୟାକର୍ଷଣ ଶକ୍ତି ପୃଥିବୀ ସ୍ଥିତିକୁ ବିଭିନ୍ନ ପ୍ରକାରେ ପ୍ରଭାବିତ କରୁଛି। ଯଥା: ଆମ ସମୁଦ୍ରର ଜଳରାଶି ଉପରେ ଏହି କାରଣରୁ ବିଷୁବରେଖା ନିକଟରେ ସମୁଦ୍ର ତରଙ୍ଗ ସ୍ଫୀତ ହୁଏ, ଯଦି ଚନ୍ଦ୍ର ସିଧାସଳଖ ସେଇ ଅଞ୍ଚଳ ଉପରେ ଥିବ। ଏହାର ଫଳସ୍ୱରୂପ ମେରୁରୁ ଜଳ ବିଷୁବରେଖା ନିକଟସ୍ଥ ଅଞ୍ଚଳକୁ ଆସି ଜମାହୁଏ ଏବଂ ମେରୁରେ ସମୁଦ୍ରର ଜଳସ୍ତରରେ ହ୍ରାସ ଘଟେ। ଏହି ପ୍ରକ୍ରିୟାରେ ସାଗରର ଜଳରାଶି ମଧ୍ୟରେ ଚଳପ୍ରଚଳ ଘଟେ, ଯାହାକି ଘୂରୁଥିବା ପୃଥିବୀରେ ଘର୍ଷଣ ଘଟାଏ। ଅବଶ୍ୟ ଏହି ଘର୍ଷଣ (ଫ୍ରିକଶନ) ସାମାନ୍ୟ। କିନ୍ତୁ ଏହାର ପରିଣାମକୁ ଏଡ଼ାଇ ଦେଇ ହେବ ନାହିଁ। ଘର୍ଷଣ ସର୍ବଦା ଗତିକୁ ଧୀମାକରେ। ତେଣୁ ପୃଥିବୀର ଆହ୍ନିକ ଗତି କିଛି ପରିମାଣରେ ମନ୍ଥର ହୁଏ। ପ୍ରକାଶଥାଉକି, ସ୍ଥୂଳ ବିଚାରରେ ସମୁଦ୍ରର ଯେଉଁ ଅଂଶ ଚନ୍ଦ୍ରର ନିକଟବର୍ତ୍ତୀ, ସେଠାରେ ତରଙ୍ଗ ଫୁଲି ସମୁଦ୍ର ଜୁଆରିଆ ହୁଏ। ବିଶେଷତଃ ଚନ୍ଦ୍ରର ନିକଟସ୍ଥ ଅଞ୍ଚଳରେ ଉଚ୍ଚ ତରଙ୍ଗ (ହାଇଟାଇଡ୍) ଦେଖାଯିବ। ଧରାଯାଉ, ଚନ୍ଦ୍ର ବର୍ତ୍ତମାନର ସ୍ଥିତିଠାରୁ କୋଡ଼ିଏ ଗୁଣ ତଳକୁ ଖସିଆସିବ, ତେବେ ସମୁଦ୍ର-ତରଙ୍ଗର ଉଚ୍ଚତା ଏତେ ବୃଦ୍ଧିପାଇବ ଯେ, ଉପକୂଳବର୍ତ୍ତୀ ଅଞ୍ଚଳର ନିମ୍ନରେ ଥିବା ଲଣ୍ଡନ, ନ୍ୟୁୟର୍କ, ମୁମ୍ବାଇ ପରି ସହର ମଧ୍ୟକୁ ସମୁଦ୍ର ମାଡ଼ିଆସିବ ଏବଂ ଏହି ଜନବସତି ଜଳମଗ୍ନ ହେବ। କାରଣ ସେତେବେଳେ ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ଚାରିଶହ ଗୁଣ ବଢ଼ିଯିବ। ପ୍ରକାରାନ୍ତରେ ଚନ୍ଦ୍ରଠାରୁ ଦୂରରେ ଥିବା ସମୁଦ୍ରର ତରଙ୍ଗ ନୀଚା ବା ନିମ୍ନ (ଲୋଟାଇଡ୍) ହେବ।

ଉପରୋକ୍ତ କାରଣରୁ ପୃଥିବୀର ଅକ୍ଷୀୟ ଗତି ହ୍ରାସ ପାଏ। ଏହାର ସୁଫଳ ଭାବେ ଆମର ଦିନ (ରାତିକୁ ମିଶାଇ) ଚବିଶ ଘଣ୍ଟା ରହେ। ଯଦି ଚନ୍ଦ୍ରର ଏହି ଲଗାମ ପୃଥିବୀ ଉପରେ ନ ରହିବ, ତେବେ ଅକ୍ଷୀୟ ଗତି ତୀବ୍ର ହେବ। ତେଣୁ ଚବିଶ ଘଣ୍ଟା ବଦଳରେ ଦିନରାତି ମିଶି ୬ରୁ ୧୨ ଘଣ୍ଟା ମଧ୍ୟକୁ କମିଯିବ। ଦିନରାତିର ଅବଧିରେ ଏତାଦୃଶ ହ୍ରାସ ଯୋଗୁ ବର୍ଷକରେ ଏହି ସଂଖ୍ୟା ଯଥେଷ୍ଟ ବଢ଼ିଯିବ। ତେଣୁ ଆଉ ୩୬୫ ନ ହୋଇ ଏହା ଏକ ହଜାରରୁ ଆହୁରି ଅଧିକ ହୋଇଯିବ। ପରିଣାମ ସ୍ୱରୂପ, ଆମ କ୍ୟାଲେଣ୍ଡରର ଆକାର ବଢ଼ିବ। ତଦନୁରୂପ ପାଞ୍ଜିର ପୃଷ୍ଠାସଂଖ୍ୟା, ତିଥି ଇତ୍ୟାଦି ନିର୍ଣ୍ଣୟ କରିବାକୁ ନାନା ଅସୁବିଧା ଦେଖାଦେବ।

ଏଠାରେ ସ୍ମରଣଯୋଗ୍ୟ ଯେ, ପୃଥିବୀ ନିଜ ଅକ୍ଷରେ ଘୂରୁଛି। ତେଣୁ ଏଥିରେ କେନ୍ଦ୍ରପସାରୀ ବଳ (ସେଣ୍ଟ୍ରିଫ୍ୟୁଗାଲ ଫୋର୍ସ) ଅନ୍ତର୍ନିହିତ। ଏହା ସମୁଦ୍ର ଜଳକୁ ନିଜ ଶରୀରରେ ବାନ୍ଧି ରଖିଛି। ଚନ୍ଦ୍ର ନ ଥିଲେ ସମୁଦ୍ରରେ କୌଣସି ଜୁଆର ନ ଘଟି, ବିନା (କିମ୍ବା ସାମାନ୍ୟ) ତରଙ୍ଗରେ ସମୁଦ୍ର ସ୍ତର ଦୃଶ୍ୟମାନ ହୋଇଥାନ୍ତା। ତେଣୁ ବର୍ତ୍ତମାନ ପରି ସମୁଦ୍ର ଗର୍ଜନ ନ କରି ଶାନ୍ତ, ନୀରବ ରହିଥା'ନ୍ତା। କିନ୍ତୁ ଚନ୍ଦ୍ରର ଶକ୍ତି ଦ୍ୱାରା ଜୁଆର-ଭଟ୍ଟା ସମୁଦ୍ରରେ ସୃଷ୍ଟି ହୁଏ। ଅବଶ୍ୟ ସୂର୍ଯ୍ୟର ମାଧ୍ୟାକର୍ଷଣ ଶକ୍ତି ରହିଛି। କିନ୍ତୁ ବହୁ ଦୂରରେ ଥିବାରୁ ଏହା ନିକଟବର୍ତ୍ତୀ ଚନ୍ଦ୍ର ପରି ପ୍ରଭାବଶାଳୀ ନୁହେଁ। ଚନ୍ଦ୍ର ଯୋଗୁ ସମୁଦ୍ର ଭୀମରଡ଼ି ଦେଇ ଆମକୁ ଅସ୍ତବ୍ୟସ୍ତ କଲେ ସୁଦ୍ଧା, ଏହାର ଉପସ୍ଥିତିରୁ ବର୍ଷକରେ ଦିନ ସଂଖ୍ୟା ସହସ୍ରାଧିକ ହୁଏ ନାହିଁ। ୩୬୫କୁ ଅତିକ୍ରମ ନ କରିବା ଅବଶ୍ୟ ସ୍ୱାଗତଯୋଗ୍ୟ।

**ମୋ: ୯୦୭୮୭୪୩୮୪୩**

## ଏଇ ଭାରତରେ

ପଶ୍ଚିମବଙ୍ଗର ପଶ୍ଚିମ ବର୍ଦ୍ଧମାନ ଜିଲାର ଦୁର୍ଗମ ଗାଁଗୁଡ଼ିକରେ ବୁଲୁଛି ଭ୍ୟାକ୍ସିନ ରଥ। ଏହି ରଥ ବୁଲାଉଛନ୍ତି ପ୍ରାଥମିକ ସ୍କୁଲ ଶିକ୍ଷକ ଦୀପ ନାରାୟଣ ନାୟକ। ଦୀପଙ୍କ ବୟସ ୩୪। ସେ ଏକ ବସ୍‌କୁ ଭଡ଼ାରେ ଆଣି ଭ୍ୟାକ୍ସିନ ରଥ କରିଛନ୍ତି। ଏହି ସମୟରେ କୋଭିଡ୍-୧୯ ଟିକା ପାଇଁ କୋ-ଇନ୍ ଆପ ମାଧ୍ୟମରେ ମହିଳାମାନଙ୍କ ନାମ ପଞ୍ଜୀକରଣ କରୁଛନ୍ତି। ରଥରେ ପଞ୍ଜୀକୃତ ମହିଳାଙ୍କୁ ନିର୍ଦ୍ଦିଷ୍ଟ ସମୟରେ ଟିକା କେନ୍ଦ୍ରରେ ପହଞ୍ଚାଉଛନ୍ତି ଓ ପୁଣି ଘରେ ଛାଡୁଛନ୍ତି। ଏହି ଅଭିଯାନ ଏକାକୀ ଚଳାଇ ୫୦୦ ମହିଳାଙ୍କୁ ପ୍ରଥମ ଡୋଜ୍ ଟିକା ଦେବାରେ ସାହାଯ୍ୟ କରି ସାରିଲେଣି। ଦୀପ ପ୍ରତିଦିନ ଜମୁରିଆ ବ୍ଲକର ଦୁର୍ଗମ ଗାଁର ପିଲାମାନଙ୍କୁ ପଢ଼ାଇବାକୁ ଯାଆନ୍ତି। ସେଠାରେ ମହିଳାମାନେ ଟିକା ନେଇ ନ ଥିବା ଲକ୍ଷ୍ୟ କରି ଏଭଳି ଅଭିଯାନ ଆରମ୍ଭ କରିଛନ୍ତି। ଲୋକମାନେ ଦୀପଙ୍କୁ 'ରାସ୍ତାର ମାଷ୍ଟର' ବୋଲି ସମ୍ବୋଧନ କରୁଛନ୍ତି। ରଥ ମାଧ୍ୟମରେ ନାମ ପଞ୍ଜୀକରଣ କରିବା ବ୍ୟତୀତ ସେ ଆଉ ୧୧୬୦ ମହିଳାଙ୍କୁ ସେମାନଙ୍କ ନାମ ପଞ୍ଜୀକରଣ କରିବାରେ ସାହାଯ୍ୟ କରିଛନ୍ତି। ସେ ତାଙ୍କ ସାଙ୍ଗ, ସମ୍ପର୍କୀୟ ଏବଂ ପଡ଼ୋଶୀମାନଙ୍କଠାରୁ ଫୋନ୍ ନମ୍ବର ସଂଗ୍ରହ କରି ଏହା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ସେପ୍ଟେମ୍ବର ୧୯୯୬**

- ରୁଷିଆର ଦକ୍ଷିଣ ରୋଷ୍ଟୋଭ ରିଜିଅନରେ ଏକ ଲେଭଲକ୍ରସିଂଠାରେ ଟ୍ରେନ୍ ଗୋଟିଏ ସ୍କୁଲ ବସ୍‌କୁ ଧକ୍କା ଦେବା ଫଳରେ ୧୫ ଛାତ୍ରଙ୍କ ମୃତ୍ୟୁ।
- ପ୍ରବାସୀ ଭାରତୀୟ ବ୍ୟବସାୟୀ ଲାଖୁଭାଇ ପାଠକ 'ଆଜାଦ ଆର୍ଯ୍ୟବର୍ତ୍ତ ଆସେମ୍ବ୍ଲି' ନାମରେ ଏକ ନୂଆ ରାଜନୈତିକ ଦଳ ଗଠନ କରିଛନ୍ତି।
- ରାଜ ସିଂ ଡୁଙ୍ଗରପୁର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂତନ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି।

## ଚିରନ୍ତନୀ

ନୀରସ ମୋ ହାସ ତଥା
ଅଶ୍ରୁରେ ସଜଳ
ମନର କାଳିମା କରୁ ଉଜଳ
ସବୁ ହାସ ପରେ ମୋର
କରୁଣାର ଝରେ ଲୋର
ସବୁ ସୁଖ ହୁଏ ମୋର କୋମଳ
ସବୁ ହାସ ଅଶ୍ରୁରେ ସଜଳ!
—(ଶିଶିର-ହାସ୍ୟ)
—କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବଞ୍ଚିତଙ୍କ କଥା ବିଚାର କରାଯାଉ

ମହାଶୟ,

ଓଡ଼ିଶା ସରକାର ବିଭିନ୍ନ ଦୈବି ଦୁର୍ବିପାକ ଯଥା ବନ୍ୟା, ବାତ୍ୟା, ମରୁଡ଼ିର ତ୍ୱରିତ ସଫଳ ମୁକାବିଲା କରି ଦେଶ ବିଦେଶରେ ପ୍ରଶଂସିତ ହୋଇଛନ୍ତି। ଲୋକମାନଙ୍କ ଉନ୍ନତି ପାଇଁ ମାତୃଗର୍ଭ ଧାରଣଠାରୁ ହରିଶ୍ଚନ୍ଦ୍ର ପର୍ଯ୍ୟନ୍ତ ଯୋଜନା କରାଯାଇଛି। ଗରିବ ଲୋକଙ୍କ ଉନ୍ନତି ପାଇଁ ରାଶନ କାର୍ଡ, ବିଭିନ୍ନ ଭତ୍ତା, କାଳିଆ, ବଳିଆ ଏବଂ ବିଜୁ ସ୍ୱାସ୍ଥ୍ୟ ବୀମା ଭଳି ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି। ସରକାର ଜନମାନସରେ ପ୍ରିୟଭାଜନ ହୋଇଥିବା ବେଳେ କେତେଜଣ ସରକାରୀ କର୍ମଚାରୀ ଯୋଜନା କାର୍ଯ୍ୟକାରିତା ଉପରେ ତଦନ୍ତ ନ କରିବାରୁ ଅନେକ ଗରିବ ଲୋକ ରାଶନକାର୍ଡ ଓ ଆବାସ ଯୋଜନାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଏଣୁ ଏହାର ତଦନ୍ତ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ରାଶନକାର୍ଡ ଓ ଆବାସ ଯୋଜନାରେ ସାମିଲ କରାଗଲେ ସେମାନଙ୍କ ପରିବାର ଉପକୃତ ହେବେ।

**—ନାରାୟଣ ଚନ୍ଦ୍ର ନାୟକ, ଗୋବିନ୍ଦପୁର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଗୁହାଳରେ ନିଆଁ ଲାଗି ୨ ଗୋରୁ ପୋଡ଼ିଗଲେ

ବିରିଡି,(ଡି.ଏନ୍.ଏ.): ବିରିଡି ବ୍ଲକ ଅନ୍ତର୍ଗତ ଅଡଙ୍ଗଗଡ କଇଜଙ୍ଗା ସାହିରେ ଶନିବାର ରାତିରେ ନିଆଁ ଲାଗି କୈଳାସ ଜେନାଙ୍କ ଗୁହାଳ ଓ ବାଇକ୍ ପୋଡ଼ିଯାଇଛି। ଏହି ନିଆଁରେ ଗୁହାଳରେ ବନ୍ଧା ହୋଇଥିବା ଗୋରୁଙ୍କ ମଧ୍ୟରୁ ଗୋଟିଏ ଗାଈ ଓ ବାଛୁରୀ ସମ୍ପୂର୍ଣ୍ଣ ଜଳିଯାଇଛନ୍ତି। ଅନ୍ୟ ଏକ ଗାଈ ଅର୍ଦ୍ଧଦଗ୍ଧ ହୋଇଯାଇଛି। ନିଆଁରୁ ଗୋରୁଙ୍କୁ ଉଦ୍ଧାର କରିବାକୁ ଯାଇ କୈଳାସ ମଧ ଆହତ ହୋଇଛନ୍ତି। ତାଙ୍କ ପିଠି ଓ ମୁହଁର କିଛି ଅଂଶ ନିଆଁରେ ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ଖବରପାଇ ବିରିଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ମାତ୍ର ସେତେବେଳକୁ ସବୁ ପୋଡ଼ିଯାଇଥିଲା। ଏହାପରେ ଆରଆଇ ଓ ପ୍ରାଣୀଧନ ନିରୀକ୍ଷକ ସେଠାରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।

## ସଂକ୍ଷେପରେ

### ୪ ଦିନରେ ୧୦୫ ଚିଙ୍ଗୁଡ଼ି ଘେରି ଭଙ୍ଗାଗଲା

ରାଜନଗର,୨୬।୯(ଡି.ଏନ.ଏ.):ରାଜନଗର ବନ ବିଭାଗ ପକ୍ଷରୁ ଭିତରକନିକା ଅଭୟାରଣ୍ୟ ଅଞ୍ଚଳରେ ଥିବା ବେଆଇନ ୧୦୫ ଚିଙ୍ଗୁଡ଼ି ଘେରିକୁ ୪ ଦିନରେ ଉଚ୍ଛେଦ କରାଯାଇଛି ବୋଲି ରେଞ୍ଜ ଅଫିସର ଧନେଶ୍ୱର ରଥ ସୂଚନା ଦେଇଛନ୍ତି। ରାଜନଗର ତହସିଲ ଅଞ୍ଚଳର ଦିବାକରପୁର, ସୁନ୍ଦରୀପାଳ, ପ୍ରହରାଜପୁର ଓ ଯୋଗୀନାଥ ମୌଜାରେ ୧୦୫ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଇଛି। ରେଞ୍ଜ ଅଫିସର ରଥଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲିକ, ବିଜୟ କୁମାର ପାତ୍ର ପ୍ରମୁଖ ଏହି ଉଚ୍ଛେଦ କରିଛନ୍ତି।

### ଭିତରକନିକା ବିଭବକୁ ନେଇ ସଙ୍ଗୀତ ସିଡ଼ୀ ଉନ୍ମୋଚିତ

ରାଜନଗର,୨୬।୯(ଡି.ଏନ.ଏ.): ଭିତରକନିକାର ବିଭବକୁ ନେଇ ପ୍ରସ୍ତୁତ ହୋଇଛି ସଙ୍ଗୀତ। ଓଡ଼ିଶାର ଆଗ ଧାଡ଼ିର ଗାଳ୍ପିକ ପ୍ରଦୀପ ନାୟକ ଭିତରକନିକା ବିଭବକୁ ନେଇ ଗୀତ ରଚନା କରିଛନ୍ତି। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସଙ୍ଗୀତକାର ମନ୍ମଥ ମିଶ୍ର। କଣ୍ଠଶିଳ୍ପୀ ସୌରଭ ନାୟକ, କ୍ରିଷ୍ଣା ମିଶ୍ର ଓ ସାଥୀମାନେ ଏଥିରେ କଣ୍ଠଦାନ କରିଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବିଭିନ୍ନ ବିଭବ ସହ ଜୀବଜନ୍ତୁ, ଗଛଲତାକୁ ନେଇ ଏହି ସଙ୍ଗୀତ ପ୍ରସ୍ତୁତ କରାଯାଇଛି। ଏହି ସଙ୍ଗୀତର ସିଡୀକୁ ରବିବାର ଭିତରକନିକାର ଡାଙ୍ଗମାଳଠାରେ ଉନ୍ମୋଚନ କରାଯାଇଛି। ରାଜନଗର ଡିଏଫ୍ଓ ଡ. ଯଜ୍ଞଦତ୍ତ ପତି, ଗୀତିକାର ପ୍ରଦୀପ ନାୟକ, ଅବୈତନିକ ବନଖଣ୍ଡ ତତ୍ତ୍ୱାବଧାରକ ସୂର୍ଯ୍ୟନାରାୟଣ ଲେଙ୍କା, ରେଞ୍ଜ ଅଫିସର ମାନସ କୁମାର ଦାସ, କବି ସଚିତ୍ର କୁମାର ବେହୁରା, ନାରାୟଣ ପ୍ରସାଦ ରାଉଳ ପ୍ରମୁଖ ସିଡୀ ଉନ୍ମୋଚନ ଉତ୍ସବରେ ଯୋଗଦେଇଥିଲେ। ଏହି ସଙ୍ଗୀତ ଶୁଣିବା ପରେ ଭିତରକନିକାର ବିଭବ ସମ୍ପର୍କରେ ଜାଣିହେବ ବୋଲି ଗୀତିକାର ନାୟକ ସୂଚନା ଦେଇଛନ୍ତି।

### ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧୋତ୍ସବ

ଡେରାବିଶ,୨୬।୯(ସ୍ୱ.ପ୍ର.): ଡେରାବିଶ ବ୍ଲକ କୁଶିଆପାଳସ୍ଥିତ ସରକାରୀ ଉଚ୍ଚ ମୌଳିକ ବିଦ୍ୟାଳୟର ପ୍ରତିଷ୍ଠାତା, ସ୍ୱାଧୀନତା ସଂଗ୍ରାମର ସ୍ୱର୍ଗତ ହଳଧର ସାହୁଙ୍କ ଶ୍ରାଦ୍ଧବାର୍ଷିକ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଜେନାଙ୍କ ଅଧକ୍ଷତାରେ ବିଦ୍ୟାଳୟ ପରିସରରେ ସ୍ମୃତି ସଭା ହୋଇଥିଲା। ଏଥିରେ ଶିକ୍ଷାବିତ୍ କାଙ୍ଗାଳୀ ଚରଣ ବାରିକ, ବେଣୁଧର ସ୍ୱାଇଁ, ବାବାଜୀ ଚରଣ ସାହୁ, ବିଶ୍ୱନାଥ ବେହେରା, ପର୍ଶୁରାମ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଜିଲାକୁ ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରା ସମୟରେ ହଳଧରଙ୍କ ଭୂମିକା ଉଲ୍ଲେଖନୀୟ ଥିଲା। ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ପୈତୃକ ସମ୍ପତ୍ତିର ୫ ଏକର ଜମି ଦାନକରି କୁଶିଆପାଳଠାରେ ଏକ ମୌଳିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ହଳଧରଙ୍କ ଅନବଦ୍ୟ ଅବଦାନ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ ସେକ ଅନିସଉଦ୍ଦିନ, ଅକ୍ଷୟ କୁମାର ପୋଥାଳ, ପ୍ରଦୀପ୍ତ କୁମାର ସାହୁ ଓ ପୁରାତନ ଛାତ୍ରୀଛାତ୍ର ସଭାରେ ଯୋଗ ଦେଇଥିଲେ।

### ଭାରତ ବନ୍ଦ ସଫଳ ପାଇଁ ପଥପ୍ରାନ୍ତ ସଭା

ବାଲିକୁଦା,୨୬।୯(ସ୍ୱ.ପ୍ର): ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ସୋମବାର ହେବାକୁ ଥିବା ଭାରତ ବନ୍ଦ ସଫଳ କରିବାକୁ ଏଆଇକେକେଏମ୍ଏମ୍ (ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ) ପକ୍ଷରୁ ବାଲିକୁଦା ବ୍ଲକ ସଂଗ୍ରାମପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ରବିବାର ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ନୂତନ କୃଷି ଆଇନ ଓ ବିଦ୍ୟୁତ୍ ଆଇନ ୨୦୨୦ ଉଚ୍ଛେଦ ସମେତ ୨୧ ଦଫା ଦାବିରେ ଏହି ଆନ୍ଦୋଳନ କରିବାକୁ ସ୍ଥିର କରାଯାଇଛି। ସଂଗଠନର ଜିଲା ସଂଗଠକ ମହେଶ୍ୱର ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ସଂଗଠକ ପରି ଓଝା, ଦୁର୍ଯ୍ୟୋଧନ ଓଝା, ସୁରେନ୍ଦ୍ର ମଲ୍ଲିକ, ସୁରେନ୍ଦ୍ର ଭୋଇ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

### ଓଁକାରଙ୍କୁ ନଗର ଯୁବ କଂଗ୍ରେସ ସଭାପତି ଦାୟିତ୍ୱ

ପଟ୍ଟାମୁଣ୍ଡାଇ,୨୬।୯(ସ୍ୱ.ପ୍ର.): ରାଜ୍ୟ ଯୁବକଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ଯୁବନେତା ଓଁକାର ମହାନ୍ତିଙ୍କୁ ପଟ୍ଟାମୁଣ୍ଡାଇ ନଗର ଯୁବକଂଗ୍ରେସ ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ମହାନ୍ତିଙ୍କୁ ନଗର ଯୁବକଂଗ୍ରେସ ସଭାପତି ଭାବେ ଦାୟିତ୍ୱ ପ୍ରଦାନକୁ ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ କୃତଜ୍ଞତା ଜଣାଇଛନ୍ତି।

# ତୁଳସୀକ୍ଷେତ୍ରରେ ଅବହେଳିତ ପର୍ଯ୍ୟଟନ ସ୍ଥଳ

- ସମ୍ବେଦନଶୀଳ ନୁହନ୍ତି ପ୍ରଶାସକ, ରାଜନେତା
- ପ୍ରଚାର ପ୍ରସାର ଅପେକ୍ଷା ବିବାଦ ବେଶି
- ମାନ୍ୟତା ହରାଇବା ଅପେକ୍ଷାରେ ଜାତୀୟ ଉଦ୍ୟାନ

କେନ୍ଦ୍ରାପଡ଼ା ଅଫିସ, ୨୬।୯

ସୋମବାର ବିଶ୍ୱ ପର୍ଯ୍ୟଟନ ଦିବସ। ଏହି ଦିବସ ପାଳନ ପାଇଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସକ ଓ ରାଜନେତା ଯେତେ ବ୍ୟଗ୍ରତା ଦେଖାନ୍ତି, ସେଭଳି ସମ୍ବେଦନଶୀଳତା ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶରେ ଦେଖାଯାଉନାହିଁ। ଖଣି, ଶିଳ୍ପ ବିହୀନ ଏହି ଜିଲାର ଅର୍ଥନୀତିକୁ ପର୍ଯ୍ୟଟନ ଶିଳ୍ପ ଦ୍ୱାରା ଭରଣା କରିହେବ। ତେବେ ତୁଳସୀକ୍ଷେତ୍ରରେ ଅବହେଳିତ ପର୍ଯ୍ୟଟନସ୍ଥଳ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ହୋଇ ରହିନାହିଁ। ଜାତୀୟ ଉଦ୍ୟାନ ଭିତରକନିକା ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କାରଣରୁ ଆକର୍ଷଣ ସାଜିଛି। ତେବେ ଏହାର ସଂରକ୍ଷଣ ଏବେ ପ୍ରଶ୍ନବାଚୀ ସାଜିଛି। ଜାତୀୟ ଉଦ୍ୟାନ ମାନ୍ୟତା ହରାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପ୍ରଚାର ପ୍ରସାର ଅପେକ୍ଷା ବିବାଦ ବେଶି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଶିକ୍ଷାବିତ୍ ତଥା ଗବେଷକ ଡ. ସର୍ବେଶ୍ୱର ସେଣ, ବୁଦ୍ଧିଜୀବୀ ପ୍ରଭାକର ସାମଲ, ତ୍ରିଲୋଚନ ଦାସ, ଦୋଳଗୋବିନ୍ଦ ଜେନା, ଅଶୋକ ସ୍ୱାଇଁ ପ୍ରମୁଖ କୁହନ୍ତି, ଇଚ୍ଛାପୁରର ଶ୍ରୀବଳଦେବ ଜୀଉ, ସହରର ଗୋବିନ୍ଦ ଜୀଉ, ତମାଳଶାସନର ଦଧିବାମନ ଜୀଉ, ସନ୍ଥପୁରାର ଶିବମନ୍ଦିର, ଆଳିର ଲକ୍ଷ୍ମୀବରାହ ଜୀଉ ମନ୍ଦିର,



କେନ୍ଦ୍ରାପଡ଼ାର ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର।



ମାର୍ଶାଘାଇରେ ପୂଜା ପାଉଥିବା ଗରୁଡଙ୍କ ମୂର୍ତ୍ତି।

କୁଦାନଗରୀ, ସଖୀବଟ, ଗଦାଧର ପୀଠ, କର୍ଣ୍ଣେଶ୍ୱର ମନ୍ଦିର, ଅନ୍ଧବର, ଗୋଠେଶ୍ୱର ପୀଠ, ହୁକିଟୋଲା, ବଟିଘର ଆଦିକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳର ମାନ୍ୟତା ମିଳିଛି। ଏସବୁ କ୍ଷେତ୍ର ଜିଲାରେ ପର୍ଯ୍ୟଟନ ସ୍ଥଳ ବୋଲି ଅଧିକାଂଶ ଜିଲାବାସୀଙ୍କୁ ଜଣାନାହିଁ। ପ୍ରଚାର ପ୍ରସାର ସହ ପର୍ଯ୍ୟଟନ ସ୍ଥଳକୁ ଉତ୍ତମ ରାସ୍ତା ନାହିଁ। ସେହିପରି ଭିତରକନିକାର ଜୈବ ବିବିଧତା ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଖରସ୍ରୋତା ନଦୀରୁ ପାଣି ଉଠାଗଲେ ଏହି ଆର୍ଦ୍ରଭୂମିକୁ ମଧୁରଜଳ ହ୍ରାସ ହେବ ବୋଲି ଜାଣିବା ସତ୍ତ୍ୱେ ଏହାର ନିରାକରଣ ହେଉନାହିଁ। ବନ ବିଭାଗ ପକ୍ଷରୁ ଦୁଇଟି ଲୋଗୋ ପରିବର୍ତ୍ତେ ଭିତରକନିକାର ଗୋଟିଏ ଲୋଗୋ ପ୍ରଚାର, ସଚେତନତା ଓ ସଂରକ୍ଷଣର ବାର୍ତ୍ତା ବହନ କରିପାରିବ। ତେବେ ଏ ନେଇ ଗୁରୁତ୍ୱ ଦିଆଯାଉନାହିଁ। ଅପରପକ୍ଷରେ ଇକୋ ରିଟ୍ରିଟ ନାମରେ ଉତ୍ସବସ୍ଥଳ ରାଜନେତା ଓ ପ୍ରଶାସକଙ୍କ ଆମୋଦସ୍ଥଳୀ ପାଲଟିଛି। ତଟକ୍ଷୟ, ଚିଙ୍ଗୁଡ଼ି ଘେରି, ଭିତରକନିକା ଆଭ୍ୟନ୍ତର ଅଞ୍ଚଳରୁ ଲୋକଙ୍କ ସ୍ଥାନାନ୍ତର, ଇକୋ ସେନ୍ସିଟିଭ ଜୋନ ସମ୍ପର୍କରେ ସଚେତନତା ଅଭାବ ଆଦି କାରଣ ଜାତୀୟ ଉଦ୍ୟାନ ମାନ୍ୟତା ପ୍ରତି ବିପଦ ରହିଛି। ଉପଯୁକ୍ତ ପର୍ଯ୍ୟଟନ କ୍ଷେତ୍ର ରାଜସ୍ୱ ଆଣିବା ସହ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ରୋଜଗାର ସୃଷ୍ଟିର ମାଧ୍ୟମ ହୋଇଥାଏ। ଜିଲାରେ ପ୍ରାକୃତିକ ପରିବେଶ, ପେଣ୍ଠ, ବରୁଣାଇ, ଅଗରନାସୀ ଆଦି ବେଳାଭୂମି, ଐତିହାସିକ ଓ ସାଂସ୍କୃତିକ ବିଭବ ଭରପୂର ଅଛି। ଏହାର ସୁବିନିଯୋଗ ଆବଶ୍ୟକ। ରାଜନଗର ବ୍ଲକ ରିଘାଗଡ଼ର ବଳଦେବଜୀଉ ମନ୍ଦିର, ରାଜକନିକାର ଗୋକର୍ଣ୍ଣେଶ୍ୱର ମନ୍ଦିର, ସିକୋର ଅଷ୍ଟଶମ୍ଭୁ, ଡେରାବିଶର ଦଧିବାମନ ଜୀଉ, ପଟ୍ଟାମୁଣ୍ଡାଇର ଛୁଆଳିଆ ଆଦି ରାଜ୍ୟ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଅପେକ୍ଷାରେ ଅଛି। ଏହାବ୍ୟତୀତ ଜିଲାର ବିଭିନ୍ନ ସ୍ଥାନରେ ଥିବା ମତ୍ସେନ୍ଦ୍ରନାଥ, ଶୈଳନାଥ ସମାଧି, ଇଚ୍ଛନାଥ ସମାଧି ସହ ବୌଦ୍ଧଧର୍ମର ପ୍ରତୀକ ଚକ୍ରପାଣି, ସ୍ଥିରଚକ୍ର ମଞ୍ଜୁଶ୍ରୀ, ଅବଲୋକିତେଶ୍ୱର, ତାରା ଆଦି ମୂର୍ତ୍ତିର ରକ୍ଷଣାବେକ୍ଷଣ ନାହିଁ। ଏହା ବ୍ୟତୀତ ପୁରୁଣା ବସ୍ଷ୍ଟାଣ୍ଡରେ ଥିବା ଡାଇମଣ୍ଡ ଜୁବୁଲି ପାଠାଗାର, ସୂର୍ଯ୍ୟଘଡ଼ି, ନୋଳସାହି ରାଜନଅର, ଆଳି ନଅର, ଜମ୍ବୁଦ୍ୱୀପ ନଅର ଆଦି ଏହି ଜିଲାରେ ଥିଲେ ମଧ ପର୍ଯ୍ୟଟନ ବିଭାଗର ଅବହେଳାର ଶିକାର ହୋଇଛି। ବବକରପୁରରେ ଥିବା ପୁରୁଣା ବଳଦେବଜୀଉ ମନ୍ଦିରର ଗରୁଡ ମୂର୍ତ୍ତି ପରି ଐତିହ୍ୟ ସାମଗ୍ରୀ ରଖିବା ପାଇଁ କୌଣସି ମ୍ୟୁଜିୟମ ନ ଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଅମୃତ ଋତୁରାଜଙ୍କୁ ପଚାରିବାରେ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ଉନ୍ନତୀକରଣ ହେଉଛି। ସ୍ୱଦେଶୀ ଦର୍ଶନରେ ଏହି ଜିଲାକୁ ସାମିଲ ପାଇଁ ପ୍ରୟାସ ହୋଇଛି। ଏହାବ୍ୟତୀତ ପ୍ରଚାର ପ୍ରସାର ପାଇଁ ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି।

## ବନ୍ୟାଜଳରେ ବୁଡ଼ିଛି ୩ ହଜାର ହେକ୍ଟର ଚାଷଜମି

ରାଜକନିକା,୨୬।୯(ଡି.ଏନ.ଏ.)

ରାଜକନିକା ବ୍ଲକ ବାରାହା ଦୋମଣ୍ଡା ପଞ୍ଚାୟତର ଭେଡାରେ ବୈତରଣୀ ଓ ଖରସ୍ରୋତା ନଦୀର ବନ୍ୟାଜଳ ୩ ହଜାର ହେକ୍ଟର ଚାଷଜମିକୁ ୧୦ ଦିନ ହେବ ବୁଡାଇ ରଖିଛି। ଭେଡାରେ ଭାମଣ୍ଡା, ବାରାହା ଦୋମଣ୍ଡା, କାଏମା ଦୋମଣ୍ଡା ଓ କନପୁର ଗାଁର ଚାଷୀଙ୍କ ଜମି ରହିଛି। ଦୋମଣ୍ଡା-କନପୁର ପ୍ରଧାନମନ୍ତ୍ରୀ ସଡ଼କରେ ବନ୍ୟାଜଳ ନିଷ୍କାସନ ପାଇଁ ଗୋଟିଏ କଲଭର୍ଟ ନିର୍ମାଣ କରିବାକୁ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ଆଳି ବିଧାୟକଙ୍କ ନିକଟରେ ଚାଷୀମାନେ ବାରମ୍ବାର ଦାବି କରି ଆସୁଛନ୍ତି। ହେଲେ କିଛି ସୁଫଳ ମିଳୁନାହିଁ। ତେଣୁ ଭେଡାରେ ବନ୍ୟାଜଳ ନିଷ୍କାସନରେ ବାଧକ ସାଜିଛି। ହେଲେ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅପରପକ୍ଷରେ ବର୍ଷାଜଳରେ ଧାନ ଫସଲ ପଚି ଭାସୁଛି। ଆଉ ଅମଳ ହେବ ନାହିଁ ବୋଲି ଚାଷୀମାନେ କହୁଛନ୍ତି। ତେଣୁ କେନ୍ଦ୍ରାପଡ଼ା ଜିଲାପାଳ ଓ ନିର୍ବାହୀ ଯନ୍ତ୍ରୀ ଦୃଷ୍ଟିଦେବାକୁ ଦାବି ହେଉଛି। କଲଭର୍ଟ ନିର୍ମାଣ ନ ହେବାରୁ ବର୍ଷକର ଧାନ ଗଣ୍ଡାକ ଉଜୁଡ଼ିଯାଉଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଆଗାମୀ ଦିନରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ରାଜକନିକା ବ୍ଲକ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ବୋଲି ବାରାହା ଦୋମଣ୍ଡା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରଦୀପ୍ତ ବେଉରିଆ ଓ ଅଞ୍ଚଳବାସୀ କହିଛନ୍ତି।

# ଧନ୍ୟବାଦ ପ୍ରସ୍ତାବରେ ମିଳିଲା ଅସନ୍ତୋଷର ବାର୍ତ୍ତା

## ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡ଼ା ଅଫିସ, ୨୬।୯

କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସହରର ଟାଉନହଲ୍ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶଶିଭୂଷଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୌରାଞ୍ଚଳର ସାମଗ୍ରିକ ବିକାଶ, ପ୍ରାକୃତିକ ବିପର୍ଯ୍ୟୟରେ ଚାଷ ଓ ଚାଷୀ, ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟ ଓ ଶିକ୍ଷା, ମହିଳା ସଶକ୍ତୀକରଣ, ରାଜନୈତିକ କାର୍ଯ୍ୟକ୍ରମ, ସାଙ୍ଗଠନିକ ଓ ଅର୍ଥନୈତିକ ପ୍ରସ୍ତାବ ଗୃହୀତ ହୋଇଛି। ସର୍ବପୁରାତନ ପୌରାଞ୍ଚଳର ବିକାଶ ସହ ଗ୍ରାମାଞ୍ଚଳର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏସବୁ ପ୍ରସ୍ତାବ ସମ୍ପର୍କରେ ଧନ୍ୟବାଦ ଦେବାକୁ ଆଗେଇ ଆସିଥିବା କର୍ମକର୍ତ୍ତାମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦଳୀୟ କର୍ମୀଙ୍କୁ ଅଣଦେଖା, ବିକାଶ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଯୋଜନା ନ ଥିବା, ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ବିକାଶ ଧୀମା ଗତିରେ ଚାଲିଥିବା ନେଇ ବୈଠକରେ ଯୋଗଦେଇଥିବା ଜିଲା ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏଥିରେ ଜିଲା ସଭାପତି ଉତ୍କଳ କେଶରୀ ପରିଡ଼ା, ରାଜ୍ୟ ସମ୍ପାଦକ ରଞ୍ଜିତ କୁମାର ସାହୁ, ଜିଲା ପରିଷଦ ଅଧକ୍ଷ ମାନସ କୁମାର ପରିଡ଼ା, ବ୍ଲକ ଅଧକ୍ଷ ଶିବପ୍ରସାଦ ଭଳ, ଯୁବ ସଭାପତି ରାଜେଶ ଦାସ, ଛାତ୍ର ସଭାପତି ପ୍ରଦୀପ ସାହୁ, ନଗର ସଭାପତି ଯଯାତି କେଶରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧୀରେନ ସାହୁ, ଦେବଦାସ ମହାନ୍ତି, ହିରଣ୍ୟ କୁମାର ପଣ୍ଡା, ଶ୍ରୀକାନ୍ତ କୁମାର ପଣ୍ଡା, ସ୍ନେହପ୍ରଭା ତ୍ରିପାଠୀ, ସେକ ଇନାୟତ ପ୍ରମୁଖ ଭାଗ ନେଇଥିଲେ। ବୈଠକରେ ଅସନ୍ତୋଷକୁ ନେଇ ଜିଲା ପର୍ଯ୍ୟବେକ୍ଷକ ସାମନ୍ତରାୟଙ୍କୁ ପଚାରିବାରେ, ଦଳୀୟ ସଙ୍ଗଠନରେ ଅସନ୍ତୋଷ ରହିବା ସ୍ୱାଭାବିକ। କର୍ମୀଙ୍କର ଅସନ୍ତୋଷ ସମ୍ପର୍କରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ। ବିଜେଡିର କାର୍ଯ୍ୟକ୍ରମ ଆଗକୁ ଯିବ ବୋଲି ସେ ମତ ଦେଇଛନ୍ତି।




ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇଥିବା ନେତାମାନେ।

## ନମୌଜା ହାଇସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କଲେ ସାମାଜିକ କର୍ମୀ

ଆଳି,୨୬।୯(ଡି.ଏନ.ଏ)

ଆଳି ବ୍ଲକ ବଡ଼ମ୍ବିଳା ପଞ୍ଚାୟତରେ ଥିବା ନମୌଜା ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ସାମାଜିକ କର୍ମୀ ଇଞ୍ଜିନିୟର ନୀଳାଦ୍ରି ଭୂଷଣ ମହାପାତ୍ର ଗ୍ରହଣ କରିଛନ୍ତି। ମୋ ସ୍କୁଲ ଅଭିଯାନ ଅନୁଯାୟୀ ଇଂ. ମହାପାତ୍ର ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ନେବାକୁ ଶିକ୍ଷା ବିଭାଗକୁ ଆବେଦନ କରିଥିଲେ। ଶିକ୍ଷା ବିଭାଗ ନିକଟରୁ ଅନୁମତି ମିଳିବା ପରେ ବିଦ୍ୟାଳୟ ପରିଚାଳନା କମିଟିର ସ୍ୱତନ୍ତ୍ର ବୈଠକ ପ୍ରଧାନ ଶିକ୍ଷକ ପ୍ରଭାତ ଦାସଙ୍କ ଅଧକ୍ଷତାରେ ହୋଇଥିଲା। ଏଥିରେ ମହାପାତ୍ର ଯୋଗଦେଇ କହିଥିଲେ, ବିଦ୍ୟାଳୟକୁ ସୁନ୍ଦର କରିବାକୁ ହେଲେ ପାଠପଢ଼ା ସହ ଭିତ୍ତିଭୂମି ସଜଡ଼ାଯିବା ଦରକାର। ଏଥି ନିମନ୍ତେ ଯାହା କିଛି ଦରକାର ପଡିବ ସେସବୁ ସାହାଯ୍ୟ କରିବେ ବୋଲି କହିଥିଲେ। ଏଥିରେ ସରପଞ୍ଚ ଭରତ ଚରଣ ସେଠୀ, ଶିକ୍ଷକ ଅଟଳ ବିହାରୀ ନନ୍ଦ, ଅକ୍ଷୟ କୁମାର ଦାସ, ସଭ୍ୟ ପ୍ରଫୁଲ୍ଲ କୁମାର ପରିଡ଼ା ଓ ଶାରଦାମଣି ପଣ୍ଡା ପ୍ରମୁଖ ଯୋଗ ଦେଇ ପ୍ରଶଂସା କରିଥିଲେ।

## ଜିଲାସ୍ତରୀୟ ହିନ୍ଦୀ ଦିବସ ପାଳିତ



ଉତ୍ସବରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

ଡେରାବିଶ,୨୬।୯(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାସ୍ତରୀୟ ହିନ୍ଦୀ ଦିବସ ରବିବାର ଡେରାବିଶ ବ୍ଲକ ଗୁଆଳସିଂସ୍ଥିତ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ଜିଲା ନୂତନ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ସଂଘ ସଭାପତି ଅକ୍ଷୟ କୁମାର ନାୟକ ଅଧକ୍ଷତା କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ ନିରୋଦ କୁମାର ବାରିକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଆର୍ତ୍ତତ୍ରାଣ ମିଶ୍ର ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ମହମ୍ମଦ ଜାବିର ଖାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ହିନ୍ଦୀ ଶିକ୍ଷକଙ୍କ ପେନ୍ସନ, ଚାକିରି ସର୍ତ୍ତାବଳୀ ଓ ଇପିଏଫ୍ ନିମନ୍ତେ ସରକାର ତୁରନ୍ତ ଧ୍ୟାନ ଦେବାକୁ ଉଲ୍ଲେଖ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଅକ୍ଷୟ କୁମାର ନାୟକ, ବିଜୟ କୁମାର ରାଉତ, ପ୍ରମୋଦ କୁମାର ପରିଡ଼ା ଓ ଅଜୟ କୁମାର ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ଅଭୟ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ହେମନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# କଳା, ସଂସ୍କୃତି, ବିକାଶର ଧାରାକୁ ଆଗକୁ ନିଆଯିବ

## ୨ରେ ଲୋକକଳା ଗ୍ରାମର ପ୍ରଥମ ବାର୍ଷିକୋତ୍ସବ

ଜଗତ୍‌ସିଂହପୁର ଅଫିସ, ୨୬।୯

କଳା, ସଂସ୍କୃତି ଓ ବିକାଶର ସମନ୍ୱୟକୁ ଆଖିଆଗରେ ରଖି ଜଗତ୍‌ସିଂହପୁର ଜିଲାର କନକପୁରକୁ ଲୋକକଳା ଗ୍ରାମ ଭାବେ ଚୟନ କରାଯାଇଛି। ଅକ୍ଟୋବର ୨ରେ ଏହାର ପ୍ରଥମ ବାର୍ଷିକୋତ୍ସବ ପାଳନ ହେବ। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବାର୍ଷିକଉତ୍ସବ ସହ 'ଆଜାଦୀ କା ଅମୃତ' ମହୋତ୍ସବ ପାଳନ କରାଯିବ। ମା'ଶାରଳା ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ଥିବା ମଞ୍ଚ ନିକଟରେ କାର୍ଯ୍ୟକ୍ରମ ହେବ। କନକପୁରରେ ୨ ଗେଟ୍ କରାଯିବ। ଗ୍ରାମ ସଫାସୁତରା ସହ ଝୋଟି, ସଂକୀର୍ତ୍ତନ, ଘଣ୍ଟପାଟୁଆ, ପାଲା ଆଦି ଆୟୋଜନ କରାଯିବ। ଏଥିରେ ଲୋକ ପ୍ରତିନିଧି, ବିଶିଷ୍ଟ କଳାକାର, ସାହିତ୍ୟିକ ଓ ଜନସାଧାରଣ ଯୋଗ ଦେବେ। ସ୍ଥାନୀୟ ଲୋକକଳା ଦଳଙ୍କ ଦ୍ୱାରା କଳା ପ୍ରଦର୍ଶନ କରାଯିବ। ଗ୍ରାମରେ ଥିବା ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର, ଜଳ ଓ ପରିମଳ, ଭାଗବତ ଟୁଙ୍ଗି ଓ ପର୍ଯ୍ୟଟନସ୍ଥଳୀ କାର୍ଯ୍ୟକ୍ଷମ ରହିବ। ସମସ୍ତ କାର୍ଯ୍ୟର ପରିଚାଳନା ଦାୟିତ୍ୱ ତିର୍ତ୍ତୋଲ ବିଡିଓ ଅଟଳ ବିହାରୀ ସ୍ୱାଇଁଙ୍କୁ ଦିଆଯାଇଛି। କନକପୁର ପଞ୍ଚାୟତରେ ବିଡିଓ ସ୍ୱାଇଁଙ୍କ ପୌରୋହିତ୍ୟରେ ବୈଠକ ହୋଇଥିଲା। ଏଥିରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଏବିଡିଓ ସତ୍ୟଜିତ ସ୍ୱାଇଁ, ଜିଲା ପରିଷଦ ସଭ୍ୟା ଲିପାଲି ରାଉଳ, ସରପଞ୍ଚ ନମିତା ରାଉଳ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଅଭିମନ୍ୟୁ ନାୟକ, ତିର୍ତ୍ତୋଲ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ପ୍ରଭାତ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ।

## ଜଳ ନିଷ୍କାସନ ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ

ବାଲିକୁଦା,୨୬।୯(ସ୍ୱ.ପ୍ର.)

ବାଲିକୁଦା ଏରସମା ବିଧାୟକ ତଥା ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ରବିବାର ବାଲିକୁଦାର ବ୍ଲକର ମରାଚିପୁର, ଅନନ୍ତପୁର, କୁସୁପୁର, ନହରଣା ଓ ବରମୁଣ୍ଡଳୀ ପଞ୍ଚାୟତ ଆଦି ବୁଲି ଜଳ ନିଷ୍କାସନର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ କୁସୁପୁର ପଞ୍ଚାୟତର ନେନ୍ଦେରାଠାରେ କାଠଗଡ଼ି ପୋଲ ପରିଦର୍ଶନ କରିଥିଲେ। ସେଠାରେ ଜଳ ନିଷ୍କାସନ ସମ୍ବନ୍ଧରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ବ୍ଲକ ଉପାଧକ୍ଷ ରାଖାଲ ଚନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ହାତୀ, ଅପଣ୍ଡରା ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସ୍ୱାଇଁ, ଅନନ୍ତପୁର ସମିତିସଭ୍ୟ ରମେଶ ପୋଲେଇ, ଆଇନଜୀବୀ ପ୍ରକାଶ ପ୍ରଧାନ, ଯୁବ ନେତା ନିରଞ୍ଜନ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

# ମଠ, ଆଶ୍ରମଗୁଡ଼ିକ ସୁରକ୍ଷା ଉପରେ ଗୁରୁତ୍ୱ

## ଉତ୍କଳୀୟ ସନାତନ ସନ୍ଥ ପରିଷଦର କାର୍ଯ୍ୟକାରିଣୀ ବୈଠକ

ରାହାମା,୨୬।୯(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗରେଇ ପଞ୍ଚାୟତ ନାଳିଆପାଳର ଚନ୍ଦ୍ରଧ୍ୱଜପୁରସ୍ଥିତ ଶ୍ରୀ ଶ୍ରୀ ଦଧିବାମନଜୀଉ ମଠ ପ୍ରାଙ୍ଗଣରେ ଉତ୍କଳୀୟ ସନାତନ ସନ୍ଥ ପରିଷଦ ପାରାଦୀପ ଶାଖା ତରଫରୁ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମଠର ମହନ୍ତ, ମଠାଧୀଶ, ସାଧୁସନ୍ଥମାନେ ମିଳିତ ହୋଇ ସାମ୍ପ୍ରତିକ ପରିସ୍ଥିତିରେ ମଠ ଓ ଆଶ୍ରମଗୁଡିକ କିପରି ସୁରକ୍ଷା ହୋଇପାରିବ ସେସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳରେ ଆଧାତ୍ମିକ ଜ୍ଞାନର ପ୍ରଚାର ପ୍ରସାର ପାଇଁ ଭାଗବତ ଓ ଗୀତା ପଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅବହେଳିତ ଅବସ୍ଥାରେ ରହିଥିବା ମଠ ଓ ଆଶ୍ରମର ପୁନରୁଦ୍ଧାର ପାଇଁ ଆଲୋଚନା ହୋଇଥିଲା। ବୈଠକରେ ତୀର୍ଥ ମଠର ମହନ୍ତ ଜଗନ୍ନାଥ ଦାସ ଗୋସ୍ୱାମୀ ସଭାପତିତ୍ୱ କରିଥିଲେ। ଅଧିକାରୀ ପ୍ରସନ୍ନାନନ୍ଦ ଦାସ, ଅଧିକାରୀ ରମାକାନ୍ତ ଦାସ, ବାବାଜି ନିତ୍ୟାନନ୍ଦ ଦାସ ମହାରାଜ, ବାବାଜି ଦୟାନିଧି ଦାସ, ନିଖିଳାନନ୍ଦ ଦାସ, ବାବାଜି ହରି ନାରାୟଣ ଦାସ, ହରି ଅନନ୍ତ ଦାସ, ବାୟା ବାବା, ବିନୟାନନ୍ଦ ଦାସ ଓ ଧର୍ମାଚାର୍ଯ୍ୟ ସୁନାକର ବେହେରା ପ୍ରମୁଖ ଏଥିରେ ଯୋଗଦେଇଥିଲେ।



ବୈଠକରେ ଯୋଗ ଦେବାକୁ ଆସିଥିବା ସାଧୁସନ୍ଥମାନେ।

# ଗହୀରମଥାର ସୁରକ୍ଷା ପାଇଁ ବିଚାରବିମର୍ଶ

## ଭିତରକନିକା, ଗହୀରମଥା ସଂରକ୍ଷଣରେ ଗଣମାଧ୍ୟମର ଭୂମିକା କର୍ମଶାଳା

ରାଜନଗର,୨୬।୯(ଡି.ଏନ.ଏ.)

ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ରାଜନଗର ବନ ବିଭାଗ ପକ୍ଷରୁ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱପ୍ରସିଦ୍ଧ ଭିତରକନିକା, ଅଲିଭ ରିଡ୍ଲେ କଇଁଛଙ୍କ ଅନ୍ତୁଡିଶାଳ ଗହୀରମଥାର ସୁରକ୍ଷା ଓ ସଂରକ୍ଷଣ ନେଇ ବିଚାରବିମର୍ଶ କରାଯାଇଥିଲା। ବିଶ୍ୱ ଐତିହ୍ୟ ତାଲିକାରେ ଭିତରକନିକାକୁ ସ୍ଥାନିତ କରାଯିବା, ବିରଳ ହେନ୍ତାଳବଣ, ଆର୍ଦ୍ରଭୂମି ସମେତ ବନ୍ୟଜନ୍ତୁଙ୍କ ସୁରକ୍ଷା କ୍ଷେତ୍ରରେ ବାଧକ ସାଜୁଥିବା ବେଆଇନ ଚିଙ୍ଗୁଡି ଘେରିଗୁଡିକୁ ଉଚ୍ଛେଦ କରାଯିବା ଏବଂ ଲୁଣା ଜଙ୍ଗଲର ବିରଳ ବୃକ୍ଷଗୁଡ଼ିକର ଠିକ୍ ତଥ୍ୟ ସଂଗ୍ରହ କରାଯିବା ନେଇ ଆଲୋଚନା ହୋଇଥିଲା।

କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଡିଏଫ୍ଓ ଡ. ଯଜ୍ଞଦତ୍ତ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତରକନିକା ଓ ଗହୀରମଥାକୁ ଦେଶ ବିଦେଶରେ ପରିଚିତ କରାଇବାରେ ଖବରଦାତାମାନଙ୍କ ପ୍ରମୁଖ ଭୂମିକା




କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

ରହିଛି। ଭିତରକନିକାରେ ଥିବା ବିଶାଳ ଲୁଣାଜଙ୍ଗଲକୁ ଦେଢଶହ କର୍ମଚାରୀ ସୁରକ୍ଷା ଦେବା କଷ୍ଟକର। ତେଣୁ ସ୍ଥାନୀୟ ଲୋକଙ୍କ ସହଯୋଗ ଆବଶ୍ୟକ। ଏଥିସହ ଖବର ପ୍ରକାଶ କରିବା ସମୟରେ ବିଭିନ୍ନ ପଶୁପକ୍ଷୀଙ୍କ ସ୍ଥାନୀୟ ନାଁ ସହ ସାଇଣ୍ଟିଫିକ ନାମ ଦିଆଗଲେ ଅଧିକ ଲୋକ ଭିତରକନିକା ବିଷୟରେ ଜାଣିପାରିବେ। ଏଥିସହ ୯୨ ପ୍ରଜାତିର ଲୁଣାଗଛ ମଧ୍ୟରୁ ଭିତରକନିକାରେ କେତେ ରହିଛି, ତା'ର ସ୍ଥାନୀୟ ନାଁ ଓ ସାଇଣ୍ଟିଫିକ ନାମର ଏକ ତାଲିକା ଖୁବ୍‌ଶୀଘ୍ର ପ୍ରସ୍ତୁତ ହେବ। ଭିତରକନିକା ବିଷୟରେ ସ୍କୁଲ ସ୍ତରରେ ସଚେତନ କରାଯିବ। ଇକୋ କ୍ଲବକୁ ଗତିଶୀଳ କରାଯିବା ସହ ସଂଖ୍ୟା ବୃଦ୍ଧି କରାଯିବ। ଏଥିସହ ରାଜନଗର ବନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ମ୍ୟାନ୍‌ଗ୍ରୁଭ ମିତ୍ର ଭଳି କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ୱେଟ୍‌ଲାଣ୍ଡ ମିତ୍ର ନାମରେ ଏକ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏଥିସହ ଭିତରକନିକାକୁ ଆସୁଥିବା ପର୍ଯ୍ୟଟକମାନେ କିପରି ସକାରାତ୍ମକ ମନୋଭାବ ନେଇ ଫେରିବେ, ସେଥିପାଇଁ ପଦକ୍ଷେପ ନିଆଯାଉଛି। ପ୍ରଥମଥର ପାଇଁ ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ଆସୁଥିବା ପର୍ଯ୍ୟଟକଙ୍କ ନିମନ୍ତେ ନୌବିହାରର ସୁବିଧା କରାଯାଇଛି। ଇକୋ ଟ୍ୟୁରିଜମ୍ ବ୍ୟବସ୍ଥାରେ ୨ଗୁଣ ବର୍ଷ ଭିତରେ ପ୍ରାୟ ୨ ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପର୍ଯ୍ୟଟନସ୍ଥଳୀର ବିକାଶ କରାଯିବ। ଏହାବାଦ୍ କୋଷ୍ଟାଲ ଆକ୍ୱାକଲଚର ଆକ୍ଟରେ ଭିତରକନିକା ଅଭୟାରଣ୍ୟ ଅଞ୍ଚଳରେ ଥିବା ସମସ୍ତ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯିବ। ଏଥିସହ ଆବଦ୍ଧ ପୋଖରୀରେ ଥିବା ଧଳା କୁମ୍ଭୀର ଗୋରୀ ଓ ମଲ୍ଲୀକୁ ମାଆ ହେବା ନିମନ୍ତେ ମୁକ୍ତ କିମ୍ବା ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉ ବୋଲି ମତ ରଖିଥିଲେ। ଏଥିରେ ଅବୈତନିକ ବନଖଣ୍ଡ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା, ଖବରଦାତା ଭାସ୍କର ରାଉତରାୟ, ଜଗନ୍ନାଥ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ହେନ୍ତାଳ ଗଛ ବା ଲୁଣା ଜଙ୍ଗଲ ଅଞ୍ଚଳର ସୁରକ୍ଷା କବଚ। ରାଜ୍ୟରେ ଥିବା ଲୁଣା ଜଙ୍ଗଲର ପ୍ରାୟ ୮୬ ପ୍ରତିଶତ ଭିତରକନିକାରେ ରହିଛି। ପେଣ୍ଠ, ସାତଭାୟା ଅଞ୍ଚଳର ବିକାଶ କରାଗଲେ ଏହା ପର୍ଯ୍ୟଟନର ହବ୍ ହୋଇପାରିବ।

# ପର୍ଯ୍ୟଟନ ମାନଚିତ୍ରରୁ ଦୂରରେ ଚୁଡ଼ଙ୍ଗଗଡ଼

**ଏ ବର୍ଷର ବାର୍ତ୍ତା**

୧୯୮୦ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ୨୭ ତାରିଖରେ ପାଳିତ ହୋଇ ଆସୁଛି ବିଶ୍ୱ ପର୍ଯ୍ୟଟନ ଦିବସ। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ଟୁରିଜମ୍ ଫର୍ ଇନ୍‌କ୍ଲୁସିଭ୍ ଗ୍ରୋଥ୍' ଅର୍ଥାତ୍ ପର୍ଯ୍ୟଟନର ସାମଗ୍ରିକ ବିକାଶ...

କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ରାଜ୍ୟ ଓଡ଼ିଶା। ଏହି ମାଟି ତା'ର କୋଳରେ ଅନେକ ବୀରଙ୍କୁ ଜନ୍ମ ଦେଇଛି। ସେମାନଙ୍କ ପରାକ୍ରମ, ବୀରତ୍ୱ ଗାଥା ଏବେ ମୂକସାକ୍ଷୀ ପାଲଟିଛି। ମାତ୍ର ପ୍ରଶାସନ ଓ ପ୍ରତ୍ନତାତ୍ତ୍ୱିକ ବିଭାଗର ରକ୍ଷଣାବେକ୍ଷଣ ଅଭାବରୁ ବହୁ ଐତିହାସିକ ସ୍ଥାନ ମାଟିରେ ମିଶିଯାଉଛି। ଏହାର ଏକ ଉଦାହରଣ ହେଉଛି 'ଚୁଡ଼ଙ୍ଗଗଡ଼'। ବିସ୍ତୀର୍ଣ୍ଣ ଜଙ୍ଗଲ ମଧ୍ୟରେ ଦୁର୍ଗଟି ନିର୍ମିତ ହୋଇଥିଲା। ପ୍ରାୟ ୧ହଜାର ଏକରରୁ ଉର୍ଦ୍ଧ୍ୱ ପରିମିତ ଏହି ଅଞ୍ଚଳରେ କେବେ ଗଙ୍ଗବଂଶର ରାଜା ଅନନ୍ତବର୍ମନ ଚୋଡ଼ଗଙ୍ଗଦେବ ନିଜର ଗଡ଼ କରିଥିଲେ। ଇଣ୍ଟରନେଟ୍‌ରୁ ଏହି ସ୍ଥାନ ବିଷୟରେ ପଢ଼ି ଏଠାକୁ ଦେଶ ତଥା ବିଦେଶରୁ ପର୍ଯ୍ୟଟକ ବୁଲି ଆସୁଛନ୍ତି। ମାତ୍ର ପର୍ଯ୍ୟଟନ ମାନଚିତ୍ରରୁ ଏହା ବହୁ ଦୂରରେ ରହିଛି। ୧୯୫୧ ମସିହାରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଏହାକୁ ନିଜ ଅଧୀନରେ ରଖିଥିଲେ ମଧ୍ୟ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇ ପାରୁନାହିଁ। ଫଳରେ ଏହାର ଆଖପାଖରେ ଥିବା ଲୋକ ଏଠାରେ ନିଜର ଆଧିପତ୍ୟ ବିସ୍ତାର କରିବାରେ ଲାଗିଛନ୍ତି। ଆବଶ୍ୟକ ପ୍ରୋତ୍ସାହନ ମିଳିପାରିଲେ ଏହି ସ୍ଥାନରୁ ସୋମବଂଶ ଓ ଗଙ୍ଗବଂଶ ସମ୍ପର୍କରେ ଅନେକ କିଛି ତଥ୍ୟ ମିଳିପାରିବ ବୋଲି ଆଶା କରାଯାଉଛି।

ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଦାରୁଠେଙ୍ଗ ପଞ୍ଚାୟତରେ ରହିଛି ଐତିହାସିକ ଗ୍ରାମ ଚୁଡ଼ଙ୍ଗଗଡ଼। ନନ୍ଦନକାନନ ପ୍ରାଣୀ ଉଦ୍ୟାନଠାରୁ ପ୍ରାୟ ୫ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମରେ ପ୍ରବେଶ ପାଇଁ ଲମ୍ବିଛି ମାଟି ରାସ୍ତାଟିଏ। ପ୍ରଥମେ ଜେନାମଣି ସାହି, ପରେ ନୁହାଜ ସାହି, ହାତୀଗାଧୁଆ ସାହି ଓ ଡ୍ରେନ୍ ସାହି ରହିଛି। ଏହି ସାହିଗୁଡ଼ିକ ରାଜାଙ୍କ ଦ୍ୱାରା ନିର୍ମିତ ପୋଖରୀ ଓ ମନ୍ଦିର ଠାକୁରାଣୀଙ୍କ ନାମକୁ ନେଇ ନାମିତ ହୋଇଛି। ଏଠାରେ ଏବେ ୧ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ଲୋକ ବସବାସ କରୁଛନ୍ତି। ମୟୂରଭଞ୍ଜର ମୂଳ ବାସିନ୍ଦା ହୋଇଥିଲେ ହେଁ ୮୦ବର୍ଷରୁ ଅଧିକ ସମୟ ଧରି ଏଠାରେ ରହି ଆସୁଛନ୍ତି।

**କିମ୍ବଦନ୍ତୀ କୁହେ...**

ମାଦଳାପାଞ୍ଜି ଅନୁଯାୟୀ ଏହି ଗଡ଼କୁ କେଶରୀ ବଂଶ(ସୋମବଂଶୀ)ର ଅନ୍ୟତମ ରାଜା ଲଲାଟେନ୍ଦୁ କେଶରୀ ନିର୍ମାଣ କରାଇଥିଲେ। ସେହି ସମୟରେ ଏହି ଗଡ଼ର ନାମ ଥିଲା 'ସାରଙ୍ଗଗଡ଼'। ଏହିଗଡ଼ରେ ଏକାଧିକ ଜଳଉତ୍ସ ରହିଥିବାବେଳେ ସେଥିରେ ପଦ୍ମଫୁଲ ଫୁଟୁଥିଲା। ସଂସ୍କୃତରେ ପଦ୍ମକୁ ସାରଙ୍ଗ କୁହାଯାଉଥିବାରୁ ଏହି ଗଡ଼ର ନାମ ଥିଲା ସାରଙ୍ଗଗଡ଼। ରାଜା ବରାହ କେଶରୀଙ୍କ ଦ୍ୱାରା ଗଡ଼ର ପୁନରୁଦ୍ଧାର କରାଯାଇଥିଲା। ଶେଷ ସୋମବଂଶୀ ରାଜା କର୍ଣ୍ଣଦେବଙ୍କୁ ପରାସ୍ତ କରି ୧୧୧୦ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶୀ ରାଜା ଅନନ୍ତବର୍ମନ ଚୋଡ଼ଗଙ୍ଗଦେବ ଏହାକୁ ଅକ୍ତିଆର କରିବାପରେ ଗଡ଼ର ନାମ ପରିବର୍ତ୍ତନ ହୋଇ 'ଚୁଡ଼ଙ୍ଗଗଡ଼' ହୋଇଥିଲା। ଏଠାରେ ରାଜାଙ୍କର ହାତୀଗାଧୁଆ ପୋଖରୀ, ରାଣୀଗାଧୁଆ ପୋଖରୀ, ରାଜାଗାଧୁଆ ବା ବଡ଼ପୋଖରୀ, କ୍ଷୀରଗାଡ଼ିଆ, ପଦ୍ମପୋଖରୀ, ଚୁଡ଼ଙ୍ଗ ଖିଲ, ଛେଦାଗାଡ଼ିଆ ଭଳି ଅନେକ ପୋଖରୀ ରହିଛି। ସେଥିମଧ୍ୟରୁ କେତେକ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଆଉ କେତେକ ସମୟକ୍ରମେ ପୋତି ହୋଇଗଲାଣି। ପୁଣି ଏଠାରେ ରାଣୀଙ୍କ ପାଇଁ ନିର୍ମିତ 'ଷୋଳ ଉଆସ'ର କିଛି ଭଗ୍ନାବଶେଷ ରହିଛି। ଏହିଗଡ଼ର ଅନ୍ୟତମ ବିଶେଷତ୍ୱ ଏଠାରେ ଥିବା ଏକ ବଡ଼ ଜଳଉତ୍ସ। ଏଠାରୁ ବାହାରକୁ ଜଳ ପ୍ରବାହିତ ହେଉଥିଲା। ଗଡ଼କୁ ଯିବା ବାଟରେ ରହିଛନ୍ତି ଇଷ୍ଟଦେବୀ ସାରଙ୍ଗୀ ଠାକୁରାଣୀ। ତେନ୍ତୁଳି ଗଛ ମୂଳରେ ଏକ ଅସ୍ଥାୟୀ ମନ୍ଦିରରେ ପୂଜା ପାଉଛନ୍ତି ଦେବୀ। ବାଲିଆ ପଥରରେ ନିର୍ମିତ ଏହି ମୂର୍ତ୍ତିକୁ ରାଜା ନିଜେ ପ୍ରତିଷ୍ଠା କରିଥିବା କୁହାଯାଉଛି। ଏଠାରେ ଅନ୍ନପୂର୍ଣ୍ଣା ବେହେରା ନାମ୍ନୀ ଜଣେ ମହିଳା ଦୀର୍ଘ ୪୦ ବର୍ଷ ଧରି ପୂଜା କରିଆସୁଛନ୍ତି। ପ୍ରତିବର୍ଷ ଦୁର୍ଗାପୂଜାରେ ଏଠାରେ ମା'ଙ୍କର ୧୦୮ପୂଜା ଅନୁଷ୍ଠିତ ହୁଏ। ସାରଙ୍ଗୀ ଦେବୀଙ୍କ ବ୍ୟତୀତ ମା' ବାଟ ଭୁଆସୁଣୀ, ଜେମାମଣୀ, କନକଦୁର୍ଗା ଭଳି ବହୁ ଦେବୀ ମନ୍ଦିର ଗଡ଼ରେ ରହିଛି। ତେବେ କାଳକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ସେଥି ମଧ୍ୟରୁ ଅଧିକାଂଶ ମନ୍ଦିର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି।

କଳାପାହାଡ଼ ଆକ୍ରମଣରୁ ଚୁଡ଼ଙ୍ଗଗଡ଼ ମଧ୍ୟ ବାଦ ପଡ଼ି ନ ଥିଲା। ଆକ୍ରମଣରୁ ବର୍ତ୍ତିବା ପାଇଁ ରାଜା ଏବଂ ତାଙ୍କ ପରିବାରବର୍ଗ ଗଡ଼ ମଧ୍ୟରେ ଥିବା ସୁଡ଼ଙ୍ଗ ଦେଇ ପଳାୟନ କରିଥିଲେ। ଏବେ ମଧ୍ୟ ସେଠାରେ କେତେକ ସୁଡ଼ଙ୍ଗ ରହିଛି। ଯାହାକୁ ପ୍ରତ୍ନତାତ୍ତ୍ୱିକ ବିଭାଗ ପକ୍ଷରୁ ଖନନ କଲେ ଜଣାପଡ଼ିବ ବୋଲି କୁହାଯାଉଛି। ଏହା ବ୍ୟତୀତ ରାଜାଙ୍କ ଦ୍ୱାରା ନିର୍ମିତ 'ରାଣୀଗାଧୁଆ ପୋଖରୀ'କୁ ନେଇ ମଧ୍ୟ ଲୋକକଥା ରହିଛି। କୌଣସି ଅଭାବୀ ଲୋକ ନିଜ ଝିଅ, ଭଉଣୀ କିମ୍ବା ପରିଜନଙ୍କ ବିବାହ ପାଇଁ ସୁନା ଅଳଙ୍କାର ଆବଶ୍ୟକ କରୁଥିଲେ ଏହି ପୋଖରୀ ସେମାନଙ୍କୁ ଅଳଙ୍କାର ପ୍ରଦାନ କରୁଥିଲା।

ରାଜା ନିଜ ଗଡ଼କୁ ସୁରକ୍ଷିତ ରଖିବା ପାଇଁ ଖୁବ୍ ମଜଭୁତ୍ ଏବଂ ବିରାଟ ପାଚେରି ନିର୍ମାଣ କରିଥିଲେ। ଏହି ସମସ୍ତ ପାଚେରି ମାଙ୍କଡା ପଥରରେ ନିର୍ମିତ ହୋଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏଠାରେ ରହିଥିବା ଅସଂଖ୍ୟ ପ୍ରାଚୀର ଏବେ ମାଟିରେ ମିଶିବାକୁ ବସିଲାଣି। ସେହିପରି ରାଜାଙ୍କ ନଅରର ଭଗ୍ନାବଶେଷ ଥିବା ସ୍ଥାନଗୁଡ଼ିକରେ ଏବେ ଜଙ୍ଗଲ ସୃଷ୍ଟି ହୋଇ ସାରିଲାଣି।


ରାଣୀ ଗାଧୁଆ ପୋଖରୀ


ଭଗ୍ନ ଅବସ୍ଥାରେ ଗଡ଼ର ପାଚେରି।

**ବର୍ଷା ହେଲେ ମିଳେ କଳା ଚାଉଳ**

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଗଡ଼ରେ ରାଜାଙ୍କର ଚାଉଳ ଅମାର ରହିଥିଲା। ଯେଉଁଠାରେ ଏବେ ଜଙ୍ଗଲ ମାଡ଼ିଗଲାଣି। ବର୍ଷା ଦିନେ ସେହି ଜଙ୍ଗଲ ଆଡୁ କଳା ଚାଉଳ ବହି ଆସିଥାଏ। ଏପରିକି ଗଡ଼ର କିଛି ଅଞ୍ଚଳକୁ ଖୋଳିଲେ ଏବେ ବି ସେ କାଳର ଚାଉଳ ବାହାରୁଛି। ତେବେ ଏହି ଚାଉଳ ଦେଖିବାକୁ ସମ୍ପୂର୍ଣ୍ଣ କଳା ହୋଇଥିବାବେଳେ ଏହାକୁ କୌଣସି ଚଢ଼େଇ କିମ୍ବା ଅନ୍ୟ କେହି ଖାଉନାହାନ୍ତି।

## ଏମାନେ କୁହନ୍ତି...

**ୟୁନାଇଟେଡ୍ ପ୍ଲାନ ଆବଶ୍ୟକ**

ସରକାର କେବଳ ବଡ଼ ବଡ଼ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ କଲେ ହେବ ନାହିଁ। ଆମ ରାଜ୍ୟରେ ଯେଉଁ ଛୋଟ ଛୋଟ ଐତିହାସିକ ସ୍ଥାନ ରହିଛି ତା' ଉପରେ ମଧ୍ୟ ଦୃଷ୍ଟି ଦେବା ଦରକାର। ନଚେତ୍ ଚୁଡ଼ଙ୍ଗଗଡ଼, ବାଲେଶ୍ୱରର 'ରାଇବଣିଆ ଦୁର୍ଗ' ଭଳି ଐତିହାସିକ ସ୍ଥାନ ଗୁଡ଼ିକ ଲୋପ ପାଇଯିବ। ସମସ୍ତ ଐତିହାସିକ ସ୍ଥଳୀକୁ ସଂରକ୍ଷିତ ରଖିବା ପାଇଁ ଏକ ୟୁନାଇଟେଡ୍ ପ୍ଲାନର ଆବଶ୍ୟକତା ରହିଛି।

– **ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ,** ଐତିହାସିକ

**ଜଙ୍ଗଲ ବିଭାଗ ପାଇଁ କାମ ହୋଇପାରୁନି**

ଚୁଡ଼ଙ୍ଗଗଡ଼ ରିଜର୍ଭ ଫରେଷ୍ଟ ଭିତରେ ଆସୁଛି। ତେଣୁ କୌଣସି କାମ କରିବା ପୂର୍ବରୁ ଆମକୁ ଜଙ୍ଗଲ ବିଭାଗର ଅନୁମତି ନେବାକୁ ପଡୁଛି। ଗଡ଼ର ସୁରକ୍ଷା ପାଇଁ ପାଚେରି କରିବାକୁ ଚେଷ୍ଟା କରିଥିଲୁ। ମାତ୍ର ଜଙ୍ଗଲ ବିଭାଗ ଅନୁମତି ଦେଇ ନ ଥିଲା। ଜଙ୍ଗଲ ବିଭାଗ ଓ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗର ଅଲଗା ଅଲଗା ନିୟମ ରହିଛି। ତେବେ ଏହି ଗଡ଼ର ପୁନରୁଦ୍ଧାର ପାଇଁ ଆମକୁ ମିଳିତ ଭାବେ କାମ କରିବାକୁ ପଡ଼ିବ। ନିଶ୍ଚିତ ଭାବେ ଏହା ଏକ ସୁନ୍ଦର ସ୍ଥାନ। କାମ ହେଲେ ଗଡ଼ ଭିତରକୁ ଯିବାକୁ ରାସ୍ତା ହେବ, ସୁରକ୍ଷିତ ବାଡ଼ ତିଆରି ହେବ, ବୋଟିଂର ବ୍ୟବସ୍ଥା ହୋଇପାରିବ, ସଂରକ୍ଷଣ ହୋଇପାରିଲେ ନିଶ୍ଚିତ ଭାବେ ଏହା ସୁନ୍ଦର ପର୍ଯ୍ୟଟନସ୍ଥଳୀ ହୋଇପାରିବ।

– **ଅରୁଣ ମଲ୍ଲିକ,** ସୁପରିଣ୍ଟେଣ୍ଡେଣ୍ଟ ଆର୍କୋଲୋଜିଷ୍ଟ, ଏଏସ୍ଆଇ, ଭୁବନେଶ୍ୱର ସର୍କଲ

**ଅଭୟାରଣ୍ୟ ବାହାରେ ସଂରକ୍ଷଣ କରି ପାରିବ**

ଏଏସ୍ଆଇ ଅଭୟାରଣ୍ୟ ବାହାରେ ପାଚେରୀ କରିଛି। ଭିତର ପାଖରେ ପାଚେରୀ କରିବା ପାଇଁ ଚଳିତ ବର୍ଷ ଫେବୃଆରୀ ମାସରେ ନନ୍ଦନକାନନ, ଚନ୍ଦକା ଡିଭିଜନ ଓ ଆଇଏସ୍ଆଇ ମିଶିକି ଜଏଣ୍ଟ ଭେରିଫିକେସନ୍ ହୋଇଥିଲା। ଏଏସଆଇ ଯେଉଁଠାରେ ପାଚେରୀ କରିବା ପାଇଁ ଚାହୁଁଛନ୍ତି ତାହା ଆମ ଅଭୟାରଣ୍ୟ ପାଖ ଦେଇ ଯାଉଛି। ଏହାଦ୍ୱାରା ଅଭୟାରଣ୍ୟ ଦୁଇଭାଗ ହୋଇଯିବ। ଫଳରେ ବନ୍ୟଜନ୍ତୁଙ୍କ ଯିବା ଆସିବା କରିବାରେ ଅସୁବିଧା ହେବ। ଏହାର ରିପୋର୍ଟ ନ୍ୟାସନାଲ୍ ବୋର୍ଡ ଅଫ୍ ୱାଇଲ୍ଡ ଲାଇଫ୍‌କୁ ଦିଆଯାଇଛି। ଯେହେତୁ ବନ୍ୟଜନ୍ତୁଙ୍କ ପାଇଁ ସମସ୍ୟା ହେବ ତେଣୁ ଏହି ଯୋଜନା କାର୍ଯ୍ୟକାରୀ ହୋଇ ପାରିବ ନାହିଁ। ଏଏସ୍ଆଇ ଚାହିଁଲେ ଅଭୟାରଣ୍ୟ ବାହାରେ ଗଡ଼ର ସଂରକ୍ଷଣ କରି ପାରିବ।

– **ହିମାଂଶୁ ଶେଖର ମହାନ୍ତି,** ଆସିଷ୍ଟାଣ୍ଟ କଞ୍ଜରଭେଟର ଅଫ୍ ଫରେଷ୍ଟ

– **ଉପସ୍ଥାପନା: ବନ୍ଦନା ସେଠୀ, ଭୁବନେଶ୍ୱର**


ଉପର ବାଲି ଗ୍ରାମ ନିକଟ ଜଳପ୍ରପାତ

# ଦୃଷ୍ଟି ଆଢୁଆଳରେ ଜଳପ୍ରପାତ

କେନ୍ଦୁଝର ଜିଲାରେ ରହିଛି ବହୁ ପ୍ରାକୃତିକ ଜଳପ୍ରପାତ। ତନ୍ମଧ୍ୟରୁ କେତେକ ପର୍ଯ୍ୟଟନର ମାନ୍ୟତା ପାଇଥିବା ବେଳେ ଏବେବି ଅନେକ ଅପେକ୍ଷାରେ ରହିଛି। ସେହିପରି ଦୃଷ୍ଟି ଆଢୁଆଳରେ ରହିଥିବା ଏକ ଜଳପ୍ରପାତ ବାଂଶପାଳ ବ୍ଲକ ଉପର ବାଲି ଗ୍ରାମ ନିକଟରେ ରହିଛି।

ବଣପାହାଡ଼ ଘେରା ଏହି ଗ୍ରାମ ନିକଟରେ ବୋହି ଯାଉଥିବା ଏକ ଝରଣା ଉକ୍ତ ସ୍ଥାନରେ ପ୍ରାୟ ୩୦ ଫୁଟରୁ ଅଧିକ ଉଚ୍ଚରୁ ଖସି ଏକ ମନୋରମ ଜଳପ୍ରପାତ ସୃଷ୍ଟି କରିଛି। ଏହା ସମ୍ପୂର୍ଣ୍ଣ ଭାବରେ ନଜର ଆଢୁଆଳରେ ରହିଯାଇଥିଲାବେଳେ ସ୍ଥାନୀୟ ଜୁଆଙ୍ଗ ପିଲାମାନେ ଏଠାରେ ଜଳକ୍ରୀଡ଼ାର ମଜା ଉଠାଉଛନ୍ତି। ଏହାକୁ ସେମାନେ ଖଣ୍ଡାଧାର ବୋଲି କହୁଛନ୍ତି। କାରଣ ଖଣ୍ଡାଧାର ଜଳପ୍ରପାତ ଭଳି ଏହା ଦୃଶ୍ୟମାନ ହେଉଛି। ବିଶେଷକରି ପୁରାତନ ଜନଜାତି ଜୁଆଙ୍ଗ ପିଢ଼ ଅଞ୍ଚଳରେ ଏହି ସ୍ଥାନଟି ରହିଥିବାରୁ ଏହା ଅନେକ ଆନନ୍ଦ ଦେବା ସହ ଗବେଷଣାର ସୁଯୋଗ ସୃଷ୍ଟି କରିବ। ସେହିପରି ଏଠାରୁ ୧୫/୨୦ କିମି ଦୂରରେ ଗୋନାସିକା (ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ) ତଥା ଗୁପ୍ତଗଙ୍ଗା (ଜୁଆଙ୍ଗ ଜନଜାତିଙ୍କ ଉତ୍ପତ୍ତି ସ୍ଥଳ) ରହିଥିବାରୁ ଏହା ଏକ ବଡ଼ ପର୍ଯ୍ୟଟନର ସୁଯୋଗ ସୃଷ୍ଟି କରିବ। ଏହାର ବିକାଶ ହେଲେ ଜୁଆଙ୍ଗ ଅଞ୍ଚଳର ଅର୍ଥନୈତିକ ଓ ସାମାଜିକ ବିକାଶ ସହ ପ୍ରକୃତିପ୍ରେମୀ ଏହି ସ୍ଥାନର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ। ଏଠାରୁ ପ୍ରାୟ ୩/୪ କିମି ଦୂରରେ ରହିଛି କାଇଁଝରୀ (ଘାଗରା) ଜଳପ୍ରପାତ। କାଇଁଝରୀ ନଦୀରେ ଏହି ଜଳପ୍ରପାତ ରହିଛି। ଏହା ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇ ନ ଥିଲେ ହେଁ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଏହାର ଉନ୍ନୟନ କାର୍ଯ୍ୟ କରାଯାଉଛି। ଏଠାକୁ ବହୁ ପର୍ଯ୍ୟଟକ ବୁଲିବା ଓ ଭୋଜି କରିବାକୁ ଆସିଥାନ୍ତି।

ଏହି ଦୁଇ କେନ୍ଦ୍ରର ଉନ୍ନତି ହେଲେ ପର୍ଯ୍ୟଟକଙ୍କୁ ଏକ ସଙ୍ଗରେ ବହୁ ସ୍ଥାନ ବୁଲିବାର ସୁଯୋଗ ମିଳିବ। ଏହି ରାସ୍ତାରେ ବାରାଗଡ଼ ଗ୍ରାମକୁ ଗଲେ ରାସ୍ତାର ଉଭୟ ପାର୍ଶ୍ୱରେ ବିସ୍ତୀର୍ଣ୍ଣ ପାହାଡ଼, ବର୍ଷା/ଶୀତ ଋତୁରେ ଭାସମାନ ମେଘମାଳାର ସୌନ୍ଦର୍ଯ୍ୟ, ଦେଶର ବିଭିନ୍ନ ହିଲ୍ ଷ୍ଟେଶନରେ ଦେଖିବାକୁ ମିଳୁଥିବା ଦୃଶ୍ୟ ସହିତ ସମାନ ହେବ। ଏହି ସ୍ଥାନ ଅତ୍ୟନ୍ତ ମନୋରମ ହୋଇଥିବାରୁ ଏହାର ବିକାଶ ପାଇଁ ପଦକ୍ଷେପ ନିଆଯିବ ବୋଲି ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି।

– **ନରେଶ ଚନ୍ଦ୍ର ପଟ୍ଟନାୟକ,** କେନ୍ଦୁଝର

## ଖେଳ ଖବର

# ବାୟୋ-ବବଲ କ୍ରିକେଟ

**ଗୌତମ ଗମ୍ଭୀର**

ମୋ ସମୟରେ ଜଣେ ଭାରତୀୟ କ୍ରିକେଟରଙ୍କ ଲଗେଜ ଏପରି ଥିଲା। ଟ୍ରେନିଂ ସାମଗ୍ରୀ ବ୍ୟତୀତ ନାମୀ କମ୍ପାନୀ ଇଡି ହାର୍ଡିର ଟି-ଶର୍ଟ, କ୍ଲୁଲି ରିଲିଜିଅନ୍‌ର କେତେ ହଳ ଜିନ୍ସ, ପାକୋ ରାବାନୀ ୱାନ ପର୍ଫ୍ୟୁମ୍, ଓକ୍ଲିର ସନ୍‌ଗ୍ଲାସ, ଆମେରିକୀୟ ଖାଦ୍ୟ ସାମଗ୍ରୀ, ଆପଲ୍ ଆଇ-ପଡ୍ ଆଦି ଲଗେଜ୍‌ରେ ସ୍ଥାନ ପାଉଥିଲା, ସତେଯେମିତି ଆମେ ବିଶ୍ୱ ବିଜେତା। ଏହି ବ୍ୟାଗେଜ୍‌ଗୁଡ଼ିକର ଆମେ ମାଲିକ ରହିଥିଲେ ହେଁ ବିସିସିଆଇ ଅବା ଆଇପିଏଲ୍ ଫ୍ରାଞ୍ଚାଇଜ୍ ସେଗୁଡ଼ିକର ଯତ୍ନ ନେଉଥିଲା। କୋଭିଡ୍ ଓ ବାୟୋ-ସିକ୍ୟୋର୍ ବବଲ ସମୟ ଯୋଗୁ ବ୍ୟାଗେଜ୍‌ର ସାମଗ୍ରୀରେ କିଛିଟା ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ଗୁସିସ୍ ଓ ଆର୍ମାନିସ ସହିତ ନିୟୁତ ଡଲାରର କାରବାର ହୋଇଛି। କିଛି ଭାରତୀୟ ଖେଳାଳି ଦାମୀ ଘଣ୍ଟା ବ୍ୟବହାର କରୁଛନ୍ତି, ଯାହାର ମୂଲ୍ୟ ନଏଡାରେ ଗୋଟିଏ ୨-ବିଏଚ୍‌କେ ଆପାର୍ଟମେଣ୍ଟ ମୂଲ୍ୟଠାରୁ ଅଧିକ। ସେମାନଙ୍କ ହାତରେ ଅତିରିକ୍ତ ମୋବାଇଲ ଫୋନ୍ କିମ୍ବା ଏକ ଆଇ-ପଡ୍ ରହୁଛି। ଏହାର ଉଦ୍ଦେଶ୍ୟ ହେଲା ଏହାଦ୍ୱାରା ସେମାନେ ସେମାନଙ୍କ ଅନ୍ତରଙ୍ଗଙ୍କୁ ଭିଡିଓ କଲ୍ କରିପାରିବେ। ଏଥିରେ ରହିଥିବା କଣ୍ଟାକ୍ଟ ନମ୍ବର ସମ୍ପୂର୍ଣ୍ଣ ବ୍ୟକ୍ତିଗତ। ଖୁବ୍ କମ୍ ଖେଳାଳି ସେମାନଙ୍କ ସହିତ ସେମାନଙ୍କ ପ୍ରିୟ ଲେଖକଙ୍କ ଅଡିଓ ବୁକ୍ ନେଇଥାନ୍ତି। ଏହା ହେଉଛି ଏକ ବବଲର ଜୀବନଶୈଳୀ। ବାୟୋ-ସିକ୍ୟୋର୍ ବବଲ ଜୀବନକୁ ନେଇ କ୍ରିକେଟରମାନେ କାହିଁକି ଅଭିଯୋଗ କରୁଛନ୍ତି ବୋଲି ସେ ସମ୍ପର୍କରେ ମୋର କେତେଜଣ ପ୍ରିୟ ସାଙ୍ଗ ମୋଠାରୁ ଜାଣିବାକୁ ଚାହିଁଥିଲେ। ସେମାନଙ୍କ କହିବାର କଥା ହେଲା ଖେଳାଳିମାନେ ଏକ ୫ ତାରକା ହୋଟେଲରେ ଅବସ୍ଥାନ କରୁଛନ୍ତି। ସେମାନଙ୍କୁ ଉତ୍ତମ ଖାଦ୍ୟ ଓ ପାନୀୟ ମଧ୍ୟ ମିଳୁଛି। ତେବେ ଅସୁବିଧା କେଉଁଠି ରହିଲା। ସେମାନଙ୍କୁ ବୁଝାଇବାକୁ ଯାଇ ମୁଁ କହିଥିଲି, ଖେଳାଳିମାନେ ଅଧିକାଂଶ ସମୟ ଆଉଟଡୋରରେ ବିତାଇଥାନ୍ତି। ଖୋଲାପଡ଼ିଆରେ ଅଭ୍ୟାସ କରିଥାନ୍ତି। ସେଠାରେ ସମର୍ଥକ, ସପୋର୍ଟ ଷ୍ଟାଫ୍, ଗ୍ରାଉଣ୍ଡ ଷ୍ଟାଫ୍ ଓ କ୍ୟାଟରିଂ ଷ୍ଟାଫ୍ ଆଦି ଉପସ୍ଥିତ ଥାନ୍ତି। କିନ୍ତୁ କୋଭିଡ୍ ପାଇଁ ବର୍ତ୍ତମାନ ସେମାନଙ୍କୁ ଗୃହବନ୍ଦୀ ଜୀବନ ବିତାଇବାକୁ ପଡୁଛି। ବ୍ରଡ୍‌କାଷ୍ଟ ଡ୍ୟୁଟି ପୂର୍ବରୁ ମୋତେ ବବଲରେ ରହିବାକୁ ପଡ଼ିଥିଲା। ମୋର ଚଳଚଞ୍ଚଳ ଜୀବନରେ ହଠାତ୍ ବ୍ରେକ୍ ଲାଗିଲା। ସେତେବେଳେ ମୋର ଅନୁଭବ କ'ଣ ଥିବ ତାହା ଅନୁମାନ କରାଯାଇପାରୁଥିବ। ମୁଁ ଖୁବ୍ ପଢ଼େ। ଅଫିସ ସହିତ ଭିଡିଓ କଲ୍‌ରେ ବ୍ୟସ୍ତ ରୁହେ। ଏପରିକି ମୋ ଦୁଇ ଝିଅଙ୍କ ପ୍ୟାରେଣ୍ଟ-ଟିଚର ମିଟିଂରେ ଭାଗ ନେଇଥାଏ। ଏହାଛଡ଼ା ମୋର ଆହୁରି ଅନେକ ବ୍ୟକ୍ତିଗତ କାର୍ଯ୍ୟ ରହିଛି। କୋଭିଡ୍ ସମୟରେ ମହାଭାରତ ଓ ଡିସ୍କଭରି ଅଫ୍ ଇଣ୍ଡିଆ ଦେଖି ଥାଏ। ବର୍ତ୍ତମାନ ପୁଣି ଆଇପିଏଲ୍-ଡବଲ ଧମାକା। ହେଲେ ସେଥିରୁ ଆମକୁ ଗୋଟାକ ପାଇଁ ସମୟ ଦେବାକୁ ହେବ। ମୋ ମତରେ ଡିସ୍କଭରି ଅଫ୍ ଇଣ୍ଡିଆ ହିଁ ଠିକ୍ ହେବ।

**(ଦୀନେଶ ଚୋପ୍ରା ମିଡିଆ/ଗେମ୍‌ପ୍ଲାନ୍)**




# ଆନ୍ତଃଜିଲା ହ୍ୟାଣ୍ଡବଲ: ଭୁବନେଶ୍ୱର ଚାମ୍ପିୟନ

**ଭୁବନେଶ୍ୱର, ୨୬।୯(କ୍ରୀଡ଼ା ପ୍ରତିନିଧି)**

କଟକ ବିଡ଼ାନାସୀ ଖେଳ ପଡ଼ିଆରେ ୧୯ତମ ସବ୍‌ଜୁନିୟର ବାଳକ ଆନ୍ତଃ ଜିଲା ରାଜ୍ୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲରେ ଭୁବନେଶ୍ୱର ଦଳ ୧୭-୧୩ ଗୋଲରେ କଟକକୁ ହରାଇ ଚାମ୍ପିୟନ ହୋଇଛି। ଢେଙ୍କାନାଳ ତୃତୀୟ ସ୍ଥାନରେ ରହିଥିଲା। ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର, ଅନୁଗୋଳ, ଭଦ୍ରକ, ନୟାଗଡ଼, ଯାଜପୁର କ୍ରୀଡ଼ା ସଂଘ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଗଜପତି, ସୁନ୍ଦରଗଡ଼, ରାଉରକେଲା, ଝାରସୁଗୁଡ଼ା, ଜଗତ୍‌ସିଂହପୁର, ବୌଦ୍ଧ, ପୁରୀ, ଖୋର୍ଦ୍ଧା ଆଦି ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ଉପସଭାପତି ପ୍ରେମାନନ୍ଦ ବିହାରି ଓ ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।


ଚାମ୍ପିୟନ ଭୁବନେଶ୍ୱର ଦଳ ଟ୍ରଫି ସହ।

# ଭାରତୀୟ ଦଳରେ ଉଡ଼ନ୍ତାଙ୍କ ପ୍ରତ୍ୟାବର୍ତ୍ତନ

**ନୂଆଦିଲ୍ଲୀ, ୨୬।୯:** ମାଲଦ୍ୱୀପରେ ଅକ୍ଟୋବର ୧ରୁ ୧୬ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ସାଫ୍ ଫୁଟବଲ ଚାମ୍ପିୟନଶିପ ପାଇଁ ଭାରତୀୟ କୋଚ୍ ଆଇଗର ଷ୍ଟିମାକ ଏକ ୨୩ ଜଣିଆ ଦଳ ଘୋଷଣା କରିଛନ୍ତି। ଶନିବାର ଘୋଷିତ ହୋଇଥିବା ଏହି ଦଳକୁ ବେଙ୍ଗାଲୁରୁ ଏଫ୍‌ସି ୱିଙ୍ଗର ଉଡ଼ନ୍ତା ସିଂ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚଳିତ ମାସ ଅନୁଷ୍ଠିତ ନେପାଳ ବିପକ୍ଷ ଦୁଇଟି ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସେ ଖେଳି ନ ଥିଲେ। ଚେନ୍ନାଇନ୍ ଏଫ୍‌ସିର ବିଶାଲ କୈଥଙ୍କ ସମେତ ୩ଜଣ ଗୋଲକିପରଙ୍କୁ ଦଳରେ ସ୍ଥାନ ମିଳିଛି। ତେବେ ଧୀରଜ ସିଂ ମୋଇରାନଙ୍ଗଥେମ ଦଳରୁ ବାଦ୍ ପଡିଛନ୍ତି। ଡିଫେଣ୍ଡର ଆକାଶ ମିଶ୍ର, ମିଡ୍‌ଫିଲ୍ଡର୍ସ ବିପିନ ସିଂ ଓ ପ୍ରଣୟ ହାଲଦାରଙ୍କୁ ମଧ୍ୟ ବାଦ୍ ଦିଆଯାଇଛି। ସୋମବାର ଖେଳାଳି, ସପୋର୍ଟ ଷ୍ଟାଫ୍ ଏକାଠି ହେବେ ଓ ମଙ୍ଗଳବାର ବିମାନ ଯୋଗେ ମାଲଦ୍ୱୀପ ଗସ୍ତ କରିବେ। କୋଚ୍ ଷ୍ଟିମାକଙ୍କ ସମେତ ଅନ୍ୟ ଟେକ୍‌ନିକାଲ ଷ୍ଟାଫ୍‌ମାନେ ସିଧାସଳଖ ମାଲଦ୍ୱୀପରେ ଦଳରେ ଯୋଗ ଦେବେ। ଏହି ଚାମ୍ପିୟନଶିପ୍‌ରେ ଭାରତ ସମେତ ବାଂଲାଦେଶ, ନେପାଳ, ଶ୍ରୀଲଙ୍କା ଓ ଆୟୋଜକ ମାଲଦ୍ୱୀପ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦଳ ପରସ୍ପର ସହିତ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ। ଶ୍ରେଷ୍ଠ ଦୁଇ ଦଳ ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିବେ। ପରବର୍ତ୍ତୀ ସେସନରେ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସର ତୃତୀୟ ରାଉଣ୍ଡ ଖେଳାଯିବ। ତେଣ ସାଫ୍ ଚାମ୍ପିୟନସିପ୍‌ରେ ଭାରତକୁ ୪-୫ଟି ମ୍ୟାଚ୍ ଖେଳିବାର ସୁଯୋଗ ମିଳିବ। ପୂର୍ବରୁ ଭାରତ ୭ଥର ସାଫ ଚାମ୍ପିୟନଶିପ୍‌ରେ ଟାଇଟଲ ହାସଲ କରିଛି। ଭାରତ ୧୯୯୩, ୧୯୯୭, ୧୯୯୯, ୨୦୦୯, ୨୦୧୧, ୨୦୧୫-୧୬ରେ ଟାଇଟଲ ହାସଲ କରିଥିଲା। ଭାରତ ଅକ୍ଟୋବର ୪ରୁ ବାଂଲାଦେଶ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ।

# ଭାରତର ରେକର୍ଡ ରନ୍ ଚେଜ୍

- ତୃତୀୟ ଦିନିକିଆରେ ଅଷ୍ଟ୍ରେଲିଆ ପରାସ୍ତ
- ୨୬ ମ୍ୟାଚ୍ ବିଜୟ ଧାରାରେ ବ୍ରେକ୍

**ମ୍ୟାକେ, ୨୬।୯**

ତାରକା ଓପନର ଶେଫାଳୀ ବର୍ମା ଓ ଯୁବ ମହିଳା ବ୍ୟାଟର ୟାସ୍ତିକା ଭାଟିଆଙ୍କ ଅର୍ଦ୍ଧଶତକ ବଳରେ ଭାରତୀୟ ମହିଳା ଦଳ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆକୁ ୨ ଉଇକେଟରେ ପରାସ୍ତ କରିଛି। ଏଥିସହିତ ୨୬ଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ମହିଳା ଦଳର ଅପରାଜେୟ ଧାରାରେ ବ୍ରେକ୍ ଲାଗିଛି। ଭାରତ ମଧ୍ୟ ୨୬୫ ରନର ବିଜୟ ଲକ୍ଷ୍ୟକୁ ଚେଜ୍ କରି ରେକର୍ଡ କରିବା ସହ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି ଓ ହ୍ୱାଇଟ୍ ୱାଶରୁ ବର୍ତ୍ତିଯାଇଛି।

ରବିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ମହିଳା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ୫୦ ଓଭରରେ ୯ ଉଇକେଟ ହରାଇ ୨୬୪ ରନର ବୃହତ୍ ସ୍କୋର ହାସଲ କରିଥିଲା। ଜବାବରେ ଭାରତ ୪୯.୩ ଓଭରରେ ୮ ଉଇକେଟ ହରାଇ ୨୬୬ ରନକରି ୩ଟି ବଲ ବାକି ରଖି ବାଜି ମାରିଥିଲା। ପରାସ୍ତ ହୋଇଥିଲେ ମଧ୍ୟ ଅଷ୍ଟ୍ରେଲିଆ ୨-୧ରେ ସିରିଜ ବିଜୟ ହାସଲ କରିଛି। କ୍ରମାଗତ ୨୬ଟି ମ୍ୟାଚ୍ ଜିତିବା ପରେ ଅଷ୍ଟ୍ରେଲିଆ ପ୍ରଥମଥର ପାଇଁ ପରାଜୟର ସମ୍ମୁଖୀନ ହୋଇଛି। ଏଥିସହ ଭାରତ ସର୍ବାଧିକ ରନ୍‌ର ସଫଳ ପିଛା କରି ରେକର୍ଡ କରିଛି। କଞ୍ଜୁସ ବୋଲିଂ କରି ମୂଲ୍ୟବାନ ୩ ଉଇକେଟ ନେବା ସହ ବିଜୟ ସୂଚକ ଚୌକା ମାରିଥିବା ଅଭିଜ୍ଞ ଭାରତୀୟ ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।


ଶେଫାଳି ବର୍ମା ଓ ୟସ୍ତିକା ଭାଟିଆ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ମହିଳା ଦଳ: ୫୦ ଓଭରରେ ୨୬୪/୯ (ଆଶଲେ ଗାର୍ଡନର- ୬୭, ବେଥ ମୁନୀ-୫୨, ତାହିଲା ମ୍ୟାକ୍‌ଗ୍ରାଥ-୪୭, ଆଲିସା ହିଲି-୩୫, ଏଲିସ୍ ପେରୀ-୨୬, ଝୁଲଣ ଗୋସ୍ୱାମୀ-୩/୩୭, ପୂଜା ବସ୍ତ୍ରକାର-୩/୪୬)। ଭାରତୀୟ ମହିଳା ଦଳ: ୪୯.୩ ଓଭରରେ ୨୬୬/୮ (ୟାସ୍ତିକା ଭାଟିଆ-୬୪, ଶେଫାଳୀ ବର୍ମା-୫୬, ଦୀପ୍ତି ଶର୍ମା-୩୧, ସ୍ନେହ ରାଣା-୩୦, ଆନାବେଲ ସଦରଲାଣ୍ଡ-୩/୩୦)।

## ଝୁଲଣଙ୍କ ୬୦୦ ଉଇକେଟ ରେକର୍ଡ



**ନୂଆଦିଲ୍ଲୀ, ୨୬।୯:** ଭାରତୀୟ ଅଭିଜ୍ଞ ମହିଳା ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀ କ୍ୟାରିୟରରେ ୬୦୦ ଉଇକେଟ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ରବିବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ତଥା ଅନ୍ତିମ ମହିଳା ଦିନିକିଆ ମ୍ୟାଚ୍‌ରେ ସେ ୧୦ ଓଭର ବୋଲିଂ କରି ୩୭ ରନ ବ୍ୟୟ କରିବା ସହ ୩ ଉଇକେଟ ନେଇ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ନବମ ଓଭରରେ ସେ ଦୁଇ ଉଇକେଟ ନେଇ ଏହି ସଫଳତା ପାଇଥିଲେ। ସେ ନବମ ଓଭର ପ୍ରଥମ ବଲ୍‌ରେ ରାଚେଲ ହେନ୍ସ ଓ ପଞ୍ଚମ ବଲ୍‌ରେ ଅଷ୍ଟ୍ରେଲିଆ ଅଧିନାୟକ ମେଗ୍ ଲାନିଂଙ୍କୁ ଆଉଟ କରି ୬୦୦ ଉଇକେଟ ପୂରଣ କରିଥିଲେ। ବିଶ୍ୱର ପ୍ରଥମ ମହିଳା ବୋଲର ଭାବେ ସେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଥିରେ ୩୩୭ଟି ଅନ୍ତର୍ଜାତୀୟ ଉଇକେଟ ସାମିଲ ରହିଛି। ୩୮ ବର୍ଷୀୟା ଝୁଲଣ ୪୧ ଟେଷ୍ଟ, ୨୪୦ ଦିନିକିଆ, ୫୬ଟି ଟି୨୦ ଉଇକେଟ ଅକ୍ତିଆର କରିଛନ୍ତି। ଏହାକୁ ବାଦ୍ ଦେଲେ ଘରୋଇ କ୍ରିକେଟରେ ସେ ୨୬୪ ଉଇକେଟ ହାସଲ କରିଛନ୍ତି। ସବୁକୁ ମିଶାଇଲେ ସେ ୬୦୦ ଉଇକେଟ ଅକ୍ତିଆର କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରେ ସେ ନୋ ବଲ୍ ପକାଇବା ଫଳରେ ଭାରତ ମ୍ୟାଚ୍ ହାରିଥିଲା ଓ ଏଥିପାଇଁ ସେ କଡ଼ା ସମାଲୋଚନାର ଶିକାର ହୋଇଥିଲେ।

## ସଂକ୍ଷେପରେ

### ଥାନା ସମ୍ମୁଖରେ ଯୁବତୀଙ୍କ ଧାରଣା

ଚଣ୍ଡିଖୋଲ,୨୬।୯(ଡି.ଏନ.ଏ.): ପ୍ରେମ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିବା ପ୍ରେମିକ ଫେରାର ହୋଇଗଲେ। ତେଣୁ ପ୍ରେମିକା କୌଣସି ଉପାୟ ନ ପାଇ ଶେଷରେ ନ୍ୟାୟ ପାଇଁ ବଡ଼ଚଣା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ଥାନା ସମ୍ମୁଖରେ ଧାରଣାରେ ବସି ନ୍ୟାୟ ଭିକ୍ଷା କରିଛନ୍ତି। ସୂଚନା ଅନୁସାରେ, ଏହି ଥାନା ଅନ୍ତର୍ଗତ ବନ୍ଦାଳ ଅଞ୍ଚଳର ସମ୍ପୃକ୍ତ ଯୁବତୀଙ୍କୁ ସ୍ଥାନୀୟ ଗ୍ରାମର ସମ୍ବିତ ସାମଲ ପ୍ରେମରେ ଫସାଇ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ଯୁବତୀଜଣକ ବିବାହ କରିବାକୁ ଜିଦ୍ ଧରିବାରୁ ଯୁବକ ତାଙ୍କୁ ନାନା ବାହାନା ଦେଖାଇଥିଲେ। ଏପରି କି ଫେରାର ହୋଇ ଯାଇଥିଲେ। ତେଣୁ ୨୨ ତାରିଖରେ ଯୁବତୀ ଆସି ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୩୫୪/୨୧ରେ ମାମଲା ରୁଜୁ କରି ଚୁପ ବସିବାରୁ ରବିବାର ଯୁବତୀ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଥାନାଧିକାରୀ ପ୍ରିୟବ୍ରତ ରାଉତ ଯୁବତୀଙ୍କୁ ବୁଝାଶୁଝା କରିବା ସହ ଦୁଇଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପ୍ରତିଶ୍ରୁତି ଦେବା ପରେ ଯୁବତୀ ଧାରଣାରୁ ଓହରିଥିଲେ।

### ପୂର୍ବତନ ୱାର୍ଡସଭ୍ୟଙ୍କ ପରଲୋକ

ରସୁଲପୁର,୨୬।୯(ଡି.ଏନ.ଏ.): ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ବିଲିପଡ଼ା ଗ୍ରାମ ୧୩ ନମ୍ବର ୱାର୍ଡର ପୂର୍ବତନ ୱାର୍ଡ ସଭ୍ୟ ଜଇରାମ ବାରିକ(୭୧)ଙ୍କ ପରଲୋକ ଘଟିଛି। ସେ କିଛି ମାସ ହେବ ଅସୁସ୍ଥ ଥିଲେ। ବାରିକ ୧୯୯୨ ରୁ ୧୯୯୭ ପର୍ଯ୍ୟନ୍ତ ୱାର୍ଡ ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ଦୀର୍ଘବର୍ଷ ଧରି ସେ ମା’ ହିଙ୍ଗୁଳା କମିଟିର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ମା’ ବୁଢ଼ୀ ଭାଲୁଶୁଣୀର ସେବକ ଭାବରେ ଦାୟିତ୍ୱ ନିର୍ବାହ କରୁଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଆମାୟିକ, ପରୋପକାରୀ ଓ ସାମାଜିକ କର୍ମୀଭାବେ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ସରପଞ୍ଚ ଅକ୍ଷୟ ମଲ୍ଲିକ, ସମିତିସଭ୍ୟ ବିଜୟ ମଲ୍ଲିକ, ୱାର୍ଡସଭ୍ୟ ନରେଶ ଚନ୍ଦ୍ର ଆଏଚ, ହାଡ଼ିବନ୍ଧୁ ଆଏଚ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ମ୍ୟାନଗ୍ରୁଭ ମିତ୍ର ଭିତରକନିକା ଫଳକ ଉନ୍ମୋଚିତ

ରାଜନଗର,୨୬।୯(ଡି.ଏନ.ଏ.): ରାଜନଗର ବନବିଭାଗ ପକ୍ଷରୁ ଭିତରକନିକା ଲୁଣା ଜଙ୍ଗଲର ପରିସୀମା ବୃଦ୍ଧି ପାଇଁ ମ୍ୟାନଗ୍ରୁଭ ମିତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ଏହାକୁ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ଲୋକ ଲୋଚନରେ ପହଞ୍ଚାଇବା ପାଇଁ ଲୁଣା ଜଙ୍ଗଲ ପାଇଁ ନିଜର ମୂଲ୍ୟବାନ ସମ୍ପତ୍ତି ଦାନ କରିଥିବା ଜମିଦାତାଙ୍କ ନାମ ଥାଇ ଏକ ଫଳକ ରବିବାର ଡାଙ୍ଗମାଳ ପ୍ରବେଶ ପଥ ନିକଟରେ ଉନ୍ମୋଚନ କରାଯାଇଛି। ରାଜନଗର ଡିଏଫ୍‌ଓ ପତି ଏହି ଫଳକକୁ ଉନ୍ମୋଚନ କରିଛନ୍ତି।

# ଅଧିକାର ପାଇଁ ଦାବି କରିବାରୁ ନାଲିଆଖି

## ୧୬ ଜଣ ମହିଳାଙ୍କ ବିରୋଧରେ ୧୦୭ ଦଫା

ଯାଜପୁର ଅଫିସ,୨୬।୯

ପ୍ରଶାସନିକ ଅବହେଳା ଏବଂ କେତେଜଣ ପ୍ରଭାବଶାଳୀଙ୍କ ଅମାନବୀୟ ବ୍ୟବହାର ଖଣି ପ୍ରଭାବିତ ଲୋକଙ୍କୁ ଆନ୍ଦୋଳନମୁଖୀ କରିଛି। ଏଭଳି ଅବସ୍ଥା ଏବେ ଯାଜପୁର ଜିଲାର ସୁକିନ୍ଦା ଖଣି ଅଞ୍ଚଳରେ ଦେଖିବାକୁ ମିଳିଛି। ଅଞ୍ଚଳବାସୀ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ରହୁଛନ୍ତି। ଆବାସ ଯୋଜନାରେ ଘର, ଜବ୍‌କାର୍ଡ, ଲେବର କାର୍ଡ, କାଳିଆ ସମେତ କେତେକ କୃଷି ଯୋଜନାର ସୁବିଧା, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ଆଦି ପାଇବା ଲୋକଙ୍କ ହକ୍ ରହିଛି। ହେଲେ ଏହି ଅଧିକାର ପାଇଁ ଦାବି କରିବାରୁ ଲୋକଙ୍କୁ ନାଲିଆଖି ଦେଖାଯାଉଛି। ଏପରିକି ସୁକିନ୍ଦା ବ୍ଲକ ବେଣାଗାଡିଆ ଗ୍ରାମର ୧୬ ଜଣ ମହିଳାଙ୍କ ନାମରେ ଆଇପିସି ଦଫା ୧୦୭(ଶାନ୍ତି ଭଙ୍ଗ ଆଶଙ୍କା) ଅନୁଯାୟୀ ମାମଲା ହୋଇଛି। ଶାନ୍ତିପୂର୍ଣ୍ଣ ଭାବେ ଦାବି ହାସଲ ପାଇଁ ବୈଠକ ଓ ଲିଖିତ ଭାବେ ଆବେଦନ କରିଥିବା ସତ୍ତ୍ୱେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ବଡ଼ଧରଣର ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି।

ସୁକିନ୍ଦା ଓ କେନ୍ଦୁଝର ଜିଲାରେ ଥିବା ଖଣି ଖାଦାନରେ ଶ୍ରମିକମାନେ କାମ କରି ନିଜର ଜୀବିକା ନିର୍ବାହ କରିଥାନ୍ତି। ତେବେ ୨୦୦୦ ପରଠାରୁ ଖଣି, ଶିଳ୍ପ ଓ ରେଲୱେ ସାଇଡିଂଗୁଡ଼ିକରେ ଅଧିକାଂଶ ଯାନ୍ତ୍ରିକ ବ୍ୟବହାର ଯୋଗୁ ବହୁ ଖଣି ପ୍ରଭାବିତ ଲୋକ ବୃତ୍ତି ହରାଇ ଭୋକଉପାସରେ ରହୁଛନ୍ତି। ରୋଜଗାର ହରାଇବା ସମସ୍ୟାର ସମାଧାନ ନିମନ୍ତେ ସମ୍ପୃକ୍ତ ଅଞ୍ଚଳବାସୀ ୨୦୧୫ରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରି ଆସୁଥିଲେ ହେଁ କିଛି ସୁଫଳ ମିଳୁନାହିଁ। ଏଭଳିସ୍ଥଳେ ଖଣି ପ୍ରଭାବିତ ଗ୍ରାମଗୁଡ଼ିକରେ ବିଭିନ୍ନ ସରକାରୀ ଯୋଜନା ଅପହଞ୍ଚ ହୋଇରହିଛି। ଏନେଇ ପ୍ରଭାବିତ ଗ୍ରାମବାସୀ ଜିଲା ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ବାରମ୍ବାର ନିରାଶ ହୋଇଛନ୍ତି। ପ୍ରାୟ ୫୦୦୦ ଲୋକ ବସବାସ କରୁଥିବା ବେଣାଗାଡିଆ ନାଏକସାହିର ମହିଳାମାନେ ଗତ ଏପ୍ରିଲରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନେଇ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେବାକୁ ବିଡିଓଙ୍କୁ ଲିଖିତ ଭାବେ ନିବେଦନ କରିଥିଲେ। ଏହି ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କ କହିବା ଅନୁସାରେ ବେଣାଗାଡିଆ ଗ୍ରାମବାସୀ ସମସ୍ତ କ୍ଷେତ୍ରରେ ଅବହେଳିତ। ଆବାସ ଯୋଜନାରେ ବାସଗୃହ, ଜବ୍‌କାର୍ଡ, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ଆଦି ଯୋଜନାରୁ ଗ୍ରାମବାସୀ ବଞ୍ଚିତ ରହିଛନ୍ତି। ଖଣି ଖାଦାନ ଭରା ଏହି ଅଞ୍ଚଳରେ ରୋଜଗାର ପାଇଁ କୌଣସି ସୁବିଧା ଦିଆଯାଉ ନାହିଁ। ତେଣୁ ପରିବାରର ମୁରବୀମାନେ ବାହାର ଅଞ୍ଚଳକୁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି। ପାନୀୟ ଜଳ ପାଇଁ ୧ କିମି ଦୂରକୁ ଯିବାକୁ ପଡ଼ୁଛି। ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ସବିଶେଷ ଖବର ପ୍ରକାଶ ପାଇବା ପରେ ସମ୍ପୃକ୍ତ ଅଞ୍ଚଳର ଜଣେ ନେତ୍ରୀ ଗତ ମେ ୧୬ ତାରିଖରେ ବେଣାଗାଡିଆକୁ ଯାଇ ମହିଳାମାନଙ୍କୁ ଧମକଚମକ ଦେଇଥିଲେ। କାହିଁକି ଗଣମାଧ୍ୟମରେ ଏହିସବୁ ଖବର ଦେଉଛ ବୋଲି ସେ ମହିଳାମାନଙ୍କୁ ତାଗିଦ କରିଥିଲେ। ଏହାପରେ ଗ୍ରାମର ମହିଳା ଓ ନାରୀ ନେତ୍ରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ କଥା କଟାକଟି ହୋଇଥିଲା। ତାହା ସୁକିନ୍ଦା ଥାନା ପର୍ଯ୍ୟନ୍ତ ଯାଇଥିଲା। ସୁକିନ୍ଦା ଥାନାଧିକାରୀ ଗତ ମେ ୨୨ରେ ମାମଲାର ସମାଧାନ କରିବାକୁ ଉଭୟ ପକ୍ଷଙ୍କୁ ଡାକିଥିଲେ। ତେବେ ଗ୍ରାମର ମହିଳା ସେହିଦିନ ଥାନାକୁ ଯାଇଥିବାବେଳେ ନାରୀନେତ୍ରୀଙ୍କ ଦେଖା ମିଳି ନ ଥିଲା। ଦାବି ହାସଲ କରିବାକୁ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ମହିଳାଙ୍କ ସ୍ୱରକୁ ଚପାଇ ଦେବାକୁ ପୋଲିସ ପ୍ରଶାସନ ଅଭିନବ ଉପାୟ ଅବଲମ୍ବନ କରିଛି। ବେଣାଗାଡିଆ ଗ୍ରାମର ମିନତି ମହନ୍ତ, ଦମୟନ୍ତୀ ମହନ୍ତ, ପେଣ୍ଟୁ ନାଏକ, କୁନି ମହନ୍ତ, ଭାନୁମତି ମହନ୍ତ, ନନ୍ଦିତା ନାଏକ, ଯତି ନାଏକ, ଭାନୁ ନାଏକ, ମୀରା ନାଏକ, ନୟନ୍ତୀ ନାଏକ, ବନିତା ନାଏକ, ଡଲି ନାଏକ, ଗୁନି ନାଏକ, ତପି ନାଏକ, ଚେର ନାଏକ ଏବଂ ଖରଖରି ଗ୍ରାମର ସୁକାନ୍ତି ନାଏକଙ୍କ ବିରୋଧରେ ଆଇପିସି ଦଫା ୧୦୭ ଲଗାଯାଇ ମାମଲା ରୁଜୁ ହୋଇଛି। ଆସନ୍ତା ୨୯ ସୁଦ୍ଧା ସୁକିନ୍ଦା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ହୋଇଛି। ଭାନୁମତି ଓ ସୁକାନ୍ତି କହିଛନ୍ତି, ସରକାରୀ ଯୋଜନାରେ ସାମିଲ କରିବାକୁ ସେମାନେ ବିଡିଓଙ୍କୁ ଆବେଦନ ପତ୍ର ଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କୁ ଧମକ ଦିଆଯାଇଥିଲା। ପୂର୍ବରୁ ଖଣି ସମ୍ପ୍ରସାରଣ ସମୟରେ ପ୍ରଥମେ ନିଯୁକ୍ତି ଓ ପାରିପାର୍ଶ୍ୱିକ ବିକାଶ ପାଇଁ ଦାବି କରିଥିବାରୁ ସେମାନଙ୍କ ନାମରେ ଅନୁରୂପ ଭାବେ ୧୦୭ ଦଫା ଲାଗିଥିଲା। ଏଭଳି ଉପାୟରେ ସେମାନଙ୍କ ସ୍ୱରକୁ ଚାପି ଦେବାକୁ ଉଦ୍ୟମ ହେଉଛି ବୋଲି ସେମାନେ କହିଛନ୍ତି।

### ନିୟମିତ ରେଳଯାତ୍ରୀ ସଂଘ ପକ୍ଷରୁ ଗଣଧାରଣା

ଯାଜପୁର ରୋଡ୍,୨୬।୯(ଡି.ଏନ.ଏ.)

ନିୟମିତ ରେଳ ଯାତ୍ରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନ ସମ୍ମୁଖରେ ରବିବାର ଗଣଧାରଣା ଦିଆଯିବା ସହିତ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବନ୍ଦ ରହିଥିବା ସମସ୍ତ ପାସେଞ୍ଜର ଟ୍ରେନ ଓ ମେମୁ ପୁନଃ ଚଳାଇବା, ପାସେଞ୍ଜର ରେଳ ଚଳାଚଳରେ ଏକ୍ସପ୍ରେସ ଭଡା ନ ନେଇ ପସେଞ୍ଜର ଭଡା ନେବା ସହ ମାସିକ ସିଜନ ଟିକେଟ ବିକ୍ରୟ ପୂର୍ବଭଳି ଆରମ୍ଭ କରିବା, ସମସ୍ତ ରେଳ ଟିକେଟ ଅନଲାଇନ ବୁକିଂ ସହ ପ୍ରତ୍ୟେକ ଷ୍ଟେଶନ କାଉଣ୍ଟରରେ ପୂର୍ବପରି ବିକ୍ରୟ ଇତ୍ୟାଦି ଦାବିକୁ ନେଇ ଗଣଧାରଣା ଦିଆଯାଇଥିଲା। ସଂଘ ଆବାହକ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ହୋଇଥିବା ଗଣଧାରଣାରେ ଅମୀୟ ରଞ୍ଜନ ବେହେରା, ଶଶିଭୂଷଣ ଦାଶ, ଶହୀଦ ଭଗତ ସିଂହ ଯୁବକ ସଂଘ ସଭାପତି ରାଜେନ୍ଦ୍ର କୁମାର ବିଶ୍ୱାଳ, ମାନବ ଅଧିକାର କର୍ମୀ ଭୁବନ ମୋହନ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ଲୋକାଲ ଟ୍ରେନ୍ ଚଳାଚଳ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର



ହରିଦାସପୁର ରେଳଷ୍ଟେଶନଠାରେ ଗଣଧାରଣା ଦିଆଯାଇଛି।

ଧର୍ମଶାଳା,୨୬।୯(ଡି.ଏନ.ଏ.)

ଲୋକାଲ ଟ୍ରେନ ଚଳାଚଳ ବନ୍ଦ ରହିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ କୋଭିଡ ପୂର୍ବଭଳି ସମସ୍ତ ଲୋକାଲ ଟ୍ରେନ ଚଳାଇବା, ଲୋକାଲ ଟ୍ରେନରେ ଏକ୍ସପ୍ରେସ ଭଡା ପରିବର୍ତ୍ତେ ସାଧାରଣ ଟିକେଟ ପାଇଁ ଅନୁମତି, ମାସିକିଆ, ତ୍ରୈମାସିକ ଓ ବାର୍ଷିକ ଟିକେଟ ପ୍ରଦାନ ପାଇଁ ଅନୁମତି ପ୍ରଦାନ ଆଦି ଦାବି ନେଇ ରବିବାର ସ୍ଥାନୀୟ ୫ ପଞ୍ଚାୟତର ଲୋକେ ହରିଦାସପୁର ରେଳଷ୍ଟେଶନରେ ଏକତ୍ରିତ ହୋଇ ଗଣଧାରଣା ଦେବା ସହ ରେଳ ମାଷ୍ଟରଙ୍କ ଜରିଆରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି, ଲୋକାଲଟ୍ରେନ ଉପରେ ଭରସା କରୁଥିବା ଦିନ ମଜୁରିଆ, ବେସରକାରୀ ଓ ସରକାରୀ କର୍ମଚାରୀ, କଲେଜ ଛାତ୍ରୀଛାତ୍ର ଓ ରେଳବାଇ କର୍ମଚାରୀ ଯାତାୟାତ ଲାଗି ନାହିଁ ନ ଥିବା ଅସୁବିଧା ଭୋଗକରୁଛନ୍ତି। ମାର୍ଚ୍ଚ ୨୦୨୦ରୁ କରୋନା ପ୍ରକୋପରୁ ରକ୍ଷା ପାଇଁ କେନ୍ଦ୍ର ସରକାର ତାଲାବନ୍ଦ ସହିତ ଟ୍ରେନ ଚଳାଚଳକୁ ବନ୍ଦ କରିଦେଲେ। ହେଲେ ପୁନଶ୍ଚ ୭।୪।୨୦୨୧ରେ ଓଡ଼ିଶାର ସମସ୍ତ ସେକଶନରେ ଲୋକାଲ ଟ୍ରେନ ଚଳାଇବାକୁ ଅନୁମତି ମିଳିଥିଲା। ଯାତ୍ରୀମାନେ ଏଥିରେ ମେଲ ଓ ଏକ୍ସପ୍ରେସ ଭଡା ଦେଇ ଯାତାୟାତ କରିବାକୁ ବାଧ୍ୟ ହେଲେ। କିନ୍ତୁ ପୁନଶ୍ଚ କରୋନା ପ୍ରଭାବରେ ମେ’୭ରୁ ଟ୍ରେନ ଚଳାଚଳ ବନ୍ଦ କରାଗଲା। ଲକ୍‌ଡାଉନ ଖୋଲିବାର ୫ ମାସ ବିତିଯାଇଥିବା ବେଳେ ଅଦ୍ୟାବଧି ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇ ପାରିନାହିଁ। ଦେଶର ୧୭ ରେଳ ଜୋନ ମଧ୍ୟରୁ ଅଦ୍ୟାବଧି ୧୨ରୁ୧୩ ଜୋନରେ ସାଧାରଣ ଅଣସଂରକ୍ଷିତ ଟିକେଟ ବିକ୍ରିସହ ମାସିକ ତ୍ରୈମାସିକ ଓ ବାର୍ଷିକ ଟିକେଟ ସୁବିଧା ମିଳିଲାଣି। ତେଣୁ ଓଡ଼ିଶାରେ ଏହାକୁ ଲାଗୁ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରୁଥିବା ୨ ଯୁବକ ଜେଲ ଗଲେ

ପଟ୍ଟାମୁଣ୍ଡାଇ, ୨୬।୯(ସ୍ୱ.ପ୍ର.)

ଚଉଦକୁଲାଟ ଫାଣ୍ଡି ଅଧୀନ ଗୋଗୁଆ-ଚଉଦକୁଲାଟ ରାସ୍ତାର ଗୁଡିଆ ପୋଲ ନିକଟରେ ଶନିବାର ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରୁଥିବା ୨ ଯୁବକଙ୍କୁ ରବିବାର ପୋଲିସ କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ଆବେଦନ ଖାରଜ ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ପଟ୍ଟାମୁଣ୍ଡାଇ ପୋଖରିଆପାଡା ଗାଁର ସେକ ୱସିମ ଆକ୍ରମ ଓ ଆଳି ଥାନା ବାଲିସାହିର ସେକ ଫତେ ଖାନ। ଏହି ଘଟଣାକୁ ନେଇ ପଟ୍ଟାମୁଣ୍ଡାଇ ଥାନା କେସ ନଂ. ୫୭୧/୨୧ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଶନିବାର ସକାଳେ ଚଉଦକୁଲାଟ-ଗୋଗୁଆ ରାସ୍ତାର ପାଟନାଳୀରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଭାସୁଥିଲା। ଏହାକୁ ଦେଖିବାକୁ ସ୍ଥାନୀୟ ଲୋକ ରୁଣ୍ଡ ହୋଇଥିଲେ। ଏହାର ନିକଟ ଗୁଡିଆ ପୋଲ ପାଖରେ ୨ ଯୁବକ ବାଇକ୍ ରଖି ଗପ କରୁଥିଲେ। ଜଣଙ୍କ ମୋବାଇଲ ତଳେ ପଡି ଯାଇଥିଲା। ମୃତଦେହକୁ ଦେଖି ଫେରୁଥିବା ଚଉଦକୁଲାଟ ଗାଁର ଜଣେ ଯୁବକ ତଳେ ପଡିଥିବା ମୋବାଇଲ ସମ୍ପର୍କରେ ସେମାନଙ୍କୁ କହିଥିଲେ। କିନ୍ତୁ ସେମାନେ ଗାଳିଗୁଲଜ କରିବା ସହ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିଥିଲେ। ଗ୍ରାମବାସୀ ସେମାନଙ୍କୁ ଧରି ନିସ୍ଟୁକ ମାଡ ମାରିବା ସହ ପୋଲିସ ଜିମା ଦେଇଥିଲେ।

# ଘର ଭାଙ୍ଗିଥିବା ପରିବାରକୁ ବର୍ଷା ଦାଉ

ସିଂହପୁର,୨୬।୯(ଡି.ଏନ.ଏ.)

ଲଘୁଚାପ ବର୍ଷାରେ ବହୁ ଝାଟିମାଟି ଘର କାନ୍ଥ ଭାଙ୍ଗିଯାଇଛି। ଫଳରେ ଲୋକେ ସେହି ଭଙ୍ଗା କୁଡ଼ିଆରେ ଜୀବନ ଅତିବାହିତ କରୁଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ଶୁଖିଲା ଖାଦ୍ୟ କିମ୍ବା ପଲିଥିନ ଯୋଗାଇ ଦିଆଯାଇନାହିଁ। ଅନ୍ୟପକ୍ଷରେ ସେମାନଙ୍କ ଉପରେ ପୁଣି ପ୍ରକୃତି ଦାଉ ସାଧିବା ଆରମ୍ଭ କଲାଣି। ଆଉ ଏକ ଲଘୁଚାପ ବର୍ଷା ଯୋଗୁ ଘରର ଅନ୍ୟ କାନ୍ଥ ଭାଙ୍ଗିବା ସମ୍ଭାବନା ଥିବାରୁ ଲୋକେ ଭୟ ଓ ଆତଙ୍କ ମଧ୍ୟରେ କର୍ମକୁ ଆଦରି ରହିଛନ୍ତି। ଏଦୃଶ୍ୟ ବିଞ୍ଝାରପୁର ବ୍ଲକର ଜରି ଗ୍ରାମରେ ଦେଖିବାକୁ ମିଳିଛି। ଜରି ତୋଟାସାହିର ନିରଞ୍ଜନ ମଳିକ, ଶିବ ପ୍ରସାଦ ମଳିକ, ଜରି କୂଳସାହିର ନିରୂପମା ପରିଡ଼ା, କନିଆ ସାହିର ରବି ମଳିକ, ଅନିମା ମଳିକ, ମରୁଆ ମଳିକଙ୍କ ଘର କାନ୍ଥ ପଡିଯିବା ଯୋଗୁ ଅବସ୍ଥା ସଙ୍ଗିନ ହୋଇପଡିଛି।


ଭଙ୍ଗାଘରେ ରହୁଥିବା ଏକ ପରିବାର।

ଲୋକେ ପାଲ ଖଣ୍ଡେ ଦେଇନାହାନ୍ତି। ତୁରନ୍ତ ସେମାନଙ୍କୁ ପଲିଥିନ ଓ ଅସ୍ଥାୟୀ ଶିବିରରେ ରଖି ରନ୍ଧା ଖାଦ୍ୟ ଦେବାକୁ ଜରି ସମିତିସଭ୍ୟ ଭୁବନାନନ୍ଦ ସାମଲ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ସାର କଳାବଜାର, ଚାଷୀ ହୀନସ୍ତା

ଚଣ୍ଡିଖୋଲ,୨୬।୯(ଡି.ଏନ.ଏ.)

ଲଘୁଚାପ ଜନିତ ବର୍ଷାରେ ବ୍ୟାପକ ଧାନଫସଲ ନଷ୍ଟ ହୋଇଛି। ତେବେ ଜଳସେଚିତ ଜମିଗୁଡ଼ିକରେ ଶାରଦ ଧାନ ଫସଲ ଭଲ ହୋଇଥିବା ବେଳେ ଏବେ ଚାଷୀ ସାର ପକାଇବାକୁ ଉଦ୍ୟମ କରୁଛନ୍ତି। ମାତ୍ର ବଜାରରେ ସାର ମିଳୁନି। ଯାହା ମିଳୁଛି ତାହା ପୁଣି ଚଡ଼ା ଦାମରେ କଳା ବଜାରରେ ବିକ୍ରି ହେଉଛି। ବଡ଼ଚଣା ବ୍ଲକର ବିଭିନ୍ନ ସ୍ଥାନରେ ଚାଷୀ ଏହି ସମସ୍ୟା ଭୋଗୁଛନ୍ତି। ଧାନଚାଷରେ ୟୁରିଆ ସାରର ଆବଶ୍ୟକତା ରହିଛି। ଏହି ସାର ବସ୍ତାପିଛା ଦର ୨୬୬ ଟଙ୍କା ହୋଇଥିବାବେଳେ ଏବେ କଳା ବଜାରରେ ୫୦୦ରୁ୬୦୦ ଟଙ୍କାରେ ବିକ୍ରି କରାଯାଉଛି। ଗ୍ରୋମର ଓ ଡିଏପି ସାର ମଧ୍ୟ ଚଡ଼ା ଦାମରେ ବିକ୍ରି ହେଉଛି।

ପ୍ରତ୍ୟେକ ପ୍ରାଥମିକ କୃଷି ସେବା ସମବାୟ ସମିତି ଚାଷୀଙ୍କୁ ଋଣ ଦେବେ। ଯେଉଁ ଚାଷୀ ଋଣ ନେଇଥିବେ ସେମାନଙ୍କୁ ସରକାରୀ ଦାମରେ ସାର ଯୋଗାଇଦେବେ। ସେମାନଙ୍କ ଜମାଖାତା ଜରିଆରେ ଏହି କାରବାର କରିବେ। ତେବେ ବହୁ ସମବାୟ ସମିତି ସାର ଉଠାଉଥିଲେ ମଧ୍ୟ ଚାଷୀଙ୍କୁ ପ୍ରଦାନ କରୁନାହାନ୍ତି। ସାର ବିକ୍ରୟ ପାଇଁ ବ୍ଲକରେ ୨ ଡିଲର ନିଯୁକ୍ତି ଅଛନ୍ତି। ନିୟମ ଅନୁଯାୟୀ ଚାଷୀଙ୍କ ଆଧାର କାର୍ଡ ସଂଗ୍ରହ କରି ଟିପ ଚିହ୍ନ ଦେଇ ସାର ବିକ୍ରୟ କରିବା କଥା। କିନ୍ତୁ ଏହା ନ କରାଯାଇ ଗ୍ରାମାଞ୍ଚଳରେ ଥିବା ଛୋଟ ବ୍ୟବସାୟୀଙ୍କୁ ଚଢା ଦାମରେ ସାର ବିକ୍ରୟ କରାଯାଉଛି। ଛୋଟ ଦୋକାନୀଙ୍କ ଦ୍ୱାରା କେତେଜଣ ଲୋକଙ୍କ ଆଧାରକାର୍ଡ ସଂଗ୍ରହ କରାଯାଇ ମାସ ଶେଷକୁ ତାହାକୁ ବିକ୍ରି ବୋଲି ଦର୍ଶାଯାଉଛି। ବ୍ଲକ ଅନ୍ତର୍ଗତ ଛତିଆ, ବଡ଼ଚଣା, ଧାନମଣ୍ଡଳ, ଚଣ୍ଡିଖୋଲ, ବାଲିକୁଦା, ବାଲିଚନ୍ଦ୍ରପୁର, ଚାରିନଙ୍ଗଳ ଆଦି ସ୍ଥାନରେ ଏହା ସରକାରୀ ଦରଠାରୁ ଦୁଇ ଗୁଣରୁ ଅଧିକ ଦରରେ ବିକ୍ରି ହେଉଥିଲେ ମଧ୍ୟ ବିଭାଗର ନିଘାନାହିଁ। ଦୋକାନୀ ସାର ଆସୁନି କହି ଦିନରେ ଦୋକାନ ବନ୍ଦ କରି ସନ୍ଧ୍ୟାରେ ଖୋଲୁଛନ୍ତି। ତେବେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଦୋକାନୀ ସାରର ମୂଲ୍ୟ ଏକ ବୋର୍ଡରେ ଦୋକାନରେ ଟାଙ୍ଗିବା କଥା, ଯେଉଁଥିରେ ସାରର ମୂଲ୍ୟ ଦର୍ଶାଯାଇଥିବ। ମାତ୍ର କୌଣସି ଦୋକାନରେ ଏପରି କରାଯାଉନାହିଁ। ଯଦି କେହି ଚାଷୀ ଏନେଇ ପ୍ରତିବାଦ କରନ୍ତି ତାଙ୍କୁ ସାର ମିଳେନାହିଁ। ଏପରି ଭାବେ ଚାଷୀଙ୍କୁ ଶୋଷଣ କରାଯାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଏନେଇ ବ୍ଲକ କୃଷି ଅଧିକାରୀ ଲୋକନାଥ ମିଶ୍ର କହିଛନ୍ତି, ଆମେ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛୁ। କିନ୍ତୁ କୌଣସି ଚାଷୀ ଆମକୁ ଲିଖିତ ଅଭିଯୋଗ କରୁନାହାନ୍ତି। ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ରାଜକନିକା,୨୬।୯(ଡି.ଏନ୍.ଏ.)

ରାଜକନିକା ବ୍ଲକ କଣ୍ଡିଆହାଟଠାରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଛି। ଅନୁରାଧା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନିହାର ସ୍ୱାଇଁ, ବାମଦେବ ଦାସ, ଜୀବନାନନ୍ଦ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

### ‘ଆନନ୍ଦେ ଏକବାର’ ଉନ୍ମୋଚିତ

ଧର୍ମଶାଳା,୨୬।୯(ଡି.ଏନ.ଏ.)

ଧର୍ମଶାଳା ବ୍ଲକ କୁମାରୀସ୍ଥିତ ନୂଆ ପୃଥିବୀ କଳା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଭର୍ଚୁଆଲ୍ ମାଧ୍ୟମରେ ଅଧ୍ୟାପକ ବିନୟ କୁମାର ମହାନ୍ତିଙ୍କ ‘ଆନନ୍ଦେ ଏକବାର ପୁସ୍ତକ’ ଶନିବାର ଉନ୍ମୋଚିତ ହୋଇଯାଇଛି। କବି ରାଜେନ୍ଦ୍ର କିଶୋର ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଲେଖକ ମହାନ୍ତି କବିତା ଉପରେ ସୂଚନା ଦେଇଥିଲେ। ନୂଆ ପୃଥିବୀର ଆବାହକ ଅକ୍ଷୟ ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ଧଉଳି ବୁକ୍ସ ପ୍ରତିଷ୍ଠାତା କବି ମନୁ ଦାଶ, କବି ସୂର୍ଯ୍ୟ ମିଶ୍ର, ସମାଲୋଚକ ଡ. ଗୋଲକ ଆଚାର୍ଯ୍ୟ, ଡ. ତୁହିନାଂଶୁ ରଥ, ଡ. ସୁରେଶ ନାୟକ, ଡ. ବାସନ୍ତି ମହାନ୍ତି, କବି ସୁବାସ ଚନ୍ଦ୍ର ଚକ୍ର ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆକାଶବାଣୀ ଉଦ୍‌ଘୋଷିକା ଜୟଶ୍ରୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରମୋଦ ତ୍ରିପାଠୀ, ନନ୍ଦ ମହାନ୍ତି, ଅଧ୍ୟାପକ ପ୍ରଶାନ୍ତ ସାହୁ, ପ୍ରେମାନନ୍ଦ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଅଂଶୁମାନ ଶ୍ରୀଚେତକ, ଅର୍ଜୁନ ଜେନା, ଅନିମେଶସ୍ମିତ ପ୍ରଜ୍ଞ ଓ ସୁଶ୍ରୀ ଶୁଭାକାଂକ୍ଷୀ ପ୍ରମୁଖ ବହୁ କବି ଉପସ୍ଥିତ ଥିଲେ।

# ଉତ୍କଳ ଯାଦବ ମହାସଭା ବ୍ଲକ କର୍ମକର୍ତ୍ତା ଚୟନ

ଯାଜପୁର ସଦର,୨୬।୯(ଡି.ଏନ୍.ଏ)

ଉତ୍କଳ ଯାଦବ ମହାସଭା ପକ୍ଷରୁ ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ମେଲଣ ପଡ଼ିଆଠାରେ ଏକ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଭିମନ୍ୟୁ ବେହେରାଙ୍କ ସଭାପତିତ୍ୱରେ ଯାଜପୁର ଜିଲା ସଭାପତି ଗଣେଶ୍ୱର ଦାସ, ଜିଲା ସମ୍ପାଦକ ମୁକୁନ୍ଦ ପ୍ରସାଦ ଦାସ, ଉପସଭାପତି ଭରତଚନ୍ଦ୍ର ଦାସ, ଯୁବ ସଭାପତି ଯୋଗେନ୍ଦ୍ର ଦାସ, ଧର୍ମଶଳା ବ୍ଲକ ସଭାପତି ମୁରଲି ପାଣ୍ଡବ, ବଡ଼ଚଣାର ଅଜୟ ଦାସ, ମାନବ ସେବା ସଭାପତି ଆତୁଳ ଚନ୍ଦ୍ର ବାରିକଙ୍କ ସମେତ ଯାଜପୁର ବ୍ଲକ ଅଧୀନ ୨୬ ପଞ୍ଚାୟତର ୨୦୦ରୁ ଅଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ଗଦାଧର ଦାସ ସଭାପତି, ନିରଞ୍ଜନ ପଲାଇ ସମ୍ପାଦକ, ସୁବସ ପରିଡ଼ା ସାଙ୍ଗଠନିକ ସମ୍ପାଦକ, ପଦ୍ମନାଭ ବାରିକ୍, ବାଇଧର ପଲାଇ, ପ୍ରଫୁଲ୍ଲ ପରିଡ଼ା, ଭିମସେନ ବାରିକ୍ ଉପସଭାପତି, ଆନନ୍ଦ ଦାସ, ସୁବ୍ରତ ଦାସ, ପ୍ରଫୁଲ୍ଲ ବେହେରା ସହସମ୍ପାଦକ, ଭଗବାନ ଦାସ କୋଷାଧ୍ୟକ୍ଷ, ଜିତେନ୍ଦ୍ର ବେହେରା ଯୁବସଭାପତି, ଦୁଷ୍ମନ୍ତ ବାରିକ୍ ଯୁବସମ୍ପାଦକ, ରଶ୍ମିତା ଦାସ ମହିଳା ସଭାନେତ୍ରୀ, ବିଶେଶ୍ୱରୀ ଦାସ ମହିଳା ସମ୍ପାଦିକା, ପ୍ରଶାନ୍ତ ଦାସ ସୋସିଆଲ୍ ମିଡିଆ ପ୍ରମୁଖ ଓ ଅଭିମନ୍ୟୁ ବେହେରା, ରବୀନ୍ଦ୍ରନାଥ ଖୁଣ୍ଟିଆ, ଅକ୍ଷୟ ନାୟକ, ଆତୁଲ୍ୟ ଭୁତିଆ, ମଥୁରାନନ୍ଦ ଦାସ ଉପଦେଷ୍ଟା ମଣ୍ଡଳୀ ଭାବେ ମନୋନୀତ ହୋଇଥିଲେ। ଆନନ୍ଦଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।


ଚୟନ ହୋଇଥିବା କର୍ମକର୍ତ୍ତା।

# ସାଙ୍ଗଠନିକ ବୈଠକରେ ହଟ୍ଟଗୋଳ, ନିର୍ବାଚନ ସ୍ଥଗିତ

### ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ

ରସୁଲପୁର,୨୬।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ବନଦୁର୍ଗା ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ରବିବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ସାଙ୍ଗଠନିକ ନିର୍ବାଚନ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରସୁଲପୁର ଶାଖା ସଭାପତି ବିଜୟ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ମାତ୍ର ବୈଠକ ଆରମ୍ଭରୁ ହଟ୍ଟଗୋଳ ହୋଇଥିଲା। ଫଳରେ ନିର୍ବାଚନ ପରିଚାଳନା ଓ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିବା ଫେଡେରେଶନ ଜିଲା ସଭାପତି ବିଜୟ କୁମାର ନାୟକ, ରାଜ୍ୟ ଫେଡେରେଶନର ମହାସଚିବ ଅମୀୟ କୁମାର ଦାସ ପ୍ରମୁଖ ନିର୍ବାଚନ ସ୍ଥଗିତ ରଖିବାକୁ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ନିର୍ବାଚନ ହେବ ବୋଲି ସୂଚନା ପ୍ରଦାନ କରିଥିଲେ।

ଫେଡେରେଶନର ସାଙ୍ଗଠନିକ ନିର୍ବାଚନ ପ୍ରତି ୩ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ହୋଇଥାଏ। ପୂର୍ବ ସାଂଗଠନିକ ନିର୍ବାଚନ ୨୦୧୭ରେ ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ ୨୦୨୦ରେ ନିର୍ବାଚନ ଅନୁଷ୍ଠିତ ହେବାର ଥିଲା। କରୋନା ଯୋଗୁ ବର୍ଷେ ବିଳମ୍ବ ହୋଇଛି। କରୋନା ପ୍ରକୋପ କମିବାରୁ ରାଜ୍ୟ ଫେଡେରେଶନ ପକ୍ଷରୁ ବିଭିନ୍ନ ବ୍ଲକରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଯାଜପୁର ଜିଲାର ୭ଟି ବ୍ଲକରେ ନିର୍ବାଚନ ହୋଇସାରିଛି। ଏଠାରେ ଅନୁଷ୍ଠିତ ନିର୍ବାଚନୀ ବୈଠକରେ ଆଲୋଚନା ଚାଲୁଥିବା ସମୟରେ ଜଣେ ଶିକ୍ଷକ ସଭ୍ୟ ବକ୍ତବ୍ୟ ରଖିବାକୁ ସଭାପତିଙ୍କ ଅନୁମତି ଲୋଡ଼ିଥିଲେ। ମାତ୍ର ଜିଲା ସଭାପତି ଅନୁମତି ପ୍ରଦାନ କରି ନ ଥିଲେ। ଉକ୍ତ ନିର୍ଦ୍ଦେଶନାମାକୁ ଅବମାନନା କରି ସଭ୍ୟ ଜଣକ ବକ୍ତବ୍ୟ ରଖିବା ସହ ବୈଠକରେ ଜିଲା ସଭାପତିଙ୍କୁ ଆକ୍ଷେପ କରି ମନ୍ତବ୍ୟ ପ୍ରଦାନ କରିଥିଲେ। ଏହାକୁ ଉପସ୍ଥିତ ଅନ୍ୟ ସଭ୍ୟମାନେ ବିରୋଧ କରିଥିଲେ। ଘଟଣାକୁ କେନ୍ଦ୍ରକରି ହୋହଲ୍ଲା, ପାଟିତୁଣ୍ଡ ହୋଇଥିଲା। ନିମ୍ନମାଧ୍ୟମିକ ଶିକ୍ଷକ ସଂଘର କେତେଜଣ କର୍ମକର୍ତ୍ତା ଘଟଣାରେ ହସ୍ତକ୍ଷେପ କରିଥିଲେ। ଏହାକୁ ନେଇ ଶିକ୍ଷକଙ୍କ ମଧ୍ୟରେ ୨ଟି ଗୋଷ୍ଠୀ ହୋଇଥିଲା। ସେମାନଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ବୈଠକ ସ୍ଥଳ ଛାଡ଼ି ଚାଲି ଯାଇଥିଲେ। ଏହାକୁ ଦୃଷ୍ଟିରେ ରଖି ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ଏଠାରେ ଘଟିଥିବା ଗଣ୍ଡଗୋଳ ପଛରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ହାତ ରହିଛି ବୋଲି ଫେଡେରେଶନର କେତେଜଣ ସଭ୍ୟ ଅଭିଯୋଗ କରିଥିଲେ। ତେବେ ଏନେଇ ଫେଡେରେଶନର ରସୁଲପୁର ଶାଖା ସଭାପତି ଷଡ଼ଙ୍ଗୀଙ୍କୁ ପଚାରିବାରୁ ବୈଠକରେ ଉପୁଜିଥିବା ଅପ୍ରିତିକର ପରିସ୍ଥିତିକୁ ସେ ସ୍ୱୀକାର କରିଛନ୍ତି। ସଭ୍ୟଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦକୁ ସମାଧାନ କରାଯାଇ ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ହେବ ବୋଲି ସୂଚନା ଦେଇଛନ୍ତି। ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ସଭାପତି ଅରୁଣ ସ୍ୱାଇଁଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏଠାରେ ଅନୁଷ୍ଠିତ ବୈଠକରେ ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ସଭ୍ୟ ଯୋଗ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ଶିକ୍ଷକ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

## ଫୋନ୍‌ରେ ରହିବ ସମାନ ଚାର୍ଜର

ସାର୍ବଜନୀନ ଚାର୍ଜର ନିୟମ ଲାଗୁ କରିବା ନେଇ ୟୁରୋପିଆନ ୟୁନିୟନ ନିଷ୍ପତ୍ତି ଗ୍ରହଣ କରିଛି। ସ୍ମାର୍ଟଫୋନ ଲାଗି ୟୁଏସ୍‌ବି ସି-ଟାଇପ କେବଲକୁ ଷ୍ଟାଣ୍ଡାର୍ଡ ବନାଇବା ପାଇଁ ଏହା ନିୟମ ଲାଗୁ କରିବ। ଏଭଳି ନିୟମ ଆସିଲେ ଲୋକଙ୍କୁ ସିଧାସଳଖ ଫାଇଦା ହେବ। ଲୋକମାନେ ବିଭିନ୍ନ ମୋବାଇଲ ଲାଗି ଭିନ୍ନ ଭିନ୍ନ ଚାର୍ଜର ରଖିବାକୁ ପଡୁଛି। ଆଗାମୀ ଦିନରେ ଏହି ନିୟମ ଆସିଲେ ବିଭିନ୍ନ ପ୍ରକାର ଚାର୍ଜର ରଖିବା ଚିନ୍ତାରୁ ମୁକ୍ତି ମିଳିବ। ଆଗାମୀ କିଛି ମାସରେ ୟୁରୋପିଆନ ୟୁନିୟନ ଦେଶଗୁଡ଼ିକରେ ସମାନ ପ୍ରକାର ଚାର୍ଜର ବ୍ୟବହୃତ ହେବ। ତେବେ ଭାରତରେ ଏହି ସୁବିଧା ଲାଗୁ ହେବା ଲାଗି କିଛି ବର୍ଷ ଲାଗିଯାଇ ପାରେ।

## ସଂକ୍ଷେପରେ

### କେୟର୍ନ ମାମଲା ଉପରେ ୟୁଏସ୍ କୋର୍ଟଙ୍କ ରୋକ୍

**ନୂଆଦିଲ୍ଲୀ,୨୬।୯:** କେୟର୍ନ ଏନର୍ଜି ମାମଲା ଉପରେ ନ୍ୟୁୟର୍କର ଏକ କୋର୍ଟ ରୋକ୍ ଲଗାଇବା ଲାଗି ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାମଲାର ସମାଧାନ ଲାଗି କମ୍ପାନୀ ଭାରତ ସରକାରଙ୍କ ସହ ଆଲୋଚନା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ୧୮ ନଭେମ୍ବର ଯାଏ ଉକ୍ତ ମାମଲାରେ ରୋକ୍ ଲଗାଇବା ପାଇଁ କୋର୍ଟ ସ୍ପଷ୍ଟ କରିଛନ୍ତି। ମଧ୍ୟସ୍ଥତା ଅଦାଲତ ଭାରତ ସରକାରଙ୍କ ବିରୋଧରେ ଶୁଣାଣି କରିଥିଲେ। ଭାରତ ସରକାରଙ୍କ ନିକଟରୁ ପ୍ରାୟ ୧.୨ ବିଲିୟନ ଡଲାର(୧୦,୨୪୭ କୋଟି)ର ଅର୍ଥ ଅସୁଲ କରିବା ଉପରେ ଏହି ମାମଲା ପର୍ଯ୍ୟବସିତ ଥିଲା। ନ୍ୟୁୟର୍କର ଜିଲା କୋର୍ଟ ଅଦାଲତଙ୍କ ଏଭଳି ନିର୍ଦ୍ଦେଶ ପରେ ମାମଲାର ସମାଧାନ ହେବା ନେଇ ଆଶା କରାଯାଉଛି।

### କ୍ରିପ୍ଟୋ କରେନ୍ସି କାରବାର ଉପରେ ଚାଇନାର କଟକଣା

**ନୂଆଦିଲ୍ଲୀ,୨୬।୯:** ଚାଇନାର କେନ୍ଦ୍ରୀୟ ବ୍ୟାଙ୍କ ଶୁକ୍ରବାର କ୍ରିପ୍ଟୋ କରେନ୍ସି କାରବାର ଉପରେ କଟକଣା ଲାଗୁ କରିଛି। ଫଳରେ ଡିଜିଟାଲ କରେନ୍ସି ମୂଲ୍ୟରେ ହ୍ରାସ ଦେଖାଯାଇଛି। କ୍ରିପ୍ଟୋକରେନ୍ସି ସହ ଜଡ଼ିତ ସମସ୍ତ କାର୍ଯ୍ୟକଳାପକୁ ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା ଅବୈଧ ଘୋଷଣା କରିଛି। ରାଷ୍ଟ୍ରହିତ ଏବଂ ଲୋକଙ୍କ ସମ୍ପତ୍ତିକୁ ସୁରକ୍ଷା ଦେବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଚାଇନା କହିଛି। କ୍ରିପ୍ଟୋକରେନ୍ସି ଗଚ୍ଛିତ କରି ରଖିବା ଏବଂ ଏହାର କାରବାର ଉପରେ କଟକଣା ଲାଗିବାରୁ ଏହା ଭାରତ ଲାଗି ବରଦାନ ସଦୃଶ ହୋଇଛି। ଶିଳ୍ପ ବିଶେଷଜ୍ଞଙ୍କ ମୁତାବକ, କ୍ରିପ୍ଟୋ ଟେକ୍ନୋଲୋଜି ଭାରତକୁ ଏହି କ୍ଷେତ୍ରରେ ଗ୍ଲୋବାଲ ଲିଡର ଭାବେ ଗଢ଼ି ତୋଳିପାରେ। ୱାଜିରଏକ୍ସର ସିଇଓ ନିଶ୍ଚଳ ସେଟ୍ଟିଙ୍କ କହିବା ମୁତାବକ, ୫ ଲକ୍ଷ କୋଟି ଡଲାର ଅର୍ଥ ବ୍ୟବସ୍ଥା ଦିଗରେ କ୍ରିପ୍ଟୋ ପ୍ରମୁଖ ଭୂମିକା ଗ୍ରହଣ କରିବ। ଚାଇନାର କଟକଣା ଖବର ଆସିବା ପରେ ବିଟ୍‌କଏନ ଭାଲ୍ୟୁ ୯% ହ୍ରାସ ହୋଇଥିଲା।

# ‘ଦେଶକୁ ଲୋଡ଼ା ୪-୫ ବଡ଼ ବ୍ୟାଙ୍କ’

**ନୂଆଦିଲ୍ଲୀ,୨୬।୯**

ଭାରତକୁ ୪ରୁ ୫ ବୃହତ୍ ବ୍ୟାଙ୍କର ଆବଶ୍ୟକତା ରହିଛି। ଦେଶର ବର୍ଦ୍ଧିତ ଚାହିଦା ପୂରଣ ଦିଗରେ ଏହା ସହାୟକ ହୋଇପାରିବ। ମହାମାରୀ ପରବର୍ତ୍ତୀ ସମୟରେ ସୁଧାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଏହା ଯୋଗଦାନ ରଖିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର କହିଛନ୍ତି।

ମୁମ୍ବାଇଠାରେ ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନର ୭୪ତମ ବାର୍ଷିକ ସାଧାରଣ ବୈଠକରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଶିଳ୍ପ କ୍ଷେତ୍ରର ଚାହିଦା ପୂରଣ କରିବା ଲାଗି ବ୍ୟାଙ୍କିଙ୍ଗ୍ କାରବାର ପରିସରକୁ ବଢ଼ାଇବା ଆବଶ୍ୟକ। ଦେଶର ପ୍ରତି ଅର୍ଥନୈତିକ ସେଣ୍ଟରଗୁଡ଼ିକରେ ବ୍ୟାଙ୍କର ଉପସ୍ଥିତି ତଥା ଡିଜିଟାଲ ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗାଣ ନେଇ ସେ ଆହ୍ୱାନ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୯ରେ ସରକାର ବୃହତ୍ ବ୍ୟାଙ୍କ ମିଶ୍ରଣ ପ୍ରକ୍ରିୟା ହାତକୁ ନେଇଛନ୍ତି। ଏହା ଦ୍ୱାରା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସହ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଏବଂ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆର ମିଶ୍ରଣ ହୋଇଛି। ଆଲ୍ଲାହାବାଦ ବ୍ୟାଙ୍କ ଇଣ୍ଡିଆନ ବ୍ୟାଙ୍କର ଅଂଶବିଶେଷ ହୋଇଛି। କାନାରା ବ୍ୟାଙ୍କ ସହ ସିଣ୍ଡିକେଟ ବ୍ୟାଙ୍କର ମିଶ୍ରଣ ହୋଇଥିବା ବେଳେ ୟୁନିୟନ ବ୍ୟାଙ୍କ ପରିସରକୁ ଆନ୍ଧ୍ର ବ୍ୟାଙ୍କ ଏବଂ କର୍ପୋରେଶନ ବ୍ୟାଙ୍କ ଆସିଛି। ଏହା ପୂର୍ବରୁ ଏସ୍‌ବିଆଇ ସହ ଏହାର ୫ ସହଯୋଗୀ ବ୍ୟାଙ୍କକୁ ମିଶ୍ରଣ କରାଯାଇଛି। ସେହିଭଳି ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କକୁ ବ୍ୟାଙ୍କ ଅଫ୍ ବରୋଦା ସହ ମିଶ୍ରଣ କରାଯାଇଛି।

ମହାମାରୀ ସମୟରେ ମଧ୍ୟ ବ୍ୟାଙ୍କ ମିଶ୍ରଣ କାର୍ଯ୍ୟ ସମ୍ପାଦନ ହୋଇଛି। ଏହାଦ୍ୱାରା ଗ୍ରାହକଙ୍କୁ କୌଣସି ସମସ୍ୟା ସାମ୍ନା କରିବାକୁ ପଡିନାହିଁ। ଏହି କାର୍ଯ୍ୟକୁ ସୀତାରାମନ ପ୍ରଶଂସା ଜଣାଇଛନ୍ତି। ଭବିଷ୍ୟତର ଆବଶ୍ୟକତାକୁ ନଜରରେ ରଖି ଡିଜିଟାଲ ଟେକ୍ନୋଲୋଜି ଉପରେ ଧ୍ୟାନ ଦେବାକୁ ସେ ମତ ରଖିଛନ୍ତି। ଦେଶର ୭.୫ ଲକ୍ଷ ଗ୍ରାମ ପଞ୍ଚାୟତରେ ଫାଇବର ଅପ୍ଟିକାଲ ନେଟୱର୍କ ରହିଛି। ବ୍ୟାଙ୍କ ସେବା ଉପଲବ୍ଧ ନ ଥିବା ସ୍ଥାନଗୁଡିକ ଲାଗି ଏହା ବ୍ୟବହାର କରାଯାଇପାରିବ। ୨୦୩୦ ସୁଦ୍ଧା ୨ ଲକ୍ଷ କୋଟି ଡଲାର ରପ୍ତାନି ଲକ୍ଷ୍ୟ ଦିଗରେ ବ୍ୟାଙ୍କଗୁଡ଼ିକ ଯୋଗଦାନ ରଖିବାକୁ ହେବ।



ନିର୍ମଳା ସୀତାରାମନ

## ବାରିପଦା ବଜାରରେ ଟିଭିଏସ୍ ‘ରେଡର’



ସ୍ୱତ୍ୱାଧିକାରୀ ସୁବ୍ରତ ମହାପାତ୍ର ଜଣେ ଗ୍ରାହକଙ୍କୁ ବାଇକ୍ ଚାବି ପ୍ରଦାନ କରୁଛନ୍ତି।

**ବାରିପଦା ଅଫିସ,୨୬।୯**

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ନୂଆ ଦୁଇ ଚକିଆଯାନ ‘ରେଡର’ ବାରିପଦା ବଜାରକୁ ପ୍ରବେଶ କରିଛି। ସ୍ଥାନୀୟ ଆଲାଏଡ୍ ଟିଭିଏସ୍ ଶୋ’ରୁମରେ ଏହି ମଡେଲକୁ ରବିବାର ଉନ୍ମୋଚନ କରାଯାଇଛି। ସତ୍ତ୍ୱାଧିକାରୀ ସୁବ୍ରତ କୁମାର ମହାପାତ୍ର, ସେଲ୍ସ ମ୍ୟାନେଜର ସତ୍ୟରଞ୍ଜନ ନନ୍ଦ, ଏକ୍‌ଜିକ୍ୟୁଟିଭ୍ କଳିଙ୍ଗ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ରହି ନୂଆ ମଡେଲ୍ ବାଇକ୍‌କୁ ବଜାର ପ୍ରବେଶ କରିଛନ୍ତି। ଶୋ’ରୁମର ପ୍ରଥମ ଗ୍ରାହକ ଭାବେ ରୋହିତ କୁମାର ଦାସଙ୍କୁ ବାଇକ୍‌ର ଚାବି ପ୍ରଦାନ କରାଯାଇଥିଲା। ଯୁବ ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ୧୨୫ସିସି ବର୍ଗରେ କମ୍ପାନୀ ଏହି ମଡେଲଟିକୁ ବଜାରକୁ ଛାଡ଼ିଛି। ଏଥିରେ ବିଭିନ୍ନ ସ୍ପୋର୍ଟି ଫିଚର ରହିଛି। ଏଲସିଡି ଡିଜିଟାଲ ସ୍ପିଡୋମିଟର, ଅପସନାଲ ୫ଇଞ୍ଚ ଟିଏଫଟି କ୍ଲଷ୍ଟର, ଭଏସ୍ ଆସିଷ୍ଟ, ମଲ୍ଟିପୁଲ ରାଇଟ ମୁଡ, ଫାଷ୍ଟ ଇନ୍ ସେଗ୍‌ମେଣ୍ଟ ଅଣ୍ଡର ସିଟ୍ ଓ ଷ୍ଟୋରେଜ୍ ଦ୍ୱାରା ଗ୍ରାହକମାନେ ବେଶ ଲାଭବାନ ହେବେ ବୋଲି ସତ୍ତ୍ୱାଧିକାରୀ ମହାପାତ୍ର ପ୍ରକାଶ କରିଛନ୍ତି। ଏହି ମଡେଲ୍‌ଟିର ଏକ୍ସ ଶୋ’ ରୁମ ବଜାର ଦର ୮୮ହଜାର ୩୦୧ଶହ ଟଙ୍କାରୁ ଆରମ୍ଭ ହେଉଛି। ଏହା ଲାଲ, ହଳଦିଆ, ନୀଳ ଓ କଳା ରଙ୍ଗରେ ଉପଲବ୍ଧ ରହିଛି।

## ଅରୁନ୍ଧତୀ ଜୁଏଲର୍ସର ନୂତନ ଶୋ’ରୁମ୍





ଅତିଥିଙ୍କ ଦ୍ୱାରା ଜୁଏଲର୍ସକୁ ଉଦ୍‌ଘାଟନ କରାଯାଉଛି।

**ବ୍ରହ୍ମପୁର ଅଫିସ୍,୨୬।୯**

ଓଡ଼ିଶାର ପ୍ରମୁଖ ସୁନାଗହଣା ବ୍ରାଣ୍ଡ୍ ଅରୁନ୍ଧତୀ ଜୁଏଲର୍ସର ଷଷ୍ଠ ଶାଖା ବ୍ରହ୍ମପୁର ସାନ ବଜାରସ୍ଥିତ ଶଙ୍କର ପ୍ଲାଜାଠାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅରୁନ୍ଧତୀ ଗ୍ରୁପ୍ ମୁଖ୍ୟ ଗୌରାଙ୍ଗ ମେହେର, ଲକ୍ଷ୍ମୀ ମେହେର, ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଓ ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ୍ ଆମ୍ବାସାଡର ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅରୁନ୍ଧତୀ ଜୁଏଲର୍ସ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଏହି ୧୨ ହଜାର ବର୍ଗଫୁଟ୍ ଫ୍ଲାଗ୍‌ଶିପ୍ ଶୋ’ରୁମ୍‌ରେ ଦେଶର କୋଣଅନୁକୋଣରୁ ପ୍ରସ୍ତୁତ କରାଯାଇଥିବା ୧୦ ହଜାରରୁ ଉର୍ଦ୍ଧ୍ୱ ସମ୍ପୂର୍ଣ୍ଣ ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନାଗହଣା, ହୀରାଗହଣା, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୁପାଗହଣା ଓ କଳାକୃତି ଏବଂ ପ୍ରିମିୟମ୍ ଶିଲ୍କ ଶାଢ଼ିର ସମ୍ଭାର ରଖାଯାଇଛି। ପ୍ରଥମ ଥର ପାଇଁ ଏହି ନିଆରା ଗ୍ରାହକ ସେବା ୫ ଷ୍ଟାର୍ ପ୍ରମିସ୍ ମାଧ୍ୟମରେ ଗହଣା ଉପରେ ଲାଇଫ୍‌ଟାଇମ୍ ଫ୍ରି ରିପାୟାର ସର୍ଭିସ୍, ଫ୍ରି ଇନ୍‌ସ୍ୟୁରାନ୍ସ ଓ ୧୦୦% ଫେରସ୍ତ ମୂଲ୍ୟ ସେବା ପ୍ରଦାନ କରାଯାଇଛି। ଏଥିସହ ଗହଣା ଦୋକାନର ଉଦ୍‌ଘାଟନୀ ଅଫର ମାଧ୍ୟମରେ ରେଗୁଲାର ହଲ୍‌ମାର୍କ ସୁନାଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୧୧.୯୯% ମେକିଂ ଚାର୍ଜ ସହ ୨୫ ଗ୍ରାମ୍ ସୁନା କିଣିଲେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ଓ ୨ ଗ୍ରାମ୍ ସୁନାଗହଣା କିଣିଲେ ରୁପାମୁଦ୍ରା ଏବଂ ୨୧ ଜଣ ଲକ୍ଷପତି ବିଜେତା ହୋଇପାରିବେ। ପ୍ରତ୍ୟେକ କ୍ରୟ ଉପରେ ସୁନିଶ୍ଚିତ ଉପହାର ରହିଥିବା ସେ କହିଛନ୍ତି।

## ୩ ବର୍ଷର ରେକର୍ଡ ସ୍ତରରେ ଅଶୋଧିତ ତୈଳ

**ନୂଆଦିଲ୍ଲୀ,୨୬।୯**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ପୁଣି ଥରେ ବଢ଼ିଚାଲିଛି। ଶନିବାର ବ୍ୟାରେଲ ପିଛା ଏହାର ଦର ୭୮.୯୫ ଡଲାର ଛୁଇଁଛି। ଏହା ୩ ବର୍ଷର ରେକର୍ଡ ଉଚ୍ଚ ସ୍ତର। ଏହା ପୂର୍ବରୁ ଅକ୍ଟୋବର ୨୦୧୮ରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୭୮.୨୪ ଡଲାର ଛୁଇଁଥିଲା। ପେଟ୍ରୋଲ ଡିଜେଲ ଦର ଉପରେ ଏହାର ପ୍ରଭାବ ତ୍ୱରିତ ଭିତ୍ତିରେ ପଡ଼ିଥିବା ଜଣାପଡିଛି। ରବିବାର ଭାରତରେ ଡିଜେଲ ୨୮ ପଇସା ବଢ଼ିଛି। ଗତ ଗୋଟିଏ ମାସରେ ଅଶୋଧିତ ତେଲ ଦର ୧୧% ମହଙ୍ଗା ହୋଇଥିବା ଜଣାପଡ଼ିଛି। ବିଶ୍ୱରେ କରୋନା ମାମଲା କମୁଥିବା ବେଳେ ଟିକାକରଣ ବଢୁଛି। ଆର୍ଥିକ କାର୍ଯ୍ୟକଳାପରେ ଉନ୍ନତି ଆସିବା ଯୋଗୁ ତେଲ ଚାହିଦା ବଢୁଥିବା ବଜାର ବିଶେଷଜ୍ଞ କହିଛନ୍ତି। ଆଗାମୀ ଦିନଗୁଡିକରେ ପେଟ୍ରୋଲ ଏବଂ ଡିଜେଲ ଦର ୩ ଟଙ୍କା ବଢ଼ିବ ବୋଲି ବିଶେଷଜ୍ଞ କହିଛନ୍ତି। ଚଳିତ ବର୍ଷ ଅଦ୍ୟାବଧି ପେଟ୍ରୋଲ ୧୭.୨୨ ଟଙ୍କା ଏବଂ ଡିଜେଲ ୧୪.୭୦ ଟଙ୍କା ମହଙ୍ଗା ହୋଇଥିବା ଜଣାପଡ଼ିଛି।

## ଓଡ଼ିଶାରେ ଟେଷ୍ଟ ପ୍ରସ୍ତୁତି ପ୍ଲାଟ୍‌ଫର୍ମ ଏଡୁକେମି

**ଭୁବନେଶ୍ୱର,୨୬।୯**

ଦେଶର ପ୍ରମୁଖ ଟେଷ୍ଟ ପ୍ରସ୍ତୁତି ପ୍ଲାଟ୍‌ଫର୍ମ ସଂସ୍ଥା ଏଡୁକେମି ବର୍ତ୍ତମାନ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଅନୁଷ୍ଠାନର ସ୍ୱତନ୍ତ୍ର ପଠନ ଶୈଳୀ, ସଂଗଠିତ କ୍ଲାସ୍, ଉତ୍କୃଷ୍ଟ ପାଠ୍ୟ ବିଷୟ ଓ ସମର୍ପିତ ପ୍ଲାଟ୍‌ଫର୍ମ କୋରେକ୍ଟୋ ବିଷୟବସ୍ତୁ ଭିତ୍ତିକ ଉତ୍ତରର ମୂଲ୍ୟାୟନ କରିଥାଏ। ଏହାକୁ ଇଣ୍ଡିଆନ ଏଜୁକେଶନ ଆୱାର୍ଡ୍ସଦ୍ୱାରା ୨୦୨୧ ବର୍ଷ ପାଇଁ ସର୍ବୋତ୍ତମ ଟେଷ୍ଟ ପ୍ରସ୍ତୁତି ପ୍ରଦାନକାରୀ ଅନୁଷ୍ଠାନ ଭାବରେ ସ୍ୱୀକୃତି ପ୍ରଦାନ କରାଯାଇଛି। ବର୍ତ୍ତମାନ ଏଡୁକେମି ଓଡ଼ିଶା ପିଏସ୍‌ସି ପରୀକ୍ଷା ପାଇଁ ଆବଶ୍ୟକ ପାଠ୍ୟକ୍ରମର ଆରମ୍ଭ ସହ ଅନ୍‌ଲାଇନ ଜରିଆରେ ଓପିଏସ୍‌ସି ପରୀକ୍ଷା ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଉଛି। ଏହା ଫଳରେ ୟୁପିଏସସି ଓ ଓପିଏସସି ପରୀକ୍ଷା ପାଇଁ ଛାତ୍ରମାନେ ଅଧିକ ପ୍ରସ୍ତୁତି କରିପାରିବେ। ଏ ସମ୍ପର୍କରେ ଏଡୁକେମି ସିଇଓ ଚନ୍ଦ୍ରହାସ ପାଣିଗ୍ରାହୀ କହିଛନ୍ତି, ଜାତୀୟ ସ୍ତରରେ ପ୍ରଶାସନିକ ସେବା କ୍ଷେତ୍ରରେ ଓଡ଼ିଶାର ଉପସ୍ଥିତିକୁ ବୃଦ୍ଧି କରିବା ପାଇଁ ଆମେ ପ୍ରତିଶ୍ରୁତି ବଦ୍ଧ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଡୁକେମିର ୩ଜଣ ପ୍ରତିଷ୍ଠାତା ଚନ୍ଦ୍ରହାସ ପାଣିଗ୍ରାହୀ(ସିଇଓ), ସବିର ଏ. ବସିର (ସିଏଓ) ଓ ଦେବ ତ୍ରିପାଠୀ (ସିଟିଓ) ସମସ୍ତେ ଓଡ଼ିଶାର ପିଲା ଏବଂ ଟେକ-ଭିତ୍ତିକ ମୂଲ୍ୟାୟନ ସହିତ ଏଡୁକେମି କମ୍ ମୂଲ୍ୟର ସାଧାରଣ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବାର ଲକ୍ଷ୍ୟ ରଖିଛି।

## ଫୁର୍‌ସତ୍




### ବାହୁବଳୀଙ୍କ ବିରିୟାନି ଗିଫ୍ଟ

**ମୁମ୍ବାଇ:** ଅଭିନେତ୍ରୀ କରୀନା କପୁର ଖାନ୍ ବେଶ୍ ଖାଇବା ସଉକିନ୍। ଅଧିକାଂଶ ସମୟରେ ସେ ଖାଇବା ଫଟୋ ଶେୟାର କରୁଥିବା ଦେଖିବାକୁ ମିଳେ। ଏବେ କରୀନା ତାଙ୍କ ଇନ୍‌ଷ୍ଟାଗ୍ରାମରେ ବିରିୟାନି ଫଟୋ ଶେୟାର କରିଛନ୍ତି। ଏହାର କ୍ୟାପଶନରେ ସେ ଲେଖିଛନ୍ତି, ବାହୁବଳୀ ଫେମ ପ୍ରଭାସ ତାଙ୍କ ପାଇଁ ଏହି ଖାଦ୍ୟ ପଠାଇଛନ୍ତି। ଏଥିସହ ସେ ପ୍ରଭାସଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ ଲେଖିଛନ୍ତି, ଯେତେବେଳେ ବାହୁବଳୀ ବିରିୟାନି ପଠାନ୍ତି ତାହା ଖୁବ୍ ସ୍ୱାଦିଷ୍ଟ ହୋଇଥାଏ। ଏହି ଫଟୋରେ କରୀନା ସ୍ୱାମୀ ସୈଫ ଅଲ୍ଲୀ ଖାନ୍‌ଙ୍କ ଆଗାମୀ ଫିଲ୍ମର ନାମ ‘ଆଦିପୁରୁଷ’ ହାଶ୍‌ଟ୍ୟାଗ୍ ଲଗାଇଛନ୍ତି। ଆଦିପୁରୁଷ ଶୁଟିଂ ସେଟ୍‌ରେ ସୈଫ ଏବଂ ପ୍ରଭାସଙ୍କ ବନ୍ଧୁତା ଢେର ବଢ଼ିଯାଇଛି। ତେଣୁ ସୈଫ ଏବଂ କରୀନାଙ୍କ ପାଇଁ ପ୍ରଭାସ ବିରିୟାନି ସମେତ ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ପଠାଇଛନ୍ତି। ଓମ ରାଓ୍ୱତଙ୍କ ନିର୍ଦ୍ଦେଶନାରେ ପୌରାଣିକ ଫିଲ୍ମ ‘ଆଦିପୁରୁଷ’ରେ ପ୍ରଭାସ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ। ଅଭିନେତ୍ରୀ କ୍ରିତି ସାନନ୍ ସୀତା ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମରେ ସୈଫ ଅଲ୍ଲୀ ଖାନ ରାବଣ ଭୂମିକାରେ ନଜର ଆସିବେ। ଲକ୍ଷ୍ମଣ ଭୂମିକାରେ ସନି ସିଂ ଅଭିନୟ କରୁଛନ୍ତି। ଏହି ଚଳଚ୍ଚିତ୍ର ପାଇଁ ସୈଫ, ପ୍ରଭାସ ଏବଂ ସନି ନିଜର ବଡି ଟ୍ରାନ୍ସଫର୍ମେଶନ କରିଛନ୍ତି। ଫିଲ୍ମ ଘୋଷଣା ପରଠାରୁ ପ୍ରଶଂସକମାନେ ଏହାର ରିଲିଜ ତାରିଖକୁ ଅପେକ୍ଷା କରି ରହିଛନ୍ତି।

### ମାଟିହାଣ୍ଡି ପିଜା

**ଅହମଦାବାଦ:** ମାଟିହାଣ୍ଡିରେ ପିଜା! ପିଜା ଭଳି ଏକ ଖାଦ୍ୟ ମାଟିପାତ୍ରରେ ତିଆରି ହେବା କଥା ଅଡୁଆ ଲାଗିପାରେ। କିନ୍ତୁ ବିଶେଷ ଶୈଳୀରେ ମାଟିପାତ୍ରରେ ବି ପିଜା ତିଆରି କରାଯାଇପାରୁଛି ଏବଂ ଏହି ପ୍ରକାର ପିଜା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଗୁଜରାଟର ସୁରଟରେ ଥିବା ଜଣେ ବ୍ୟକ୍ତି ମାଟିପାତ୍ରରେ ପିଜା ତିଆରି କରୁଛନ୍ତି। ପ୍ରଥମେ ଏକ ବଡ଼ ପାତ୍ରରେ ବିଭିନ୍ନ ପରିବା, ବ୍ରେଡ୍ ଖଣ୍ଡ, ମସଲା, ପନିର ଆଦିକୁ ମିଶାଉଛନ୍ତି। ପରେ ତାକୁ ଛୋଟ ମାଟିପାତ୍ରରେ ଭରି ସେଥିରେ ସିଝା ମିଠା ମକା, ଟମାଟୋ, ପନିର ସହିତ ସସ୍, ମାୟୋନିଜ୍, ଟମାଟୋ ସସ୍ ଆଦି ପକାଉଛନ୍ତି। ମାଟିପାତ୍ରରେ ସବୁ ସାମଗ୍ରୀ ରଖି ତାକୁ ଓଭାନରେ କିଛି ସମୟ ରଖୁଛନ୍ତି। ଏହାପରେ ତିଆରି ହେଉଯାଉଛି ପିଜା। ଏମିତି ଶୈଳୀରେ ମାଟିପାତ୍ରରେ ତିଆରି ହେଉଥିବା ପିଜାର ଭିଡିଓ ଆମ୍‌ଚୀ ମୁମ୍ବାଇ ନାମକ ଏକ ୟୁଟ୍ୟୁବ ଚ୍ୟାନେଲରେ ପୋଷ୍ଟ କରାଯାଇଛି। ଭିଡିଓଟିକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ଖୁବ୍ ବଢ଼ିବାରେ ଲାଗିଛି। ଏହି ଭିଜୁଆଲକୁ ଏବେ ସୁଦ୍ଧା ୨୦ ଲକ୍ଷରୁ ଅଧିକ ଲୋକ ଦେଖି ସାରିଲେଣି।



### ଫେବୃୟାରୀରେ ‘ଲାଲ ସିଂ ଚଡ୍ଢା’

**ମୁମ୍ବାଇ:** ଆମିର ଖାନ୍‌ଙ୍କ ଫିଲ୍ମ ଲାଲ ସିଂ ଚଡ୍ଢାର ରିଲିଜ ତାରିଖ ଘୁଞ୍ଚିବାରେ ଲାଗିଛି। ଏବେ ଆମିର ଟୁଇଟ କରି ଫିଲ୍ମଟି ଆସନ୍ତା ଫେବୃୟାରୀ ୧୪ରେ ମୁକ୍ତିଲାଭ କରିବ ବୋଲି କହିଛନ୍ତି। ଅକ୍ଟୋବର ୨୨ରେ ହଲ୍ ଖୋଲାଯିବା ନେଇ ସରକାର ସ୍ଥିର କରିବା ପରେ ଫିଲ୍ମର ରିଲିଜ ତାରିଖକୁ ପୁଣି ଘୁଞ୍ଚାଇ ଦିଆଯାଇଥିବା ଆମିର କହିଛନ୍ତି। ପୂର୍ବରୁ ଫିଲ୍ମଟି ବଡ଼ଦିନ ଅବସରରେ ରିଲିଜ ହେବ ବୋଲି ଆମିର କହିଥିଲେ। ମହାମାରୀ ଯୋଗୁ ରିଲିଜ ଡେଟ୍ ବଦଳିଥିଲା। ଏହି ଫିଲ୍ମ ମାଧ୍ୟମରେ ସାଉଥ ଷ୍ଟାର ନାଗା ଚୈତନ୍ୟ ବଲିଉଡ୍‌ରେ ଡେବ୍ୟୁ କରୁଛନ୍ତି। ଫିଲ୍ମରେ କରିନା କପୁର ଖାନ୍, ମୋନା ସିଂ ମଧ୍ୟ ରହିଛନ୍ତି।




**ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା**



(ଶ୍ରେୟସ)
ଶୁଭମ କେତକୀ
ବାପ- ସନାତନ କେତକୀ, ମାଁ- ଉମାକାନ୍ତି କେତକୀ
ଗ୍ରା- ଇଚ୍ଛାପୁର, ଥାନା- କୋମନା, ଜି- ନୂଆପଡ଼ା
ତୋର ତୃତୀୟ ଜନ୍ମଦିବସରେ ଅନେକ ଅନେକ ଶୁଭେଚ୍ଛା। ଭଗବାନ ତୋର ଚଲାପଥକୁ କୁସୁମିତ କରିବା ସହ ବୁଦ୍ଧିବିଦ୍ୟାରେ ପାରଙ୍ଗମ କରି ଦୀର୍ଘାୟୁ କରି ରଖୁଥାନ୍ତୁ, ଏହା ହିଁ କାମନା।
ଶୁଭେଚ୍ଛା ସହ: ବଡ଼ବାପା, ବଡ଼ମାଁ, କାକା, ମାମୁଁ, ଅଜା, ଆଈ ସହ କେତକୀ ପରିବାର ଓ ବନ୍ଧୁବର୍ଗ।
ଧ-୨୧୭୭୬

**11 Happy Birthday**



ROOP RATAN BANERJEE
D/o- Ratan Banerjee
Manika Banerjee
Wishing you a very Happy Birthday. May all your dream come true.
**Best Wishes From:** Maa: Manju Goon, Mama: Pranab Dadu, Rimpi, Mimi & Tuktuk.
ଧ-୫୯୮୮୩

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଭାରତର ନଂ.1 Tower Company**
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/- ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

**TOWER VISION COMPANY Regd.**
ଭାରତର No.1 ସ୍ୱୀକୃତିପ୍ରାପ୍ତ କମ୍ପାନି ନିଜ ଛାତ, ଜମି, କ୍ଷେତ ଓ ଖାଲି ସ୍ଥାନ ମାନଙ୍କରେ 4G / 5G ର Digital Tower ଲଗାନ୍ତୁ। ଶିଘ୍ର ଆବେଦନ କରି ୩ ଦିନରେ result ପାଆନ୍ତୁ। ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
ADVANCE : 95 LAKH
ଭଡା : ୮୫,୦୦୦/- ମାସିକ, ଚାକିରି-୨ ଜଣ, ଦରମା : ୨୦,୦୦୦/- + PF + Bonos + ବୋଲେରୋ ଗଡି
Helpline : 7027029427

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**BCF FINANCE**
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା
ମାର୍କସିଟ | ଆଧାରକାର୍ଡ | କୃଷି | ପଶୁପାଳନ | ସମ୍ପତି | ଲଘୁ ଉଦ୍ୟୋଗ | ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8470867033

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



√ ପ୍ରଭାକର ପଣ୍ଡା
ସ୍ଥାନ - ଲାଠୀ, ବ୍ରହ୍ମପୁର
ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ଆଶିର୍ବାଦ ଆମର କାମନା, ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ-ବିଷ୍ଣୁପ୍ରିୟା, ପୁତ୍ର-ତପନ, ତରୁଣ, ବଧୂ-ତୃପ୍ତି, ଜ୍ୟୋତି, ଝିଅ-ସମିତା, ଅଳକା, ଜାମାତା-ଅଶୋକ, ସଞ୍ଜୟ, ନାତି, ନାତୁଣୀ- ଶାଳୀନି, ସିଦ୍ଧାନ୍ତ, ରିତିକା, ଅକ୍ଷତ, ଆଦିତ୍ୟ, ଇଶାନ ଏବଂ ବନ୍ଧୁବର୍ଗ ଓ ଆତ୍ମୀୟସଜନ।
ଧ-୨୧୧୭୦

**ଷଷ୍ଠତମ ଶ୍ରାଦ୍ଧବାର୍ଷିକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



√କିରଣବାଳା ବେହେରା
ତିରୋଧାନ : ୦୩.୧୦.୨୦୧୫
R.C. Behera Mansion
By-Pass Bhadrak - 756100, Odisha
ମାମା ଆମ ପାଇଁ ସବୁ କିଛି କରିଦେଇ ଆଜିର ଶୁଭ ପୁଣ୍ୟ ତିଥୀରେ ଆମର ସମସ୍ତ ଦାୟିତ୍ୱ ବାପାଙ୍କୁ ଦେଇ ସୁଖ ସମୟ ଆରମ୍ଭ ରୁ ଏ ଦୁନିଆ ରୁ ବିଦାୟ ନେଲ। ଏ ଜୀବଦ୍ଦଶା ରେ ଆମେ ଭାଇ, ଭଉଣୀ ଙ୍କ ସହ ବାପାଙ୍କ ଲୁହର ଧାର ଶୁଖିବ ନାହିଁ। ତୁମର ଆତ୍ମା ଶାନ୍ତି ପାଉ। ତୁମର ଆଶୀର୍ବାଦ ଆମମାନଙ୍କ ଉପରେ ରହିଥାଉ। ଏହା ହିଁ ଜଗନ୍ନାଥଙ୍କ ନିକଟ ରେ ଅଶ୍ରୁଳ ପ୍ରାର୍ଥନା।
ହତଭାଗା : ସୁମନ (ବାବୁନୁ), ଦିପିକା (ମାମା)
ଧ-୨୧୭୧୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



√ଅଶୋକ କୁମାର ରାୟ
ସାତ୍ତ୍ୱିକପୁର, ଡେଲାଙ୍ଗ, ପୁରୀ
ଆବିର୍ଭାବ: ୧୬।୦୫।୧୯୫୮
ତିରୋଧାନ: ୦୭।୦୯।୨୦୨୦
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ କର୍ତ୍ତବ୍ୟପରାୟଣ ଆମ୍ଭମାନଙ୍କ ଜୀବନର ପଥ ପ୍ରଦର୍ଶକ ହେଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ଅନୁରୋଧ।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନବର୍ଗ: ପୁତ୍ର: ଅରୁପ, ଅନୁପ, ବନ୍ଧୁ ଏବଂ ସପରିବାର।
ଧ-୨୧୭୭୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



√ନିରଞ୍ଜନ ସାମଲ
ନୂଆପଡ଼ା, ଗୋଶାଳା ରୋଡ, କଟକ
ଆବିର୍ଭାବ : ୧୯.୦୮.୧୯୫୦
ତିରୋଧାନ : ୦୭.୦୯.୨୦୨୦
କେହି ରହି ନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ
ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ ॥
ଶୋକସନ୍ତପ୍ତ : ପୁତ୍ର- ଚିତ୍ତରଞ୍ଜନ, ଜ୍ଞାନରଞ୍ଜନ, ତାପସ କୁମାର, ଭାଇ-ବୀରବର, ବ୍ରଜକିଶୋର, କେଶବ, ଦାଦା- ଧନେଶ୍ୱର, ତ୍ରିଲୋଚନ, ଗଗନ, ରଞ୍ଜିତ, ବିପିନ, ସାମଲ ପରିବାର ଓ ବନ୍ଧୁବାନ୍ଧବ
ଦିଲ୍ଲୀପ କୁମାର ସାମଲ (ଏମ୍‌ଡି), ଡିପିଏସ୍ କନ୍‌ଷ୍ଟ୍ରକସନ୍ ପ୍ରାଇଭେଟ୍ ଲିମିଟେଡ୍
ଧ-୨୧୭୭୩


# ଉପକାରୀ ଖଜୁରି

**ଶରୀର ପାଇଁ ଖଜୁରି ବେଶ୍ ଲାଭଦାୟକ। ଏଥିରେ ଫାଇବର, କ୍ୟାଲ୍‌ସିୟମ, ପୋଟାସିୟମ, ମ୍ୟାଗ୍ନେସିୟମ ବ୍ୟତୀତ ଅନ୍ୟାନ୍ୟ ଉପକାରୀ ତତ୍ତ୍ୱ ପ୍ରଚୁର ପରିମାଣରେ ଭରି ରହିଛି। ଖଜୁରିକୁ ଆମେ ସବୁ ସମୟରେ ଖାଇପାରିବା । ତେବେ ଏହାର ଔଷଧୀୟ ଗୁଣ ସମ୍ପର୍କରେ ଟିପ୍ସ...**



- ବ୍ରେକ୍‌ଫାଷ୍ଟରେ ଖଜୁରିକୁ ଆମେ ବ୍ୟବହାର କରିପାରିବା। ଏହାକୁ ଖାଇବା ଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ।
- ଏହା ସ୍ନାୟୁକୋଷ ଓ ମସ୍ତିଷ୍କ କୋଷକୁ ପୋଷକ ତତ୍ତ୍ୱ ଯୋଗାଏ।
- ଖଜୁରି ଖାଇବା ଦ୍ୱାରା ଏହା ଗ୍ୟାଷ୍ଟ୍ରିକ୍ ଓ କୋଷ୍ଠକାଠିନ୍ୟ ସମସ୍ୟାରୁ ରକ୍ଷା କରିଥାଏ।
- ଏହାକୁ ଖାଇଲେ ଏସିଡିଟି ସନ୍ତୁଳିତ ଅବସ୍ଥାରେ ରହିଥାଏ।
- ଅସ୍ଥିଗୁଡ଼ିକୁ ଶକ୍ତ କରିବା ସହ ଓଜନ କମାଇବାରେ ଅନେକାଂଶରେ ସହାୟକ ହୋଇଥାଏ ଖଜୁରି।
- ଗର୍ଭବତୀଙ୍କ ପାଇଁ ଏହା ମଧ୍ୟ ବେଶ୍ ଉପକାରୀ।

# ସୁସ୍ଥ କିଡ୍‌ନୀ ପାଇଁ...



ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରିଥାଏ। ଏହି ପ୍ରକ୍ରିୟା ବାଧାପ୍ରାପ୍ତ ହେଲେ ଆମେ କେତେକ ରୋଗକୁ ପରୋକ୍ଷରେ ନିମନ୍ତ୍ରଣ କରିଥାଉ। ତେଣୁ କିଡ୍‌ନୀ କିପରି ସୁରକ୍ଷିତ ରହିବା ସହ ଠିକ୍ ଭାବରେ କାର୍ଯ୍ୟ କରିବ ସେ ନେଇ ଜଣେ ସଚେତନ ରହିବା ନିହାତି ଦରକାର। ତେବେ ଏ ବିଷୟରେ କେତୋଟି ଗୁରୁତ୍ୱପୂର୍ଣ୍ଣ କଥା ମନେରଖନ୍ତୁ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ପାଦ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ମଧ୍ୟ ହୁଏ। ଶ୍ୱାସକ୍ରିୟାରେ ବାଧା ଉପୁଜେ, ଫଳରେ ଶ୍ୱାସକ୍ରିୟାଜନିତ ସମସ୍ୟା ଦେଖାଦିଏ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଅନ୍ତୁ। କିଡ୍‌ନୀଜନିତ ରୋଗର ଲକ୍ଷଣ ବିଷୟରେ ଅବଗତ ହେବା ମାତ୍ରେ ବିଳମ୍ବ ନ କରି କିଡ୍‌ନୀ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଏହାକୁ ସୁସ୍ଥ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଘିଅ, କ୍ଷୀର, ମାଛ, ମାଂସ, ପନିର, ସୋୟାବିନ୍ ଆଦିରେ ପ୍ରୋଟିନ୍ ଅଧିକ ଥାଏ। ଏହାକୁ ଆପଣ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଦୈନିକ ୫ଗ୍ରାମ୍ ଲୁଣ ମଧ୍ୟ ଖାଇପାରନ୍ତି। ଯଦି ଆପଣ ନିଶାଦ୍ରବ୍ୟ ସେବନ ସହ ଜଡ଼ିତ ତେବେ ତୁରନ୍ତ ଏପରି ଅଭ୍ୟାସ ତ୍ୟାଗ କରନ୍ତୁ। କାରଣ ନିଶାଦ୍ରବ୍ୟ ସେବନ ଦ୍ୱାରା କିଡ୍‌ନୀର କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ।

# ଚିନ୍ତା ଦୂର କରିବାର ନୂଆ ଉପାୟ



ଆଜିକାଲିର ବ୍ୟସ୍ତମୟ ଜୀବନରେ ଚିନ୍ତାଗ୍ରସ୍ତ ହେବା ଏକ ସାଧାରଣ କଥା ପାଲଟିଗଲାଣି କହିଲେ ଆଦୌ ଭୁଲ୍ ହେବ ନାହିଁ। ହେଲେ ଏହାଠାରୁ ଦୂରେଇ ରହିବାର ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ମନ ପସନ୍ଦର ଫିଲ୍ମ ଦେଖନ୍ତି ତେବେ ସେ ନିଜକୁ କେତେକାଂଶରେ ଚିନ୍ତାଠାରୁ ଦୂରେଇ ରଖିଥାଆନ୍ତି। ଏ ସମ୍ପର୍କିତ ବିଷୟକୁ ନେଇ ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ତଥା ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହୁଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କର ମନ ପସନ୍ଦର ଫିଲ୍ମ ଦେଖିବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ଏହାର ପ୍ରଭାବ ସେମାନଙ୍କର ଚିନ୍ତାଗ୍ରସ୍ତ ମନ ଉପରେ କିପରି ପଡୁଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ନିଜର ମନ ପସନ୍ଦର ସିନେମା ଦେଖିବା ପରେ ସମ୍ମୁଖୀନ ହୋଇଥିବା ସମସ୍ୟାଠାରୁ କେତେକାଂଶରେ ଉପଶମ ପାଇଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି।




ଡା. ନିତ୍ୟାନନ୍ଦ ସ୍ୱାଇଁ

# ଜଳାତଙ୍କର ଆତଙ୍କ

**ପ୍ରତିବର୍ଷ ସେପ୍ଟେମ୍ବର ୨୮ରେ ପାଳନ ହୋଇଥାଏ 'ବିଶ୍ୱ ଜଳାତଙ୍କ ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**



ଜଳାତଙ୍କ ରୋଗ ଓ ତା'ର ପ୍ରତିକାର ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖରେ ପାଳନ କରାଯାଇଥାଏ 'ବିଶ୍ୱ ଜଳାତଙ୍କ ଦିବସ ବା ୱାର୍ଲ୍ଡ ରାବିଜ୍ ଡେ। ଏହି ଦିବସରେ ପରଲୋକ ଗମନ କରିଥିଲେ ଜଳାତଙ୍କର ପ୍ରତିଷେଧକ ଟିକା ଉଦ୍ଭାବନ କରିଥିବା ଲୁଇ ପାଷ୍ଟର। ଏହି ଦିବସରେ ବିଭିନ୍ନ ଗଣମାଧ୍ୟମ ଏବଂ ଅନୁଷ୍ଠାନ ମାଧ୍ୟମରେ ଜନସାଧାରଣଙ୍କୁ ଉକ୍ତ ରୋଗର କାରଣ ଓ ନିରାକରଣର ଉପାୟ ତଥା ଚିକିତ୍ସା ବିଷୟରେ ଅବଗତ କରାଯାଇଥାଏ। ତେବେ ଚଳିତ ବର୍ଷ ପାଇଁ ବିଶ୍ୱ ଜଳାତଙ୍କ ଦିବସର ସ୍ଲୋଗାନ୍ ରହିଛି–'ଜଳାତଙ୍କ:ତଥ୍ୟ, ଭୟ ନୁହେଁ'।

ଆପଣମାନଙ୍କ ମଧ୍ୟରେ ଅନେକେ ଜଳାତଙ୍କ ରୋଗଟିର ନାଁ ଶୁଣିଥିବେ। ଡାକ୍ତରମାନେ ଏହି ରୋଗକୁ 'ହାଇଡ୍ରୋଫୋବିଆ' ବା 'ରାବିଜ୍' ବୋଲି କହିଥାନ୍ତି। ଏହା ପଶୁଜନିତ ଏକ ଭୂତାଣୁ ରୋଗ। ଏହି ରୋଗରେ କେନ୍ଦ୍ରୀୟ ସ୍ନାୟୁ ତନ୍ତ୍ର ବା ରୋଗୀର ସୁଷୁମ୍ନା କାଣ୍ଡ ଓ ମସ୍ତିଷ୍କ ଆକ୍ରାନ୍ତ ହୋଇପଡ଼େ। ରୋଗ ହେଲେ ମୃତ୍ୟୁ ପ୍ରାୟ ନିଶ୍ଚିତ। ପୃଥିବୀର କେତେକ ରାଷ୍ଟ୍ର ଜଳାତଙ୍କରୁ ମୁକ୍ତ। କିନ୍ତୁ ଏକ ଆକଳନରୁ ଜଣାପଡିଛି, ଆମ ଦେଶରେ ପ୍ରତି ଅଧଘଣ୍ଟାରେ କେହି ନା କେହି ଜଳାତଙ୍କରେ ମୃତ୍ୟୁ ମୁଖରେ ପଡ଼ିଥାଆନ୍ତି।

**କିପରି ବ୍ୟାପେ :** ଜଳାତଙ୍କ ଭୂତାଣୁ ସୁସ୍ଥ ଲୋକର ଶରୀର ଭିତରକୁ ପ୍ରବେଶ କରେ କିପରି ? ଏହି ଭୂତାଣୁ ରହିଥାଏ ପ୍ରଧାନତଃ ପାଗଳା କୁକୁର, ବିରାଡ଼ି, ବିଲୁଆ ଓ ଗଧିଆଙ୍କ ଲାଳରେ। କିନ୍ତୁ ଏହି ଜନ୍ତୁମାନେ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ନ ଥିଲେ ସେମାନଙ୍କ ଲାଳରେ ରୋଗର ଭୂତାଣୁ ନ ଥାଏ। ରୋଗ କରାଇବାରେ ପାଗଳା କୁକୁର ମୁଖ୍ୟତଃ ଦାୟୀ ହୋଇଥିବାରୁ ଏହି ରୋଗକୁ ସାଧାରଣ ଲୋକେ 'କୁକୁର କାମୁଡ଼ା ରୋଗ' ଓ ରୋଗର ପ୍ରତିଷେଧକ ଟିକାକୁ 'କୁକୁର କାମୁଡ଼ା ଟିକା' ବୋଲି କହିଥାନ୍ତି। ପାଗଳା କୁକୁର କାମୁଡ଼ି ରୋଗୀଠାରେ ଗଭୀର କ୍ଷତ ସୃଷ୍ଟି କରିଦେଲେ କି ନଖରେ ଆମ୍ପୁଡ଼ି ଦେଲେ କିମ୍ବା ରୋଗୀ ଶରୀରର କୌଣସି କ୍ଷତ ସ୍ଥାନକୁ ଚାଟିଦେଲେ କୁକୁରର ଲାଳରେ ଥିବା ଜଳାତଙ୍କ ଭୂତାଣୁ ସୁସ୍ଥ ଲୋକର ଦେହ ଭିତରକୁ ପ୍ରବେଶ କରିଯାଏ। ତା' ପରେ ଭୂତାଣୁ କ୍ଷତ ସ୍ଥାନର ଉପରକୁ ଉପରକୁ ଉଠି ପହଞ୍ଚିଯାଏ ବ୍ୟକ୍ତିର ସୁଷୁମ୍ନାକାଣ୍ଡରେ ଏବଂ ମସ୍ତିଷ୍କରେ। ଶରୀରରେ ଭୂତାଣୁ ପ୍ରବେଶ କରିବାର ୧ମାସରୁ ୩ମାସ ଭିତରେ ବ୍ୟକ୍ତିଠାରେ ପ୍ରକାଶ ପାଏ ରୋଗର ଲକ୍ଷଣ। ସ୍ଥଳ ବିଶେଷରେ ଏହି ଅବଧି ହୋଇପାରେ ମାତ୍ର ସାତଦିନ। ଆଉ କାହା କାହା କ୍ଷେତ୍ରରେ ରୋଗର ଲକ୍ଷଣ ଜାତ ହେବା ନିମନ୍ତେ ଲାଗିଯାଏ ଏକାଧିକ ବର୍ଷ।

**"ପାଗଳା କୁକୁର କାମୁଡ଼ି ରୋଗୀଠାରେ ଗଭୀର କ୍ଷତ ସୃଷ୍ଟି କରିଦେଲେ କି ନଖରେ ଆମ୍ପୁଡ଼ି ଦେଲେ କିମ୍ବା ରୋଗୀ ଶରୀରର କୌଣସି କ୍ଷତ ସ୍ଥାନକୁ ଚାଟିଦେଲେ କୁକୁରର ଲାଳରେ ଥିବା ଜଳାତଙ୍କ ଭୂତାଣୁ ସୁସ୍ଥ ଲୋକର ଦେହ ଭିତରକୁ ପ୍ରବେଶ କରିଯାଏ। ତା ପରେ ଭୂତାଣୁ କ୍ଷତ ସ୍ଥାନର ଉପରକୁ ଉପରକୁ ଉଠି ପହଞ୍ଚିଯାଏ ବ୍ୟକ୍ତିର ସୁଷୁମ୍ନାକାଣ୍ଡରେ ଏବଂ ମସ୍ତିଷ୍କରେ।"**


**କିପରି ଚିହ୍ନିବ :** ଯଦି ପ୍ରାଣୀଟି ପାଗଳା ହୋଇ ନ ଥାଏ ବା ତା' ଲାଳରେ ଜଳାତଙ୍କ ଭୂତାଣୁ ନ ଥାଏ, ତେବେ ରୋଗ ହେବାର କୌଣସି ଆଶଙ୍କା ନାହିଁ। କିନ୍ତୁ କୁକୁର କାମୁଡ଼ା ଯୋଗୁ ବ୍ୟକ୍ତିଟି ଭୂତାଣୁ ସଂକ୍ରମିତ ହୋଇ ପଡ଼ିଥିଲେ, ତା'ଠାରେ ପ୍ରକାଶ ପାଏ କେତେକ ମାମୁଲି ପ୍ରାଥମିକ ଲକ୍ଷଣ–ଯେପରିକି ମୁଣ୍ଡବିନ୍ଧା, ଦେହ ଘୋଳାବିନ୍ଧା, ତଣ୍ଟିରେ ଘାଆ ଏବଂ ଦେହରେ ସାମାନ୍ୟ ଜ୍ୱର। ଏହି ଲକ୍ଷଣମାନ ମାତ୍ର ୩–୪ ଦିନ ପାଇଁ ରହେ। ଅନେକ ରୋଗୀଙ୍କ କ୍ଷେତ୍ରରେ କାମୁଡ଼ା ସ୍ଥାନରେ ଅନୁଭୂତ ହୁଏ ଯନ୍ତ୍ରଣା ଓ ଛୁଞ୍ଚି ଫୋଡ଼ି ହେବା ଭଳି ଲକ୍ଷଣ। ପରେ ପରେ ସ୍ନାୟୁତନ୍ତ୍ରର ସମସ୍ତ ଅଂଶ ଉଦ୍ଦୀପିତ ତଥା ଉତ୍ତେଜିତ ହୋଇପଡ଼େ। ଉଚ୍ଚ ଶବ୍ଦ, ତୀବ୍ର ଆଲୋକ ଓ ଶୀତୁଆ ପବନକୁ ରୋଗୀ ସହି ପାରେନି। ଦେହରେ ପବନ ବାଜିବା ରୋଗୀକୁ ଅସହ୍ୟ ହେଉଥିଲେ ଜଳାତଙ୍କ ହୋଇଛି ବୋଲି ସନ୍ଦେହ କରିବା ଯଥେଷ୍ଟ କାରଣ ଅଛି। କାହା କାହାଠାରେ ଦେହରୁ ଝାଳ ବହେ। ପାଟିରୁ ଲାଳ ଗଡ଼େ। ଆଖିରୁ ଲୁହ ଝରେ। ରୋଗୀଠାରେ ପରିଲକ୍ଷିତ ହୁଏ କ୍ରୋଧ, ବିରକ୍ତି, ମାନସିକ ଅବସାଦ ଏବଂ ମୃତ୍ୟୁ ଭୟ। ଲକ୍ଷଣମାନ କ୍ରମେ ବଢ଼ି ବଢ଼ି ଯାଏ। ସେ ଯେତେ ଚେଷ୍ଟା କଲେ ବି ଜଳ ସମେତ କୌଣସି ତରଳ ପଦାର୍ଥ ଢୋକି ପାରେନି। ଏହି କାରଣରୁ ରୋଗୀ ଜଳକୁ ଦେଖିଲେ ଆସନ୍ନ ଯନ୍ତ୍ରଣା କଥା ଭାବି ଆତଙ୍କିତ ହୋଇପଡ଼େ। ସେଥିପାଇଁ ଏହି ରୋଗକୁ ଜଳ(ହାଇଡ୍ରୋ–) ପ୍ରତି ଆତଙ୍କ (ଫୋବିଆ) ବା 'ହାଇଡ୍ରୋଫୋବିଆ' ବୋଲି କୁହନ୍ତି। ରୋଗ ମାତ୍ର ୨–୩ ଦିନ କିମ୍ବା କଦବା କେମିତି ୫–୬ ଦିନ ସ୍ଥାୟୀ ହୋଇ ରୋଗୀ ମୃତ୍ୟୁବରଣ କରେ।

**ଚିକିତ୍ସା :** ଜଳାତଙ୍କ ରୋଗର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ତେବେ କାଳବିଳମ୍ବ ନ କରି ରୋଗୀକୁ ଡାକ୍ତରଖାନା ନେଇ ଯିବା ଉଚିତ। ଡାକ୍ତରଖାନାକୁ ନେବା ପୂର୍ବରୁ କ୍ଷତ ସ୍ଥାନକୁ ତୁରନ୍ତ ସାବୁନ୍ ଲଗାଇ ବାରମ୍ବାର ଧୋଇ ପକାଇବା ଉଚିତ। ହାତ କି ଗୋଡ଼କୁ କାମୁଡ଼ିଥିଲେ ଆକ୍ରାନ୍ତ ସ୍ଥାନକୁ ପରିଷ୍କାର ପାଣିରେ ଧୋଇଦେଲେ ଭୂତାଣୁମାନ ଧୋଇ ଯିବାରୁ ଉପକାର ମିଳେ। ସାବୁନ ଘସି ଧୋଇବା ବେଶି ହିତକର। କ୍ଷତ ସ୍ଥାନକୁ ଧୋଇସାରି ସେଠାରେ ସ୍ପିରିଟ୍, ଟିଂଚର୍ ଆୟୋଡିନ୍ କି ପ୍ରୋଭିଡନ୍ ଆୟୋଡିନ୍ ଲୋସନ୍ ଢାଳି ଦେବା ଆବଶ୍ୟକ। ଜାଣିରଖିବା ଦରକାର ଯେ, ଜଳାତଙ୍କ ଏକ ମାରାତ୍ମକ ସଂକ୍ରାମକ ରୋଗ। ରୋଗୀର ଲାଳ, ଲୁହ, ବାନ୍ତି ଓ ପରିସ୍ରାରେ ଭୂତାଣୁ ରହିଥାନ୍ତି। ତେଣୁ ରୋଗୀର ଚିକିତ୍ସା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ତଥା ନର୍ସମାନେ ମୁହଁରେ ମାସ୍କ, ହାତରେ ଗ୍ଲୋଭସ୍, ଆଖିରେ ରଙ୍ଗିନ୍ ଚଷମା ଓ ଦେହରେ ପୂରାହାତ ଆପ୍ରନ୍ ପିନ୍ଧିବା ଅପରିହାର୍ଯ୍ୟ। ଯାହା ଶରୀରରେ କୌଣସି କ୍ଷତ ଥିବ, ସେ ରୋଗୀ ସଂସ୍ପର୍ଶରେ ଆସିବା ଆଦୌ ନିରାପଦ ନୁହେଁ।

**ପ୍ରତିଷେଧକ ଟିକା :** କେତେଜଣ କୁକୁର କାମୁଡ଼ା ରୋଗୀ ଡାକ୍ତରଙ୍କ ନିକଟରେ ପହଞ୍ଚିବା ଦିନଠାରୁ ଡାକ୍ତର ଆରମ୍ଭ କରିଦିଅନ୍ତି ପ୍ରତିଷେଧକ ଟିକାର ଇଞ୍ଜେକସନ୍। ଏହାକୁ ଆଣ୍ଟିରାବିଜ୍ ଭାକ୍ସିନ୍ ବା 'ଏଆର୍‌ଭି' ବୋଲି କହନ୍ତି। ଇଞ୍ଜେକଶନ ଦିଆଯାଏ ୫ ଥର(ପ୍ରଥମ ଦିବସ, ତୃତୀୟ ଦିବସ, ସପ୍ତମ ଦିବସ, ୧୪ତମ ଦିବସ ଓ ୨୮ତମ ଦିବସ)। ଇଞ୍ଜେକଶନ ଦିଆଯାଏ ବାହୁରେ କି ପିଚାର ମାଂସପେଶୀରେ। ଯେଉଁମାନେ ଘରେ ପୋଷା କୁକୁର କି ବିରାଡ଼ି ପାଳି ଥାଆନ୍ତି ସେମାନେ ଏମାନଙ୍କୁ ପ୍ରାଣୀ ଚିକିତ୍ସାଳୟକୁ ନେଇ ଜଳାତଙ୍କ ନିରୋଧୀ ପ୍ରତିଷେଧକ ଟିକା ଦେବା ଦରକାର।

ଜଳାତଙ୍କ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ଏହାର ନିରାକରଣ କରିବା ପାଇଁ ରୋଗର ମାରାତ୍ମକତା ଏବଂ ନିରାକରଣମୂଳକ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କୁ ତଥ୍ୟ ପ୍ରଦାନ କରିବା ଆବଶ୍ୟକ। ସୁତରାଂ ଜନସାଧାରଣ ଜଳାତଙ୍କ ରୋଗ ସମ୍ପର୍କରେ ପରିଚିତ ହେବା ସଙ୍ଗେ ସଙ୍ଗେ ମନରୁ ରୋଗ ଭୟ ଦୂରୀଭୂତ କରାଇବା ସର୍ବାଦୌ ଆବଶ୍ୟକ। ଜଳାତଙ୍କର ମୂଳୋତ୍ପାଟନ ପାଇଁ ପ୍ରତିଷେଧକ ଟିକା ଓ ସମସ୍ତଙ୍କର ସହଯୋଗ ଏକାନ୍ତ ଅପରିହାର୍ଯ୍ୟ।

*–ଅଭୀପ୍ସା, ସେକ୍ଟର–୬, ପ୍ଲଟ୍–୧୧୩୧*
*ଅଭିନବ ବିଡ଼ାନାସୀ, କଟକ*
*ମୋ: ୯୪୩୭୭୬୬୧୧୭*



ନୋବେଲ ବିଜ୍ଞାନୀ

# ଲୁଇସ୍ ୱାଲ୍ଟର ଆଲ୍‌ଭାରେଜ୍




ଲୁଇସ୍ ୱାଲ୍ଟର ଆଲଭାରେଜ

ଲୁଇସ୍ ୱାଲ୍ଟର ଆଲ୍‌ଭାରେଜ୍ ଜଣେ ଆମେରିକୀୟ ପଦାର୍ଥ ବିଜ୍ଞାନୀ। କେବଳ ସେତିକି ନୁହେଁ, ଜଣେ ଉଦ୍ଭାବକ ଏବଂ ପ୍ରଫେସର ଭାବରେ ତାଙ୍କର ଖ୍ୟାତି ରହିଛି। ୧୯୬୮ ମସିହାରେ ପଦାର୍ଥ ବିଜ୍ଞାନରେ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ହାଇଡ୍ରୋଜେନ୍ ବବୁଲ୍ ଚାମ୍ବରର ବିକାଶ ପାଇଁ ତାଙ୍କୁ ଏପରି ସମ୍ମାନଜନକ ପୁରସ୍କାର ମିଳିଥିଲା। ୧୯୧୧ ଜୁନ୍ ୧୩ ତାରିଖରେ ଆମେରିକାର ସାନ୍ ଫ୍ରାନ୍ସିସ୍କୋ ସହରରେ ସେ ଜନ୍ମ ଗ୍ରହଣ କରିଥିଲେ। ଛାତ୍ର ଜୀବନରୁ ସେ ପଦାର୍ଥ ବିଜ୍ଞାନ ଏବଂ ତତ୍ ସମ୍ପର୍କିତ ଗବେଷଣା ପ୍ରତି ଅଧିକ ଆକର୍ଷିତ ହୋଇଥିଲେ। ୧୯୩୬ ମସିହାରେ ଶିକାଗୋ ୟୁନିଭର୍ସିଟିରୁ ସେ ପଦାର୍ଥ ବିଜ୍ଞାନରେ ପିଏଚ୍.ଡି. ଡିଗ୍ରୀ ହାସଲ କରିଥିଲେ। ଏହାପରେ ଆମେରିକାର ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଏର୍ନେଷ୍ଟ ଲରେନ୍ସଙ୍କ ସହ ମିଶି ଗବେଷଣା ଆରମ୍ଭ କରିଥିଲେ। ଏହି ସମୟରେ ଲୁଇସ୍ ସାଇକ୍ଲୋଟ୍ରୋନ୍ କଣିକା ବ୍ୟବହାର କରି ଟ୍ରିଟିୟମ୍ ପ୍ରସ୍ତୁତ କରିଥିଲେ, ଯାହାକୁ ଆଧାର କରି ସେ ସାଉଁଟିଥିଲେ ଅନେକ ପ୍ରଶଂସା। କେବଳ ସେତିକି ନୁହେଁ, ସେ ନ୍ୟୁଟ୍ରନ୍‌ର ଚୁମ୍ବକୀୟ ତତ୍ତ୍ୱକୁ ମଧ୍ୟ ମାପିଥିଲେ।

୧୯୪୦ରେ ଲୁଇସ୍ ଏମ୍‌ଆଇଟି ରେଡିଏଶନ ଲାବରେଟୋରିରେ ଯୋଗ ଦେଇଥିଲେ। ଏହି ଲାବରେଟୋରିରେ ମାଇକ୍ରୋୱେଭ୍ ଓ ରାଡାର ବିଷୟରେ ଅନୁସନ୍ଧାନ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ରାଡାର ପ୍ରୋଜେକ୍ଟରେ ସେ କାମ କରିଥିଲେ। ଶତ୍ରୁମାନଙ୍କର ବୁଡ଼ାଜାହାଜ ବିଷୟରେ ଜାଣିବାକୁ 'ଭିକ୍ସେନ୍' ନାମକ ବାୟୁବାହୀ ମାଇକ୍ରୋୱେଭ ରାଡାର ପ୍ରସ୍ତୁତ କରି ଚର୍ଚ୍ଚିତ ହୋଇଥିଲେ ଏହି ନୋବେଲ ପୁରସ୍କାରପ୍ରାପ୍ତ ପଦାର୍ଥ ବିଜ୍ଞାନୀ।

ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ସେ ବେଶ୍ କେତୋଟି ନୂଆ ତଥ୍ୟ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଥିଲେ। ହେଲେ କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହେବା ଫଳରେ ତାଙ୍କର ଗବେଷଣା ବାଧାପ୍ରାପ୍ତ ହୋଇଥିଲା। ଶେଷରେ ଜୀବନଯୁଦ୍ଧରେ ହାରିଯାଇ ଥିଲେ ଲୁଇସ୍। ୧୯୮୮ ସେପ୍ଟେମ୍ବର ୧ରେ ସେ ପରଲୋକ ଗମନ କରିଥିଲେ। ହେଲେ ପଦାର୍ଥ ବିଜ୍ଞାନ ପାଇଁ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ।

# ସ୍ମରଣ ଶକ୍ତି କମାଏ ଗ୍ଲୁକୋଜ୍ ପରିମାଣ



ସାଧାରଣତଃ ଶରୀରରେ ଗ୍ଲୁକୋଜ୍‌ର ପରିମାଣ ୭.୮ମିଲିମୋଲ୍ ରହିଲେ, ତାହାକୁ ଗ୍ଲୁକୋଜର ସାଧାରଣ ସ୍ତର ବୋଲି ଗଣନା କରାଯାଇଥାଏ। ହେଲେ, ଏହାର ପରିମାଣ ସର୍ବାଧିକ ୧୧.୧ମିଲିମୋଲ୍ ହୋଇଗଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ରକ୍ତରେ ଗ୍ଲୁକୋଜ୍‌ର ପରିମାଣ ଆବଶ୍ୟକତାଠାରୁ ବଢ଼ିଲେ କି କମିଲେ ଏହାର ପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ। ଫଳରେ ଆମ ସ୍ମରଣ ଶକ୍ତି ପ୍ରଭାବିତ ହୋଇଥାଏ। ନିକଟରେ ୟୁନିଭର୍ସିଟି ଅଫ୍ ଟୁର୍‌କୁ ଏବଂ ଫିନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହେଲଥ୍ ଆଣ୍ଡ ୱେଲ୍‌ଫେୟାର୍ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏ ବିଷୟରେ ଜଣାପଡ଼ିଛି। ଏହାଦ୍ୱାରା ଡାଇବେଟିସ୍‌ର ମାତ୍ରା ମଧ୍ୟ ବହୁ ମାତ୍ରାରେ ବଢ଼ିଯାଏ। ସେହିପରି ଶରୀରରେ ଇନ୍‌ସୁଲିନ୍ ସେନ୍‌ସିଟିଭିଟି କମିବା, ମେଦବହୁଳତା, ମେଟାବୋଲିକ୍ ସିଣ୍ଡ୍ରୋମ୍ ଭଳି ଅନେକ ରୋଗ ଦେଖାଦିଏ। ତେଣୁ ଏହା ଉଭୟ ମସ୍ତିଷ୍କ ଓ ଶରୀର ପାଇଁ କ୍ଷତିକାରକ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସ୍ୱାସ୍ଥ୍ୟ ସୂଚନା



- ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ଏବଂ କିଛିଦିନ ଧରି ଦୃଷ୍ଟିଶକ୍ତିଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ବିଳମ୍ବ ନ କରି ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ଯଦି ବ୍ଲଡ୍‌ପ୍ରେସର ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ମେଡିସିନ୍ ଖାଉଛନ୍ତି ତେବେ ନିୟମିତ ସମୟ ଅନ୍ତରାଳରେ ବ୍ଲଡ୍‌ପ୍ରେସର କେତେ ରହୁଛି ତାହା ମାପି ନିଅନ୍ତୁ। ତା'ସହ ମନକୁ ମନ ଏହି ମେଡିସିନ୍ ଖାଇବା ବନ୍ଦ କରନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ଆଲୋଚନା କରିବାକୁ ଭୁଲନ୍ତୁ ନାହିଁ।
- ପ୍ରତିଦିନ ଯଦି ବ୍ୟାୟାମ କରୁଛନ୍ତି ତାହା ତ ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏହି ତାଲିକାରେ ଯୋଗ, ପ୍ରାଣାୟାମ ସାମିଲ କରନ୍ତୁ।
- କଦାପି ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। ଏହି ସମୟରେ ଲୋଭକୁ ନିୟନ୍ତ୍ରଣରେ ରଖନ୍ତୁ। କାରଣ ବେଳେବେଳେ ଏପରି ଅଧିକ ଖାଇବା ଏକ ଅଭ୍ୟାସରେ ପରିଣତ ହୋଇଯାଏ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଆନ୍ତୁ।
- ଘରେ ଯଦି କିଛି ମେଡିସିନ୍ ରଖୁଛନ୍ତି ତେବେ ସେ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବା ଭଲ।
- ଖାଇବା ପୂର୍ବରୁ ପାଣି ପିଉଛନ୍ତି କି ? ଯଦି ଏପରି ଅଭ୍ୟାସ ଅଛି ତେବେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହାର ଖରାପ ପ୍ରଭାବ ପାଚନ କ୍ରିୟା ଉପରେ ପଡିଥାଏ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୭/୨୦୨୧ Bhubaneswar, Monday, September 27/ 2021

# ଓଡ଼ିଶା ରାଜ୍ୟ ସନ୍ତରଣ ଉଦ୍‌ଯାପିତ

**ଭୁବନେଶ୍ୱର, ୨୬।୯ (ସ୍ପୋର୍ଟସ୍ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ବିଜୁ ପଟ୍ଟନାୟକ ସୁଇମିଂ କମ୍ପ୍ଲେକ୍ସରେ ୬୧ତମ ଓଡ଼ିଶା ରାଜ୍ୟ ସନ୍ତରଣ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ବାତ୍ୟା ଗୁଲାବର ପ୍ରଭାବରେ ଚ୍ୟାଲେଞ୍ଜିଂ ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ସଫଳତାର ସହ ଏହି ଚାମ୍ପିୟନଶିପ୍ ଶେଷ

**ମନ୍ନତା, ଦିବ୍ୟଙ୍କା, ଜାଡୁଙ୍କୁ ୧୦ ଲେଖାଏ ପଦକ**

ହୋଇଛି। କିଛିଦିନ ତଳେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଓଡ଼ିଶା ସୁଇମିଂ ଆସୋସିଏଶନର ମିଳିତ ଉଦ୍ୟମରେ ଏହି ସୁଇମିଂ କମ୍ପ୍ଲେକ୍ସର ପୁନର୍ଗଠନ କରାଯାଇଥିଲା।

ଶନି ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ଏହି ଚାମ୍ପିୟନଶିପ୍‌ରେ ୧୬ଟି ଜିଲାରୁ ୧୯୮ ଜଣ ସନ୍ତରଣକାରୀ ୧୪୦ଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏଥିରେ ମନ୍ନତା ମିଶ୍ର, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ଓ ଜାଡୁ ବୁଡେକ ୧୦ଟି ଲେଖାଏ ପଦକ ହାସଲ କରିଛନ୍ତି। ଏହି ୩ ଖେଳାଳି ଜୁନିୟର ଓ ସିନିୟର ବର୍ଗରେ ଅଂଶଗ୍ରହଣ କରିଥିଲେ। ସେହିପରି ପ୍ରତ୍ୟାଶା ରାୟ ଓ ଶୁଭ୍ରାଂଶ ପାତ୍ର ସିନିୟର ବର୍ଗରେ ୫ଟି ଲେଖାଏ ପଦକ ଜିତିଛନ୍ତି। ପ୍ରଥମ ଦିବସରେ ମନ୍ନତ ମିଶ୍ର ଜାତୀୟ ୫୦ ବ୍ରେଷ୍ଟ ଷ୍ଟ୍ରୋକ ଇଭେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଚାମ୍ପିୟନଶିପ୍‌ର ଏହି ସଂସ୍କରଣ ସବୁଠାରୁ ବ୍ୟବସ୍ଥିତ ଓ ସୁନ୍ଦର ଭାବେ ଆୟୋଜିତ ହୋଇଛି। ରାଜ୍ୟର ଉଦୀୟମାନ ସନ୍ତରଣକାରୀମାନେ ଏଠାରେ ଟ୍ରେନିଂ ନେବାର ସୁବିଧା ପାଇବେ। ଏଠାରେ ଫିଜିଓଥେରାପି ଓ ସ୍ପୋର୍ଟସ ସାଇନ୍ସର ସୁବିଧା ଉପଲବ୍ଧ ହେବ।




୧୦ଟି ଲେଖାଏ ପଦକ ଜିତିଥିବା ମନ୍ନତା ମିଶ୍ର ଓ ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ।

## ଶ୍ରୁତି ବାଳିକା, ତୌସିଫ୍ ବାଳକ ଚାମ୍ପିୟନ

**କଟଣୀ,୨୬।୯:** ସ୍ଥାନୀୟ ଆଶ୍ରୟ ଇନ୍‌ଡୋର ହଲଠାରେ ଖୋର୍ଦ୍ଧା ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଏବଂ ବାଳିକା ଏସ୍‌ଜେଡ୍ ଓଏସ୍‌ବିଏ ସର୍ବଭାରତୀୟ ଟେଷ୍ଟ ର୍‌ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡିଶାର ବିଭିନ୍ନ ଜିଲାରୁ ବାଳକ ଏବଂ ବାଳିକା ବିଭାଗରେ ୧୫୬ ପ୍ରତିଯୋଗୀ ଭାଗ ନେଇଥିଲେ। ବାଳିକା ସିଙ୍ଗଲ୍ସରେ ଶ୍ରୁତି ସ୍ୱାଇଁ, ବାଳକ ସିଙ୍ଗଲ୍ସରେ ତୌସିଫ, ମିକ୍ସଡ ଡବଲ୍ସରେ ଆୟୁଷ ପଟ୍ଟନାୟକ ଓ ଶ୍ରେୟା ବିଶ୍ୱାଳ, ବାଳିକା ଡବଲ୍ସରେ ଶ୍ରୁତି ସ୍ୱାଇଁ ଓ ହର୍ଷିତା ରାଉତ, ବାଳକ ଡବଲ୍ସରେ ଆୟୁଷ ପଟ୍ଟନାୟକ ଏବଂ ଆୟୁଷ ଦାସ ଚାମ୍ପିୟନ ହୋଇଛନ୍ତି। ରବିବାର ବାଳିକା ସିଙ୍ଗଲ୍ସ ଶ୍ରୁତି ସ୍ୱାଇଁ(କଟକ) ଏବଂ ବିଶାଖା ଟୋପୋ(ସୁନ୍ଦରଗଡ)ଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୁତି ୨୧-୧୧, ୨୧-୯ରେ ବିଜୟ ଲାଭ କରିଥିଲେ। ବାଳକ ବିଭାଗରେ ତୌସିଫ୍ ଖାଁ (ସମ୍ବଲପୁର) ଭୁବନେଶ୍ୱରର ଅଭିଜିତ ମହାରଣାଙ୍କୁ ୨୧-୧୩ ଓ ୨୧-୧୨ରେ ପରାସ୍ତ କରିଥିଲେ। ସେହିପରି ମିକ୍ସଡ ଡବଲ୍ସରେ ଆୟୁଷ ପଟ୍ଟନାୟକ ଓ ଶ୍ରେୟା ବିଶ୍ୱାଳ ୧୮-୨୧, ୨୧-୧୫ ଓ ୨୧-୧୪ରେ ଅମୃତ ମହାନ୍ତି ଓ ଶ୍ରୁତି ସ୍ୱାଇଁଙ୍କୁ ହରାଇ ଦେଇଥିଲେ। ବାଳିକା ଡବଲ୍ସରେ ଶ୍ରୁତି ସ୍ୱାଇଁ ଓ ହର୍ଷିତା ରାଉତ ୨୧-୧୭, ୨୧-୧୫ରେ ଅନୁପା ଦାସମହାପାତ୍ର ଓ ଶ୍ରେୟା ବିଶ୍ୱାଳଙ୍କୁ ପରାସ୍ତ କରିଥିଲେ।

ASBM UNIVERSITY
Green Campus Bhubaneswar
ADMISSION - 2021
MBA for WORKING PROFESSIONALS
HR | FINANCE | MARKETING | OPERATIONS, LSCM | IT
Ph.D. in MANAGEMENT
HR | FINANCE | MARKETING | OPERATIONS, LSCM | IT
Also offers :
MBA | M.Com. | M.A. - English | M.A. - Economics | BBA (Hons.) |
BBA-E-Commerce | B.Com. (Hons.) | B.A. - English (Hons.) |
B.A.- Economics (Hons.) | B.Sc. - IT Management | M.Sc. - IT Management
For details : www.asbm.ac.in | Last Date : 30.09.2021
Tel.: 0674-2744881-882 | 9040884628 | 7749939643 | Email: admission@asbm.ac.in

## ସିଜନ ୨୦୨୧ରେ ସାନିଆଙ୍କୁ ପ୍ରଥମ ଟାଇଟଲ

**ଓଷ୍ଟ୍ରାଭା (ଚେକ୍ ରିପବ୍ଲିକ୍), ୨୬।୯:** ଭାରତର ଷ୍ଟାର ଟେନିସ ଖେଳାଳି ସାନିଆ ମିର୍ଜା ସିଜନ ୨୦୨୧ରେ ତାଙ୍କ ପ୍ରଥମ ଟାଇଟଲ ହାସଲ କରିଛନ୍ତି। ଏଠାରେ ରବିବାର ଅନୁଷ୍ଠିତ ଓଷ୍ଟ୍ରାଭା ଓପନ୍ ଟେନିସ ପ୍ରତିଯୋଗିତା ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ଓ ତାଙ୍କ ଚାଇନିଜ ପାର୍ଟନର ଶୁଆଇ ଝାଙ୍ଗ୍ କେଟ୍‌ଲିନ୍ କ୍ରିଷ୍ଟିଆନ୍ ଓ ଏରିନ୍ ରୁଟ୍‌ଲାଇଫ୍‌ଙ୍କୁ ହରାଇ ଦେଇଛନ୍ତି। ଇଣ୍ଡୋ-ଚାଇନିଜ ଦ୍ୱିତୀୟ ସିଡ୍ ୬-୩, ୬-୨ ସେଟ୍‌ରେ ଆମେରିକାନ କ୍ରିଷ୍ଟିଆନ୍ ଓ ନ୍ୟୁଜିଲାଣ୍ଡର ରୁଟ୍‌ଲାଇଫ୍‌ଙ୍କୁ ପରାସ୍ତ କରିଛନ୍ତି। ମ୍ୟାଚଟି ଏକ ଘଣ୍ଟା ୪ ମିନିଟ୍‌ରେ ଶେଷ ହୋଇଥିଲା। ପୂର୍ବରୁ ଏହି ଡବ୍ଲ୍ୟୁଟିଏ ୫୦୦ ଇଭେଣ୍ଟର ସେମିଫାଇନାଲରେ ୩୪ବର୍ଷୀୟା ସାନିଆ ଓ ଝାଙ୍ଗ୍ ଜାପାନିଜ ଯୋଡ଼ିଙ୍କୁ ୬-୨, ୭-୫ରେ ହରାଇ ଦେଇଥିଲେ। ସିଜନରେ ସାନିଆଙ୍କର ଏହା ହେଉଛି ଦ୍ୱିତୀୟ ଫାଇନାଲ।

# ୩ କିସ୍ ପ୍ରତିଯୋଗୀଙ୍କୁ ୧୫ ପଦକ

**ଭୁବନେଶ୍ୱର, ୨୬।୯(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ସୁଇମିଂ ଆସୋସିଏଶନ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସନ୍ତରଣାଗାରରେ ଅନୁଷ୍ଠିତ ୬୧ତମ ରାଜ୍ୟ ସନ୍ତରଣ ପ୍ରତିଯୋଗିତାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ୩ ପ୍ରତିଯୋଗୀ ୧୫ଟି ପଦକ ପାଇଛନ୍ତି। ୩ ଜଣ ଯାକ ଗ୍ରୁପ୍-୩ ବାଳକ ବିଭାଗରେ ଅଂଶଗ୍ରହଣ କରି ୧୦ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ସିଙ୍ଘାରୀ ହାଁସଦା ଗ୍ରୁପ-୩ ବାଳକ ବିଭାଗରେ ଚାମ୍ପିୟନ ବିବେଚିତ ହୋଇଥିଲେ। ସିଙ୍ଘାରୀ ୫୦ ମିଟର ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ, ୧୦୦ ମିଟର ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ, ୧୦୦ ମିଟର ବଟରଫ୍ଲାଏ ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ, ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେରେ ସ୍ୱର୍ଣ୍ଣ ଏବଂ ୫୦ ମିଟର ବଟରଫ୍ଲାଏ ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ଜିତିଥିଲେ। ସେହିପରି ସାହିଲ ମାଝି ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ, ୫୦ ମିଟର ବଟରଫ୍ଲାଏ ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ, ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ, ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେରେ ରୌପ୍ୟ ଓ ୫୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ପଦକ ପାଇଥିଲେ। ଭାଦୁ ହାଁସଦା ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ, ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ, ୨୦୦ ମିଟର ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ, ୧୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ

**ରାଜ୍ୟ ସନ୍ତରଣ ଚାମ୍ପିୟନଶିପ୍**

ଓ ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ପାଇଥିଲେ। ଏହି ତିନିଜଣଙ୍କର କୋଚ୍ ହେଉଛନ୍ତି ଦୀପଙ୍କର ଦାସ। ପ୍ରତିଯୋଗିତାରେ ଭାଗ ନେଇଥିବା ରାଜ୍ୟର ୨୨୦ ପ୍ରତିଯୋଗୀଙ୍କୁ କିଟ୍ ପକ୍ଷରୁ ରହିବା, ଖାଇବା ଏବଂ ଗମନାଗମନର ବ୍ୟବସ୍ଥା କରାଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା ୩ ପ୍ରତିଯୋଗୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।




କୃତୀତ୍ୱ ଅର୍ଜନ କରିଥିବା କିସ୍‌ର ୩ ପ୍ରତିଯୋଗୀ କୋଚ୍‌ଙ୍କ ସହ।

# ଓଡ଼ିଶା ବାଳିକା, ବାଳକ ଦଳକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୬।୯(କ୍ରୀଡ଼ା ପ୍ରତିନିଧି)**

**ଜାତୀୟ ଜୁନିୟର ଖୋ ଖୋ ଉଦ୍‌ଯାପିତ**
- ଉଭୟ ବାଳିକା ଓ ବାଳକରେ ମହାରାଷ୍ଟ୍ରକୁ ସ୍ୱର୍ଣ୍ଣ
- କୋହ୍ଲାପୁର ବାଳିକା ଓ ଦିଲ୍ଲୀ ବାଳକଙ୍କୁ ରୌପ୍ୟ

କିଟ୍ ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୪୦ତମ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଉଭୟ ବାଳିକା ଓ ବାଳକ ବିଭାଗରେ ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରିଛି। ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍‌ରେ ଓଡ଼ିଶା ବାଳିକା କର୍ଣ୍ଣାଟକକୁ ଏବଂ ବାଳକ ପଶ୍ଚିମବଙ୍ଗକୁ ପରାସ୍ତ କରିଛନ୍ତି। ମହାରାଷ୍ଟ୍ର ଉଭୟ ବାଳିକା ଓ ବାଳକ ବିଭାଗରେ ଚାମ୍ପିୟନ ହୋଇଛି। ଏହି ଦଳ ବାଳିକା ବିଭାଗ ଫାଇନାଲରେ କୋହ୍ଲାପୁରକୁ ୩ ପଏଣ୍ଟରେ ଏବଂ ବାଳକ ଦଳ ଦିଲ୍ଲୀକୁ ଏକ ଇନିଂସ ଓ ୨ ପଏଣ୍ଟରେ ହରାଇ ଦେଇଛନ୍ତି। ୨୦୧୯ରେ ଅନୁଷ୍ଠିତ ପୂର୍ବ ସଂସ୍କରଣରେ ଓଡ଼ିଶା ବାଳିକା ୫ମ ଓ ବାଳକ ୧୩ତମ ସ୍ଥାନରେ ରହିଥିଲେ। ତେଣୁ ଏଥର ଓଡ଼ିଶା ଉଭୟ ବିଭାଗରେ ଏଥର ଉନ୍ନତ ପ୍ରଦର୍ଶନ କରିଛି। ଓଡ଼ିଶାର ଉଭୟ ବାଳିକା ଓ ବାଳକ ଦଳ ଭଲ ଖେଳିଥିଲେ ହେଁ ଏଥର ସେମିଫାଇନାଲରେ ହାରି ଯାଇଥିଲେ। ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ବାଳିକା ବିଭାଗରେ ଓଡ଼ିଶା (୧୧-୧୦) ମାତ୍ର ୧ ପଏଣ୍ଟରେ ମହାରାଷ୍ଟ୍ର ଏବଂ ବାଳକ ଦଳ (୧୫-୧୪) ସେହି ସମାନ ବ୍ୟବଧାନରେ ମହାରାଷ୍ଟ୍ରଠାରୁ ପରାସ୍ତ ହୋଇଥିଲା।

ବାଳକ ବିଭାଗରେ ଓଡ଼ିଶାର ପବନି ସବର ଶ୍ରେଷ୍ଠ ଚେଜର, ଦିଲ୍ଲୀର ରିତିକ ଶ୍ରେଷ୍ଠ ଡିଫେଣ୍ଡର ଏବଂ ଆଦିତ୍ୟ ଖୁଡାଲେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ଼ ବାଳିକା ବିଭାଗରେ ମହାରାଷ୍ଟ୍ରର ଭୃଶାଲି ଭୋୟେ ଶ୍ରେଷ୍ଠ ଚେଜର, କୋହ୍ଲାପୁରର ବୈଷ୍ଣବୀ ପାୱାର ଶ୍ରେଷ୍ଠ ଡିଫେଣ୍ଡର ଏବଂ ମହାରାଷ୍ଟ୍ରର ଅଶ୍ୱିନୀ ଶିନ୍ଦେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ ୩ ଲକ୍ଷ, ରନର୍ସଅପ୍‌କୁ ୨ ଲକ୍ଷ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଦଳକୁ ପୁରସ୍କାର ଆକାରରେ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ବ୍ୟକ୍ତିଗତ ପୁରସ୍କାର ଆକାରରେ ମୋଟ ୨୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ନାଲ୍‌କୋ ଚେୟାରମ୍ୟାନ ଶ୍ରୀଧର ପାତ୍ର, ସମ୍ମାନିତ ଅତିଥି ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ଓ କମିଶନର ଆର. ଭିନିଲ କ୍ରିଷ୍ଣା, କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏବଂ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆର ମହାଶଚିବ ଏମ୍.ଏସ. ତ୍ୟାଗୀ ଫାଇନାଲ ମ୍ୟାଚ ଉପଭୋଗ କରିଥିଲେ। ସେପ୍ଟେମ୍ବର ୨୨ରୁ ୨୬ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ୫୩ଟି ଦଳର ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଜାତୀୟ ଚାମ୍ପିୟନଶିପ୍ ଓଡ଼ିଶା ଖୋ ଖୋ ଆସୋସିଏଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା।




ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ବାଳିକା ଓ ବାଳକ ଦଳ।

# ଶେଷ ବଲରେ ଜିତିଲା ଚେନ୍ନାଇ

**ଆବୁଧାବି,୨୬।୯**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୩୮ତମ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଶେଷ ବଲରେ କୋଲକାତା ନାଇଟ ରାଇଡର୍ସଙ୍କୁ ୨ ଉଇକେଟରେ ରୋମାଞ୍ଚକ ଢଙ୍ଗରେ ପରାସ୍ତ କରି ବିଜୟଧାରାକୁ ଫେରିଛି। ଏହି ମ୍ୟାଚ୍‌ରେ ଟସ୍ ଜିତି କୋଲକାତା ନାଇଟ ରାଇଡର୍ସ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୭୧ରନ ସଂଗ୍ରହ କରିଥିଲା। ଜବାବରେ ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୮ ଉଇକେଟ ହରାଇ ଶେଷ ବଲରେ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଏହି ବିଜୟ ସହ ଚେନ୍ନାଇ ୧୦ ମ୍ୟାଚ୍ ଖେଳି ୮ ବିଜୟ ଓ ୨ ପରାଜୟ ସହ ୧୬ ପଏଣ୍ଟ ହାସଲ କରି ପଏଣ୍ଟ ତାଲିକା ଶୀର୍ଷକୁ ଉଠିଛି। ଅନ୍ୟପଟେ କୋଲକାତା ୧୦ ମ୍ୟାଚ ଖେଳି ୪ ବିଜୟ, ୬ ପରାଜୟ ସହ ୮ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି।

୧୭୨ ରନ ଟାର୍ଗେଟର ପିଛା କରି ଚେନ୍ନାଇ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଋତୁରାଜ ଗାଏକ୍ୱାଡ ଓ ଫାଫ୍ ଡୁପ୍ଲେସି ୫୦ ବଲରୁ ୭୪ ରନ ସଂଗ୍ରହ କରିଥିଲେ। ୨୮ ବଲରୁ ୨ ଚୌକା ଓ ୩ ଛକା ସହ ଋତୁରାଜ ୪୦ ରନ କରି ଆଉଟ ହୋଇଥିଲେ। ସେହିପରି ଡୁପ୍ଲେସି ୩୦ ବଲରୁ ୭ ଚୌକା ସହ ୪୩ ରନ ସଂଗ୍ରହ କରି ପ୍ୟାଭିଲିୟନ ଫେରିଥିଲେ। ଅଲରାଉଣ୍ଡର ମୋଇନ ଅଲି ୩୨ ରନ (୨୮ ବଲ, ୨ ଚୌକା, ୧ ଛକା) କରି ଆଉଟ ହୋଇଥିବା ବେଳେ ଅମ୍ବାତି ରାୟୁଡୁ ୯, ସୁରେଶ ରାଇନା ୧୧, ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଚେନ୍ନାଇ ୧୪୨ ରନରେ ୬ ଉଇକେଟ ହରାଇ ବିପଦରେ ପଡିଥିଲା। ତେବେ ସପ୍ତମ ଉଇକେଟରେ ରବୀନ୍ଦ୍ର ଜାଡେଜା ଓ ସାମ କୁରାନ ୧୦ ବଲରୁ ୨୬ ରନ କରିଥିଲେ। ୧୯ତମ ଓଭରରେ ପ୍ରସିଦ୍ଧ କ୍ରିଷ୍ଣା ୨୨ ରନ ବ୍ୟୟ କରିଥିଲେ ଓ ଏହି ଓଭରରେ ଜାଡେଜା ୨ଟି ଲେଖାଏ ଚୌକା ଓ ଛକା ସହ ୨୧ ରନ ସଂଗ୍ରହ କରିଥିଲେ। ଅନ୍ତିମ ଓଭରରେ କୁରାନ ୪ ଓ ଜାଡେଜା ୨୨ ରନ (୮ ବଲ, ୨ ଚୌକା, ୨ ଛକା) କରି ଆଉଟ ହେବା ସହ ସୁନୀଲ ନାରିନଙ୍କ ଶିକାର ହୋଇଥିଲେ। ଶାର୍ଦ୍ଦୁଳ ଠାକୁର ୩ ଓ ଦୀପକ ଚହର ବିଜୟ ସୂଚକ ୧ ରନ କରି ଦଳକୁ ଜିତାଇଥିଲେ। ବୋଲିଂରେ କୋଲକାତା ତରଫରୁ ସୁନୀଲ ନାରିନ ୩, କ୍ରିଷ୍ଣା, ଲୋକି ଫର୍ଗୁସନ, ବରୁଣ ଚକ୍ରବର୍ତ୍ତୀ, ଆନ୍ଦ୍ରେ ରସେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ଆଇପିଏଲ୍-୧୪**

ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା କୋଲକାତା ଓପନର ଶୁବମନ ଗିଲଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଶୁବମନ ୯ ରନ କରିଥିବା ଅମ୍ବାତି ରାୟୁଡୁଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୭୧/୬ (ରାହୁଲ ତ୍ରିପାଠି- ୪୫, ନୀତୀଶ ରାଣା- ୩୭*, ଦୀନେଶ କାର୍ତ୍ତିକ- ୨୬, ଆନ୍ଦ୍ରେ ରସେଲ-୨୦, ଭେଙ୍କଟେଶ ଆୟାର-୧୮, ଜୋଶ ହାଜେଲଉଡ- ୨/୪୦, ଶାର୍ଦ୍ଦୁଳ ଠାକୁର- ୨/୨୦, ରବୀନ୍ଦ୍ରଜାଡେଜା- ୧/୨୧)। ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୭୨/୮ (ଫାଫ୍ ଡୁପ୍ଲେସି- ୪୩, ଋତୁରାଜ- ୪୦, ମୋଇନ ଅଲି- ୩୨, ଜାଡେଜା- ୨୨, ସୁନୀଲ ନାରିନ-୩/୪୧)।



ଶଟ୍ ଖେଳିବା ଅବସରରେ ମ୍ୟାନ ଅଫ୍ ଦି ମ୍ୟାଚ ରବୀନ୍ଦ୍ର ଜାଡେଜା।

## କୋହଲି, ମ୍ୟାକ୍ସୱେଲଙ୍କ ଅର୍ଦ୍ଧଶତକ

**ଦୁବାଇ, ୨୬।୯:** ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ୨୦ ଓଭରରେ ୬ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ଶୀଘ୍ର ଦେବଦତ୍ତ ପଡିକାଲ(୦)ଙ୍କ ଉଇକେଟ ହରାଇଥିଲେ ହେଁ ଅଧିନାୟକ ବିରାଟ କୋହଲି ଓ ଶ୍ରୀକର ଭରତ ଦ୍ୱିତୀୟ ଉଇକେଟରେ ୪୩ ବଲ୍‌ରୁ ୬୮ ରନ ଯୋଗକରି ଇନିଂସ ସମ୍ଭାଳିଥିଲେ। ଭରତ ୨୪ ବଲ୍‌ରୁ ୩୨(୨ ଚୌକା, ୨ ଛକା) ରନରେ ଆଉଟ ହୋଇଥିବାବେଳେ କୋହଲି ହାସଲ କରିଥିଲେ ଅର୍ଦ୍ଧଶତକ। ସେ ୪୨ ବଲ୍‌ରୁ ୫୧(୩ ଚୌକା, ୩ ଛକା) ରନ କରିଥିଲେ। ମିଡଲ ଅର୍ଡରରେ ଗ୍ଲେନ ମ୍ୟାକ୍ସୱେଲ ୩୭ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ୫୬ ରନ କରିଥିଲେ। ପରେ ଏବି ଡି'ଭିଲିର୍ସ ୧୧ ଓ ଶାହାବାଜ ଅହମଦ ୧ ରନରେ ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୬୫/୬ (ଗ୍ଲେନ ମ୍ୟାକ୍ସୱେଲ-୫୬, ବିରାଟ କୋହଲି-୫୧, ଯଶପ୍ରୀତ୍ ବୁମ୍‌ରା- ୩/୩୬, ଟ୍ରେଣ୍ଟ ବୋଲ୍ଟ-୧/୧୭, ଆଡାମ ମିଲ୍‌ନେ-୧/୪୮, ରାହୁଲ ଚହର-୧/୩୩)।

# ବିଜୟଧାରାକୁ ଫେରିବା ଲକ୍ଷ୍ୟରେ ରାଜସ୍ଥାନ

**ଦୁବାଇ,୨୬।୯**

ଇଣ୍ଡିଆନପ୍ରିମିୟରଲିଗ୍(ଆଇପିଏଲ୍) ଫେଜ୍-୨ରେ ସୋମବାର ସଞ୍ଜୁ ସାମ୍‌ସନଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ଓ କେନ୍ ୱିଲିୟମସନଙ୍କ ସନ ରାଇଜର୍ସ ହାଇଦ୍ରାବାଦ ପରସ୍ପରକୁ ଭେଟିବେ। ପ୍ଲେ- ଅଫ୍ ଆଶା ଉଜ୍ଜୀବିତ ରଖିବାକୁ ହେଲେ ରାଜସ୍ଥାନ ରୟାଲ୍ସଙ୍କୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ। ତେବେ ଏଥିପାଇଁ ଅଧିନାୟକ ସାମ୍‌ସନଙ୍କୁ ସାଥିରେ ଖେଳାଳିମାନେ ବ୍ୟାଟିଂରେ ସହାୟତା ପ୍ରଦାନ କରିବା ଆବଶ୍ୟକ। ବିଜୟଧାରକୁ ଫେରିବା ଲକ୍ଷ୍ୟରେ ରାଜସ୍ଥାନ ପ୍ରୟାସ କରିବ।

ରାଜସ୍ଥାନ ଏ ପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳି ୪ ବିଜୟ, ୫ ପରାଜୟ ସହ ୮ ପଏଣ୍ଟ ହାସଲ କରି ସପ୍ତମ ସ୍ଥାନରେ ରହିଛି। ଅନ୍ୟପଟେ ହାଇଦ୍ରାବାଦ ୯ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ୮ ପରାଜୟ ସହ ୨ ପଏଣ୍ଟ ହାସଲ କରି ଅଷ୍ଟମ ସ୍ଥାନରେ ରହିଛି। ହାଇଦ୍ରାବାଦ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡିସାରିଛି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଲିଗ୍‌ର ଦ୍ୱିତୀୟ ଲେଗ ଆରମ୍ଭ ହେବା ପରେ ରାଜସ୍ଥାନ ୨ ରନରେ ପଞ୍ଜାବ କିଙ୍ଗ୍ସକୁ ହରାଇବା ପରେ ଶନିବାର ଦିଲ୍ଲୀ କ୍ୟାପିଟାଲ୍ସଠାରୁ ୩୩ ରନରେ ପରାସ୍ତ ହୋଇଥିଲା। ଅପରପକ୍ଷରେ ହାଇଦ୍ରାବାଦ ଦିଲ୍ଲୀଠାରୁ ୮ ଉଇକେଟରେ ଓ ପଞ୍ଜାବଠାରୁ ୫ ରନରେ ପରାସ୍ତ ହୋଇଛି। ଦୁଇ ଦଳ ସଂଘର୍ଷ କରୁଥିବା ବେଳେ ରାଜସ୍ଥାନ ପ୍ଲେ- ଅଫ୍ ଦୌଡ଼ରେ ରହିବା ଲାଗି ହାଇଦ୍ରାବାଦକୁ ହରାଇବାକୁ ପ୍ରୟାସ କରିବ। ଭାରତରେ ଅନୁଷ୍ଠିତ ହୋଇଥିବ ଲିଗ୍‌ର ପ୍ରଥମ ଲେଗ୍‌ରେ ରାଜସ୍ଥାନ ୫୫ ରନରେ ହାଇଦ୍ରାବାଦକୁ ହରାଇଥିଲା। ଦିଲ୍ଲୀ ବିପକ୍ଷ ଗତ ମ୍ୟାଚ୍‌ରେ ରାଜସ୍ଥାନ ବୋଲିଂ ପ୍ରଭାବୀ ଥିଲା। ଫଳରେ ଦିଲ୍ଲୀ ୧୫୪ ରନରେ ସୀମିତ ରହିଥିଲା। କିନ୍ତୁ ବ୍ୟାଟିଂରେ ସାମ୍‌ସନଙ୍କୁ ଛାଡିଦେଲେ ଅନ୍ୟମାନେ ବିଫଳ ହୋଇଥିଲେ। ଯଶସ୍ୱୀ ଜୟସ୍ୱାଲ, ମହିପାଲ ଲୋମରର, ଡେଭିଡ ମିଲର, ଲିଆମ ଲିଭିଂଷ୍ଟୋନ ଫେଲ ମାରିଥିଲେ।

**ସୋମବାର ମ୍ୟାଚ**

ସନ୍‌ରାଇଜର୍ସ
ବନାମ
ରାଜସ୍ଥାନ ରୟାଲ୍ସ

ପ୍ରସାରଣ: ଷ୍ଟାର ସ୍ପୋର୍ଟସ
ସ୍ଥାନ : ଦୁବାଇ
ସମୟ : ରାତି ୭.୩୦

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୧୦ | ୮ | ୨ | ୧୬ | +୧.୦୬୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୮ | ୨ | ୧୬ | +୦.୬୧୧ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୫ | ୪ | ୧୦ | -୦.୬୨୦ |
| ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | +୦.୩୨୨ |
| ପଞ୍ଜାବ କିଙ୍ଗ୍ସ | ୧୦ | ୪ | ୬ | ୮ | -୦.୨୬୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୪ | ୫ | ୮ | -୦.୩୧୦ |
| ରାଜସ୍ଥାନ ରୟାଲ୍ସ | ୯ | ୪ | ୫ | ୮ | -୦.୩୧୯ |
| ସନ୍‌ରାଇଜର୍ସ | ୯ | ୧ | ୮ | ୨ | -୦.୬୩୭ |

Relief from
ACIDITY
INDIGESTION
CONSTIPATION
ଗ୍ୟାସ୍, ଏସିଡିଟି, ବଦହଜମି, କୋଷ୍ଠକାଠିନ୍ୟ ଓ ଅଜୀର୍ଣ୍ଣ ଦୂର କରି ଆଶ୍ଚର୍ଯ୍ୟ ଭାବରେ ହଜମ ଶକ୍ତି ବଢ଼ାଏ।
ଶିବାଷ୍ଟକ ଚୂର୍ଣ୍ଣ®
Sibastaka Churna
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ।
ଓଡିଶା ଆୟୁର୍ବେଦ ଭବନ, କଲେଜ ଛକ, କଟକ
Contact : 9437883226
Available on Odisha Drugs Distributer (ODD)



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଚିନ୍ତା

- ଚାଷୀଙ୍କ ଅଭିଯୋଗ 'ଥାଇ ନ ଥିଲା ପରି'
- ଠିକଣା ସମୟରେ କାମରେ ଲାଗୁନାହିଁ
- ୧୬୭ ଅଚଳ ପ୍ରକଳ୍ପର ପୁନରୁଦ୍ଧାର ନାହିଁ
- ଚାଷୀର ଅଭିଯୋଗକୁ ଅଣଦେଖା

ନୟାଗଡ଼ ଅଫିସ,୨୬।୯


ଅଚଳ ଅବସ୍ଥାରେ ଥିବା ବାଲୁଗାଁ ଉଠା ଜଳସେଚନ ପ୍ରକଳ୍ପ ।

କୃଷିପ୍ରଧାନ ଜିଲା ନୟାଗଡ଼ରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଠିକଣା ସମୟରେ କାମ କରୁନାହିଁ । ଫସଲ ପାଇଁ ପାଣିର ଆବଶ୍ୟକତା ଥିବାବେଳେ ପାଣି ଉଠୁନାହିଁ । ଗଭୀରତା ଅଧିକ ନ ଥିବାରୁ ଗ୍ରୀଷ୍ମ ଋତୁରେ ଜଳସେଚନରେ ବାଧକ ସାଜୁଛି । ଜିଲାରେ ଥିବା ୬୧୨ ପ୍ରକଳ୍ପରୁ ୧୬୭ ପ୍ରକଳ୍ପ ଅଚଳ ହୋଇପଡିଥିଲେ ମଧ୍ୟ ଏହାର ପୁନରୁଦ୍ଧାର କରାଯାଉନାହିଁ । ଫଳରେ ଚାଷୀର ଫସଲ ନଷ୍ଟ ହେଉଛି । ଲାଭ ସମୟରେ ଜଳସେଚନର ଅବ୍ୟବସ୍ଥା ତାକୁ କ୍ଷତିରେ ପହଞ୍ଚାଉଛି । ଚାଷୀ ଏପରି କ୍ଷତିସବୁବର୍ଷ ଭୋଗି ଆସୁଥିଲେ ମଧ ତା'ର ଅଭିଯୋଗକୁ ଅଣଦେଖା କରାଯାଇଛି ।

ସୂଚନା ଅନୁଯାୟୀ, ନୟାଗଡ଼ ବ୍ଲକରେ ୮୨, ଓଡ଼ଗାଁ ବ୍ଲକରେ ୯୯, ଖଣ୍ଡପଡ଼ା ବ୍ଲକରେ ୧୨୧, ଭାପୁର ବ୍ଲକରେ ୬୫, ଗଣିଆ ବ୍ଲକରେ ୫୧, ଦଶପଲ୍ଲା ବ୍ଲକରେ ୪୬, ନୂଆଗାଁ ବ୍ଲକରେ ୭୮, ରଣପୁର ବ୍ଲକରେ ୭୦ ଏହିପରି ଜିଲାରେ ମୋଟ୍ ୬୧୨ଟି ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ଅଛି । ଏଥିରୁ ୪୪୫ ପ୍ରକଳ୍ପ ସଚଳ ଓ ୧୬୭ ପ୍ରକଳ୍ପ ଅଚଳ ବୋଲି ଉଠା ଜଳସେଚନ ବିଭାଗ ପକ୍ଷରୁ କୁହାଯାଉଛି । କିନ୍ତୁ ଚାଷୀଙ୍କ ଅଭିଯୋଗ ଠିକ୍ ଯାଞ୍ଚ ହେଉ ନ ଥିବାରୁ ଅଚଳ ଥାଇ ବି ପ୍ରକଳ୍ପ ସଚଳ ତାଲିକାରେ ରହୁଛି । ଏଣୁ ଚାଷୀ ଫସଲ କରିବା ପାଇଁ ହଟହଟା ହେଉଛନ୍ତି । ନୟାଗଡ଼ ବ୍ଲକରେ ୨୩, ଓଡ଼ଗାଁ ବ୍ଲକରେ ୧୭, ଖଣ୍ଡପଡ଼ା ବ୍ଲକରେ ୨୯, ଭାପୁର ବ୍ଲକରେ ୨୩, ଗଣିଆ ବ୍ଲକରେ ୨୦, ଦଶପଲ୍ଲା ବ୍ଲକରେ ୧୪, ନୂଆଗାଁ ବ୍ଲକରେ ୨୧, ରଣପୁର ବ୍ଲକରେ ୫ ଅଚଳ ପ୍ରକଳ୍ପ ରହିଛି ।

ଏନେଇ ନୟାଗଡ଼ ବ୍ଲକ ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ବାଲୁଗାଁରେ ଏକ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ରହିଛି । ସେହି ପ୍ରକଳ୍ପ ଆରମ୍ଭ ଦିନରୁ ଅଚଳ ହୋଇ ରହିଛି । ହେଲେ ଏହାକୁ ସଚଳ କରାଯାଉନାହିଁ । ଏଣୁ ପନିପରିବା ଫସଲ କରିବା ସମ୍ଭବ ହେଉନାହିଁ । ଗଣିଆର ଚାଷୀ ରାମଚନ୍ଦ୍ର ପ୍ରଧାନ କୁହନ୍ତି, ନୟାଗଡ଼ ବ୍ଲକର ବାଲୁଗାଁ, ଗଣିଆ ବ୍ଲକର ଗଣିଆ, ନୂଆଗାଁ ବ୍ଲକର ରାଇପୁର, ଜଗନ୍ନାଥପୁର, ଚାହାଳି ପରି ଅନେକ ପ୍ରକଳ୍ପ ଅଚଳ ହୋଇରହିଛି । ଏହାକୁ ସଚଳ କରାଯାଉ ନାହିଁ । ଚାଷୀ ପନିପରିବା ଚାଷ କରିବାକୁ ଆଗ୍ରହୀ । କିନ୍ତୁ ତା ପାଇଁ ଜଳସେଚନ ସୁବିଧା ନ ଥିବାରୁ ସେ ଚାଷ ଛାଡିବାକୁ ବାଧ ହେଉଛି । ରାଇପୁର ଚାଷୀ ରବୀନ୍ଦ୍ର ବରାଡ଼ କୁହନ୍ତି, ରାଇପଡ଼ାରେ ୩ଟି ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇ ରହିଛି । ଏଣୁ ଶିମିଳିସାହି ପିତାବଳି ପାଣିପଞ୍ଚାୟତର ପ୍ରକଳ୍ପ ଉପରେ ନିର୍ଭର କରି ଚାଷ କରିବାକୁ ପଡୁଛି । ହେଲେ ଶିମିଳିସାହି ପ୍ରକଳ୍ପ ଗ୍ରୀଷ୍ମ ଋତୁରେ ଧୋକା ଦେଉଛି । ପାଣିର ଅଭାବ ଯୋଗୁ ମୋଟର ପାଣି ଉଠାଉ ନାହିଁ । ଏଠାରେ ୧୫ ଫୁଟ ଗଭୀର ପର୍ଯ୍ୟନ୍ତ ପ୍ରକଳ୍ପ ଖୋଳା ଯାଉଛି । ଗଭୀରତାକୁ ଅଧିକ କଲେ ଆଉ ପାଣି ସମସ୍ୟା ଦେଖା ଯାଆନ୍ତା ନାହିଁ ବୋଲି ସେ କହିଛନ୍ତି । ହେଲେ ତାଙ୍କ ଅଭିଯୋଗ କେହି ଶୁଣୁ ନାହାନ୍ତି । ସେ ବର୍ଷତମାମ ଫସଲ କରୁଛନ୍ତି । ନୟାଗଡ଼ ବଜାରକୁ ନେଇ ପନିପରିବା ବିକନ୍ତି । ହେଲେ ଖରାଦିନେ ଚାଷ ପାଇଁ ବହୁ ହଇରାଣ ହେଉଛନ୍ତି ବୋଲି ସେ କହିଛନ୍ତି । ଉଠାଜଳସେଚନ ଖଣ୍ଡ ନୟାଗଡ଼ର ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ଦାସ କୁହନ୍ତି, ୨୦୨୦-୨୧ ଆର୍ଥିକ ବର୍ଷରେ ୩୯ ଅଚଳ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପକୁ ପୁନରୁଦ୍ଧାର ପାଇଁ ସରକାର ଅନୁଦାନ ଦେଇଥିଲେ । ଏଥିରୁ ୨୫ଟି କାର୍ଯ୍ୟକ୍ଷମ କରାଯାଇ ଅଗଷ୍ଟ ୩୧ ସୁଦ୍ଧା ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି । ବିଭିନ୍ନ ସମୟରେ ସଚଳ ଓ ଅଚଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରାଉଛି । ଚାଷୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି ।

## ସଂକ୍ଷେପରେ

### କୁଆଁରିଆ ଡ୍ୟାମ୍‌ରୁ ପାଣି ଛଡାଗଲା



**ଦଶପଲ୍ଲା,୨୬।୯(ଡି.ଏନ.ଏ.):** ନୟାଗଡ଼ ଜିଲା ଦଶପଲ୍ଲାର କୁଆଁରିଆ ଡ୍ୟାମ୍ ଅଗଷ୍ଟ ମାସ ସୁଦ୍ଧା ନିଅଣ୍ଟିଆ ବର୍ଷା ଯୋଗୁ ଖାଲି ପଡିଥିଲା । ଲଘୁଚାପ ବର୍ଷା ଫଳରେ କୁଆଁରିଆ ଡ୍ୟାମ୍‌ର ଜଳସ୍ତର ବୃଦ୍ଧି ପାଇଛି । ଡ୍ୟାମ୍‌ର ସର୍ବୋଚ୍ଚ ଜଳସ୍ତର ୧୩୫.୭୦ ମିଟର ଥିବାବେଳେ ଏବେ ସେଠାରେ ୧୩୪.୫୦ ମିଟର ଜଳସ୍ତର ରହିଛି । ପୁଣି 'ଗୁଲାବ' ବାତ୍ୟା ପ୍ରଭାବରେ ଜିଲାରେ ବର୍ଷା ଲାଗି ରହିଛି । ଶନିବାର ରାତିରେ କୁଆଁରିଆ ଜଳଭଣ୍ଡାରର ୩ ଗେଟ୍ ଖୋଲା ଯାଇ ପାଣି ଛଡା ଯାଇଛି । ରବିବାର ସକାଳେ ସେହି ଗେଟ୍ ବନ୍ଦ କରାଯାଇଥିଲା । ବର୍ଷାକୁ ଦୃଷ୍ଟିରେ ରଖି ଯେ କୌଣସି ସମୟରେ ଆହୁରି ପାଣି ଛଡା ଯାଇପାରେ ବୋଲି ନଦୀକୂଳିଆ ଲୋକଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଇଛି ବୋଲି କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ପ୍ରଧାନ କହିଛନ୍ତି ।

### ଛେନା ପାଣି ବାଲ୍‌ଟିରେ ପଡ଼ି ଶିଶୁପୁତ୍ର ମୃତ

**ନୟାଗଡ଼ ଅଫିସ,୨୬।୯:** ନୟାଗଡ଼ ସଦର ଥାନା ଅଧୀନ ଜେମାଦେଇପୁର ପାଟଣା ପଞ୍ଚାୟତ ବାଙ୍କଶାଳିଆ ଗାଁରେ ରବିବାର ଏକ ଦେଢ଼ବର୍ଷର ଶିଶୁପୁତ୍ରର ଛେନା ପାଣି ବାଲ୍‌ଟିରୁ ପଡ଼ିଯିବାରୁ ମୃତ୍ୟୁ ଘଟିଛି । ଗାଁର ଜାଗର ବେହେରାଙ୍କ ପୁଅ ଏକ କୁରକୁରି ପ୍ୟାକେଟ ଧରି ଖେଳୁଥିଲା । ସେହି ପ୍ୟାକେଟ୍ ଛେନା ପାଣି ବାଲଟିରେ ପଡ଼ି ଯାଇଥିଲା । ସେହି ପ୍ୟାକେଟକୁ ଆଣିବାକୁ ଚେଷ୍ଟା କରି ଶିଶୁଟି ବାଲ୍‌ଟି ଭିତରେ ପଡି ଯାଇଥିଲା । ପରିବାର ଲୋକେ କିଛି ସମୟ ପରେ ଶିଶୁଟିକୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରିବାର ଲୋକେ ମୃତଦେହକୁ ନେଇ ଚାଲି ଯାଇଛନ୍ତି । ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ।

### ବାତ୍ୟା ପାଇଁ ସଜାଗ ପ୍ରଶାସନ

**ନୟାଗଡ଼ ଅଫିସ,୨୬।୯:** ବାତ୍ୟା ଗୁଲାବକୁ ନେଇ ନୟାଗଡ଼ ପ୍ରଶାସନ ସଜାଗ ରହିଛି । ଓଡ଼ଗାଁ ଓ ରଣପୁର ବ୍ଲକରେ ବେଶୀ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଆଖି ଆଗରେ ରଖି ଓଡ଼ଗାଁରେ ୧୮ ଜଣିଆ ଓ ରଣପୁର ୨୦ ଜଣିଆ ଏନ୍‌ଡିଆର୍‌ଏଫ୍ ଦଳ ପହଞ୍ଚିଛନ୍ତି । ଅନ୍ୟପକ୍ଷେ ଅଗ୍ନିଶମ ବିଭାଗର ୮ଟି ଟିମ୍ ପ୍ରସ୍ତୁତ ହୋଇ ରହିଛନ୍ତି । ତହସିଲଦାର, ବିଡିଓ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନଙ୍କ ସହ ପ୍ରଶାସନ ପକ୍ଷରୁ ବାରମ୍ବାର ଯୋଗାଯୋଗ କରାଯାଉଛି । ବାତ୍ୟା ନେଇ ସୋମବାର ନୟାଗଡ଼ ଜିଲାର ଶିକ୍ଷାନୁଷ୍ଠାନ ବନ୍ଦ ରହିଛି ।

### ୨୦ ଲିଟର ଦେଶୀ ମଦ ଜବତ

**ନୟାଗଡ଼ ଅଫିସ,୨୬।୯:** ନୟାଗଡ ସଦର ଥାନା ପୋଲିସ ମଙ୍ଗରାଜପୁର ଗାଁ ଉପରେ ଚଢ଼ାଉ କରି ସୁଶାନ୍ତ କୁମାର ବେହେରାଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ କରିଛି । ଏହି ଘଟଣାରେ ସୁଶାନ୍ତଙ୍କୁ ଶନିବାର ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ସୁଶାନ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ପୋଲିସ ଏକ ମାମଲା(ନଂ.୧୪୭/୨୧) ରୁଜୁ କରିଛି ।

# ଦେଶୀ ମଦଭାଟି ଉପରେ ଚଢ଼ାଉ


ବନ ବିଭାଗ କର୍ମଚାରୀମାନେ ଜବତ କରିଥିବା ସାମଗ୍ରୀ ।

ଖଣ୍ଡପଡ଼ା,୨୬।୯ (ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ସିଂଘାପଡ଼ା ପଞ୍ଚାୟତ ଦଉପୋଖରୀ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଚାଲିଥିବା ଏକ ଦେଶୀ ମଦ ଭାଟି ଉପରେ ବନ ବିଭାଗ କର୍ମଚାରୀମାନେ ଶନିବାର ଅଚାନକ ଚଢାଉ କରି ବହୁ ସାମଗ୍ରୀ ଜବତ କରିଛନ୍ତି । ଘଟଣାସ୍ଥଳରୁ ୧ ହଜାର ଲିଟର ପୋଚକୁ ନଷ୍ଟ କରାଯିବା ସହିତ ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି । ଚଢାଉ ଖବର ପାଇ ମଦ ମାଫିଆମାନେ ଫେରାର ହୋଇଯାଇଛନ୍ତି । ଖଣ୍ଡପଡ଼ା ବନାଞ୍ଚଳ ଅଧିକାରିଣୀ ସୋନାଲୀ ସିଓଙ୍କ ନିର୍ଦ୍ଦେଶ କ୍ରମେ ସନାତନ ସ୍ୱାଇଁ, କିଶୋର ମଲ୍ଲିକ, ପ୍ରମୋଦ କୋଠାଳ ଓ ରମେଶ ଦାସ ପ୍ରମୁଖ କର୍ମଚାରୀ ଏହି ଚଢାଉରେ ସାମିଲ ହୋଇଥିଲେ ।

# ବିକାଶ ନାଁରେ ପ୍ରତାରଣା: ଅପହଞ୍ଚ ସରକାରୀ ଯୋଜନା


ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ହୁସେନ ଖାଁ ଓ ଅନ୍ୟମାନେ ।

ନୟାଗଡ଼ ଅଫିସ,୨୬।୯

ବିଜେଡି ସରକାରର ୨୧ ବର୍ଷ ଶାସନରେ ବିକାଶ ସ୍ଲୋଗାନ ନୟାଗଡ଼ ଜିଲାରେ ଫେଲ୍ ମାରିଛି । ସରକାରୀ ଯୋଜନାରୁ ପ୍ରକୃତ ହିତାଧିକାରୀମାନେ ବଞ୍ଚିତ ହୋଇଛନ୍ତି । ଲୋକମାନଙ୍କ ଦୁଃଖ ବଢ଼ିଛି ବୋଲି ରବିବାର କଂଗ୍ରେସ ପକ୍ଷରୁ ନୟାଗଡ଼ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି ।

ଓଡିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ହୁସେନ ଖାଁ ଏହି ଖବରଦାତା ସମ୍ମିଳନୀରେ କହିଛନ୍ତି, ସରକାରୀ ଯୋଜନା ଲୋକଙ୍କ ପାଖରେ ଅପହଞ୍ଚ ହୋଇଛି । ପ୍ରକୃତ ହିତାଧିକାରୀ ଯୋଜନାର ସୁଫଳ ପାଇପାରୁ ନାହାନ୍ତି । କୃଷିଭିତ୍ତିକ ଜିଲାରେ ଏକମାତ୍ର ଶିଳ୍ପ ଥିବା ଚିନିକଳ ବନ୍ଦ ପଡ଼ିଛି । ଏହା ପରେ ନୟାଗଡ଼ ଶିଳ୍ପ ବିହୀନ ଜିଲାର ମାନ୍ୟତା ପାଇଛି । ଜିଲାରେ ଏଯାବତ ଶୀତଳଭଣ୍ଡାରଟିଏ ହୋଇପାରିଲା ନାହିଁ । ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ । ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ରେଫରାଲ ସ୍ୱାସ୍ଥ୍ୟକେନ୍ଦ୍ର ହୋଇ ସାରିଛି । ଗୁରୁତର ହୋଇ ନ ଥିଲେ ବି ରୋଗୀମାନଙ୍କୁ ରେଫର କରିଦିଆଯାଉଛି । ଜିଲାରେ ମେଡିକାଲ କଲେଜର ଆବଶ୍ୟକତା ରହିଛି । ହେଲେ ଏହି ଦାବିକୁ ଅଣଦେଖା କରାଯାଇଛି । ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନାନା ଅବ୍ୟବସ୍ଥାରେ ଚାଲିଛି । ବିଶ୍ୱ ବିଦ୍ୟାଳୟ ଦାବି ମଧ ଫାଇଲ ତଳେ ଚାପି ହୋଇରହିଛି । ଜିଲାର ଛାତ୍ରୀଛାତ୍ର ଉଚ୍ଚ, ବୈଷୟିକ ଓ କାରିଗରୀ କୌଶଳ ଶିକ୍ଷା ପାଇଁ ଅନ୍ୟ ଜିଲା ତଥା ରାଜ୍ୟକୁ ଯାଉଛନ୍ତି । ବେକାରୀ ସମସ୍ୟା ବଢ଼ି ଚାଲିଥିବାବେଳେ ବ୍ରାଉନସୁଗାର ସହ ନିଶା କାରବାର ବଢ଼ିଛି । ଚୋରି, ଡକାୟତି ଓ ଲୁଟତରାଜ ପ୍ରତିଦିନ ଘଟୁଛି । ବୃଢଙ୍ଗ ଜଳସେଚନ ଯୋଜନା କଥା ସମସ୍ତେ ଭୁଲି ଯାଇଛନ୍ତି । ବିଦ୍ୟୁତ୍ ସମସ୍ୟା ଲାଗି ରହିଛି । ଗାଁ ଓ ସହରରେ ଅଘୋଷିତ ବିଜୁଳି କାଟ୍ ହେଉଛି । ସେହିଭଳି ନୟାଗଡ଼ରେ ପାନୀୟ ଜଳ ସମସ୍ୟାକୁ ଦୂରୀଭୂତ କରାଯାଇପାରୁନାହିଁ । ଜିଲାରେ ଭଲ ଖେଳ ପଡିଆଟିଏ ନାହିଁ । ପୁଣି ଉନ୍ନତ ମାନର ପାଠାଗାର ଓ ଜିମ୍ ସେଣ୍ଟର ନାହିଁ । ବିକାଶ ନାଁରେ ଆମ ଜିଲାକୁ ପ୍ରତାରଣା କରାଯାଇଛି ।

ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲା ସଭାପତି ରଣଜିତ୍ ଦାଶ ଓ ପିସିସି ସେବା ଦଳ ଷ୍ଟିୟରିଂ କମିଟି ସଭ୍ୟ ମନୋଜ ସାହୁ ଉପସ୍ଥିତ ରହି ଜିଲା କି ଭଳି ଆଗୁଆ ହେବା ପରିବର୍ତ୍ତେ ପଛୁଆ ହୋଇ ଚାଲିଛି ସେ ନେଇ ଟିପ୍ପଣୀ ଦେଇଥିଲେ ।

## ବିଜେଡିର ମିଶ୍ରଣ ପର୍ବ

ନୟାଗଡ଼ ଅଫିସ,୨୬।୯

ନୟାଗଡ଼ ନିର୍ବାଚନମଣ୍ଡଳୀ କେନ୍ଦୁଢ଼ିପିର ୫୦ରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ରବିବାର ବିଜେଡିରେ ଯୋଗ ଦେଇଛନ୍ତି । ନୟାଗଡ଼ ବ୍ଲକ ସଭାପତି ଦୁର୍ଯ୍ୟୋଧନ ବେହେରାଙ୍କ ନେତୃତ୍ୱରେ ବିରେନ ନାୟକ, ବିଜୟ ପରିଡ଼ା, ମଦନ ମୋହନ ସାହୁ ପ୍ରମୁଖ ନୟାଗଡ଼ର ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି ।

## ଦେଶୀମଦ ଜବତ, ଯୁବକ ଗିରଫ

ଖଣ୍ଡପଡ଼ା,୨୬।୯(ସ୍ୱ.ପ୍ର.)

ଖଣ୍ଡପଡ଼ା ଥାନା ଅଧୀନ ବୋଦସା ଗ୍ରାମରୁ ରାଣୀଛେଲ୍ଲି ଗ୍ରାମ ଅଭିମୁଖେ ଏକ ବାଇକ୍‌ରେ ୨୦ ଲିଟର ଦେଶୀମଦ ନେଇ ଯାଉଥିବା ଜଣେ ଯୁବକଙ୍କୁ ଖଣ୍ଡପଡ଼ା ଥାନା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତଙ୍କ ନାମ ବିକ୍ରମ ତ୍ରିପାଠୀ । ତାଙ୍କ ଘର ଫତେଗଡ଼ ଥାନା ଅଧୀନ ରାଣୀଛେଲ୍ଲି ଗ୍ରାମରେ ବୋଲି ପୋଲିସ କହିଛି । ମଦ ଚାଲାଣରେ ବ୍ୟବହୃତ ବାଇକ୍‌କୁ ପୋଲିସ ଜବତ କରିଛି । ଏ ନେଇ ଏକ ମାମଲା ରୁଜୁ ହୋଇଛି ।

## କୂଅରୁ ମହିଳାଙ୍କ ମୃତଦେହ ଜବତ

**ବେଗୁନିଆପଡ଼ା,୨୬।୯(ଡି.ଏନ.ଏ.):** ବେଗୁନିଆପଡ଼ା ଫାଣ୍ଡି କେ.ନିମିନା ଗ୍ରାମରେ ଏକ କୂଅରୁ ରବିବାର ଜଣେ ମହିଳାଙ୍କ ମୃତଦେହ ଜବତ କରାଯାଇଛି । ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ବରଡା ଗ୍ରାମର ଲକ୍ଷ୍ମୀ ଖୁଣ୍ଟିଆ । ଲକ୍ଷ୍ମୀ ତାଙ୍କ ବାପ ଘର ନିମିନାକୁ ଆସିଥିଲେ । କୌଣସି କାରଣରୁ କୂଅରେ ଖସି ପଡିଥିବା ଜଣାପଡିଛି ।

# କଳାକାର ଭତ୍ତା ମିଳୁନି, ମକା ବିକୁଛନ୍ତି ବୃନ୍ଦାବନ


ବୃନ୍ଦାବନ ଚମ୍ପତି ରାସ୍ତା କଡ଼ରେ ମକା ବିକ୍ରି କରୁଛନ୍ତି ।

ନୂଆଗାଁ,୨୬।୯ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ବହୁ ପୁରାତନ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି । ବିଭିନ୍ନ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କ ହିତ ସାଧନ ପାଇଁ ସରକାର ଯୋଜନା ପ୍ରସ୍ତୁତ କରିଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି ।

ସୂଚନା ଅନୁଯାୟୀ, ବିଭିନ୍ନ ବର୍ଗର କଳାକାରମାନଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ସେହି ଅନୁସାରେ ବ୍ଲକର ପ୍ରକୃତ କଳାକାରମାନଙ୍କୁ ଚିହ୍ନଟ ପ୍ରକ୍ରିୟା ପର୍ଯ୍ୟାୟ କ୍ରମେ ଚାଲିଛି । ଏହି ପରିପ୍ରେକ୍ଷୀରେ କଳାକାରମାନଙ୍କଠାରୁ ଆବେଦନ ପତ୍ର ଗ୍ରହଣ, ଆବେଦନ ପତ୍ର ଯାଞ୍ଚ, ମୌଖିକ ପରୀକ୍ଷା କରାଯାଇ କଳାକାରମାନଙ୍କୁ ଚିହ୍ନଟ କରାଯିବା କଥା । କିନ୍ତୁ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଭତ୍ତା ପାଇଁ କଳାକାର ପ୍ରମାଣପତ୍ର ଯୋଗାଡ କରିବାଠାରୁ ଆରମ୍ଭ କରି ମନୋନୀତ ହେବା ଯାଏ ଅର୍ଥ କାରବାର କରାଯାଉଛି ବୋଲି ବହୁ କଳାକାର କହିଛନ୍ତି । କିନ୍ତୁ କାଳାକାରଙ୍କ ଅଭିଯୋଗକୁ ଅଣଦେଖା କରାଯାଇ ହିତାଧିକାରୀ ଚୟନ କରାଯାଇଛି । ଫଳରେ ଅନେକ ପୁରାତନ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । କୋରଡା ଗ୍ରାମର ୭୦ ବର୍ଷୀୟ ବୃନ୍ଦାବନ ଚମ୍ପତି ପ୍ରାୟ ୫୦ ବର୍ଷ ଧରି ସଂକୀର୍ତ୍ତନ, ପାଲା ଗାୟକ ଓ ବାୟକ ଆଦି କଳା ପ୍ରଦର୍ଶନ କରି ଆସିଛନ୍ତି । ଜିଲା ତଥା ଜିଲା ବାହାରର ଅନେକ ଖ୍ୟାତନାମା କଳାକାର ସେ ସୃଷ୍ଟି କରିବା ସହ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଓ ଭଞ୍ଜକଳାମଣ୍ଡପରେ ନିଜର କଳା ପ୍ରଦର୍ଶନ କରି ପ୍ରଶଂସା ସାଉଁଟିଛନ୍ତି । ସେହିପରି କୋରଡା ଗ୍ରାମର ମଦନମୋହନ ପ୍ରଧାନ ଜଣେ ପ୍ରସିଦ୍ଧ ନାଟ୍ୟ କଳାକାର ତଥା ନାଟ୍ୟ ପ୍ରଶିକ୍ଷକ ହୋଇଥିଲେ ମଧ୍ୟ କଳାକାର ଭତ୍ତାରୁ ବଞ୍ଚିତ ହୋଇଛନ୍ତି । ବୃନ୍ଦାବନ ଏବେ ରାଜରାସ୍ତା ପାର୍ଶ୍ୱରେ ବସି ମକା ବିକ୍ରି କରି ପରିବାର ଚଳାଉଛନ୍ତି । ସେ ବାର୍ଦ୍ଧକ୍ୟ ପରେ ବହୁ ଦୁଃଖକଷ୍ଟରେ ଦିନ କାଟୁଛନ୍ତି । ଉଭୟ ବୃନ୍ଦାବନ ଓ ମଦନମୋହନଙ୍କୁ କଳାକାର ଭତ୍ତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି । ଏ ସଂକ୍ରାନ୍ତରେ ନୂଆଗାଁ ସାମାଜିକ ସୁରକ୍ଷା ଅଧିକାରୀ ରଘୁନାଥ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ଏଠାରେ ଅଳ୍ପଦିନ ହେବ କାମରେ ଯୋଗ ଦେଇଛି । ପୂର୍ବ ଘଟଣା ବିଷୟରେ କିଛି କହି ପାରିବି ନାହିଁ । ଏଥର ବି କଳାକାର ଭତ୍ତା ପାଇଁ ଆବେଦନ ପତ୍ର ଗ୍ରହଣ କରାଯିବ । ବାଦ୍ ପଡିଥିବା କଳାକାରମାନେ ଆବେଦନ କରିପାରିବେ । ଉଲ୍ଲେଖଯୋଗ୍ୟ, ନୂଆଗାଁ ବ୍ଲକର ପ୍ରଥମେ ୧୦୨ ଜଣ କଳାକାରଙ୍କୁ ଭତ୍ତା ପ୍ରଦାନ ପାଇଁ ମନୋନୀତ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୯୭ ଜଣ ଭତ୍ତା ପାଉଛନ୍ତି ।

# ପ୍ଲାଟିନମ୍ ଜୁବିଲି ପାଳନ ପାଇଁ ବୈଠକ


ବୈଠକରେ ମଞ୍ଚାସୀନ ଅତିଥିମାନେ ।

ଖଣ୍ଡପଡ଼ା,୨୬।୯ (ସ୍ୱ.ପ୍ର.)

ଖଣ୍ଡପଡ଼ା ସହରର ସର୍ବପୁରାତନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ପାଳନ ପାଇଁ ତୃତୀୟ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ରଥ, ଲଡୁକିଶୋର ସିଂହସାମନ୍ତ, ଓଡ଼ିଶା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ, ଖଣ୍ଡପଡ଼ାର ପ୍ରଥମ ନଗରପାଳ କିଶୋର ଚନ୍ଦ୍ର ଦାଶ, ଶିକ୍ଷୟିତ୍ରୀ ଶୈଳବାଳା ରଥ, ମୋ ସ୍କୁଲ ଅଭିଯାନର ସଭାପତି କାଶୀନାଥ ଦାସଙ୍କ ସମେତ ୧୮ଟି ପୁରାତନ ବ୍ୟାଚର ଛାତ୍ର ପ୍ରତିନିଧିମାନେ ଯୋଗଦେଇ ସୁଚିନ୍ତିତ ମତାମତ ଦେଇଥିଲେ । ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରଙ୍କ ସହଯୋଗରେ ଆସନ୍ତା ଜାନୁୟାରୀରେ ପ୍ଲାଟିନମ ଜୁବିଲି ଉତ୍ସବ ପାଳନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ଅଦ୍ୟାବଧି ୧୩୯୦ ଜଣ ପୁରାତନ ଛାତ୍ରୀଛାତ୍ରଙ୍କୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ଜୁବିଲି ଉତ୍ସବ ପାଇଁ ସାମିଲ କରାଯାଇଛି । ଆଗାମୀ ଦିନରେ ୧୦ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ନେଇ ଜୁବିଲି ଉତ୍ସବ କମିଟିର ସଦସ୍ୟମାନେ ମତ ଦେଇଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରାଯାଇଥିଲା ।

# ୩ କୋଟି ଟଙ୍କାର ଜବତ ଗୋରୁ ଗାଡ଼ି ଖତ ଖାଉଛି

ଖଣ୍ଡପଡ଼ା,୨୬।୯ (ସ୍ୱ.ପ୍ର.)

ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଅଞ୍ଚଳକୁ ଚୋରାରେ ଗୋଚାଲାଣ କରୁଥିବା ୭ ଗାଡ଼ିକୁ କଣ୍ଟିଲୋ ଫାଣ୍ଡି ଓ ଖଣ୍ଡପଡ଼ା ଥାନା ପୋଲିସ ୨୦୨୦ଜୁନ୍ ୨୬ରେ ମିଳିତ ଭାବେ ଚଢାଉ କରି ଜବତ କରିଥିଲେ । ପୋଲିସ ଦ୍ୱାରା ଜବତ ଏହି ୭ କଣ୍ଟେନର ଓ ଗୋଟିଏ ପିକ୍‌ଅପ୍ ଭ୍ୟାନ୍ କଣ୍ଟିଲୋ ଫାଣ୍ଡି ନିକଟରେ ଗତ ୧୫ ମାସ ହେବ ପଡିରହିଛି । ଜବତ ସମସ୍ତ ଗାଡ଼ିର ଆନୁମାନିକ ମୂଲ୍ୟ ୩ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି ।

ଏ ସମ୍ପର୍କରେ ଖଣ୍ଡପଡ଼ା ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ କହିଛନ୍ତି, ଜବତ ଗାଡ଼ି ମାଲିକଙ୍କ ନାମରେ ରାଜ୍ୟ ଓ ରାଜ୍ୟ ବାହାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି । ଫଳରେ ଗାଡ଼ି ସମ୍ପର୍କିତ ମାମଲା ଫଇସଲା ହୋଇ ପାରୁନାହିଁ । ଗାଡ଼ିଗୁଡ଼ିକୁ ଫେରାଇ ନେବା ପାଇଁ ଗାଡ଼ି ମାଲିକମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ହେଲେ ରିଲିଜ ଅର୍ଡର ମିଳି ନ ଥିବାରୁ ଗାଡ଼ିଗୁଡିକ ପଡି ରହିଥିବା ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ କହିଛନ୍ତି ।


ଜବତ ହୋଇଥିବା କଣ୍ଟେନର ।

ସୂଚନାଯୋଗ୍ୟ, ୨୦୨୦ ଜୁନ୍ ୨୬ ତାରିଖ ରାତି ପ୍ରାୟ ସାଢେ ୯ଟା ସମୟରେ ପୋଲିସ କଣ୍ଟିଲୋ ଫାଣ୍ଡି ଅଧୀନ ବଡବାଣପୁର ପଞ୍ଚାୟତର ବାରଖୋଲା ନିକଟ ଗଣିଆ-କଣ୍ଟିଲୋ ମୁଖ୍ୟ ରାସ୍ତା ପାର୍ଶ୍ୱରୁ ଗୋରୁ ବୋଝେଇ ହେଉଥିବା ୭ଟି କଣ୍ଟେନର ଓ ଗୋଟିଏ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଆର ୦୭ ଏଲ୦୧୨୬, ଓଆର ୨୨ଡି ୫୫୯୪, ଓଆର୦୧ କେ ୫୩୯୬, ଓଡି ୦୪ ୦୦୯୯, ଓଆର ୦୯ ଜି ୫୪୫୩, ଡବ୍ଲୁ ବି ୨୫ଏଫ୍ ୫୫୦୫, ଓଆର ୦୯ ଜି ୮୭୩୫ ଏବଂ ଓଡି ୩୩ ଏ ୨୨୭୦) ଜବତ କରିଥିଲା । ଏହି ଘଟଣାରେ ୨ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅନ୍ୟମାନେ ଫେରାର ହୋଇଯାଇଥିଲେ । ଜବତ ଗାଡ଼ିରୁ ୮୮ଟି ଗୋରୁ ଉଦ୍ଧାର କରାଯାଇ ଗୋଶାଳାକୁ ପଠାଇ ଦିଆଯାଇଥିଲା । ଏନେଇ ଖଣ୍ଡପଡ଼ା ଥାନାରେ ଏକ ମାମଲା (ନଂ.୧୬୮/୨୦୨୦) ରୁଜୁ ହୋଇଥିଲା ।

କେବଳ ଏହି ଗୋଟିଏ ଘଟଣା ନୁହେଁ, ରାଜ୍ୟର ବିଭିନ୍ନ ଥାନା ପରିସରରେ ବହୁ ଜବତ ଗାଡ଼ି ପଡ଼ି ରହିଛି । ଖରାବର୍ଷା ଖାଇ ସେହି ଗାଡ଼ିଗୁଡ଼ିକ ନଷ୍ଟ ହେବାକୁ ବସିଛି । ସେହି ଗାଡ଼ିଗୁଡ଼ିକୁ ଯଦି ଠିକ୍ ସମୟରେ ନିଲାମ କରାଯିବ ତେବେ ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ପାଇ ପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

**ସର୍ବଶ୍ରେଷ୍ଠ ଏନ୍ଏସି ଭାବେ ପୁରସ୍କୃତ ହେଲା ବୁଗୁଡ଼ା**

ବୁଗୁଡ଼ା,(ଡି.ଏନ.ଏ): ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ରାଜ୍ୟର ସର୍ବଶ୍ରେଷ୍ଠ ଏନ୍ଏସିର ମାନ୍ୟତା ପାଇ ପୁରସ୍କୃତ ହୋଇଛି। ଶନିବାର ଭୁବନେଶ୍ୱରସ୍ଥ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ମୁନିସିପାଲଟି ପ୍ରିମିୟର ଲିଗ ପୁରସ୍କାର ବିତରଣ ଉତ୍ସବରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ବୁଗୁଡ଼ା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶ। ସେହିପରି ଡିଜିଟାଲ କଲେକସନ, ୟୁଏଲବି ଶ୍ରେଷ୍ଠତା, ଏକ୍ସଟ୍ରାଅର୍ଡିନାରି କମ୍ବିସନ ଏବଂ କଲେକସନ ଏଫିସିଏନ୍ସି ଆଦି କ୍ଷେତ୍ରରେ ମଧ ବୁଗୁଡ଼ା ଏନଏସି ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି।

## ସଂକ୍ଷେପରେ

### ଉଭୟ ପକ୍ଷର ୨ ଗଲେ ଜେଲ

ଦୁଇ ପରିବାର ମଧ୍ୟରେ ଆକ୍ରମଣ ମାମଲା

**ଦିଗପହଣ୍ଡି,୨୬।୯(ଡି.ଏନ.ଏ.):** ଆକ୍ରମଣ ମାମଲାରେ ଦିଗପହଣ୍ଡି ବ୍ଲକ କୈଁଠଡ଼ା ପଞ୍ଚାୟତ ଦୁଆର ଗାଁର ରଞ୍ଜନ ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ଚୌଧୁରୀଙ୍କୁ ରବିବାର ପୋଲିସ କୋର୍ଟ ଚାଲାଣ କରିଛି। ନଂ.୨୪୬,୨୪୭/୨୧ ଅନୁଯାୟୀ ଉଭୟ ଅଭିଯୁକ୍ତଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେ ଦୁହିଁଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ଶନିବାର ୨ ପରିବାର ଲୋକଙ୍କ ମଧ୍ୟରେ ସାମାନ୍ୟ ବଚସାକୁ ନେଇ ସଂଘର୍ଷ ଘଟିଥିଲା। ଏଥିରେ ୨ ମହିଳାଙ୍କ ସମେତ ଏକାଧିକ ବ୍ୟକ୍ତି ଆହାତ ହୋଇଥିଲେ। ଏ ନେଇ ଉଭୟ ପକ୍ଷ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ ବୋଲି ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

### ନଗର ଯୁବ ବିଜେଡିର ନୂତନ କର୍ମକର୍ତ୍ତା

**ଫୁଲବାଣୀ ଅଫିସ, ୨୬।୯:** ଫୁଲବାଣୀ ପୌର ପରିଷଦ ନଗର ବିଜେଡିର ନୂତନ କର୍ମକର୍ତ୍ତା ଚୟନ ହୋଇଛି । ନଗର ଯୁବ ସଭାପତି ପାର୍ଥ ସାରଥି ବିଶ୍ୱାଳଙ୍କ ସହମତି କ୍ରମେ ନୂତନ କର୍ମକର୍ତ୍ତାଙ୍କୁ ବରିଷ୍ଠ କର୍ମକର୍ତ୍ତା ଅନୁମୋଦନ କରିଛନ୍ତି। ନୂତନ କମିଟିରେ ୫ ଉପ ସଭାପତି, ୭ ସାଧାରଣ ସମ୍ପାଦକ, ୧୦ ସମ୍ପାଦକ, ଜଣେ ଡିଜିଟାଲ ସମ୍ପାଦକ, ୧୩ ୱାର୍ଡରେ ୧୩ ସଭାପତି ଏବଂ ଡିଜିଟାଲ ସମ୍ପାଦକ ମନୋନୀତ ହୋଇଛନ୍ତି । ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତ ରାୟ, ଯୁବ ଜନତା ରାଜ୍ୟ ସଭାପତି ବ୍ୟୋମକେଶ ରାୟ, କନ୍ଧମାଳ ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ ଜେନା, ଏମ୍‌ପି ଡ଼ଃ.ଅଚ୍ୟୁତାନନ୍ଦ ସାମନ୍ତ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ, ଜିଲା ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଯୁବ ନଗର ସଭାପତି ବିଶ୍ୱାଳଙ୍କ ତାଲିକାକୁ ଅନୁମୋଦନ କରାଯାଇଛି।

### ଋଣ ଟଙ୍କା ହଡ଼ପ ଅଭିଯୋଗ

**ହିଞ୍ଜିଳିକାଟୁ, ୨୬।୯ (ଡି.ଏନ୍.ଏ.):** ହିଞ୍ଜିଳିକାଟୁ ବଇଁଚ ବଣିଆଠାରେ ଏକ ମାଇକ୍ରୋ ଲୋନ ବିଜିନେସ କମ୍ପାନୀର (ଏଲଟିଏଫଏସ) ଜଣେ ପୂର୍ବତନ କର୍ମଚାରୀ ଇଏମ୍‌ଆଇ ଓ ଋଣ ବାବଦକୁ ୬୦ହଜାର ୫ଶହ ଟଙ୍କା ଆଦାୟ କରି ହଡ଼ପ କରିଥିବା ଅଭିଯୋଗ ହୋଇଛି। ହିଞ୍ଜିଳିକାଟୁ, ଗିରିଆ, ବାରସିଙ୍ଗି, କୁମାରପାଣି, ଅନ୍ତରିଗାଁ ଆଦି ସ୍ଥାନରୁ ୨୭ଜଣ ମହିଳାଙ୍କଠାରୁ ଋଣ କିସ୍ତି ଟଙ୍କା ଆଦାୟ କରି କମ୍ପାନୀକୁ ଫେରାଇ ନଥିବା ନେଇ ଭଞ୍ଜନଗର ଅଞ୍ଚଳର ଏହି ପୂର୍ବ କର୍ମଚାରିଙ୍କ ବିରୋଧରେ ଉକ୍ତ କମ୍ପାନୀର ଆଞ୍ଚଳିକ ମ୍ୟାନେଜର ସଂଗ୍ରାମ କିଶୋର ଜେନା ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୫୦୮/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ୪୭ ଶିଶୁଙ୍କୁ ରାଶନ ସାମଗ୍ରୀ ବଣ୍ଟନ

**ଛତ୍ରପୁର,୨୬।୯(ଡି.ଏନ୍.ଏ.):** ବିପୁଳିଙ୍ଗି ଗ୍ରାମ ବୀରସିଂହୀ ପୀଠରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅରୁଣା ପକ୍ଷରୁ ଛତ୍ରପୁର ବ୍ଲକର ମାତୃପିତୃହରା ୪୭ଜଣ ଶିଶୁଙ୍କୁ ରାଶନ ସାମଗ୍ରୀ କିଟ ବଣ୍ଟାଯାଇଛି। ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା ବାଣ୍ଟିବା ସହ ପାଠପଢ଼ିବା ପାଇଁ ପିଲାମାନଙ୍କୁ କହିଥିଲେ। ଏଥିସହ ସେମାନଙ୍କୁ ସରକାରୀ ଯୋଜନାରେ ସହାୟତା ଯୋଗାଇବା ପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି। ଅରୁଣାର ସମ୍ପାଦିକା ସୌଦାମିନୀ ରଥ କାର୍ଯ୍ୟକ୍ରମର ଆଭିମୁଖ୍ୟ ଆଲୋକପାତ କରିବା ସହ ଜିଲାରେ ୧୪୨୦ ଶିଶୁଙ୍କୁ ଏପରି ରାଶନ ସାମଗ୍ରୀ କିଟ ବଣ୍ଟା ଯାଇଥିବା କହିଥିଲେ। ସାମାଜିକ କର୍ମୀ ସୁରେଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିମଳ କୁମାର ପଣ୍ଡା, ପୂର୍ବତନ ଏମ୍‌ପି ପ୍ରତିନିଧି ବଟକୃଷ୍ଣ ପଣ୍ଡା, ପୂର୍ବତନ ବ୍ଲକ ବିଜେଡି ସଭାପତି ପ୍ରଭାସି ପ୍ରଧାନ,ପୂର୍ବତନ ବ୍ଲକ ଅଧକ୍ଷ ଭଗବାନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସୋରଡ଼ାରେ ଏନ୍‌ଡିଆର୍‌ଏଫ୍ ଟିମ୍

**ସୋରଡା,୨୬।୯(ଡି.ଏନ୍.ଏ.):** ବାତ୍ୟା ଗୁଲାବ୍ ମୁକାବିଲା କରିବା ପାଇଁ ରବିବାର ସୋରଡ଼ାରେ ୨୦ ଜଣିଆ ଏନ୍‌ଡିଆର୍‌ଏଫ୍ ଦଳ ପହଞ୍ଚିଛନ୍ତି। ଇନ୍ସପେକଟର ଏମ୍‌ଆର ମହାନ୍ତି, ଏସ୍‌ଆଇ ରମେଶ ଚନ୍ଦ୍ର ଓଝାଙ୍କ ନେତୃତ୍ୱରେ ୨୦ ଜଣିଆ ଦଳ ଏବିଡିଓ ସଞ୍ଜୀବ ରାଜ ସେନାପତିଙ୍କ ପରିଚାଳନରେ ବ୍ଲକର ପାଲକାଟ, ସୁରମଣି, ନୂଆଗଡ଼, ଗାଜଲବାଡି, ସୋରଡ଼ା ଏନ୍ଏସି, ଅସୁରବନ୍ଧ, ଗୋଛା ଓ ନଦୀ ତଳିଆ ଅଞ୍ଚଳଗୁଡ଼ିକରେ ପହଞ୍ଚି ଜନସାଧାରଣଙ୍କୁ ସଚେତନ କରିବା ସହ ବିପର୍ଯ୍ୟୟ ମୁକାବିଲା ପାଇଁ ବିଭିନ୍ନ ସରଞ୍ଜାମ ମହଜୁଦ୍ ଥିବା କହିଛନ୍ତି।

# ଶରୀର ଦାନ ପାଇଁ ବଢୁଛି ଆଗ୍ରହ

- ଏମ୍‌କେସିଜିରେ ନାହିଁ ଏମ୍ବାମିଙ୍ଗ୍ ସେଣ୍ଟର
- ୮୭ କରିଛନ୍ତି ଚୁକ୍ତିନାମା

**ବ୍ରହ୍ମପୁର ଅଫିସ,୨୬।୯**

ମେଡିକାଲ ପାଠ୍ୟକ୍ରମରେ ଆନାଟୋମି ବିଭାଗର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ବିଭାଗ ଜରିଆରେ ଡାକ୍ତରୀ ଛାତ୍ରୀଛାତ୍ର ଶରୀରର ବିଭିନ୍ନ ଆଭ୍ୟନ୍ତରୀଣ ଅଙ୍ଗପ୍ରତ୍ୟଙ୍ଗ ଉପରେ ଜ୍ଞାନ ଆହରଣ କରି ମେଡିକାଲ ଶିକ୍ଷା ଆରମ୍ଭ କରିଥାନ୍ତି। ବ୍ରହ୍ମପୁର ବଡ ମେଡିକାଲ କଲେଜ (ଏମ୍‌କେସିଜି) ଆନାଟୋମି ବିଭାଗ ଶରୀର ଦାନକୁ ଆଇନଗତ ସ୍ୱୀକୃତି ମିଳିବା ପରେ ଏମ୍ବାମିଙ୍ଗ୍ ସେଣ୍ଟରର ଆବଶ୍ୟକତା ବଢି ଯାଇଛି। ଏ ଦିଗରେ ୨୦୧୦ରେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଏଯାବତ ତାହା କାର୍ଯ୍ୟକାରୀ ହୋଇନାହିଁ। ସେପଟେ ଲୋକଙ୍କ ମଧ୍ୟରେ ସଚେତନତା ବଢୁଥିବାରୁ ଶରୀର ଓ ଅଙ୍ଗଦାନ ପ୍ରତି ଲୋକେ ଆଗେଇ ଆସୁଛନ୍ତି। ଏହି ଧାରାରେ ଏମ୍‌କେସିଜି ମେଡିକାଲ କଲେଜକୁ ମୃତ୍ୟୁ ପରେ ଶରୀର ଦାନ ପାଇଁ ୮୭ ଜଣ ଚୁକ୍ତିନାମା (ଅଣ୍ଡର୍ ଟେକିଂ) ଦାଖଲ କରିଥିବା ଆନାଟୋମି ବିଭାଗ ମୁଖ୍ୟ ପ୍ରଫେସର ଡା. ସଦାନନ୍ଦ ରଥ ସୂଚନା ଦେଇଛନ୍ତି। ହେଲେ ମୃତଦେହ ସଂଗ୍ରହ କରି ସଂରକ୍ଷିତ ରଖିବା ପାଇଁ ଯେତିକି ଭିତ୍ତିଭୂମି ଦରକାର ତାହା ଅଦ୍ୟାବଧି ଏମ୍‌କେସିଜି ମେଡିକାଲରେ ଉପଲବ୍ଧ ନାହିଁ। ଏଣୁ ଏମ୍ବାମିଙ୍ଗ୍ ସେଣ୍ଟର୍ ପ୍ରତିଷ୍ଠା କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

ମୃତଦେହ ସଂରକ୍ଷଣ ରଖିବା ହେଉଛି ଏହି ସେଣ୍ଟରର ଗୁରୁତ୍ୱପୂର୍ଣ୍ଣ କାମ। କେବଳ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଦାନ ସୂତ୍ରରେ ମିଳୁଥିବା ମୃତଦେହ ସଂରକ୍ଷିତ ରଖିବା ନିମନ୍ତେ ଆନାଟୋମି ବିଭାଗରେ ବ୍ୟବସ୍ଥା ରହିଛି। ୨୦୧୦ରେ ଆନାଟୋମି ବିଭାଗରେ ଏମ୍ବାମିଙ୍ଗ୍ ସେଣ୍ଟର ପ୍ରତିଷ୍ଠା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଇତିମଧ୍ୟରେ ବାରମ୍ବାର ଚିଠି ମଧ୍ୟ ଲେଖାଯାଇଛି। ହେଲେ ଏମ୍ବାମିଙ୍ଗ୍ ସେଣ୍ଟର ପ୍ରତିଷ୍ଠା ଦିଗରେ ସବୁଜ ସଙ୍କେତ ମିଳିନାହିଁ। ରାଜ୍ୟ ସରକାର କେବଳ କଟକ ଏସ୍‌ସିବି ମେଡିକାଲ କଲେଜରେ ଏମ୍ବାମିଙ୍ଗ୍ ସେଣ୍ଟର ପ୍ରତିଷ୍ଠା ନେଇ ଘୋଷଣା କରିଥିବା ବେଳେ ସେଠାରେ ମଧ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ। ଏମ୍ବାମିଙ୍ଗ୍ ସେଣ୍ଟର ଆନାଟୋମି ବିଭାଗ ଦ୍ୱାରା ପରିଚାଳିତ ଏକ ସ୍ୱତନ୍ତ୍ର ୟୁନିଟ୍। ସେଠାରେ ମୃତଦେହ ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଫ୍ରିଜର୍, ୨୪ ଘଣ୍ଟିଆ କର୍ମଚାରୀ, ଶୀତତାପ ନିୟନ୍ତ୍ରିତ ଆମ୍ବୁଲାନ୍ସ ଓ ଅଫିସ୍ କାମ ପାଇଁ କିରାଣି, ଡାଟା ଏଣ୍ଟ୍ରିଅପରେଟର ନିହାତି ଆବଶ୍ୟକ।

ମେଡିକାଲ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଏବେ ଅଜଣା(ଅନ୍‌କ୍ଲେମ୍) ମୃତଦେହ ଉପରେ ନିର୍ଭର କରିବାକୁ ପଡୁଛି। କୌଣସି ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ନିୟମ ଅନୁସାରେ ମୃତଦେହ ଗବେଷଣା ଓ ଶିକ୍ଷା ପାଇଁ ଏମ୍‌କେସିଜି ମେଡିକାଲକୁ ଦାନ କରାଯାଇଥାଏ। ୨୦୧୩ରୁ ୨୦୨୧ ପର୍ଯ୍ୟନ୍ତ ମୋଟ ୭ ମୃତଦେହ ଦାନ ସୂତ୍ରରେ ମିଳିଥିବା ପ୍ରଫେସର ଡା. ରଥ ସୂଚନା ଦେଇଛନ୍ତି। ଶରୀର ଦାନ ପାଇଁ ୨୦୧୫ରେ ସର୍ବାଧିକ ୩୩ଜଣ ଅଣ୍ଡରଟେକିଂ ଦେଇଥିବା ବେଳେ ଚଳିତ ବର୍ଷ ୭ ଲିଖିତନାମା ଦେଇ ସାରିଛନ୍ତି। ସେହିପରି ୨୦୧୭ରେ ଏମ୍‌କେସିଜି ମେଡିକାଲ କଲେଜକୁ ଶିକ୍ଷାଦାନ ପାଇଁ ୧୨ମୃତଦେହ ମିଳିଥିବା ବେଳେ ତନ୍ମଧ୍ୟରୁ ଗୋଟିଏ ଶରୀର ଦାନସୂତ୍ରରେ ଆସିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଏକାସାଙ୍ଗରେ ଏକାଧିକ ମୃତଦେହ ମେଡିକାଲ କଲେଜକୁ ଆସିଲେ ଏମ୍ବାମିଙ୍ଗ୍ ସେଣ୍ଟର ବିନା ତାହା ସଂରକ୍ଷିତ ରଖିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ସେବା ମନୋଭାବ ନେଇ କାମ କରିବାକୁ ଆହ୍ୱାନ



ଦୀନ୍‌ଦୟାଲଙ୍କ ଜୟନ୍ତୀ ସଭାରେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଓ ଅନ୍ୟମାନେ।

**ରଣପୁର,୨୬।୯ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ୍ ଅନ୍ତର୍ଗତ ଚାନ୍ଦପୁରଠାରେ ରବିବାର ମଣ୍ଡଳସ୍ତରୀୟ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ୧୦୬ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଦୀନ୍‌ଦୟାଲଙ୍କ ଜୀବନୀ ସମ୍ପର୍କରେ ମୁଖ୍ୟବକ୍ତା ତଥା ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ବର୍ଣ୍ଣନା କରିବା ସହ ସେବା ମନୋଭାବ ନେଇ କାମ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ କରିଥିଲେ । ମଣ୍ଡଳ ସଭାପତି ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ନୟାଗଡ଼ ଜିଲା ଭାଜପା ସମ୍ପାଦକ ତାପସ ରଞ୍ଜନ ମାର୍ଥା ଯୋଗଦେଇଥିଲେ । ପ୍ରଶିକ୍ଷଣ ଶିବିରରେ ଚାନ୍ଦପୁରର ୧୦ ପଞ୍ଚାୟତର ଶକ୍ତିକେନ୍ଦ୍ର ପ୍ରମୁଖ, ସହ ପ୍ରମୁଖ ଓ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହି ଅବସରରେ ପାଢ଼ୀ କାର୍ଯ୍ୟକର୍ତ୍ତାଙ୍କ ସହ ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ ପରିସରରେ ଥିବା ଅକ୍ସିଜେନ ପ୍ଲାଣ୍ଟ ପରିଦର୍ଶନ କରିଥିଲେ । ଏହି ପ୍ଲାଣ୍ଟ ୨ ଥର ଉଦ୍‌ଘାଟନ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ନ ପାରିବା ପରିତାପର ବିଷୟ ବୋଲି କହିଥିଲେ । ଏହି ପ୍ରକଳ୍ପ କିଭଳି ତୁରନ୍ତ କାର୍ଯ୍ୟକ୍ଷମ ହୋଇପାରିବ ସେହି ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ନିବାସ ଡାକ୍ତର ଛିନେରାଙ୍କ ସହ ସେ ଆଲୋଚନା କରିଥିଲେ ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ


ଆନ୍ଦୋଳନରତ ଗ୍ରାମବାସୀ।

**ଛେଳିଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**

**ଆର.ଉଦୟଗିରି,୨୬।୯(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଳିଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ଶନିବାର ଗ୍ରାମାବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବହୁ ବର୍ଷ ଧରି ଛେଳିଗଡ଼ରେ ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ ସେଠାରେ ଅଧିକାଂଶ ସମୟରେ ଡାକ୍ତର ରହୁନାହାନ୍ତି। ଫଳରେ ଏହା ଉପରେ ନିର୍ଭର କରୁଥିବା ୧୦ ଖଣ୍ଡରୁ ଅଧିକ ପଞ୍ଚାୟତବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ଫାଇଦା ଉଠାଇ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଉମେଶ ଚନ୍ଦ୍ର ନାୟକ ରୋଗୀମାନଙ୍କଠାରୁ ଟଙ୍କା ଆଦାୟ କରି ଚିକିତ୍ସା କରୁଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ ସମ୍ପୃକ୍ତି ଫାର୍ମାସିଷ୍ଟଙ୍କୁ ବଦଳି କରିବାକୁ ଦାବି ହୋଇଛି। ସେପଟେ ଫାର୍ମାସିଷ୍ଟ ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସ୍ୱଦୀପ ମହାପାତ୍ର କହିଛନ୍ତି, ତାଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟରଟିକୁ ଫାର୍ମାସିଷ୍ଟ ମାଡ଼ିବସି ରହୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦେବାର ଦୁଇ ବର୍ଷ ପରେ ମଧ ତାଙ୍କୁ ସେଠାରେ ରହିବା ଲାଗି କ୍ୱାଟର ମିଳିନାହିଁ। ତେଣୁ ସେ ରାତିରେ ଛେଳିଗଡ଼ରେ ରହିପାରୁ ନାହାନ୍ତି। କିନ୍ତୁ ଗ୍ରାମବାସୀଙ୍କ ବୁଝାଶୁଝା ପରେ ତାଙ୍କୁ କ୍ୱାଟର୍ସ ମିଳିବ ଏବଂ ସେ ଛେଳିଗଡ଼ରେ ରହି ଲୋକଙ୍କୁ ନିରନ୍ତର ସେବା ଯୋଗାଇଦେବେ ବୋଲି କହିଛନ୍ତି। ତେବେ ଜିଲା ପ୍ରଶାସନ ତୁରନ୍ତ ଘଟଣାର ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ଜନସାଧାରଣ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ ବଡ଼ ଧରଣର ଜନ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

### ରେଲୱେ ଗେଟମ୍ୟାନଙ୍କୁ ଆକ୍ରମଣ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୨୬।୯**

ରେଲୱେ ଗେଟମ୍ୟାନଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ଗଞ୍ଜାମର ଧୀରେନ କୁମାର ପଟ୍ଟନାୟକ ବୋଲି ବ୍ରହ୍ମପୁର ଆରପିଏଫ୍ ଥାନା ଅଧିକାରୀ ଦିଲ୍ଲୀପ କୁମାର ସୂଚନା ଦେଇଛନ୍ତି। ଗଞ୍ଜାମ ରେଳ ଷ୍ଟେଶନ୍ ଛତ୍ରପୁର ପଟେ ଥିବା ଏକ ରେଲୱେ ଗେଟର ଫାଟକ ପଡ଼ିଥିଲା। ଏହି ସମୟରେ ଜଣେ ଯୁବକ ସେଠାରେ ପହଞ୍ଚି ଫାଟକ ଖୋଲିବା ପାଇଁ କହିଥିଲେ। ମାଲବାହୀ ଟ୍ରେନ୍ ଯିବା ପରେ ଫାଟକ ଖୋଲାଯିବ ବୋଲି ଗେଟମ୍ୟାନ୍ ବୀରେନ ବେହେରା କହିଥିଲେ। ଏଥିରେ ଯୁବକ ଜଣକ ଉତ୍ତ୍ୟକ୍ତ ହୋଇ ଗେଟମ୍ୟାନ୍‌ଙ୍କୁ ଆକ୍ରମଣ କରି ଚମ୍ପଟ ମାରିଥିଲେ। ଖବର ପାଇ ଆରପିଏଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଅଭିଯୁକ୍ତ ଧୀରେନଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ଯୁବକକୁ ବ୍ରହ୍ମପୁର ଜିଆରପିକୁ ହସ୍ତାନ୍ତର କରାଯାଇଥିବା ଆରପିଏଫ୍ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ଚଳନ୍ତା ଟ୍ରେନରୁ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୨୬।୯**

ସରକାରୀ ରେଳବାଇ ପୋଲିସ (ଜିଆରପି) ଏକ ଚଳନ୍ତା ଟ୍ରେନରୁ ଆସାମର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତି ଜଣଙ୍କ ଚେନ୍ନାଇ ଅଭିମୁଖେ ଯାତ୍ରା କରୁଥିବା ବେଳେ ଟ୍ରେନ ଭିତରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଛି। ଘଟଣାରୁ ପ୍ରକାଶ, ଆସାମ ରାଜ୍ୟ ନଗାଓଁ ଜିଲାର ଚାଫି ଓଲା (୩୩) ଚିକିତ୍ସା ପାଇଁ ସମ୍ପର୍କୀୟଙ୍କ ସହ ଶିଲିଘାଟ ଟାଉନ-ତାମ୍ବରାମ ସ୍ୱତନ୍ତ୍ର ଟ୍ରେନ ଯୋଗେ ଚେନ୍ନାଇ ଯାଉଥିଲେ। ଚାଫି ଗୁରୁତର ରୋଗରେ ପୀଡ଼ିତ ଥିଲେ। ରବିବାର ସକାଳ ୮ଟା ବେଳେ ଟ୍ରେନଟି ଖୋର୍ଦ୍ଧାରୋଡ ଅତିକ୍ରମ କରିବା ପରେ ଚାଫି ଓଲାଙ୍କ ମୃତ୍ୟୁ ହୋଇଯାଇଥିଲା। ଟ୍ରେନ କର୍ମଚାରୀଙ୍କ ଠାରୁ ସୂଚନା ପାଇ ବ୍ରହ୍ମପୁର ରେଳବାଇ ଥାନା ପୋଲିସ ବ୍ରହ୍ମପୁର ରେଳଷ୍ଟେଶନରେ ଚାଫିଙ୍କ ମୃତଦେହ ଜବତ କରିଥିଲା। ଏ ନେଇ ଥାନାରେ ନଂ.୫୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସୂଚନା ଦିଆଯାଇଛି।

# ୪୮ ଘଣ୍ଟା ପରେ ବୁଦାରୁ ଗଳିତ ମୃତଦେହ ଜବତ

**ଅପମୃତ୍ୟୁ ମାମଲା ରୁଜୁ କରିଛି ପୋଲିସ**

**ବ୍ରହ୍ମପୁର ଅଫିସ,୨୬।୯**

ସରକାରୀ ରେଳବାଇ ପୋଲିସ (ଜିଆରପି) ଥାନା ଅନ୍ତର୍ଗତ ଗୋପାଳପୁର ଜଙ୍କ୍ସନ ନିକଟ ରେଳଧାରଣା କଡ଼ରେ ଥିବା ଏକ ବୁଦାମୂଳରେ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ରବିବାର ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କ ବୟସ ୪୦ରୁ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ଜିଆରପି ଥାନାରେ ମାମଲା ନଂ ୫୮/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ସଂରକ୍ଷଣ କକ୍ଷରେ ରଖାଯାଇଛି। କୌଣସି ଚଳନ୍ତା ଟ୍ରେନରୁ ଖସିପଡି ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଘଟଣାରୁ ପ୍ରକାଶ, ଆଜକୁ ୨ ଦିନ ହେବ ବୁଦା ମୂଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ି ରହିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ ଲୋକମାନେ ଜିଆରପି ଥାନା ସହ ବୈଦ୍ୟନାଥପୁର ଥାନାକୁ ମଧ ଖବର ଦେଇଥିଲେ। ହେଲେ ଥାନା ସୀମାକୁ ନେଇ ବୈଦ୍ୟନାଥପୁର ପୋଲିସ ଓ ଜିଆରପି ପୋଲିସ କେହି ମଧ ମୃତଦେହ ଜବତ କରିବାକୁ ଯାଇ ନ ଥିଲେ। ଏପରିକି ମୃତଦେହ ସେଠାରେ ପଡ଼ିରହି ପଚିବାରେ ଲାଗିଥିଲା। ଅନ୍ୟପଟେ କିଛି ଦିନ ତଳେ ବୈଦ୍ୟନାଥପୁର ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଥିବାରୁ କାଳେ ଗଳିତ ମୃତଦେହଟି ନିଖୋଜ ବ୍ୟକ୍ତିଙ୍କ ହୋଇଥିବା ସନ୍ଦେହ କରାଯାଇଥିଲା। ସେଥିପାଇଁ ରବିବାର ସକାଳୁ ବୈଦ୍ୟନାଥପୁର ଥାନା ପୋଲିସ ରେଳ ଧାରଣା ନିକଟରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିବାକୁ ଚେଷ୍ଟା କରିଥିଲା। ହେଲେ ମୃତ ବ୍ୟକ୍ତି ଜଣଙ୍କ ନିଖୋଜ ହୋଇ ନ ଥିବାରୁ ବୈଦ୍ୟନାଥପୁର ଥାନା ପୋଲିସ ମୃତଦେହ ଉଦ୍ଧାର ନ କରି ଫେରିଯାଇଥିଲା। ଏହା ପରେ ଜିଆରପି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେହି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲକୁ ପଠାଇଥିଲା।

# ବାସହୀନଙ୍କୁ ଘର, ଭୂମିହୀନଙ୍କୁ ଜମି ପଟ୍ଟା ଦିଅ

**ଜିଲାପାଳଙ୍କ ସମୀକ୍ଷା**

**ଛତ୍ରପୁର,୨୬।୯(ଡି.ଏନ୍.ଏ.)**

ରାଜ୍ୟରେ ଯେଭଳି କୌଣସି ବି ପରିବାର ଜମିବିହୀନ ରହିବେ ନାହିଁ ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଆସୁଛନ୍ତି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜୁମ ବୈଠକରେ ଜିଲାର ସମସ୍ତ ବିଡିଓ, ତହସିଲଦାରମାନଙ୍କୁ ଏଥିପ୍ରତି ଗୁରୁତ୍ୱ ଦେବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି । ସରକାରୀ ଜାଗା ଚିହ୍ନଟ କରି ଆବାସହୀନ ପରିବାରକୁ ଘର ଏବଂ ପଟ୍ଟା ପ୍ରଦାନ କରିବାକୁ କୁହାଯାଇଛି । ଏହି କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବିଡିଓ ଓ ତହସିଲଦାରମାନେ ମିଳିତ ଭାବେ ଆବେଦନକାରୀଙ୍କ ତଥ୍ୟ ସଂଗ୍ରହ କରି ପଟ୍ଟା ପ୍ରଦାନ କରିବାକୁକୁହାଯାଇଛି । ବିଡିଓମାନଙ୍କ ନିକଟରେ କେତେ ଆବେଦନ ରହିଛି ଏବଂ କେତେଜଣ ଭୂମିହୀନ ପରିବାରକୁ ଥଇଥାନ କରାଯାଇଛି ଜିଲାପାଳ ତାହାର ସମୀକ୍ଷା କରିଥିଲେ। ପ୍ରକୃତ ହିତାଧିକାରୀ ଯେପରି ଜମିବିହୀନ ରହିବେନି ସେ ଦିଗରେ ଦୃଷ୍ଟି ଦେବାକୁ କୁହାଯାଇଛି। ପ୍ରକୃତ ହିତାଧିକାରୀଙ୍କ ବ୍ୟତୀତ ଅନ୍ୟ ସମସ୍ତ ଆବେଦନକୁ ଖାରଜ କରିବାକୁ କୁହାଯାଇଛି । ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ କରିବାକୁ ପରାମର୍ଶ ଦିଆଯାଇଛି। ଆବେଦନପତ୍ର ଗୁଡିକ ଯେପରି ଦୀର୍ଘଦିନ ପଡି ନ ରହିବ ଓ ପ୍ରକୃତ ହିତାଧିକାରୀ ଯେଭଳି ଯୋଜନାରୁ ଲାଭ ପାଇବେ ସେ ଦିଗରେ ତତ୍ପରତା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ, ଅତିରିକ୍ତ ଜିଲାପାଳ ଅମୀୟ କୁମାର ସାହୁ, ବ୍ରହ୍ମପୁର ଉପଜିଲାପାଳ ଡ଼. କୀର୍ତ୍ତି ଭାସନ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ସମସ୍ତ ବିଡିଓ, ତହସିଲଦାର ଏବଂ ସଂପୃକ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଚୋରି ଘଟଣାରେ, ୫ଗିରଫ

**ଶେରଗଡ଼,୨୬।୯(ଡି.ଏନ.ଏ.)**

ଶେରଗଡ଼ ବ୍ଲକରେ ହୋଇଥିବା ବିଭିନ୍ନ ଚୋରି ମାମଲାରେ ରବିବାର ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରମୁଣିସାହିର ମିଟୁ ଗୌଡ଼, କେରିକେରି ଖୋଲାର ସନ୍ତୋଷ ପଟ୍ଟନାୟକ, ତୋଟା ସାହିର କାଳିଆ ଗୌଡ଼, ଖଣ୍ଡିଆ ସାହିର ଜିତୁ ଗୌଡ଼, ଆନ୍ଦ୍ରାବ୍ୟାଙ୍କ ନିକଟ ସାହିର ସତ୍ୟନାରାୟଣ ପାଢୀ। ଏ ନେଇ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି। ପୋଲିସ ସୂଚନାନୁଯାୟୀ, ଗତ ୩ ତାରିଖରେ ଶେରଗଡ କାଳିଆ ହୋଟେଲ ପାର୍ଶ୍ୱ ଏକ ଗ୍ରୋସରୀ ଦୋକାନରୁ ରାତିରେ ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ନେଇ ପୋଲିସ ନଂ. ୧୯୬/୨୧ରେ ମାମଲା ରୁଜୁ କରିଥିଲା। ୨୩ ତାରିଖରେ ଆସିକା ରାସ୍ତାରେ ଥିବା ଅରବିନ୍ଦ ଶିଶୁ ବିଦ୍ୟା ନିକେତନରୁ ଦୁର୍ବୃତ୍ତମାନେ ବିଦ୍ୟାଳୟ ଗ୍ରୀଲ ତାଲା ଭାଙ୍ଗି ୨୫ହଜାର ଟଙ୍କା ଓ ପାଣି ପମ୍ପ ଚୋରି କରି ନେଇଥିଲେ।

# ଶ୍ରେଷ୍ଠ ଏନ୍ଏସି ମାନ୍ୟତା ପାଇଲା କୋଦଳା



ସମ୍ବର୍ଦ୍ଧନା ଉତ୍ସବ।

**ବେଗୁନିଆପଡ଼ା,୨୬।୯(ଡି.ଏନ.ଏ.)**

ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ପକ୍ଷରୁ କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)କୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଡିଜିଟାଲ ରାଜସ୍ୱ ଆଦାୟ ନିମନ୍ତେ ଶ୍ରେଷ୍ଠ ଏନ୍ଏସି ରୂପେ ଘୋଷଣା କରାଯାଇଛି। ଏହି ଘୋଷଣା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସେପ୍ଟେମ୍ବର ୨୫ ତାରିଖ ଭୁବନେଶ୍ୱର ଲୋକ ସେବା ଭବନ ଠାରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କୋଦଳା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ଟେକ୍ସ କଲେକ୍ଟର ରାଜେନ୍ଦ୍ର କୁମାର ସାହୁ ଓ ସନ୍ତୋଷ କୁମାର ପଣ୍ଡାଙ୍କୁ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରିଛନ୍ତି। ଏନ୍ଏସିର ଏହି ସଫଳତାରେ କାର୍ଯ୍ୟନିର୍ବାହୀ ଅଧିକାରିଙ୍କୁ ସହାୟକ ଯନ୍ତ୍ରୀ ସୁଧାକର ଦାଶ, ସ୍ୱଚ୍ଛତା ବିଶେଷଜ୍ଞ ଚନ୍ଦ୍ରକାନ୍ତ ମାରାଣ୍ଡିଙ୍କ ସମେତ ସମସ୍ତ ଅଫିସ କର୍ମଚାରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ବାତ୍ୟା ଗୁଲାବକୁ ନେଇ ଚିନ୍ତାରେ ଚାଷୀକୁଳ

**ପାଣି ନ ପଶିବାକୁ ଗ୍ରାମରେ ପକାଇଲେ ମାଟି**

**ଗଞ୍ଜାମ,୨୬।୯(ଡି.ଏନ୍.ଏ.)**

ସମ୍ଭାବ୍ୟ ବାତ୍ୟା ଗୁଲାବକୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଲୋକମାନେ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଶନି ଓ ରବିବାର ଦୁଇଦିନ ଧରି ଡୁହାକୁ ଡୁହା ଲଗାଣ ବର୍ଷା ଲାଗି ରହିଥିବାରୁ ସହର ଅବସ୍ଥା ବେହାଲ ହୋଇପଡ଼ିଲାଣି। ଅନ୍ୟପଟେ ପବନର ବେଗ ଯଦି ବଢେ ତା'ହେଲେ ଧାନ ଗଛ ପଡିଯିବା ଯଥେଷ୍ଟ ସମ୍ଭାବନା ରହିଛି। ଅଧିକ ବର୍ଷା ହେଲେ ମଧ ଚାଷଜମିରେ ପାଣି ଭର୍ତ୍ତି ହୋଇ ଧାନ ଗଛ ବୁଡ଼ିଯିବ। ଏଥିପାଇଁ ମୁଣ୍ଡରେ ହାତ ଦେଇ ବସିଛି ଚାଷୀ। ଏହି ବାତ୍ୟାକୁ ନେଇ ସ୍ଥାନୀୟ ଲୋକେ ବିଭିନ୍ନ ପନିପରିବା ଦୋକାନରେ ଭିଡ଼ ଜମାଇଥିବା ପରିଲକ୍ଷିତ ହୋଇଛି। ଏଥିପାଇଁ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାୟ, ଗଞ୍ଜାମ ସହର ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ, ମନୋଜ କୁମାର ପ୍ରଧାନ, ପପୁ ପଣ୍ଡା, ଗୋକରଖୁଦା ଗ୍ରାମର ଆର.କାଶିନାଥ, ବଟକୃଷ୍ଣ ଜେନା, ଏନ. ବାଲାଜୀ ପ୍ରମୁଖ ସମୁଦ୍ର ନିକଟବର୍ତ୍ତୀ ଅଞ୍ଚଳ ଗୋଖରକୁଦା, ପୁରୁଣାବନ୍ଧ, ପାଳିବନ୍ଧ ଆଦି ଗ୍ରାମ ବୁଲି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସମୁଦ୍ରକୁ ଲାଗି ରହିଥିବା ଗୋଖରକୁଦା ଗ୍ରାମରେ ପାଣି ନ ପଶିବା ଲାଗି ଜେସିବି ସାହାର୍ଯ୍ୟରେ ମାଟି ପକାଇ ଗାଁକୁ ସମତୁଳ କରାଯାଇଛି।



ଗୋଖରକୁଦା ଗ୍ରାମ ସ୍ଥିତ ସମୁଦ୍ର ଓ ନଦୀ ପାଖରେ ଜେସିବି ଦ୍ୱାରା ମାଟି ସମତୁଲ କରାଯାଉଛି ।